


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-07 ◆WEDNESDAY ◆01 JULY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୦୭ ◆ବୁଧବାର ◆୦୧ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



ADMISSION OPEN FOR NEET 2026 -27

# TETRAHEDRON ACADEMY PRIVATE LIMITED

Tangi, Cuttack-754022

: 8093064522, 8093064525, 8093064500

Mentor Trideb Sir :7008222977

## We are expecting 150 MBBS Admissions in 2026



| Score | Name | Place | Mobile |
|---|---|---|---|
| 653 | DIBYA RANJAN | JAJPUR | M. : 9692036713 |
| 648 | SIBA SANKAR | BALESWAR | M. : 6371756580 |
| 647 | SUSHREE PRIYANKA | DHENKANAL | M. : 9777153555 |
| 645 | ADITYA | JAGATSINGHPUR | M. : 9937769733 |
| 635 | BISWABID | JAJPUR | M. : 9558959879 |
| 635 | SHUBHAM | BALESWAR | M. : 9123066603 |
| 631 | ADYASHA | CUTTACK | M. : 8249136458 |
| 630 | JYOTI PRAKASH | BALESWAR | M. : 9040026074 |
| 620 | SANDEEP KU. | KEONJHAR | M. : 7749823914 |
| 620 | SAI PRAKASH | JAGATSINGHPUR | M. : 9777090684 |
| 616 | BIKASH | PURI | M. : 9139254073 |



| Score | Name | Place | Mobile |
|---|---|---|---|
| 616 | SUSHREE SAMIKHYA | JAJPUR | M. : 7205422843 |
| 615 | DIBYAJYOTI | CUTTACK | M. : 9778171571 |
| 612 | ABINASH | JAGATSINGHPUR | M. : 9853385091 |
| 607 | SOUMYA RANJAN | DHENKANAL | M. : 9437809042 |
| 607 | MANORANJAN | KENDRAPARA | M. : 9556233735 |
| 605 | PRASANTA KU. | CUTTACK | M. : 9937898486 |
| 605 | PRIYANSU PRITAM | JAJPUR | M. : 7008399671 |
| 603 | PRANESH | BARIPADA | M. : 9439093446 |
| 602 | AMIYADEEP | KENDRAPARA | M. : 9692308132 |
| 601 | BISWARUPA | KENDRAPARA | M. : 6371780995 |
| 591 | RIDHIRANI | ANGUL | M. : 7008146953 |



| Score | Name | Place | Mobile |
|---|---|---|---|
| 590 | ADARSH AMLAN | CUTTACK | M. : 9861012314 |
| 590 | DEBA PRASAD | BALESWAR | M. : 9040165239 |
| 590 | SASWAT SWAYANSHU | DHENKANAL | M. : 7077762559 |
| 587 | RAJESH | BALESWAR | M. : 8457895059 |
| 587 | SMRUTI RANJAN | JAJPUR | M. : 8018868766 |
| 586 | PRAKASH | CUTTACK | M. : 8260761144 |
| 585 | SUBHASHREE | CUTTACK | M. : 9937339439 |
| 582 | BHARAT KU. | BOUDH | M. : 7749022783 |
| 582 | RAJESH | KENDAPARA | M. : 8260397534 |
| 580 | RAMAKRUSHNA | ANGUL | M. : 7684000422 |
| 580 | TARINI PRASAD | KENDRAPARA | M. : 8455886194 |

& Many More .....

## OUR INCREDIBLE ACHIEVERS IN AIIMS



| Score | AIIMS | Name | Mobile |
|---|---|---|---|
| 710 | AIIMS BBSR(2024) | KAMALAKANTA | Mob. : 8249906661 |
| 700 | AIIMS RAIPUR(2024) | RAHUL | M. : 6372741832 |
| 697 | AIIMS DELHI (2021) | SUSHREE SANGITA | Mob. : 9810975701 |
| 695 | AIIMS GORAKHAPUR(2024) | OMM PRAKASH | M. : 6372521307 |
| 695 | AIIMS GORAKHAPUR(2024) | SWAGATIKA | M. : 7381845430 |



| Score | AIIMS | Name | Mobile |
|---|---|---|---|
| 680 | AIIMS BBSR(2021) | DEVASIS SAHOO | Mob. : 9861492793 |
| 675 | AIIMS GORAKHPUR(2023) | ASHIRBAD BISWAL | Mob. : 7846821473 |
| 670 | AIIMS KALYANI (2023) | ANUPAM NAYAK | Mob. : 7205755502 |
| 670 | AIIMS MADURAI(2024) | ADITYA NARAYAN | M. : 8260333635 |
| 665 | AIIMS RAIPUR(2022) | SATYAJIT NAYAK | Mob. : 8260601336 |



| Score | AIIMS | Name | Mobile |
|---|---|---|---|
| 590 | AIIMS KALYANI(2025) | SOURAV RANJAN | Mob. : 9337135920 |
| 585 | AIIMS KALYANI(2025) | AMIT ANSUMAN | Mob. : 8260552053 |
| 578 | AIIMS KALYANI(2025) | G.S. TANISHA | Mob. :6370203229 |
| 575 | AIIMS DEOGHAR(2025) | SOUMYA RANJAN | Mob. : 9853490176 |
| 574 | AIIMS BBSR (2025) | ASHUTOSH (SC) | Mob. : 9438110102 |

**2025 : 127 MBBS ADMISSIONS**

**2024 : 71 MBBS ADMISSIONS**

**2023 : 54 MBBS ADMISSIONS**

## OUR CHSE RESULTS -2026

| Above 98% | Above 95% | Above 560 | Above 90% | Above 89% | Above 88% |
|---|---|---|---|---|---|
| 13 STUDENTS | 95 STUDENTS | 163 STUDENTS | 315 STUDENTS | 367 STUDENTS | 412 STUDENTS |

| Above 85% | Above 80% | Above 75% | Above 70% | Above 60% |
|---|---|---|---|---|
| 558 STUDENTS | 774 STUDENTS | 948 STUDENTS | 1066 STUDENTS | 1144 STUDENTS |

## OUR CHSE RESULTS -2025

| Above 95% | Above 560 | Above 90% | Above 89% | Above 88% |
|---|---|---|---|---|
| 14 STUDENTS | 51 STUDENTS | 199 STUDENTS | 236 STUDENTS | 285 STUDENTS |

| Above 500 | Above 80% | Above 75% | Above 70% | Above 60% |
|---|---|---|---|---|
| 536 STUDENTS | 714 STUDENTS | 902 STUDENTS | 1023 STUDENTS | 1120 STUDENTS |

## OUR FACULTIES

### DEPT. OF PHYSICS :

Mr. Maheswar Parida (MP Sir) : (43 Yrs. Experience)
Mr. Milan Kumar Samal (Milan Sir) : (35 Yrs. Experience)
Mr. Samal Sir : (30 Yrs. Experience)
Mr. Manas Mishra (MM Sir) : (28 Yrs. Experience
Mr. Suman Ku. Sharma (SK Sir : (16 Yrs. Experience)
Mr. Sangram Sahoo (SS Sir) : (15 Yrs. Experience)
Mr. Rahul Singh (RS Sir) : (11 Yrs. Experience)

### DEPT. OF BOTANY :

Mr. Amitav Behera (AB Sir) : (28 Yrs. Experience)
Mr. Manas Kumar (MK Sir) : (28 Yrs. Experience)

### DEPT. OF CHEMISTRY :

Dr. Kailash Chandra Rout (KR Sir) : (40 Yrs. Experience)
Dr. Baikuntha Narayan Dash (BN Sir): (39 Yrs. Experience)
Mr. Tridib Behera (CH Sir) : (26 Yrs. Experience)
Mr. Bhagirathi Mallick (BM Sir) : (40 Yrs. Experience)
Dr. Ashok Kumar Roul (AKR Sir) : (37 Yrs. Experience)
Mr. Keshab Chandra Nath(KN Sir) : (18 Yrs. Experience)
Dr. Ranjit Kumar Kesh (RK Sir) : (12 Yrs. Experience)
Mr. Padarbinda Mantri (PM Sir) : (11 Yrs. Experience)

### DEPT. OF ZOOLOGY :

Dr. Kamalakanta Sahoo (KK Sir) : (40 Yrs. Experience)
Mr. Akshya Ku. Mohanty (AS Sir) : 40 Yrs. Experience)
Mrs. Manorama Sahu (MS Ma'am) : 12 Yrs. Experience)

- We give maximum emphasis on physics and chemistry
- We teach our students from the concept level to higher level.
- Maximum problem solving approach on each subject in the class room.
- Doubt clearing classes by expert faculties from 3p.m. to 9p.m.
- 100% monitoring on Self Study of students.
- Special scholarship for very very poor talented students.
- Special Scholarship for SC and ST students.
- Special discount for OAV & Navodaya Students

- ONE YEAR NEET COURSE STARTS ON 02ND JULY , 09TH JULY & 16TH JULY -2026
- The NEET Qualifying Test will be held on 28TH JUNE, 05TH JULY & 12TH JULY 2026
- The Exam will be conducted from 1:00 p.m. to 4:00 p.m. (Reporting Time : 12:00 noon)

**Name of the Exam Centre :**

TETRAHEDRON OLD CAMPUS,TANGI, CUTTACK,MOB. : 8093064525, 8093064500, 8093064522
TETRAHEDRON COACHING, ARUNODAYA NAGAR, CUTTACK, MOB. : 8093064572, 8093064508

Visit our Website : NEET : www.tetrahedroncoaching.com

# ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର ଦାବିରେ ବିକ୍ଷୋଭ

ଅନୁଗୁଳ,୩୦।୬(ସମିସ)




ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ, ଅବୈଜ୍ଞାନିକ ନୂତନ ଭାଷାନୀତି ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ଗତ ବର୍ଷର ପଢ଼ା ବହିରେ ପାଠ ପଢ଼ା ଆରମ୍ଭ କରିବା ଏବଂ ଜାତୀୟ ଶିକ୍ଷାନୀତି-୨୦୨୦କୁ ପ୍ରତ୍ୟାହାର ଦାବିରେ ଅନୁଗୁଳ ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଅନୁଗୁଳ ଜିଲ୍ଲା କମିଟି ପକ୍ଷରୁ ଗଣବିକ୍ଷୋଭ ଅନୁଷ୍ଠିତ ହୋଇ ଯାଇଛି। ଝିପିଝିପି ବର୍ଷା ସତ୍ତ୍ୱେ ଶତାଧିକ ବିକ୍ଷୋଭକାରୀ ସ୍ଥାନୀୟ ଗୋପବନ୍ଧୁ ପାର୍କ ନିକଟରୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ଦଳର ଜିଲ୍ଲା କମିଟି ସଭ୍ୟ ନବକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ରାଜ୍ୟ କମିଟି ସଭ୍ୟ ପ୍ରହ୍ଲାଦ ଚନ୍ଦ୍ର ସାହୁ, ବ୍ରଜବନ୍ଧୁ ସାହୁ, ଜିଲ୍ଲା କମିଟି ସଭ୍ୟ ଚିତ୍ତରଞ୍ଜନ ମୁହୁଲି ପ୍ରମୁଖ ବକ୍ତବ୍ୟ ଦେଇ ରାଜ୍ୟ ବିଜେପି ସରକାରଙ୍କ ଶିକ୍ଷା ଧ୍ୱଂସକାରୀ ନୀତି ଓ ପଦକ୍ଷେପ ଯୋଗୁଁ ଲକ୍ଷ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି ବୋଲି କହିଥିଲେ। ଜାତୀୟ ଶିକ୍ଷାନୀତି (ଏନ୍‌ଇପି)-୨୦୨୦ର ଆଧାରରେ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବା ନାଆଁରେ ରାଜ୍ୟ ସରକାର ଅତ୍ୟନ୍ତ ତରବରିଆ ଭାବେ ଏନ୍‌ସିଇଆରଟି ଦ୍ୱାରା ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ଗୁଡ଼ିକୁ ଏ.ଆଇ ସାହାଯ୍ୟରେ ଓଡ଼ିଆରେ ଅନୁବାଦ କରି ପ୍ରକାଶ କରିଛନ୍ତି। ଏହି ସମସ୍ତ ପାଠ୍ୟପୁସ୍ତକ ଗୁଡ଼ିକରେ କେବଳ ବନାନଗତ ବା ତଥ୍ୟଗତ ତ୍ରୁଟି ନୁହେଁ ବରଂ ମୌଳିକ ବିଷୟର ବିକୃତି କରାଯାଇଛି। ଭାରତୀୟ ଜ୍ଞାନ ନାଆଁ ରେ ଅବୈଜ୍ଞାନିକ, ଅଯୌକ୍ତିକ ବିଷୟବସ୍ତୁ ଭର୍ତ୍ତି କରିବା ସହ କିଛି ପାଠ୍ୟକ୍ରମକୁ ନୂତନ ଭାବେ ଯୁକ୍ତ କରାଯାଇ ଅନାବଶ୍ୟକ ବୋଝ ଲଦି ଦେଇ ପ୍ରାଥମିକ ଶିକ୍ଷାକୁ ଧ୍ୱଂସ କରିବା ପାଇଁ ଯୋଜନାବଦ୍ଧ ଅଭିସନ୍ଧିମୂଳକ ଷଡଯନ୍ତ୍ର କରାଯାଇଛି। ଏ ସମସ୍ତ ମୌଳିକ ତ୍ରୁଟିର ମୂଳ ଉତ୍ସ ହେଉଛି ଜାତୀୟ ଶିକ୍ଷାନୀତି (ଏନ୍.ଇ.ପି)-୨୦୨୦ ବୋଲି ସେମାନେ ପ୍ରକାଶ କରିଥିଲେ। କେନ୍ଦ୍ର ବିଜେପି ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାର ଷଷ୍ଠ ଶ୍ରେଣୀରୁ ତ୍ରିଭାଷୀ ନୀତି ଲାଗୁ କରିବା ପାଇଁ ସମସ୍ତ ବିଦ୍ୟାଳୟ ଗୁଡ଼ିକୁ ଯେଉଁ ନିର୍ଦ୍ଦେଶନାମା ଜାରି କରିଛନ୍ତି ସେଥିରେ ଓଡ଼ିଆ ଓ ଇଂରାଜୀକୁ ସଂପୂର୍ଣ୍ଣ ଇଚ୍ଛାଧୀନ କରାଯାଇଛି। ଓଡ଼ିଆ ଅସ୍ମିତାର କଥା କହି କ୍ଷମତାକୁ ଆସିଥିବା ବିଜେପି ସରକାର ମାତୃଭାଷା ଓଡ଼ିଆକୁ ନେଇ ଗୁରୁତର ସଙ୍କଟ ସୃଷ୍ଟି କରିଛନ୍ତି ଓ ଇଂରାଜୀକୁ ଗୁରୁତ୍ୱହୀନ କରିଛନ୍ତି ବୋଲି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଅଭିଯୋଗ କରାଯାଇଛି। ବିକୃତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ସଂପୂର୍ଣ୍ଣ ପ୍ରତ୍ୟାହାର କରିବା ପାଇଁ ତୁରନ୍ତ ପଦକ୍ଷେପ ନେବା ସହ ଆସନ୍ତା ଶିକ୍ଷା ବର୍ଷ ପାଇଁ ବିଜ୍ଞାନସମ୍ମତ ପାଠ୍ୟପୁସ୍ତକ ଯୋଗାଇ ଦେବାକୁ ଦାବି କରାଯାଇଛି। ଏହି ଦାବି ସମ୍ବଳିତ ଏକ ସ୍ମାରକପତ୍ରକୁ ବିକ୍ଷୋଭସ୍ଥଳରୁ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଉଦୟନାଥ ମହାପାତ୍ରଙ୍କୁ ପ୍ରଦାନ କରିଥିଲେ। ଆଜିର ବିକ୍ଷୋଭ ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ସଭ୍ୟ ଜୟସେନ ମେହେର, ଜିଲ୍ଲା କମିଟି ସଭ୍ୟ ସୁବାସ ପ୍ରଧାନ, ତୀର୍ଥବାସୀ ଭୋଇ, ମାନସ ପାଲ, ସରୋଜିନୀ ନାୟକ, କୈଳାସ ସାହୁ, ସଞ୍ଜୟ ସାହୁ, ଦୁଃଖିଶ୍ୟାମ ମଲ୍ଲିକଙ୍କ ସମେତ ଶତାଧିକ କର୍ମୀ ସମର୍ଥକ ଅଂଶ ଗ୍ରହଣ କରିଥିଲେ।

## ଅମୀୟ ତ୍ରିପାଠୀ ଓ ବିଷ୍ଣୁ ବେହେରା ବିଜେପିରୁ ନିଲମ୍ବିତ

ଅନୁଗୋଳ,୩୦।୬(ସମିସ): ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ରାଜ୍ୟ ଶୃଙ୍ଖଳା କମିଟି ନିଷ୍ପତ୍ତିକ୍ରମେ ଦଳବିରୋଧୀ କାର୍ଯ୍ୟକଳାପ ଯୋଗୁଁ ଛେଣ୍ଡିପଦା ବିଧାନସଭା ବିଧାୟକ ଅଗସ୍ତି ବେହେରାଙ୍କ ବିରୋଧରେ ସାମାଜିକ ଗଣ ମାଧ୍ୟମରେ ଆପତ୍ତିଜନକ ମନ୍ତବ୍ୟ ଦେବା ସହିତ ଦଳର ଶୃଙ୍ଖଳାଭଙ୍ଗ ଆଚରଣ କରିଥିବାରୁ ଜିଲ୍ଲା ବିଜେପି ପୂର୍ବତନ ଜିଲ୍ଲା ଉପ ସଭାପତି ଅମୀୟ ତ୍ରିପାଠୀ ଓ ବିଷ୍ଣୁ ଚରଣ ବେହେରାଙ୍କୁ ନିଲମ୍ବିତ କରାଯାଇଛି। ରାଜ୍ୟ ଶୃଙ୍ଖଳା କମିଟି ଆବାହକ ସୁଦର୍ଶନ ନାୟକ ଲିଖିତ ଭାବେ ଉଭୟଙ୍କୁ ଜଣାଇଛନ୍ତି।

## ସାମ୍ବାଦିକଙ୍କ ପେନସନ୍ ବ୍ୟବସ୍ଥା କେବେ

ତାଳଚେର,୩୦।୬(ସମିସ): ଦୀର୍ଘବର୍ଷ ହେବ ଗଣମାଧ୍ୟମ ପ୍ରତିନିଧିମାନେ ବିଭିନ୍ନ ଫୋରମରେ ପେନସନ ପାଇଁ ଦାବି କରୁଥିଲେ ମଧ୍ୟ ସରକାର ଏହାକୁ ଟାଳଟୁଳ ନୀତି ଅବଲମ୍ବନ କରି ଖାଲି ତାରିଖ ଉପରେ ତାରିଖ ଦେଇ ସମୟ ଅତିବାହିତ କରୁଥିବା ଦୁର୍ଭାଗ୍ୟଜନକ ବିଷୟ ହୋଇଛି। ଦୁଇବର୍ଷ ହେବ ବିଜେପି ସରକାର ସେହିଭଳି ପ୍ରତିଶ୍ରୁତି ପ୍ରଦାନ କରି ଆସିଛି। ବିଜେପି ସରକାର ବିରୋଧୀ ଦଳରେ ଥିବା ବେଳେ ଆଜିର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସାମ୍ବାଦିକ ପେନସନ ପାଇଁ ବିଜେଡି ସରକାରରେ ଦାବି ରଖିଥିଲେ। ମାତ୍ର ମୋହନ ମାଝୀ ସରକାର ଆଜକୁ ଦୁଇବର୍ଷ ପୂର୍ଣ୍ଣ ଉପରେ ନିଜର ସଫଳତା ଗାଇ ଚାଲୁଥିବା ବେଳେ ବିଚରା ସାମ୍ବାଦିକ ପାଇଁ ଚିନ୍ତା କରିବା ତାଙ୍କ ପାଖରେ ସମୟ ନାହିଁ। ଭାରତରେ ପ୍ରାୟ ରାଜ୍ୟରେ ସାମ୍ବାଦିକଙ୍କ ବୀମା ଓ ପେନସନ୍ ଲାଗୁ ହୋଇଥିଲେ ମଧ୍ୟ ଆଜିଯାଏଁ ଓଡ଼ିଶାରେ ହୋଇନଥିବା ସାମ୍ବାଦିକ ପାଇଁ ଦୁର୍ଭାଗ୍ୟଜନକ କହି ହେବ। ପଶ୍ଚିମବଙ୍ଗ ସରକାର ଶୁଭେନ୍ଦୁ ଅଧିକାରୀ ମାତ୍ର ମାସ ହେବ ଶାସନ ଭାର ହାତକୁ ନେଇଥିବା ବେଳେ ସାମ୍ବାଦିକଙ୍କ ପାଇଁ ପେନସନ୍ ଘୋଷଣା କରିଥିବା ବେଳେ ଓଡ଼ିଶା ସରକାରକୁ ୨ବର୍ଷ ବିତିଯାଇଥିଲେ ମଧ୍ୟ ସାମ୍ବାଦିକଙ୍କ ପେନସନ ଓ ସୁରକ୍ଷା ପ୍ରତି ଗୁରୁତ୍ୱ ଦେଉନଥିବା ସାମ୍ବାଦିକଙ୍କ ମହଲରେ ନୈରାଶ୍ୟ ଭାବ ସୃଷ୍ଟି କରୁଛି। ଗଣମାଧ୍ୟମ ପ୍ରତିନିଧିମାନେ ନିଜ ଜୀବନକୁ ବିପନ୍ନ କରି ଖରା, ବର୍ଷା, ଶୀତରେ ନିଜ ପରିବାରକୁ ପଛରେ ପକାଇ ଗଣତନ୍ତ୍ରକୁ ମଜବୁତ୍ କରୁଥିବା ବେଳେ ଆଜି ସାମ୍ବାଦିକ ଅବସ୍ଥା ଦୁର୍ବିସହ ହୋଇପଡ଼ିଛି। ତେଣୁ ସରକାର ଆଉ କାଳ ବିଳମ୍ବ ନକରି ସାମ୍ବାଦିକଙ୍କ ପାଇଁ ଦୃଷ୍ଟି ଦେବାକୁ ଗଣମାଧ୍ୟମ ପ୍ରତିନିଧିଙ୍କ ମହଲରେ ଦାବି ହେଉଛି।

## ଜ୍ୱର ପୀଡ଼ିତ ନାବାଳକଙ୍କୁ କୁରାଢ଼ିରେ ଆକ୍ରମଣ; ଜଣେ ଗିରଫ

କଣିହାଁ,୩୦।୬(ସମିସ): ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ଦଳକ ପଞ୍ଚାୟତ ଅଧୀନ ନାଲମ ଗ୍ରାମରେ ଜଣେ ୧୭ ବର୍ଷୀୟ ନାବାଳକଙ୍କୁ ଜଙ୍ଗଲକୁ ନେଇ କୁରାଢ଼ିରେ ଆକ୍ରମଣ କରାଯାଇଥିବା ଅଭିଯୋଗରେ ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ସୂଚନା ଅନୁଯାୟୀ, ନାଲମ ଗ୍ରାମର ମାମି ମହାକୁଡ଼(୩୩)ଙ୍କ ଏତଲା ଆଧାରରେ ସେହି ଗ୍ରାମର ଅରୁଣ କୁମାର ବେହେରା (୨୩) ତାଙ୍କ ୧୭ ବର୍ଷୀୟ ପୁଅ ସଂଗ୍ରାମ ମହାକୁଡ଼ଙ୍କୁ ରଥ ପାଇଁ କାଠ ସଂଗ୍ରହ କରିବାକୁ ଜଙ୍ଗଲକୁ ଡାକିଥିଲେ। ସଂଗ୍ରାମ ଜ୍ୱରରେ ପୀଡ଼ିତ ଥିବାରୁ ଯିବାକୁ ମନା କରିଥିଲେ ମଧ୍ୟ ଅଭିଯୁକ୍ତ ଜବରଦସ୍ତି ମୋଟର ସାଇକଲରେ ତାଙ୍କୁ ଜଙ୍ଗଲକୁ ନେଇଥିଲେ। ଜଙ୍ଗଲରେ ପହଞ୍ଚିବା ପରେ ଅଭିଯୁକ୍ତ ନାବାଳକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ କୁରାଢ଼ିରେ ମୁଣ୍ଡର ପଛ ଭାଗକୁ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ଆହତ ହୋଇ ଅଚେତ ହୋଇପଡ଼ିଥିଲେ। ପରେ ତାଙ୍କୁ ଝରାବେରେଣୀ ଛକ ନିକଟରେ ଛାଡ଼ି ଅଭିଯୁକ୍ତ ଫେରାର ହୋଇଯାଇଥିଲା। ଏ ନେଇ ଏତଲାରେ ଦର୍ଶାଯାଇଛି। ଘଟଣାସ୍ଥଳରୁ ରକ୍ତଲଗା ସାର୍ଟ ଓ ଆକ୍ରମଣରେ ବ୍ୟବହୃତ କୁରାଢ଼ି ଜବତ କରାଯାଇଛି। କଣିହାଁ ଥାନାରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇଥିଲା। ତଦନ୍ତ ପରେ ପୁଲିସ ଅଭିଯୁକ୍ତ ଅରୁଣ କୁମାର ବେହେରାଙ୍କୁ ଆଜି ଗିରଫ କରି କୋର୍ଟଚାଲାଣ କରିଥିବା ନେଇ କଣିହାଁ ଥାନା ଆଇଆଇସି ରମଣୀ ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

## ପୁସ୍ତକ 'ବର୍ଣ୍ଣବିଭା' ଲୋକାର୍ପିତ



କଣିହାଁ,୩୦।୬(ସମିସ): କଣିହାଁ କୋଇଲା ଖଣି କ୍ଷେତ୍ରର ସଭାଗୃହରେ କଣିହାଁ କ୍ଷେତ୍ରର ପ୍ରବନ୍ଧକ ତଥା ବିଶିଷ୍ଟ କବି, ଗବେଷକ ଓ ସାହିତ୍ୟିକ ଦୀନେଶ କୁମାର ମାଳିଙ୍କ ସଭାପତିତ୍ୱରେ ଡ. ପ୍ରସନ୍ନ କୁମାର ବରାଳଙ୍କ ରଚିତ 'ବର୍ଣ୍ଣବିଭା' ପୁସ୍ତକର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଳାପାଟ ଉଚ୍ଚ ବିଦ୍ୟାଳୟ, ତଳଗଡ଼ର ପ୍ରଧାନଶିକ୍ଷକ, କବି ଓ ଗାଳ୍ପିକ ସିଦ୍ଧି ପ୍ରସାଦ ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲା ସାହିତ୍ୟ ସଂସଦର ସଭାପତି ତଥା ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶାନ୍ତନୁ କୁମାର ସର ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକର ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଥିଲେ, 'ବର୍ଣ୍ଣବିଭା' ଓଡ଼ିଆ ସାହିତ୍ୟରେ ଏକ ଐତିହାସିକ ଶୂନ୍ୟତାକୁ ପୂରଣ କରିଛି। ଏଭଳି ପୁସ୍ତକ ଓଡ଼ିଆ ଭାଷା ଓ ସାହିତ୍ୟକୁ ଅଧିକ ସମୃଦ୍ଧ କରିବ। ପ୍ରତ୍ୟେକ ସାହିତ୍ୟପ୍ରେମୀ ଓ ଛାତ୍ରଛାତ୍ରୀ ଏହି ପୁସ୍ତକକୁ ଅଧ୍ୟୟନ କରିବା ଉଚିତ। ଏହି ଅବସରରେ ପ୍ରବନ୍ଧକ ତଥା କବି ଦୀନେଶ କୁମାର ମାଳି ଓ ଡ. ପ୍ରସନ୍ନ କୁମାର ବରାଳଙ୍କୁ ଅନୁଗୋଳ ଜିଲ୍ଲା ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ 'ସୋମନାଥ ସିଂ ଜଗଦ୍ଦେବ ସମ୍ମାନ' ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବିନୟ କୁମାର ଖିଲାର, କଣିହାଁ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ ଓ ପ୍ରାଧ୍ୟାପକ ଧନେଶ୍ୱର ସାହୁ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସାମ୍ବାଦିକ ଅଲେଖ ଭୂତିଆ ଧନ୍ୟବାଦ ଅର୍ପଣ କରିଥିବାବେଳେ ସଭାର ସମାପନ ଘୋଷଣା କରାଯାଇଥିଲା। ଏହି ଅବସରରେ ବହୁ ସାହିତ୍ୟିକ, ଶିକ୍ଷାବିତ, କବି, ଗବେଷକ ଓ ସାହିତ୍ୟପ୍ରେମୀ ଓ ଗଣମାଧ୍ୟମ ପ୍ରତିନିଧି ସମେତ ଉପସ୍ଥିତ ଥିଲେ।

## ଶିଶୁ ସୁରକ୍ଷା ଓ ଅଧିକାର ସଚେତନତା କାର୍ଯ୍ୟକ୍ରମ



କିଶୋରନଗର,୩୦।୬(ସମିସ): ବିଶ୍ୱ ଯୁବ କେନ୍ଦ୍ର, ବଣୀକଳୀ, ଅନୁଗୋଳ ଦ୍ୱାରା ପରିଚାଳିତ 'ଆକ୍ସେସ ଟୁ ଜଷ୍ଟିସ' କାର୍ଯ୍ୟକ୍ରମ ଅନ୍ତର୍ଗତ ଅନୁଗୋଳ ଜିଲ୍ଲାର କିଶୋରନଗର ବ୍ଲକ୍ ବିଲେଇନାଳୀ ଗ୍ରାମପଞ୍ଚାୟତର ଭେଜିଗୋଠା ଗ୍ରାମରେ ଶିଶୁ ସୁରକ୍ଷା ଓ ଅଧିକାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମର ୱାର୍ଡ ସଦସ୍ୟ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, କିଶୋରୀ ଏବଂ ସ୍ଥାନୀୟ ମହିଳାମାନେ ଉପସ୍ଥିତ ରହିଥିଲେ। ସମାଜରେ ଶିଶୁମାନଙ୍କୁ ସେମାନଙ୍କର ମୌଳିକ ଅଧିକାରରୁ ବଞ୍ଚିତ କରାଯିବା, ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନା, ଶିଶୁ ଶ୍ରମିକ ଭାବେ ନିୟୋଜନ ଏବଂ ବିପଦସଙ୍କୁଳ କାର୍ଯ୍ୟରେ ଶିଶୁମାନଙ୍କୁ ନିୟୋଜିତ କରାଯିବା ଭଳି ଗୁରୁତର ସାମାଜିକ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବକ୍ତାମାନେ କହିଥିଲେ ଯେ, ଶିଶୁମାନେ ଦେଶର ଭବିଷ୍ୟତ ଓ ସେମାନଙ୍କର ସୁରକ୍ଷା, ଶିକ୍ଷା ଏବଂ ସାମଗ୍ରିକ ବିକାଶ ପ୍ରତି ସମସ୍ତଙ୍କର ଦାୟିତ୍ୱ ରହିଛି। ଏଥିସହିତ ପ୍ରତ୍ୟେକ ଶିଶୁର ଚାରୋଟି ପ୍ରମୁଖ ଅଧିକାର ଯଥା ବଞ୍ଚିବାର ଅଧିକାର, ସୁରକ୍ଷା ପାଇବାର ଅଧିକାର, ବିକାଶର ଅଧିକାର ଏବଂ ଅଂଶଗ୍ରହଣର ଅଧିକାର ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଉପସ୍ଥିତ କିଶୋରୀ ଓ ମହିଳାମାନଙ୍କୁ ନିଜ ଅଞ୍ଚଳରେ ଶିଶୁ ସମ୍ପର୍କିତ କୌଣସି ଅନିୟମିତତା ଦେଖିଲେ ସମ୍ପୃକ୍ତ ବିଭାଗକୁ ତୁରନ୍ତ ସୂଚନା ଦେବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମ ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଏବଂ ପୂଜା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ପ୍ରକଳ୍ପ ସହଯୋଗୀ ଦିପି ଦେହୁରୀ ସଭା ପରିଚାଳନା କରିଥିବାବେଳେ ସଚେତନତା ବାର୍ତ୍ତାକୁ ଗ୍ରାମର ପ୍ରତ୍ୟେକ ପରିବାର ପାଖରେ ପହଞ୍ଚାଇବା ପାଇଁ ସମସ୍ତଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ସମସ୍ତେ ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ସୁନିଶ୍ଚିତ କରିବା ଦିଗରେ ସଚେତନ ରହିବାକୁ ସଂକଳ୍ପ ଗ୍ରହଣ କରିଥିଲେ।

## ଅନୁଗୋଳରେ ଆଧାର ସେବା କେନ୍ଦ୍ର ଉଦ୍‌ଘାଟିତ



ଅନୁଗୋଳ,୩୦।୬(ସମିସ): ଜିଲ୍ଲାରେ ଆଧାର ସଂଶୋଧନ ଓ ନୂତନ ପଞ୍ଜୀକରଣକୁ ନେଇ ଲୋକମାନେ ଭୋଗୁଥିବା ସମସ୍ୟାକୁ ଦୃଷ୍ଟିରେ ରଖି ୟୁଆଇଡିଏଆଇ ସହଯୋଗରେ ବିଏଲ୍‌ଏସ୍ ଇଣ୍ଟରନ୍ୟାସନାଲ ସଂସ୍ଥା ପକ୍ଷରୁ ଅନୁଗୋଳରେ ଏକ ଆଧାର ସେବା କେନ୍ଦ୍ର ସ୍ଥାପିତ ହୋଇଛି। ଅନୁଗୋଳର କାଲଟେକ୍ସ ଛକ ନିକଟରେ ଥିବା କ୍ରେସେଣ୍ଟ କନଭେନସନର ଗ୍ରାଉଣ୍ଡ ଫ୍ଲୋର ବିଲ୍ଡିଂ କମ୍ପ୍ଲେକ୍ସଠାରେ ପ୍ରଥମ ଥର ପାଇଁ ଏହି ଅତ୍ୟାଧୁନିକ ଆଧାର ସେବା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। ଏପର୍ଯ୍ୟନ୍ତ ନୂତନ ଆଧାର ପଞ୍ଜୀକରଣ, ତ୍ରୁଟି ସଂଶୋଧନ ଏବଂ ବାୟୋମେଟ୍ରିକ ଅପଡେଟ୍ ଭଳି ଜରୁରୀ ସେବା ପାଇଁ ଅନୁଗୋଳବାସୀଙ୍କୁ ଭୁବନେଶ୍ୱର ଯିବାକୁ ପଡୁଥିଲା। ଏବେ ସେହି ସବୁ ସୁବିଧା ଏଠାରେ ଉପଲବ୍ଧ ହେବ। ଏହି ଆଧାର କେନ୍ଦ୍ରଟି ସପ୍ତାହର ସମସ୍ତ ୭ ଦିନ ଖୋଲା ରହିବ।

## ପବ୍ଲିକ ସର୍ଭିସ ୟୁନିଟ୍‌ର ସାଧାରଣ ବୈଠକ ଓ କର୍ମକର୍ତ୍ତା ଚୟନ

ତାଳଚେର,୩୦।୬(ସମିସ): ତାଳଚେରର ଅଗ୍ରଣୀ ତଥା ପୁରାତନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପବ୍ଲିକ ସର୍ଭିସ ୟୁନିଟ୍‌ର ଆଜି ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦେବୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସଂସ୍ଥାର ପୂର୍ବ ଇତିହାସ ଓ ସେବା କ୍ଷେତ୍ରରେ ଏହି ଅନୁଷ୍ଠାନ କିପରି ସର୍ବାଗ୍ରେ ତାର ପୂର୍ବ ଗୌରବକୁ ଅନୁଷ୍ଠାନର ପୁରାତନ ସଦସ୍ୟ ମାନେ ବଖାଣି ଥିଲେ। ପୁରାତନ ସଦସ୍ୟ ତଥା ଢେଙ୍କାନାଳର ପୂର୍ବତନ ସାଂସଦ ମହେଶ ସାହୁ



ଏହି ସଂସ୍ଥାର ପୂର୍ବ ଗୌରବକୁ ଫେରାଇ ଆଣିବା ପାଇଁ ସମସ୍ତ ସଦସ୍ୟଙ୍କୁ ପରାମର୍ଶ ଦେବା ସହ ଆଗାମୀ ଦିନରେ ଏକ ହୋଇ ଅଞ୍ଚଳବାସୀଙ୍କୁ ସେବା ଯୋଗାଇ ଦେବା ପାଇଁ କହିଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନରେ ଅଞ୍ଚଳର ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କୁ ନୂତନ ଭାବେ ସଦସ୍ୟ ଭାବେ ଗ୍ରହଣ କରାଯାଇଥିଲା। ଏଥିସହିତ ଅନୁଷ୍ଠାନର ଆଗାମୀ ତିନି ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ପୁନଶ୍ଚ ଦେବୀ ମିଶ୍ରଙ୍କୁ ଚୟନ କରାଯାଇଥିଲା ବେଳେ ଉପସଭାପତି ଭାବେ ଆନନ୍ଦ ମହାପାତ୍ର ଓ ତପନ କୁମାର ମହାରଣା, ସାଧାରଣ ସମ୍ପାଦକ ଜିତେନ୍ଦ୍ର ଦାସ, ଯୁଗ୍ମ ସମ୍ପାଦକ ସୌଭାଗ୍ୟ ମହାରଣା ଓ ବଳରାମ ବେହେରା, କୋଷାଧ୍ୟକ୍ଷ ଟିକନ ମହାପାତ୍ର, ସମୀକ୍ଷକ ଭାବେ ଯୋଗେଶ୍ୱର ମହାନ୍ତିଙ୍କୁ ଚୟନ କରାଯାଇଥିଲା। ସେହିପରି ଆଇନ ପରାମର୍ଶଦାତା ଭାବେ ଦେବାଶିଷ ଘୋଷ ଓ ନିର୍ମଳ ତ୍ରିପାଠୀଙ୍କୁ ଚୟନ କରାଯାଇଥିଲା। ଅଫିସ ସମ୍ପାଦକ ଭାବରେ ସନ୍ତୋଷ କୁମାର ବେହେରାଙ୍କୁ ମନୋନୀତ କରାଯାଇଥିଲା। ପୂର୍ବତନ ସାଂସଦ ମହେଶ ସାହୁ, ନଗରପାଳ ପବିତ୍ର ଭୂତିଆ, ବିଜେପି ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ବରିଷ୍ଠ ଓକିଲ ବିଶେଶ୍ୱର ମିଶ୍ର, ବଳରାମ କୁଣ୍ଡ, ରମେଶ ବେହେରାଙ୍କୁ ଉପଦେଷ୍ଟା ମଣ୍ଡଳୀରେ ଅନ୍ତର୍ଭୁକ୍ତ କରାଯାଇଥିଲା। ପୁରାତନ ସଦସ୍ୟ ଅନ୍ତର୍ଯ୍ୟାମୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଏସ୍‌ଭିଏମ୍‌ରେ ଅବସରକାଳୀନ ସମ୍ବର୍ଦ୍ଧନା

ନାଲକୋନଗର,୩୦।୬(ସମିସ): ନାଲକୋନଗର ସରସ୍ୱତୀ ବିଦ୍ୟାମନ୍ଦିରର ତିନିଜଣ ଶିକ୍ଷକ ଶିକ୍ଷୟିତ୍ରୀ ଓ ଦୁଇଜଣ କର୍ମଚାରୀଙ୍କ ସମେତ ୫ଜଣ ଆଜି ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏ ଅବସରରେ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ



ବିଦ୍ୟାଳୟର ଅଧ୍ୟକ୍ଷ ଡଃ ବିଶ୍ୱଜିତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ତଥା ନାଲକୋ ଜିଜିଏମ୍ ଭରତ ଚରଣ ମହାରଣା ଅତିଥିଭାବେ ଯୋଗଦେଇ ଚାକିରିର ଶେଷ କାର୍ଯ୍ୟ ଦିବସରେ ଶିକ୍ଷୟିତ୍ରୀ ସଂଯୁକ୍ତା କୁମାରୀ ଧର, ଜ୍ୟୋତ୍ସ୍ନାମୟୀ ତ୍ରିପାଠୀ, ଶିକ୍ଷକ ସୁରପ୍ରସାଦ ଦାସ, ଆକାଉଣ୍ଟାଣ୍ଟ ସରୋଜ କୁମାର କାନୁନ୍‌ଗୋ ଓ କର୍ମଚାରୀ ସୁମତି ସାମଲଙ୍କୁ ଅବସରକାଳୀନ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟକାଳରେ ସେମାନଙ୍କର କର୍ମନିଷ୍ଠା, ସରଳତା ଓ ବିଦ୍ୟାଳୟ ପ୍ରତି ଅବଦାନର ପ୍ରଶଂସା କରି ସେମାନଙ୍କର ସୁସ୍ଥ, ସୁଖମୟ ଓ ଦୀର୍ଘ ଜୀବନ କାମନା କରିଥିଲେ। ଏ ଅବସରରେ ଶିକ୍ଷକ ସୀତାକାନ୍ତ ମିଶ୍ରଙ୍କ ଦ୍ୱାରା ରଚିତ ବିଦାୟୀ ସଙ୍ଗୀତ ଛାତ୍ରଛାତ୍ରୀ ଗାନ କରିଥିଲେ। ସଭାରେ ସମ୍ପାଦକ ଡଃ ସୁଧାକର ପାଳ, ଶିକ୍ଷକ ସୁରେନ୍ଦ୍ର କୁମାର ପାଢ଼ୀ, ଚନ୍ଦ୍ରଶେଖର ବେହେରା, ନିବେଦିତା ଶତପଥି, ବିଜୟ କୁମାର ସାହୁ ଅବସର ଗ୍ରହଣକାରୀଙ୍କ ସୁସ୍ଥ, ସୁଖମୟ ଓ ଦୀର୍ଘଜୀବନ କାମନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଉପାଧ୍ୟକ୍ଷ ବିଚିତ୍ରାନନ୍ଦ ନାୟକ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବରିଷ୍ଠ ଶିକ୍ଷକ ଅନିଲ କୁମାର ବିଶ୍ୱାଳ।

## ବିପର୍ଯ୍ୟୟ ମୁକାବିଲା ନେଇ ସଚେତନତା



କିଶୋରନଗର,୩୦।୬(ସମିସ): କିଶୋରନଗର ବ୍ଲକ୍ ସଭାଘରଠାରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିପର୍ଯ୍ୟୟ ମୁକାବିଲା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଶିକ୍ଷକ ଭାବେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ବିଭାଗ ମ୍ୟାନେଜର ସୁଧାଂଶୁ ଶେଖର ପୃଷ୍ଟି ଯୋଗଦେଇ ଲିଙ୍ଗ ଓ ସାମାଜିକ ଅନ୍ତର୍ଭୁକ୍ତିକୁ ମୁଖ୍ୟ ସ୍ରୋତରେ ସାମିଲ କରାଯିବା ସହ ପ୍ରୋଜେକ୍ଟର ମାଧ୍ୟମରେ ବିପର୍ଯ୍ୟୟ ମୁକାବିଲା ପାଇଁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ଶୁଭକାନ୍ତ ନାଏକ, ତହସିଲଦାର ରଞ୍ଜନ ସାହୁ, ସିଡିପିଓ ଭାଗ୍ୟଲତା ସେଠୀ, ଜିପିଡିଓ ସୁରେଶ ଚନ୍ଦ୍ର ସାହୁଙ୍କ ସମେତ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

## ଚିନ୍ମୟ ମିଶନ ପକ୍ଷରୁ ରକ୍ତଦାନ ଶିବିର




ଅନୁଗୋଳ,୩୦।୬(ସମିସ): ସେବା-ଧର୍ମ ଅନୁଷ୍ଠାନ ଚିନ୍ମୟ ମିଶନ ଅନୁଗୋଳ ଶାଖା ପକ୍ଷରୁ ଗୁରୁଜୀ ସ୍ୱାମୀ ତେଜୋମୟାନନ୍ଦ ସରସ୍ୱତୀଙ୍କର ୭୬ତମ ଜନ୍ମଦିବସ ପାଳନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓଡ଼ିଶା ରକ୍ତ କେନ୍ଦ୍ରର ରକ୍ତଦାନ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମିଶନର ଆଚାର୍ଯ୍ୟ ସ୍ୱାମିନୀ ଆବିକାନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୫୫ ଜଣ ରକ୍ତଦାତା ରକ୍ତଦାନ କରିଛନ୍ତି। ଶିବିରରେ ଡାକ୍ତର ଉମେଶ ଦାଶଙ୍କ ସହିତ ଅନ୍ୟମାନେ ଉପସ୍ଥିତ ରହିଥିଲେ। ଓଡ଼ିଶା ରକ୍ତ କେନ୍ଦ୍ର ଅନୁଗୋଳର ଡାକ୍ତର ଓ କର୍ମଚାରୀ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।

## ଅଧ୍ୟାପକ ଜୟକୃଷ୍ଣ ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କିଶୋରନଗର,୩୦।୬(ସମିସ): କିଶୋରନଗର ସ୍ନାତକ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଇତିହାସ ବିଭାଗର ଜୟକୃଷ୍ଣ ପ୍ରଧାନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୩୪ ବର୍ଷର ଅଧ୍ୟାପନା ପରେ ଆଜି ତାଙ୍କର ଅବସର ନିମନ୍ତେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କିଶୋରନଗର ଥାନାଧିକାରୀ ହରେକୃଷ୍ଣ ପ୍ରଧାନ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦଧିବାମନ ପ୍ରଧାନ, ସୁଶାନ୍ତ କୁମାର ପ୍ରଧାନ, ପୂର୍ବତନ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ, ଦେବରାଜ ନାୟକ, ସୁରେନ୍ଦ୍ର ନାରାୟଣ ପ୍ରଧାନ, ଅଧ୍ୟାପକ ଜୟକୃଷ୍ଣ ପ୍ରଧାନଙ୍କ ମା' ବିନୋଦିନୀ ପ୍ରଧାନ, ଧର୍ମପତ୍ନୀ ରଞ୍ଜୁବାଳା ପ୍ରଧାନ, ଅଧ୍ୟାପିକା ବୀଣାପାଣି ସାହୁ, ଅଧ୍ୟାପକ ତରଣୀସେନ



ସାହୁ ରଂଜିତ ସାହୁ, ଶିକ୍ଷୟିତ୍ରୀ ଚିନ୍ମୟୀ ମହାପାତ୍ର, ସାମ୍ବାଦିକ ଗୌରଚନ୍ଦ୍ର ସାହୁ, ସଞ୍ଜୟ କୁମାର ଦାଶ, ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇଥିଲେ। ପୁରାତନ ଛାତ୍ର ବାସବ ପଳେଇ, ଆକାଶ ସାହୁ, ନିରଞ୍ଜନ ହୋତା ଛାତ୍ର ଜୀବନରେ ଅନୁଭୂତି ବର୍ଣ୍ଣନା କରିଥିଲେ। ଛାତ୍ରୀ କଳ୍ପନା ମହାପାତ୍ର, ବିଦୁସ୍ମିତା ବିଶ୍ୱାଳ, କବିତା ମାଧ୍ୟମରେ ବିଦାୟ କାଳୀନ ବାର୍ତ୍ତା ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନା ସଭାରେ ଦୀର୍ଘ ୩୪ ବର୍ଷର ଅନୁଭୂତିକୁ ବଖାଣି ଅନୁଷ୍ଠାନ ଗଠନରେ ସମସ୍ତଙ୍କ ଭୂମିକାକୁ ପ୍ରଶଂସା କରିଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଘନଘନ ବିଜୁଳି କାଟ୍; ଉପଭୋକ୍ତା ଅତିଷ୍ଠ

ତାଳଚେର ସହର, ୩୦।୬(ସମିସ): ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ୍ ସମଲ ବ୍ୟାରେଜ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଯୋଗୁଁ ଅଞ୍ଚଳବାସୀ ଅତିଷ୍ଠ ହୋଇପଡୁଛନ୍ତି। ଟାଟା ପାୱାର ଗ୍ରାହକଙ୍କ ଠାରୁ ବିଲ୍ ନେଉଥିବାବେଳେ ସେବା ଯୋଗାଣରେ କିନ୍ତୁ ଟାଳଟୁଳ ନୀତି ଅବଲମ୍ବନ କରୁଛି। ବର୍ଷ ତମାମ ସମଲ ଅଞ୍ଚଳବାସୀ ଭୋଗନ୍ତି ବିଦ୍ୟୁତ୍ କାଟ ସମସ୍ୟା। ବର୍ଷା ହେଲେ ବିଦ୍ୟୁତ୍ କାଟ, ପବନ ବୋହିଲେ ବିଦ୍ୟୁତ୍ କାଟ୍, ଅଧିକ ଖରା ଗରମ ହେଲେ ଭୋଲ୍ଟେଜ ଡାଉନ୍ ହୋଇ ବିଦ୍ୟୁତ୍ କାଟ୍ ଏପରିକି କୌଣସି ଦୈବୀ ଦୁର୍ବିପାକ ନଥିଲେ ମଧ୍ୟ ମେଣ୍ଟେନାନ୍ସ ବାହାନାରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ ହୁଏ। ହେଲେ ବାରମ୍ବାର ବିଦ୍ୟୁତ୍ କାଟ ସତ୍ତ୍ୱେ ମଧ୍ୟ ଏଠି ନିଦା ବିଷ୍ଣୁ ସାଜେ ଟାଟା ପାୱାର ଏବଂ ସମଲ ଜଳ ସେଚନ ବିଭାଗ। ସମଲ ଜଳ ସେଚନ ବିଭାଗ ଏବଂ ଟାଟା ପାୱାରର ମଧୁ ଚନ୍ଦ୍ରିକା କାରଣରୁ ମାସକୁ ମାସ ବିଜୁଳି ବିଲ୍ ଦେଇ ମଧ୍ୟ ଦୁଃଖ ଭୋଗନ୍ତି ସାଧାରଣ ଗ୍ରାହକ। ଟାଟା



ପାୱାରକୁ କହିଲେ ସେ ସମଲ ଜଳ ସେଚନ ଉପରେ ସବୁ ଦୋଷ ଠେଲିଦେଇ ଚୁପ୍ ବସି ରହୁଛି। ଏପଟେ ଜଳ ସେଚନ ବିଭାଗକୁ କହିଲେ ସେ ଟାଟା ପାୱାର ବିଜୁଳି ବିଲ୍ ନେଉଛି ତେଣୁ ସେ ହିଁ ସେବା ଯୋଗାଇବ କହି ହାତ ଟେକି ଦିଅନ୍ତି। ଯାହାକୁ ନେଇ ବାରମ୍ବାର ଅଭିଯୋଗ ନେଇ ସାଧାରଣ ଲୋକ ଉଭୟ ବିଭାଗ ଅଧିକାରୀଙ୍କ ପାଖକୁ ଦୌଡ଼ି ଦୌଡ଼ି ନୟାନ୍ତ ହୁଅନ୍ତି। ସମଲ ଅଞ୍ଚଳ ପାଇଁ ଲାଗିଥିବା ଟ୍ରାନ୍ସଫର୍ମରର ପାୱାର ଠାରୁ ଢେର୍ ଅଧିକ ପରିମାଣର ବିଦ୍ୟୁତ୍ ଉପଭୋଗ କରୁଛନ୍ତି ଉପଭୋକ୍ତା। ଅଞ୍ଚଳରେ ଉପଭୋକ୍ତାଙ୍କ ସଂଖ୍ୟା ବଢ଼ି ଥିଲେ ମଧ୍ୟ ଆବଶ୍ୟକ ଅନୁପାତରେ ଟ୍ରାନ୍ସଫର୍ମର ଲାଗି ନାହିଁ। ଯାହା ଦ୍ୱାରା ଖରାଦିନେ ବିଦ୍ୟୁତ୍ ବ୍ୟବହାର ବଢ଼ିଲେ ଟ୍ରାନ୍ସଫର୍ମରରେ ଯାନ୍ତ୍ରିକ ସମସ୍ୟା ସୃଷ୍ଟି ହୋଇ ଅଞ୍ଚଳରେ ବିଦ୍ୟୁତ୍ କାଟ ହୁଏ। ସେହିଭଳି ପ୍ରତିବର୍ଷ ସାଧାରଣ ମରାମତି ନ ହେବା କାରଣରୁ ଏବଂ ତାର ଗୁଡ଼ିକ ପାଖରୁ ଗଛ ଡାଳଗୁଡ଼ିକ ନ କଟା ଯିବା ଦ୍ୱାରା ବର୍ଷା ପବନ ସମୟରେ ଗଛ ଡାଳ ତାରରେ ଲାଗି ବିଦ୍ୟୁତ୍ କାଟ ହୁଏ। ଅପରପକ୍ଷେ ଦୀର୍ଘ ଦିନ ଧରି ଟାଟା ପାୱାର ହାତକୁ ମେଣ୍ଟେନାନ୍ସ କାମ ହସ୍ତାନ୍ତର ପାଇଁ ଜଳ ସେଚନ ବିଭାଗ ପାଖରେ ଦାବି ହୋଇ ଆସୁଥିଲେ ମଧ୍ୟ କାହିଁକି ବିଭାଗ ପଛଘୁଞ୍ଚା ଦେଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ପାଟିକା ପଦରେ ଦଳିତ ମହିଳାଙ୍କୁ ବିରୋଧ ଘଟଣାରେ ପୂର୍ଣ୍ଣଚ୍ଛେଦ

# ଘୁଷୁରାମୁଣ୍ଡା ଅଙ୍ଗନବାଡ଼ିରୁ ତାଲା ଖୋଲିଲା







କଣ୍ଟାବାଞ୍ଜି/ମୁରିବାହାଲ, ୩୦।୬(ସମିସ)



ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଅଧୀନ ଘୁଷୁରାମୁଣ୍ଡାରେ ଦଳିତ ଜାତିର ମହିଳାଙ୍କୁ ପାଟିକା ପଦରେ ବିରୋଧ ଘଟଣାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ମଙ୍ଗଳବାର ଗାଁରେ ଘୁଷୁରାମୁଣ୍ଡା ଗ୍ରାମବାସୀ ଏବଂ ବଲାଙ୍ଗୀର ଜିଲ୍ଲା ଆଦିବାସୀ ସଂଘ ସହ ବଲାଙ୍ଗୀର ଜିଲ୍ଲା ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଟିଟିଲାଗଡ଼ ଉପ ଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ, ମୁରିବାହାଲ ତହସିଲଦାର ଜଗଦୀଶ କର୍ତାମି, ବିଡ଼ିଓ ବାସନ୍ତୀ ସେଠି, ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡି, ସିଡ଼ିପିଓ ପୂର୍ଣ୍ଣିମା ବୈଠାରୁ, ବଲାଙ୍ଗୀର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ସତ୍ୟନାରାୟଣ ଭୋଇ, ବରିଷ୍ଠ ଆଦିବାସୀ ନେତା ସୁରେଶ ଭୋଇ ପ୍ରମୁଖ ଆଲୋଚନା କରିଥିଲେ। ଜାତିପ୍ରଥାକୁ ନେଇ ଗାଁରେ ଅଙ୍ଗନବାଡ଼ି କେନ୍ଦ୍ରକୁ ତାଲା ମାରି ରଖିଥିବା ଯୋଗୁଁ ଅନେକ ସରକାରୀ କାମରେ ବାଧାସୃଷ୍ଟି ହେବା ସହ କୁନିକୁନି ପିଲାମାନେ ଶିକ୍ଷାରୁ ବଞ୍ଚିତ ରହୁଛନ୍ତି। ତେଣୁ ତାଲା ଖୋଲିବାକୁ ପ୍ରଶାସନ ଗାଁ ଲୋକଙ୍କୁ

**ଗ୍ରାମବାସୀ, ଆଦିବାସୀ ସଂଘ, ପ୍ରଶାସନ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ**

କହିଥିଲା। ଏହାଫଳରେ ଦୀର୍ଘ ସମୟ ଧରି ପ୍ରଶାସନ ଓ ଗାଁ ଲୋକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଶେଷରେ ଲୋକେ ବୁଝିଥିଲେ। ଆଲୋଚନା ସଫଳ ହୋଇଥିଲା। ଏହାପରେ ଗାଁ ଲୋକେ ଅଙ୍ଗନବାଡ଼ି କେନ୍ଦ୍ରରୁ ଲୋକେ ତାଲା ଖୋଲିଥିଲେ। ଏହି ଅବସରରେ ଉପ ଜିଲ୍ଲାପାଳ ଗାଁର ବିଭିନ୍ନ ସମସ୍ୟା ଉପରେ ଅଗତ ହୋଇଥିଲେ। ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷେ ଗାଁର ଗୋଟିଏ ପରିବାର ନଳକୂଅ ଅକ୍ତିଆର କରିବା ସହ ମେସିନ୍ ଲଗାଇ ବ୍ୟବହାର କରୁଛି ବୋଲି ଗାଁ ଲୋକେ ଅଭିଯୋଗ କରିଥିଲେ। ତାଗିଦ ପରେ ସମ୍ପୃକ୍ତ ପରିବାର ନଳକୂଅରୁ ମେସିନ୍ ଖୋଲିଥିଲା। ସେହି ବ୍ୟକ୍ତି ଜଣକ କିନ୍ତୁ ଉପ ଜିଲ୍ଲାପାଳଙ୍କ ଗାଡ଼ି ଆଗରେ ଶୋଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଉପସ୍ଥିତ ପୁଲିସ ତାଙ୍କୁ ଥାନାକୁ ନେଇ ଅଟକ ରଖିଛି।

## ଡେଙ୍ଗରେ ଦେବସ୍ନାନ ପୂର୍ଣ୍ଣିମା



**ସଇଁତଲା, ୩୦।୬ (ସମିସ):** ଡେଙ୍ଗ ଗ୍ରାମସ୍ଥିତ ଶ୍ରୀଜଗନ୍ନାଥଙ୍କ ପୀଠରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ସମ୍ପନ୍ନ ହୋଇଛି। ସୁରେଶ ମିଶ୍ର, ପ୍ରମୋଦ ପଣ୍ଡା, ସାଧୁଚରଣ ଦାଶ, ରାଜେଶ ଦାଶ, ଦେବବ୍ରତ ରଥ, ତେଜରାଜ ଶତପଥୀ, ଗୌନ୍ତିଆ ଜୟକୃଷ୍ଣ ଭୋଇ, ପୁଷ୍ପାଞ୍ଜଳି ଭୋଇ, ରାଜକିଶୋର ସାହୁ, ଅକ୍ଷୟ ସାହୁ, ନନ୍ଦୀ ସାହୁ, ଆଦିତ୍ୟ ରଣା, ବିପିନ ରଣା, ଭିକାରି ସାହୁ, ହରିଶଙ୍କର ଅଗ୍ରୱାଲ, ପୀତବାସ ଭୋଇ, ବାଳଗୋପାଳ ରଣା, ବିପ୍ରବର ମାଝୀ, କ୍ଷମାନିଧି ରଣା, ବିରଞ୍ଚି ରଣା ପ୍ରମୁଖ ସହଯୋଗ କରିଥିଲେ।

## ସିଲେଇ ଓ ସୋନ୍ଦର୍ଯ୍ୟ ପ୍ରଶିକ୍ଷଣ ଶିବିର



**ଟିଟିଲାଗଡ଼, ୩୦।୬(ସମିସ):** ଟିଟିଲାଗଡ଼ ଗ୍ଲାମ ଷ୍ଟୁଡିଓ ଓ ଏକାଡେମୀ ଏବଂ ଲାୟନ୍ସ କ୍ଲବର ମିଳିତ ଆନୁକୂଲ୍ୟରେ ଦୀର୍ଘ ୨ ମାସ ଧରି ଚାଲିଥିବା ନିଃଶୁଳ୍କ ସୋନ୍ଦର୍ଯ୍ୟ ପ୍ରସାଧନ ଓ ସିଲେଇ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଲାୟନ୍ସ ଡିଷ୍ଟ୍ରିକ ଗଭର୍ଣ୍ଣର ମମତା ଗୌତମ, ପ୍ରକଳ୍ପ ଅଧିକାରୀ ଲାୟନ୍ ବିନ୍ଦୁ ସାହୁ, ପୂର୍ବତନ ଗଭର୍ଣ୍ଣର ଯମୁନା ପ୍ରସାଦ ଗୋୟଲ, ଗ୍ଲାମ୍ ଷ୍ଟୁଡିଓ ଏକାଡେମୀ ନିର୍ଦ୍ଦେଶିକା ସ୍ନିଗ୍ଧା ପାଢ଼ୀ, ଶାଖା ସଭାପତି ସଞ୍ଜୟ ସୋନି, ସମ୍ପାଦକ ପଙ୍କଜ ନାମଦେବ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଲାୟନ୍ ସନ୍ତୋଷ ମହାନ୍ତି ସଭା ପରିଚାଳନା କରିଥିଲେ। ଏହି ଶିବିରରେ ୨୫ ଜଣ ସିଲେଇ ଏବଂ ୧୬ ଜଣ ସୋନ୍ଦର୍ଯ୍ୟ ପ୍ରସାଧନ ତାଲିମ ନେଇଥିଲେ। ଏହି ଅବସରରେ ଛାତ୍ରୀଙ୍କୁ ସାଇକେଲ ଓ ମହିଳାଙ୍କୁ ସିଲାଇ ମେସିନ୍ ପ୍ରଦାନ କରାଯାଇଥିଲା। ଈଶ୍ୱର ଜୈନ, ମଦନ ପୃଷ୍ଟି, ଶମ୍ଭୁ ପ୍ରସାଦ ଗୋୟଲ, ବବିତା ଶର୍ମା, ମାନିନୀ ପାତ୍ର, ମିନାକ୍ଷୀ ସାହୁ, ଅଜିତ ପାତ୍ର, ସଞ୍ଜୟ ନାୟକ, ଅସୀମ କୁଣ୍ଡୁ, ରତ୍ନାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

● ଜମି ବିବାଦ ନେଇ ଗଣ୍ଡଗୋଳ

## ନ୍ୟାୟ ଦାବିରେ ପରିବାର ଏସ୍‌ପିଙ୍କ ଦ୍ୱାରସ୍ଥ



**ବଲାଙ୍ଗିର, ୩୦।୬(ସମିସ):** ବଙ୍ଗୋମୁଣ୍ଡା ବ୍ଲକ ଛତ୍ରଙ୍ଗ ଗାଁର ବାଗ ପରିବାର ଜମି ବିବାଦକୁ ନେଇ ଦେଖାଦେଇଥିବା ଗଣ୍ଡଗୋଳ ଘଟଣାରେ ନ୍ୟାୟ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। କିଛି ଦିନ ପୂର୍ବରୁ ତାଙ୍କ ନାମରେ ଥିବା ଜମିରେ ଆଉ ଜଣେ ମାଲିକାନା ଜାହିର କରୁଥିବା ଘଟଣାକୁ ନେଇ ବିବାଦ ଦେଖାଦେଇଥିଲା। ଏହି ଘଟଣାରେ ବାଗ ପରିବାରର ଏକାଧିକ ଗିରଫ ହୋଇଥିଲେ। ସେମାନେ ଜେଲ୍‌ରୁ ଫେରିବା ପରେ ମଧ୍ୟ ଘଟଣାକୁ ନେଇ ବିବାଦ ଲାଗି ରହିଥିବା ଅଭିଯୋଗ ହୋଇଛି। ଏପରିକି ତାଙ୍କ ଜୀବନକୁ ବିପଦ ଥିବାରୁ ନ୍ୟାୟ ଓ ସୁରକ୍ଷା ଦାବି କରି ଏସ୍‌ପିଙ୍କଠାରେ ଗୁହାରି କରିଛନ୍ତି।

ଅଭିଯୋଗ ଅନୁସାରେ ଗତ କିଛି ଦିନ ତଳେ ବଙ୍ଗୋମୁଣ୍ଡା ବ୍ଲକ ଛତ୍ରଙ୍ଗ ଗାଁର ଜୟମନ ବାଗ ଓ ଙ୍କ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନଙ୍କ ସହ ନୂଆପଡ଼ା ଜିଲ୍ଲା ତୁକୁଲା ଗାଁର ତନୁଜାରାଣୀ ଜଗତ ଓ ତାଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଜୟମନଙ୍କ ଅଭିଯୋଗ ଅନୁସାରେ ଛତ୍ରଙ୍ଗ ମୌଜା ଖାତା ନଂ ୧୨୫/୨୦ରେ ଥିବା ୩ ଏକର ୮୨ ଡିସମିଲ ଜାଗା ହେମବନ୍ଧୁ ନାଗଙ୍କ ନାମରେ ରହିଛି। ବର୍ତ୍ତମାନ ଯେଉଁ ଜମିର ଉତ୍ତରାଧିକାରୀ ମାନେ ହେଉଛନ୍ତି ଜୟମନ ବାଗ, ବାରୁ ବାଗ, ବ୍ରଜ ବାଗ, ଟଙ୍କ ବାଗ, ଗଜମନ ବାଗ, ପରକ୍ଷିତ ବାଗ, ମାଧବ ବାଗ; କିନ୍ତୁ ଉକ୍ତ ଜମିରେ ତନୁଜାରାଣୀ ଜଗତ ଓ ତାଙ୍କ ପରିବାର ମାଲିକାନା ଜାହିର କରି ଗଣ୍ଡଗୋଳ କରୁଥିବା ଜୟମନ ଅଭିଯୋଗ କରିଛନ୍ତି। କିଛି ଦିନ ତଳେ ଉକ୍ତ ପରିବାର ପାଖରେ ଥିବା କିଛି ଗାଡ଼ି ପୋଡ଼ି ହୋଇଥିଲା। ଉକ୍ତ ଘଟଣାରେ ଜୟମନଙ୍କ ପରିବାର ଲୋକଙ୍କ ଉପରେ ଦୋଷ ଲଦି ଥାନାରେ ମାମଲା ହୋଇଥିଲା। ଏହି ଘଟଣାରେ ତାଙ୍କ ପରିବାରର ସଦସ୍ୟମାନେ ଗିରଫ ହୋଇ ଜେଲ୍ ମଧ୍ୟ ଯାଇଥିଲେ। ଏହି ଘଟଣା ପରେ ବି ତାଙ୍କ ପରିବାର ଲୋକଙ୍କୁ ଧମକ ଚମକ ଦିଆଯାଉଥିବା ସେ ଅଭିଯୋଗ କରିଛନ୍ତି। ବିଭିନ୍ନ ସମୟରେ ଅପରାଧିକ ଶ୍ରେଣୀର ଲୋକଙ୍କୁ ଲଗାଇ ସେମାନଙ୍କ ପରିବାର ଲୋକଙ୍କୁ ଧମକ ଦିଆଯାଉଥିବା ଜୟମନ ଅଭିଯୋଗ କରିଛନ୍ତି। ତେବେ ଏହି ଘଟଣାକୁ ଗୁରୁତର ସହ ନେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ମଙ୍ଗଳବାର ଜୟମନ ଓ ତାଙ୍କ ପରିବାର ଅନ୍ୟ ସଦସ୍ୟ ବଲାଙ୍ଗିର ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସି ଗୁହାରି କରିଛନ୍ତି।

## ୬ ବନ କର୍ମଚାରୀଙ୍କୁ ଆକ୍ରମଣ କରି ୭ ଗିରଫ

**କଣ୍ଟାବାଞ୍ଜି, ୩୦।୬(ସମିସ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ରେଞ୍ଜ ତଥା ତୁରେକେଲା ଥାନା ଯୁବାମାଲ ଗାଁରେ ୬ ଜଣ ବନ କର୍ମଚାରୀଙ୍କୁ ଲୋକେ ଗୋଡେଇ ଗୋଡେଇ ପିଟିଛନ୍ତି। ଏହାର ଭିଡିଓ ଭାଇରାଲ ହୋଇଛି। କିଛି ଦିନ ତଳେ ଯୁବାମାଲ ଗାଁର ମୁଣ୍ଡାପଡ଼ାରେ ଲୋକେ ଜଙ୍ଗଲ ଜମି ଦଖଲ କରିଥିବା ବେଳେ ସେହି ସ୍ଥାନରେ ଚାରାରୋପଣ ପାଇଁ ବନ ବିଭାଗ ପକ୍ଷରୁ କାର୍ଯ୍ୟ ଆରମ୍ଭ କରାଯାଉଥିଲା। ଏହି କାର୍ଯ୍ୟ ଦେଖିବା ପାଇଁ ବନ କର୍ମଚାରୀ ସେଠାକୁ ଯାଇଥିଲେ। ସେଠାରେ ଫରେଷ୍ଟରଙ୍କୁ ଠେଙ୍ଗାରେ ଗ୍ରାମବାସୀ ଅତର୍କିତ ଆକ୍ରମଣ କରିଥିଲେ। ପରେ ଫରେଷ୍ଟର ଅନ୍ୟ ଗାର୍ଡମାନଙ୍କୁ ଡକାଇଥିଲେ। ସେମାନେ ସେଠାରେ ପହଞ୍ଚିବା ପରେ ସେମାନଙ୍କୁ ମଧ୍ୟ ଲୋକେ ଗୋଡେଇ ଗୋଡେଇ ପିଟିଥିଲେ। ଜଣେ ଫରେଷ୍ଟର, ୩ ଜଣ ଫରେଷ୍ଟ ଗାର୍ଡ, ୨ ଜଣ ପାରା ସ୍କ୍ୱାଡ୍‌ଙ୍କୁ ଲୋକେ ଆକ୍ରମଣ କରିଥିଲେ। ଏନେଇ ଉଭୟ ପକ୍ଷରୁ ତୁରେକେଲା ଥାନାରେ ମାମଲା ରୁଜୁ ହୋଇଛି। ଘଟଣାକୁ ନେଇ ପୁଲିସ ତଦନ୍ତ କରିଥିଲା। ଶେଷରେ ୭ ଜଣ ଗିରଫ ହୋଇଛନ୍ତି। ଏମାନେ ହେଲେ ପିତାମ୍ବର ପୁଟା, ଦିବାକର ପୁଟା, ଗୋକୁଳଚରଣ ଆଡଜୁଏଡ,





କୃଷ୍ଣଚରଣ ଆଡଜୁଏଡ, ମଧୁଚରଣ ଆଡଜୁଏଡ, ଟିକେରାମ ଚରଣ ଆଡଜୁଏଡ ଏବଂ ଭୋଜରାମ ପୁଟା। ଏହି ଘଟଣାରେ ଆଉ କିଏ ସମ୍ପୃକ୍ତ ରହିଛନ୍ତି ତାକୁ ନେଇ ପୁଲିସ ଅଧିକ ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ ରାକେଶ ବେହେରା ସୂଚନା ଦେଇଛନ୍ତି।

## ସନ୍ତରଣ ପ୍ରଶିକ୍ଷକ ଏସିଆନ୍ ଚାମ୍ପିଅନସିପ୍ ପାଇଁ ମନୋନିତ

**ଟିଟିଲାଗଡ଼, ୩୦।୬(ସମିସ):** ଓମ୍ ଭ୍ୟାଲି ଶିକ୍ଷାନୁଷ୍ଠାନର ସନ୍ତରଣ ପ୍ରଶିକ୍ଷକ ଅମୀୟ ପ୍ରଧାନ ଗୁଜୁରାଟ ଅହମ୍ମଦାବାଦଠାରେ ୩୧ରୁ ୪ ପର୍ଯ୍ୟନ୍ତ ୧୫ତମ ଆଧୁନିକ ପେଣ୍ଟାଥଲନ୍ ଜାତୀୟ ଚମ୍ପିନ୍‌ସିପ୍ ଶାଖା-୨୦୨୬ ବାୟାଥଲ୍ ଇଭେଣ୍ଟରେ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ସେ ସିନିୟର



ବିଭାଗରେ ବ୍ରୋଞ୍ଜ୍ ପଦକ ହାସଲ କରି ଏସିଏନ୍ ଚାମ୍ପିଅନ୍ ସିପ୍-୨୦୨୬ ପାଇଁ ମନୋନୀତ ହୋଇଛନ୍ତି। ପୂର୍ବରୁ ମଧ୍ୟ ଶ୍ରୀ ପ୍ରଧାନ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ସନ୍ତରଣ ଚାମ୍ପିଅନ୍‌ସିପ୍‌ରେ ଭାରତକୁ ପ୍ରତିନିଧିତ୍ୱ କରି ସନ୍ତରଣଯୁକ୍ତ ଦୌଡ଼, ସୁଟିଂ ଚାମ୍ପିଅନ୍‌ସିପ୍‌ରେ ୨ଟି ରୌପ୍ୟ ପଦକ ହାସଲ କରିଥିଲେ। ଶିକ୍ଷାନୁଷ୍ଠାନର ୬ଷ୍ଠ ଶ୍ରେଣୀର ଛାତ୍ର ଶ୍ରେୟାଂଶ ସାହୁ ୧୫ ତମ ଆଧୁନିକ ପେଣ୍ଟାଥଲନ୍ ଜାତୀୟ ଚମ୍ପିଅନ୍‌ସିପ୍-୨୦୨୬ ବାୟା ଥଲ୍ ଇଭେଣ୍ଟେରେ ଓଡ଼ିଶାର ପ୍ରତିନିଧିତ୍ୱ କରି ସର୍ବଭାରତୀୟ ସ୍ତରରେ ୧୬ ନଂ ରାଙ୍କ୍ ହାସଲ କରିଛନ୍ତି। ଏଥିରେ ୨୮ ରାଜ୍ୟର ଖେଳାଳି ଅଂଶଗ୍ରହଣ କରିଥିଲେ।



ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏମିତି ଧାନ ସଂଗ୍ରହ ନିୟନ୍ତ୍ରଣ କକ୍ଷ ଚାଲିଛି।

## ବଲାଙ୍ଗିର ଜିଲ୍ଲାସ୍ତରୀୟ ଜାତୀୟ ପରିସଂଖ୍ୟାନ ଦିବସ

**ବଲାଙ୍ଗିର, ୩୦।୬(ସମିସ):** ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ପରିସରରେ ଥିବା ପରିସଂଖ୍ୟାନ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ପ୍ରଶାନ୍ତ ଚନ୍ଦ୍ର ମହାଲନୋବିସ୍‌ଙ୍କ ଜନ୍ମଜୟନ୍ତୀ ଅବସରରେ ତାଙ୍କ ସ୍ମୃତି ଚାରଣ କରାଯିବା ସହ ଦୈନନ୍ଦିନ ଜୀବନରେ ପରିସଂଖ୍ୟାନର ଗୁରୁତ୍ୱ ଓ ଆବଶ୍ୟକତା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏହି ସମାରୋହରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ସହାୟକ




ପ୍ରାଧ୍ୟାପକ ଡ. ଗଣପତି ମେଣ୍ଡଲୀ ଏବଂ ପରିସଂଖ୍ୟାନ ବିଭାଗର ପ୍ରାଧ୍ୟାପିକା ଡ. ଚକ୍ରଲା ଶ୍ରୀଲତା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କ୍ଷେତ୍ର ପରିଦର୍ଶନ ସମୟରେ ପ୍ରାଥମିକ ତଥ୍ୟ ସଂଗ୍ରହ ବେଳେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ଓ ଏହାର ଆଶୁ ସମାଧାନର ସୂତ୍ର ଉପରେ ସେମାନେ ପ୍ରେଜେଣ୍ଟେସନ ମାଧ୍ୟମରେ ତଥ୍ୟଭିତ୍ତିକ ଉପସ୍ଥାପନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହା ଯୋଗଦେଇ କୃଷି ବିଭାଗ ସହ ପରିସଂଖ୍ୟାନର ନିବିଡ଼ ସମ୍ପର୍କ ଉପରେ ଆଲୋକପାତ କରିବା ସହ ତଥ୍ୟ ସଂଗ୍ରହ ବେଳେ ସଚେତନତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପ-ନିର୍ଦ୍ଦେଶକ ଅଙ୍କିତ ମହାକୁର ଏହି ଦିବସର ତାତ୍ପର୍ଯ୍ୟ ଏବଂ ସହାୟକ ନିର୍ଦ୍ଦେଶକ ସୁନ୍ଦରମୋହନ ଖଣ୍ଡେଇ ପ୍ରଫେସର ମହାଲନୋବିସ୍‌ଙ୍କ ଜୀବନୀ ଓ ପରିସଂଖ୍ୟାନର ଉପକାରିତା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ତର୍କ ଓ ପ୍ରଶ୍ନୋତ୍ତର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହାସହ ଉପସ୍ଥିତ ଅଂଶଗ୍ରହଣକାରୀଙ୍କ ପାଇଁ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଶେଷରେ ସହାୟକ ନିର୍ଦ୍ଦେଶିକା (ଯୋଜନା) ସୁଶ୍ରୀ ସୋନାଲୀ ସୁଚିସ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିଷୟବସ୍ତୁ ବିଶେଷଜ୍ଞ ଲଳିତ ରଞ୍ଜନ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ସଭାରେ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ, ଛାତ୍ରଛାତ୍ରୀ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଭାବବିହ୍ୱଳ କଲା ଅବସରକାଳୀନ ସମ୍ବର୍ଦ୍ଧନା ସଭା










ବଲାଙ୍ଗିର, ୩୦।୬(ସମିସ)

ବଲାଙ୍ଗିର ପୌର ପରିଷଦ ପକ୍ଷରୁ ମଙ୍ଗଳବାର ୩ ଜଣ ବରିଷ୍ଠ କର୍ମଚାରୀଙ୍କୁ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅବସର ଗ୍ରହଣ କରିଥିବା କର୍ମଚାରୀମାନେ ହେଲେ ଆର୍‌ଆଇ ଶ୍ୱେତ ତ୍ରିପାଠୀ, ଟ୍ୟାକ୍ସ କଲେକ୍ଟର ସରୋଜ ସାହୁ ଏବଂ ଫିଲ୍ଡ ଇନ୍ସପେକ୍ଟର ଦିଲୀପ ପଟ୍ଟନାୟକ। ଏହି ଅବସରରେ ପୌର ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ଲୀକା ସାହୁ, ନିର୍ବାହୀ ଅଧିକାରୀ, କାଉନସିଲର ଏବଂ କର୍ମଚାରୀମାନେ ଉପସ୍ଥିତ ରହି ଅବସରପ୍ରାପ୍ତ କର୍ମଚାରୀମାନଙ୍କ କର୍ମନିଷ୍ଠା ଓ ଜନସେବା ପ୍ରତି ସମର୍ପଣକୁ ପ୍ରଶଂସା କରିଥିଲେ। ସେମାନଙ୍କ ସୁସ୍ଥ, ସୁଖମୟ ଓ ଦୀର୍ଘାୟୁ ଅବସର ଜୀବନ କାମନା କରାଯାଇଥିଲା।

**ତୁରେକେଲା:** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଏକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଶିକ୍ଷା ଅଧିକାରୀ ଫକୀର ଚରଣ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଦାୟ ସମ୍ବର୍ଦ୍ଧନା ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌତମ ପଟେଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ହିଆଲ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶ ସଭା ପରିଚାଳନା କରିଥିଲେ। ସଭାରେ ଶିକ୍ଷା ଅଧିକାରୀ ଶ୍ରୀ ପଟେଲଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ବିର୍ଣା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନାରିୟଣୀ କୁଅଁର, ହାତମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସାରଦା ଠାକୁର, ଡେବରିଆମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୈବସ୍ୱତ ବାଗଙ୍କୁ ମକଧ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଭାରେ ଏବିଇଓ ଜଗବନ୍ଧୁ ମାଝୀ, ବଡବାବୁ ସାଧୁଚରଣ ପାଣିଗ୍ରାହୀ, ବୁଦ୍ଧଦେବ ବନଛୋର, ରମେଶ ସୁନା, ସୁନୀଲ ସାହୁ, ସିଆରସିସି ଦୀନେଶ ମହାନନ୍ଦ, ଗଜିନ୍ଦ୍ର ହରିଜନ, ଜଗମୋହନ ସେଠୀ ଅଭିଭାଷଣ ଦେଇଥିଲେ। ସିଆରସିସି ପ୍ରେମରାଜ ପାଣିଗ୍ରାହୀ, ଧନସିଂ ମାଝୀ, ମୋହନ ବରିହା, କୃତିବାସ ବରିହା, ଗୁରୁପ୍ରସାଦ ଛତ୍ରିଆ, ଅନୁପ ଦାସ, ଗଜୟ ଦାଶ, ଜ୍ୟୋତି ବିକାଶ ବାରିକ, ପ୍ରକାଶ ସେଲମା, ଟିକେଶ୍ୱର ବେହେରା, ସରୋଜ ପୁରୋହିତ, ସଞ୍ଜୟ ଖୁରା, ସୁଶାନ୍ତ ପ୍ରଧାନ, ପ୍ରବୀଣ ନାୟକ, ସୁକାନ୍ତି ମାଝୀ, ସତ୍ୟ ପ୍ରକାଶ ସାହୁ, ମାଧବୀଲତା ସାହୁ, କୁଳମଣି ସାହୁ, ବିକାଶ ବର୍ଗେ, ପ୍ରତାପ ପ୍ରଧାନ, ସୁଧାଂଶୁ ଖମାରୀ, ପ୍ରଦୀପ ପାଣିଗ୍ରାହୀ ପ୍ରମୁଖ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

**ଦେଓଗାଁ:** ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲର ପ୍ରଧାନ ଶିକ୍ଷକ ଅମ୍ବରିଶ ଭୋଇଙ୍କୁ ମଧ୍ୟ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସ୍କୁଲରେ ଅନୁଷ୍ଠିତ ବିଦାୟ ସମ୍ବର୍ଦ୍ଧନା ସଭାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମଧୁସ୍ମିତା ଦଲେଇ ସଭାପତିତ୍ୱ କରିଥିଲେ। ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ପୂର୍ବତନ ପ୍ରଧାନ ଶିକ୍ଷକ ପିତବାସ ପଣ୍ଡା, ବସନ୍ତ ଅଗ୍ରୱାଲ, ପୂର୍ବତନ ପ୍ରଧାନ ଶିକ୍ଷକ କୁମାର ଷାଣ୍ଡେ, ପୂର୍ବତନ ଶିକ୍ଷକ ସୁନୀଲ ହରପାଲ, ବନ୍ଧପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ବେହେରା, ଏବିଇଓ ଚୈତନ୍ୟ ଧରୁଆ, ପୂର୍ବତନ ଏବିଇଓ ଅଜିତ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ ସାହୁ, ବଳଦେବ ମାଝୀ, ଚୈତନ୍ୟ ସାହୁ, ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ଶିକ୍ଷୟତ୍ରୀ ମିନତୀ ସରଭଙ୍ଗ, ହରିପ୍ରିୟା ଧରୁଆ, ଖଗେଶ୍ୱର ସାହୁ, ଦେବାଶିଷ ବିଶ୍ୱାଳ, ମଣି ରଣା, ଜିତେନ୍ଦ୍ର ପଟେଲ ଙ୍କ ସମେତ ଛାତ୍ରୀ ସ୍ନେହା ପୋଢ଼, ଛାତ୍ର ଆଲୋକ ପୋଢ଼, ପଞ୍ଚମନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଜହ୍ନାପଙ୍କ :** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ ଖମାରୀଙ୍କୁ ମଙ୍ଗଳବାର ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏସଏମସି ସଭାପତି ସ୍ୱାଧୀନ ପ୍ରଧାନ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା, ବରଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ସାହୁ, ଜଗତି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବେନ୍ଦ୍ର ଦେହୁରୀ, ସିଆରସିସି ସନ୍ତୋଷ ଶତପଥୀ, ମୋ ସ୍କୁଲ ଅଭିଯାନର ସଭାପତି ଉତ୍ସବ ସାହୁ, ପୂର୍ବତନ ଏସଏମସି ସଭାପତି ସହସ୍ରାଂଶୁ ମିଶ୍ର, ପୂର୍ବତନ ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ, ଶିକ୍ଷକ ଜିତେନ୍ଦ୍ର ଦାସ, ପ୍ରଦୀପ ସାହୁ ଉପସ୍ଥିତ ଥିଲେ।

**ତରଭା:** ତରଭା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଓ ଆଞ୍ଚଳିକ ସାଧନ କର୍ମୀଙ୍କ ମିଳିତ ଆନୁକୂଲ୍ୟରେ ଆଡ଼କଟା ପ୍ରାଥମିକ ବିଦ୍ୟାଳୟ ପରିସରରେ ଏବିଇଓ ତଥା ବିଆରସିସି ସତ୍ୟନାରାୟଣ ମହାପାତ୍ରଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତରଭା ପୂର୍ବତନ ବିଇଓ ନାରାୟଣ ଓ ବରିଷ୍ଠ ପ୍ରଧାନଶିକ୍ଷକ ରାଧେଶ୍ୟାମ କୁଅଁର ଅତିଥି ଭାବେ ଯୋଗ ଦେଇଥିଲେ। ସିଆରସିସି ସଞ୍ଜୀବ ସେଠୀ, ବ୍ରଜମୋହନ ସାହୁ, ଜୟନ୍ତ ମେହେର, ଧନେଶ୍ୱର ଅମାତ, ସ୍ମିତାଞ୍ଜଳି ପଟ୍ଟନାୟକ, ଏକାଉଣ୍ଟଟେଣ୍ଟ ସଞ୍ଜୀବ ସା, ସୁଧୀର ମିଶ୍ର, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କବିତା ମିଶ୍ର, ଦେଉଳପଦର ହାଇସ୍କୁଲ ପ୍ରଧାନଶିକ୍ଷକ ଅମୀୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସଂଘମିତ୍ରା ସାହୁ ଓ ମଧୁରିଲତା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଡିଇଓ (ସୋନପୁର) ଘନଶ୍ୟାମ ମେହେର ସଭାପତିତ୍ୱ କରିଥିଲେ। ସିଆରସିସି ସାରଙ୍ଗ ପଧାନ ପରିଚାଳନା କରିଥିଲେ।

**ଡୁଙ୍ଗୁରିପାଲି:** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଟିଙ୍ଗେରକଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତୁମ୍ବକ ପଧାନଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସଭାରେ ଯୋଗାନନ୍ଦ ପଧାନ ସଭାକାର୍ଯ୍ୟ ପରିଚାଳନା କରିଥଲେ। ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିସାନ, ସର୍ଗୁଲ କ୍ଲଷ୍ଟର ସିଆରସିସି ନୀଳକଣ୍ଠ ନାଏକ, ଚିନାଜୁରୀ ସିଆରସିସି ରମେଶ ଚନ୍ଦ୍ର ଭୋଇ, ବାନ୍ଧପାଲି ପ୍ରଧାନ ଶିକ୍ଷକ ଥବୀର ବୁଢ଼େକ, ଅବସରପ୍ରାପ୍ତ ଶିକ୍ଷକ ନିରାକାର ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉଗ୍ରସେନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ମନମୁଣ୍ଡା:** ବୌଦ୍ଧ ବ୍ଲକ ଦହ୍ୟା କ୍ଲଷ୍ଟର ଅମୂର୍ଢ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କପିଳେଶ୍ୱର ତ୍ରିପାଠୀ ଆଜି ଅବସର ଗ୍ରହଣ କରିଛନ୍ତି। ସହକାରୀ ଶିକ୍ଷକ ତୁଲେଶ୍ୱର ମେହେରଙ୍କ ଅଧ୍ୟକ୍ଷତାରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରକ୍ସା (ଦହ୍ୟା) ସରପଞ୍ଚ ବିଭୂତି ଭୂଷଣ ଡାଙ୍ଗ, ପୁରାତନ ଛାତ୍ର ନିତ୍ୟ ମେଣ୍ଡିଲି, ମିଳନ ମେହେର, ସଞ୍ଜୀବ ମେହେର, ତପନ ସେଠୀ, ଜଗନ ମେହେର, ଜିତୁ ମେହେର, ପିଙ୍କୁ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA



## ମା’ ଓ ଶିଶୁର ମୃତ୍ୟୁ ପରେ ବି ଶେଷ ହେଲାନି ଯନ୍ତ୍ରଣା

# ଖଟିଆରେ ୪ କିମି ବୁହାଗଲା ମୃତଦେହ

ରାୟଗଡ/ଗୁଡ଼ାରୀ,୩୦।୬(ସମିସ):



ଗତ ଶନିବାର ଘଟିଥିବା ଏକା ହୃଦୟ ବିଦାରକ ଘଟଣା ରାୟଗଡ ଜିଲ୍ଲାର ଦୁର୍ଗମ ଅଞ୍ଚଳର ସ୍ୱାସ୍ଥ୍ୟ ଓ ସଡ଼କ ବ୍ୟବସ୍ଥାର ନଗ୍ନ ଚିତ୍ରକୁ ପୁଣି ଥରେ ପଦାକୁ ଆଣିଛି । ଗୁଡ଼ାରୀ ବ୍ଲକ କର୍ଲାଘାଟି ଗ୍ରାମପଞ୍ଚାୟତ ଅଧୀନ ପେଟାଖାଲ ଗ୍ରାମର ମାନା ନାରଙ୍ଗାକାଙ୍କ ଗର୍ଭବତୀ ସ୍ତ୍ରୀ ସେବତୀ ନାରଙ୍ଗକା ଅନୁଷ୍ଠାନିକ ପ୍ରସବ ପାଇଁ ଗାଁ ଛାଡି ବ୍ଲକ ସଦର ମହକୁମା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିବା ବେଳେ ସେ ମୃତ୍ୟୁବରଣ କରିଛନ୍ତି । ମହିଳା ଓ ତାଙ୍କ ନବଜାତ ଶିଶୁଙ୍କ ମୃତ୍ୟୁ ପରେ ମଧ ପରିବାରର ଦୁଃଖ ଶେଷ ହୋଇନଥିଲା । ଗ୍ରାମକୁ ସଡ଼କ ସଂଯୋଗ ନଥିବାରୁ ମୃତଦେହକୁ ପ୍ରାୟ ୩ରୁ ୪ କିଲୋମିଟର ପର୍ଯ୍ୟନ୍ତ ଖଟିଆରେ ବୋହି ନେବାକୁ ପଡ଼ିଥିଲା । ଘଟଣାଟି ବିଳମ୍ବରେ ସାମ୍ନାକୁ ଆସିବା ପରେ ଏହାକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ଘଟଣା ଜିଲ୍ଲାର ଦୁର୍ବଳ ସ୍ୱାସ୍ଥ୍ୟ ସେବା ଓ ଭିତ୍ତିଭୂମି ବିକାଶ ଉପରେ ପୁଣିଥରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ମୃତ ମହିଳା ସେବତୀ ନାରେଙ୍ଗାକା ପ୍ରସବ ପାଇଁ ପ୍ରାୟ ୧୫ ଦିନ ଧରି ଗୁଡ଼ାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମା’ ଗୃହରେ ରହୁଥିଲେ । ସେ ଚଳିତ ଜୁନ ମାସ ୧୧ ତାରିଖରେ ଗୁଡ଼ାରୀ ମା ଗୃହରେ ଭର୍ତ୍ତି ହୋଇଥିଲେ । ଗତ ୨୬ ତାରିଖରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟକୁ ରେଫର କରାଯାଇଥିଲା । ହେଲେ ଚିକିତ୍ସାଳୟରେ ପହଞ୍ଚିବା ପୂର୍ବରୁ ରାସ୍ତାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ନବଜାତ ଶିଶୁ ମଧ ବଞ୍ଚିପାରି ନଥିଲା । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଗୁଡ଼ାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ତ୍ରୀ ରୋଗ ବିଶେଷଜ୍ଞ ନଥିବାରୁ ଜଟିଳ ପ୍ରସବ ହେଲେ ରୋଗୀଙ୍କୁ ବାଧ ହୋଇ ଗୁଣୁପୁରକୁ ପଠାଯାଉଛି । ସମୟମତେ ଉନ୍ନତ ଚିକିତ୍ସା ମିଳିଥିଲେ

### ପୁଣି ଚର୍ଚ୍ଚାରେ ଦୁର୍ଗମ ଅଞ୍ଚଳର ସ୍ୱାସ୍ଥ୍ୟ ଓ ସଡ଼କ ବ୍ୟବସ୍ଥା

ମା’ ଓ ଶିଶୁଙ୍କ ଜୀବନ ବଞ୍ଚିପାରିଥାନ୍ତା ବୋଲି ସେମାନେ କହିଛନ୍ତି । ମୃତଦେହକୁ ଗୁଣୁପୁରରୁ ଆମ୍ବୁଲାନ୍ସ ଯୋଗେ ହେଣ୍ଡେଡ଼େପା ଆର୍‌ଡି ରାସ୍ତା ପର୍ଯ୍ୟନ୍ତ ଅଣାଯାଇଥିଲା । କିନ୍ତୁ ପେଟାଖାଲ ଗ୍ରାମକୁ ସଡ଼କ ନଥିବାରୁ ଆମ୍ବୁଲାନ୍ସ ଆଗକୁ ଯାଇପାରିନଥିଲା । ଶେଷରେ ପରିବାର ଲୋକ ଓ ଗ୍ରାମବାସୀମାନେ ମୃତଦେହକୁ ଖଟିଆରେ ବୋହି ୩ରୁ ୪ କିଲୋମିଟର ଦୁର୍ଗମ ପାହାଡ଼ିଆ ରାସ୍ତା ଅତିକ୍ରମ କରି ଗ୍ରାମକୁ ନେଇଥିଲେ । ଗ୍ରାମବାସୀଙ୍କ କହିବାନୁସାରେ, ଏହା କୌଣସି ବିଚ୍ଛିନ୍ନ ଘଟଣା ନୁହେଁ । ରାସ୍ତା ଅଭାବରୁ ପୂର୍ବରୁ ମଧ ଅନେକ ଅସୁସ୍ଥ ରୋଗୀ ଓ ମୃତଦେହକୁ ଏଭଳି ଖଟିଆରେ ବୋହିବାକୁ ପଡ଼ିଛି । ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ ଏପର୍ଯ୍ୟନ୍ତ ସ୍ଥାୟୀ ସମାଧାନ ହୋଇନାହିଁ । ଘଟଣା ସମ୍ପର୍କରେ ଗୁଡ଼ାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଏମ୍‌ଓ. ଡା. ସ୍ୱାଗତ ସ୍ୱାଇଁ କହିଛନ୍ତି ଯେ, ମହିଳାଙ୍କ ମୃତ୍ୟୁର କାରଣକୁ ନେଇ ତଦନ୍ତ କରାଯିବ । ସେହିପରି ଗୁଡ଼ାରୀ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ଗୁଣୁପୁରରେ ଶବ ବ୍ୟବଚ୍ଛେଦ କରାଯାଇଛି ବୋଲି ଥାନା ଅଧିକାରୀ ବିଶ୍ୱ ବନ୍ଧିନୀ ବାଗ ସୂଚନା ଦେଇଛନ୍ତି । ଏହି ଘଟଣା ପରେ ପେଟାଖାଲ ଗ୍ରାମକୁ ତୁରନ୍ତ ସର୍ବକାଳୀନ ସଡ଼କ ସଂଯୋଗ, ଗୁଡ଼ାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାୟୀ ସ୍ତ୍ରୀ ରୋଗ ବିଶେଷଜ୍ଞ ନିଯୁକ୍ତି ଏବଂ ଦୁର୍ଗମ ଅଞ୍ଚଳରେ ଉନ୍ନତ ଜରୁରୀ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବାକୁ ସ୍ଥାନୀୟ ଲୋକେ ଦୃଢ଼ ଦାବି କରିଛନ୍ତି ।

## କାଉକୁଣ୍ଡ ହତ୍ୟାକାଣ୍ଡର ପର୍ଦ୍ଦାଫାଶ: ୩ ଗିରଫ



ବୈପାରୀଗୁଡା, ୩୦।୬(ସମିସ): କାଉକୁଣ୍ଡ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କଲା ପୋଲିସ । ପୂର୍ବ ଶତ୍ରୁତାକୁ ନେଇ ହତ୍ୟା ହୋଇଥିବା ସ୍ପଷ୍ଟ ହୋଇଛି । ହତ୍ୟା ମାମଲାରେ ୩ ଅଭିଯୁକ୍ତ ଗିରଫ ହୋଇଛନ୍ତି । ଗିରଫ ଅଭିଯୁକ୍ତ ହେଲେ ଚିପାକୁର ଅଂଚଳର ଗୌର ଚନ୍ଦ୍ର ଗୌଡ଼, ଗୁରୁ ଖରା, ମହାଦେବ ଗୌଡ଼ । ଆଜି ବୈପାରୀଗୁଡା ଥାନା ପରିସରରେ ଜୟପୁର ଏସଡିପିଓ ଅର୍ଚ୍ଚିତା ମିଥଲ ସାମ୍ବାଦିକ ସମ୍ମିଳନୀ ଡାକି ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ସୂଚନା ଥାଉକି, ବୈପାରୀଗୁଡା ଥାନା ଅନ୍ତର୍ଗତ ଚିପାକୁର ପଞ୍ଚାୟତ କାଉକୁଣ୍ଡ ଗାଁରେ ଗତ ୨୭ ତାରିଖ ରାତିରେ ୬୫ ବର୍ଷୀୟ ବୃଦ୍ଧ ଲକ୍ଷ୍ମଣ ଗଲାରୀ ନିଜ ଘର ବାରଣ୍ଡାରେ ଶୋଇଥିଲେ ।

**● ପୂର୍ବ ଶତ୍ରୁତାକୁ ନେଇ ହତ୍ୟା**

ହେଲେ ସକାଳେ ପରିବାର ଲୋକେ ଉଠି ଦେଖିବା ବେଳକୁ ଲକ୍ଷ୍ମଣ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଖଟ ଉପରେ ପଡିଥିଲେ । ଧାରୁଆ ଅସ୍ତ୍ରରେ ତାଙ୍କ ଗଳା କଟା ଯାଇଥିଲା । ଅଭିଯୁକ୍ତ ମାନେ ଯୋଜନାବଦ୍ଧ ଭାବେ ଆସି ଗଳାକାଟି ତାଙ୍କୁ ହତ୍ୟା କରଥିଲେ । ଏନେଇ ପରିବାର ଲୋକେ ବୈପାରୀଗୁଡା ଥାନାରେ ଅଭିଯୋଗ ପରେ ୩ ଦିନ ମଧରେ ଆଜି ଘଟଣାର ପର୍ଦ୍ଦାଫାଶ କରିଛି ପୁଲିସ । ସାଇଣ୍ଟିଫିକ ଟିମ ଏବଂ ପୋଲିସର ମିଳିତ ତଦନ୍ତ ପରେ ବୈପାରୀଗୁଡା ଥାନା ଅନ୍ତର୍ଗତ ଚିପାକୁର ଅଞ୍ଚଳର ୩ ଜଣ ଗୌର ଚନ୍ଦ୍ର ଗୌଡ଼, ଗୁରୁ ଖରା, ମହାଦେବ ଗୌଡ଼ଙ୍କୁ ଗିରଫ କରିଛି ପୋଲିସ । ପୋଲିସ ସୂଚନା ଅନୁଯାଇ, ଘଟଣାର କାରଣ ହେଲା ଯେ, ଗାଁରେ ପ୍ରାୟ ସବୁବେଳେ ଲକ୍ଷ୍ମଣ ଗଲାରୀଙ୍କ ସହ ଅଭିଯୁକ୍ତଙ୍କ ଝଗଡା ହେଉଥିଲା । ସେମାନଙ୍କ ମଧରେ ଶତ୍ରୁତା ବଢିଯାଇଥିଲା । ଏହାକୁ ନେଇ ହତ୍ୟାକାଣ୍ଡ ଘଟିଛି । ଘଟଣାରେ ବ୍ୟବହୃତ ଧାରୁଆ ଅସ୍ତ୍ର ଓ ଲୁହା ସାମଗ୍ରୀ ପୁଲିସ ଜବତ କରି ୩ ଅଭିଯୁକ୍ତଙ୍କୁ ଜୟପୁର କୋର୍ଟ ଚଲାଣ କରିଛି ।

## ଯୁବକଙ୍କ ଆତ୍ମହତ୍ୟା

ଉମରକୋଟ,୩୦।୬ (ସମିସ): ବେକରେ ଗାମୁଛା ବାନ୍ଧି ଗଛରେ ଝୁଲିପଡି ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି । ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ । ଆତ୍ମହତ୍ୟା କରିଥିବା ଯୁବକ ଜଣକ ହେଲେ ଡାବୁଗାଁ ଥାନା ଅର୍ନ୍ତଗତ ଡୁମୁନିଗୁଡା ଗ୍ରାମର ଜଗଦୀଶ ଜାନୀ (୧୮) । ପରିବାର ଲୋକଙ୍କ ଲିଖିତ ଅଭିଯୋଗ ଅନୁସାରେ ଜଗଦୀଶ ଆଜକୁ ପ୍ରାୟ ଏକ ମାସ ହେବ ଉମରକୋଟ ଥାନା ଅନ୍ତର୍ଗତ କୁର୍ଶୀ ପଞ୍ଚାୟତର ସେମଳଧର ଗ୍ରାମରେ ରହି ଲେବର କାମ କରୁଥିଲେ । ଆଜି ସକାଳ ୮ ଘଣ୍ଟା ସମୟରେ ପରିବାର ଲୋକେ ଜାଣିବାକୁ ପାଇଲେ ଯେ ଜଗଦୀଶ ସେମଳଧର ଗ୍ରାମର ଏକ ଚାକୁଣ୍ଡା ଜଙ୍ଗଲରେ ଏକ ଗଛରେ ବେକରେ ଗାମୁଛା ବାନ୍ଧି ଆନହତ୍ୟା କରିଛନ୍ତି । ଲିଖିତ ଅଭିଯୋଗ ପରେ ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି । ତଦନ୍ତ ଭାର ଏଏସଆଇ ନରେନ୍ଦ୍ର ଗୋଲାପି ସମ୍ଭାଳିଛନ୍ତି ।

**● ହସ୍ତଶିଳ୍ପ କାରିଗରଙ୍କ ସହ ‘ଚଉପାଳ’ କାର୍ଯ୍ୟକ୍ରମ**

## ଇ ମାର୍କେଟ ପ୍ଲେସ୍ ପଞ୍ଜୀକରଣ ଓ ବଜାର ସଂଯୋଗ ସମ୍ପର୍କରେ ସଚେତନ ହେଲେ କାରିଗର

ରାୟଗଡ, ୩୦।୬ (ସମିସ): କେନ୍ଦ୍ର ବସ୍ତ୍ର ମନ୍ତ୍ରଣାଳୟ ଅଧୀନ ବିକାଶ ଆୟୁକ୍ତ (ହସ୍ତଶିଳ୍ପ)ଙ୍କ ନିର୍ଦ୍ଦେଶରେ ଭୁବନେଶ୍ୱର ସ୍ଥିତ ହସ୍ତଶିଳ୍ପ ସେବା କେନ୍ଦ୍ର ପକ୍ଷରୁ ମଙ୍ଗଳବାର ରାୟଗଡ ସହରର କସ୍ତୁରୀ ନଗର ସ୍ଥିତ ପ୍ରେରଣା ସ୍କୁଲ ପରିସରରେ ହସ୍ତଶୀଳ୍ପ କାରିଗରଙ୍କ ସହ ମତ ବିନିମୟ ସଂଳାପ “ଚଉପାଳ” କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ୬୨ ଜଣ ପୁରୁଷ ଓ ମହିଳା ହସ୍ତଶିଳ୍ପ କାରିଗର ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ହସ୍ତଶିଳ୍ପ ସେବା କେନ୍ଦ୍ର, ଭୁବନେଶ୍ୱରର ହ୍ୟାଣ୍ଡିକ୍ରାଫ୍ଟସ୍ ପ୍ରମୋସନ୍ ଅଫିସର ବୀର ମାରାଣ୍ଡି, ରାଜ୍ୟ ହସ୍ତଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକ ଉଲ୍ଲାସ ବେହେରା, ରାୟଗଡ଼ ଓରମାସ୍‌ର ଉପ-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁର୍ଗା ପ୍ରସାଦ ଭୂୟାଁ, ଏସ୍‌ବିଆଇ ରିଜିଓନାଲ୍ ବ୍ୟାଙ୍କ ଅଫିସର ସହକାରୀ ପରିଚାଳକ ନୀଳାଚଳ ସାହୁ ଏବଂ ମାଷ୍ଟର କ୍ରାଫ୍ଟ ପର୍ସନ୍ ହିମାଂଶୁ ଶେଖର ପଣ୍ଡା ଉପସ୍ଥିତ ରହି କାରିଗରମାନଙ୍କୁ ବିଭିନ୍ନ ସରକାରୀ ଯୋଜନା ଓ ସହାୟତା ସମ୍ପର୍କରେ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ହସ୍ତଶିଳ୍ପ ଯୋଜନା, ସରକାରୀ ଇ-ମାର୍କେଟ ପ୍ଲେସ ପୋର୍ଟାଲରେ ପଞ୍ଜିକରଣ, ମୁଦ୍ରା ଋଣ ସୁବିଧା, ପହେଚାନ କାର୍ଡ, ଡିବିଟି, ପିଏଫ୍‌ଏମ୍‌ଏସ୍ ଏବଂ ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା । ସେହିପରି କାରିଗରମାନଙ୍କ ସମସ୍ୟା, ଉତ୍ପାଦର ବଜାର ସୁବିଧା ଓ ବିପଣନ ବ୍ୟବସ୍ଥା ନେଇ ଆଲୋଚନା କରାଯାଇଥିଲା । ବକ୍ତାମାନେ




କହିଥିଲେ ଯେ, ହସ୍ତଶିଳ୍ପ କାରିଗରମାନେ ସରକାରୀ ଯୋଜନାର ସୁବିଧା ଗ୍ରହଣ କରି ସରକାରୀ ଇ-ମାର୍କେଟପ୍ଲେସ ଭଳି ଡିଜିଟାଲ୍ ପ୍ଲାଟଫର୍ମ ସହ ଯୋଡ଼ିହେଲେ ସେମାନଙ୍କ ଉତ୍ପାଦକୁ ଦେଶବ୍ୟାପୀ ବଜାର ମିଳିବା ସହ ଆୟ ବୃଦ୍ଧି ପାଇବ । ଏଥିସହ ପାରମ୍ପରିକ ହସ୍ତଶିଳ୍ପର ସଂରକ୍ଷଣ ଓ ନୂତନ ପିଢ଼ିକୁ ଏହି କ୍ଷେତ୍ର ପ୍ରତି ଆକର୍ଷିତ କରିବା ଉପରେ ମଧ ଗୁରୁତ୍ୱ ଦିଆଯାଇଥିଲା । କାର୍ଯ୍ୟକ୍ରମ ଶେଷରେ କାରିଗରମାନଙ୍କ ବିଭିନ୍ନ ସମସ୍ୟା ଓ ପ୍ରଶ୍ନର ସମାଧାନ କରାଯିବା ସହ ସରକାରୀ ଯୋଜନାର ସୁବିଧା ସେମାନଙ୍କ ନିକଟରେ ପହଞ୍ଚାଇବାକୁ ସମସ୍ତ ସମ୍ପୃକ୍ତ ବିଭାଗ ପକ୍ଷରୁ ଆଶ୍ୱାସନ ଦିଆଯାଇଥିଲା ।

## ମୋବାଇଲ ଚୋରି ମାମଲାରେ ଅଭିଯୁକ୍ତଙ୍କୁ ୨ ବର୍ଷ କାରାଦଣ୍ଡ

ମାଲକାନଗିରି, ୩୦।୬(ସମିସ): ମାଲକାନଗିରି ସଦର ମହକୁମା ନ୍ୟାୟିକ ଦଣ୍ଡାଧିକାରୀ (ଏସ୍‌ଡିଜେଏମ୍) ଅଦାଲତ ଏକ ମୋବାଇଲ ଚୋରି ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି । ଜରିମାନା ଅନାଦାୟ କ୍ଷେତ୍ରରେ ଅଭିଯୁକ୍ତଙ୍କୁ ଅତିରିକ୍ତ ଏକ ମାସ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟ ପ୍ରଦାନ କରାଯାଇଛି । ସୂଚନା ଅନୁଯାୟୀ, ଗତ ୨୦୨୪ ନଭେମ୍ବର ୩ ତାରିଖରେ ମାଲକାନଗିରି ଜିଲ୍ଲା

**● ୨ ହଜାର ଟଙ୍କା ଜରିମାନା**

ମୁଖ୍ୟ ଚିକିତ୍ସାଳୟ ନିକଟସ୍ଥ ଆରଏମସି ଷ୍ଟଲ୍ ନମ୍ବର୩ରୁ ୭ଟି ମୋବାଇଲ ଫୋନ ଚୋରି ହୋଇଥିଲା । ଏନେଇ ଦୁର୍ଗାଗୁଡ଼ି ସାହିର ସୁବେନ୍ଦୁ ମଣ୍ଡଳ ମାଲକାନଗିରି ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୁଲିସ ତଦନ୍ତ ବେଳେ ମାଥିଲି ବ୍ଲକ ଧୌଡାଗୁଡା ଗ୍ରାମର ରାଜେନ୍ଦ୍ର ପ୍ରଧାନୀ (୩୮)ଙ୍କ ଏଥିରେ ସମ୍ପୃକ୍ତି ଥିବା ଜାଣି ତାଙ୍କ ବିରୋଧରେ ମାମଲା ରୁଜୁ କରି ଗିରଫ ପରେ ଚାର୍ଜସିଟ୍ ଦାଖଲ କରିଥିଲା । ମାମଲାର ବିଚାର ଏସଡିଜେଏମ୍ ପ୍ରତିମା ସାହୁଙ୍କ ଅଦାଲତରେ ଚାଲିଥିଲା । ସାକ୍ଷ୍ୟ, ପ୍ରମାଣ ଓ ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଆଜି ଅଦାଲତ ଅଭିଯୁକ୍ତ ରାଜେନ୍ଦ୍ର ପ୍ରଧାନୀଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ କାରାଦଣ୍ଡ ଓ ୨ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି । ଜରିମାନା ରାଶି ପ୍ରଦାନ ନ କଲେ ତାଙ୍କୁ ଅତିରିକ୍ତ ଏକ ମାସ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି ।

## ତୀରନ୍ଦାଜ ରାଜେଶ ହାଁସଦାଙ୍କ ବିୟୋଗରେ ଶୋକସଭା

ମାଲକାନଗିରି, ୩୦।୬(ସମିସ): ଓଡ଼ିଶାର ଗର୍ବ ଓ ଗୌରବ, ଆନ୍ତର୍ଜାତୀୟ ତୀରନ୍ଦାଜ ତଥା ପ୍ରଶିକ୍ଷକ ସ୍ୱର୍ଗତ ରାଜେସ ହାଁସଦାଙ୍କ ବିୟୋଗରେ ମଙ୍ଗଳବାର ମାଲକାନଗିରି ସଦରସ୍ଥ ଦଣ୍ଡକାରଣ୍ୟ ଖେଳ ପଡ଼ିଆରେ ଜିଲ୍ଲା ଆଥଲେଟିକ ଆସୋସିଏସନ ପକ୍ଷରୁ ଏକ ଶୋକସଭା ଆୟୋଜିତ ହୋଇଥିଲା । ଜିଲ୍ଲା ଆଥଲେଟିକ ଆସୋସିଏସନର ସମ୍ପାଦକ ରାମହରି ପଣ୍ଡାଙ୍କ

**● ପରିବାର କୁ ସହାୟତା ପାଇଁ ପତ୍ନୀଙ୍କ ନିବେଦନ**




ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସ୍ୱର୍ଗତ ହାସଦାକଙ୍କ ପତ୍ନୀ ମେନକା ହାସଦାକ, ପୁଅ ରିଆନ ହାସଦାକ, ଆସୋସିଏସନର କାର୍ଯ୍ୟକାରୀ ସଭାପତି ବି. ଭେଙ୍କେଟ ରାଓ, କୋଷାଧ୍ୟକ୍ଷ ଏସ୍. ପ୍ରସାଦ ରାଓ, ଜିଲ୍ଲା କ୍ରିକେଟ ଆସୋସିଏସନର କୋଷାଧ୍ୟକ୍ଷ ଶତବୀର ସିଂ ରିୟାର, ବରିଷ୍ଠ କ୍ରୀଡ଼ାବିତ ଅଶୋକ ପଟ୍ଟନାୟକ, ରଞ୍ଜନ ମହାନ୍ତିଙ୍କ ସମେତ ବହୁ କ୍ରୀଡ଼ାବିତ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ । ଉପସ୍ଥିତ ଅତିଥିମାନେ ସ୍ୱର୍ଗତ ହାସଦାକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନାରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ବକ୍ତାମାନେ କହିଥିଲେ ଯେ, ରାଜେସ ହାସଦାକଙ୍କ ବିୟୋଗରେ ଓଡ଼ିଶା ତଥା ମାଲକାନଗିରି ଜିଲ୍ଲା ଜଣେ ଦକ୍ଷ କ୍ରୀଡ଼ାବିତ ଓ ସଫଳ ପ୍ରଶିକ୍ଷକଙ୍କୁ ହରାଇଛି । ତାଙ୍କ ମୃତ୍ୟୁ କ୍ରୀଡ଼ାଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମତ ପ୍ରକାଶ ପାଇଥିଲା । ତାଙ୍କ ଅବଦାନକୁ ଚିରସ୍ମରଣୀୟ କରି ରଖିବା ସହ ଆଗାମୀ ପିଢ଼ିଙ୍କୁ ପ୍ରେରଣା ଯୋଗାଇବା ପାଇଁ ତାଙ୍କ ଜୀବନୀକୁ ପାଠ୍ୟପୁସ୍ତକରେ ସ୍ଥାନ ଦେବାକୁ ମଧ ଦାବି ଉଠିଥିଲା । ସୂଚନାଯୋଗ୍ୟ, ସ୍ୱର୍ଗତ ରାଜେସ ହାସଦାକ ଓଡ଼ିଶା ପକ୍ଷରୁ ବିଭିନ୍ନ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୭ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଥିଲେ । ସେ ୧୯୯୮ ମସିହାର ବ୍ୟାଙ୍କକ ଏସିଆନ୍ ଗେମ୍ସ ସମେତ ବିଭିନ୍ନ ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିଥିଲେ । ପରବର୍ତ୍ତୀ ସମୟରେ ସେ ଓଡ଼ିଶା ତିରନ୍ଦାଜୀ ଦଳର ପ୍ରଶିକ୍ଷକ ଭାବେ ମଧ ସଫଳତାର ସହ ଦାୟିତ୍ୱ ତୁଲାଇଥିଲେ । ଆଗକୁ ମାଲକାନଗିରି ଜିଲ୍ଲାରେ ଏକ ତିରନ୍ଦାଜ ପ୍ରଶିକ୍ଷଣ କେନ୍ଦ୍ର ପ୍ରତୀଷ୍ଠା ସହ ଅନେକ କ୍ରୀଡାବିତ ସୃଷ୍ଟି କରିବା ସ୍ୱର୍ଗତ ହାସାଦକଙ୍କ ଲକ୍ଷ ଥିବା ବେଳେ, ପିତାଙ୍କ ଏହି ସ୍ୱପ୍ନକୁ ତାଙ୍କ ସୁପତ୍ରୀ ଆଗାମୀ ଦିନରେ ପୂରଣ କରିବେ ବୋଲି ଆଶା ପ୍ରକାଶ କରି ପ୍ରଶାସନ ଓ ରାଜ୍ୟ ସରକାର ଏଦିଗରେ ଆବଶ୍ୟକୀୟ ସହାୟତା ଯୋଗାଇବାକୁ ତାଙ୍କ ପତ୍ନୀ ଶ୍ରୀମତୀ ହାଁସଦା ଅନୁରୋଧ କରିଛନ୍ତି ।

## ଆଜି ଡାକ୍ତରଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

ବୈପାରୀଗୁଡ଼ା,୩୦।୬(ସମିସ): ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ସମଗ୍ର ଦେଶରେ ଜାତୀୟ ଡାକ୍ତର ଦିବସ ଭାବେ ପାଳନ କରାଯାଉଛି । କିନ୍ତୁ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ ଡାକ୍ତର ମାନେ ଏହି ଦିନକୁ କାର୍ଯ୍ୟବନ୍ଦ ଡାକରା ଦେଇଛନ୍ତି । ଏନେଇ ସ୍ଥାନୀୟ ମେଡିକାଲ ଅଧିକାରୀ ବସୁବବତା ନାୟକ ଗଣ ମାଧମକୁ ସୂଚନା ଦେଇ କହିଛନ୍ତି ଯେ, ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଡାକ୍ତର କାର୍ଯ୍ୟବନ୍ଦ ଡାକରା ଦେଇଛନ୍ତି । ଆଜି ଏଡିପିଓ ମୁକ୍ତିକାନ୍ତ ଖଟୁଆଙ୍କ ନେତୃତ୍ୱରେ ୧୮ ଦଫା ଦାବି ନେଇ ଜିଲ୍ଲାପାଳ, ଏସ୍‌ପି ଏବଂ ସିଡିଏମଓଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଆଜି ଠାରୁ ଓପିଡି, ଆଇପିଡି, ନିର୍ଦ୍ଧାରିତ, ନିଦାନ ମୂଳକ ଓ ଜରୁରୀ ସ୍ୱାସ୍ଥ୍ୟସେବା ଆଦି ବନ୍ଦ ରହିବ । ସରକାରୀ ଚିକିତ୍ସା ପ୍ରତିଷ୍ଠାନର କୌଣସି ସେବା ଯୋଗାଇ ଦିଆଯିବ ନାହିଁ । ସିଡିଏମଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ଓ କର୍ମଚାରୀଙ୍କ ସମ୍ମାନ ଓ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ଚାଲିଥିବା



ଆନ୍ଦୋଳନକୁ ସମର୍ଥନ କରିବାକୁ ସର୍ବସାଧାରଣଙ୍କୁ ନିବେଦନ କରାଯାଇଛି । ଆୟୁଷ ଡାକ୍ତର ଏବଂ ଫାର୍ମାସିଷ୍ଟଙ୍କ ଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ର ଚାଲିବ ବୋଲି ସେ କହିଛନ୍ତି ।

## ଉମୁରିରେ ଭ୍ରାମ୍ୟମାଣ ଚକ୍ଷୁ ପରୀକ୍ଷା ଶିବିର

ଦାମନଯୋଡ଼ି,୩୦।୬(ସମିସ): କୋରାପୁଟ ବ୍ଲକ ଉମୁରି ପଞ୍ଚାୟତ ସଦର ମହକୁମା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ମଙ୍ଗଳବାର ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନାରେ ହୋଇଥିବା ଏହି ଶିବିରରେ ବିଭିନ୍ନ ଗ୍ରାମର ୨୮ ଜଣ ବ୍ୟକ୍ତି ଯୋଗଦେଇ ଚକ୍ଷୁ ପରୀକ୍ଷା କରାଇଥିଲେ । ସେଥି ମଧ୍ୟରୁ ୭ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ ହୋଇଥିବା ବେଳେ ଜଣେ ଜଟିଳ ରୋଗୀଙ୍କୁ ରେଫର ଓ ଦୃଷ୍ଟିଦୋଷ ଥିବା ୭ଜଣ ସ୍କୁଲ ପିଲାଙ୍କୁ ରେଫର କରାଯାଇଥିଲା । ସରକାରଙ୍କ ଏହି ଯୋଜନାରେ ମୋତିଆବିନ୍ଦୁ ରୋଗୀଙ୍କ ମାଗଣା ଅସ୍ତ୍ରୋପଚାର ବ୍ୟବସ୍ଥା ରହିଛି । ଶିବିରରେ ଚକ୍ଷୁ ରୋଗୀଙ୍କୁ ମାଗଣା ଔଷଧ ବଣ୍ଟନ ସହିତ ସେମାନଙ୍କର ରକ୍ତଚାପ ଓ ରକ୍ତ ଶର୍କରା ପରୀକ୍ଷା କରାଯାଇଥିଲା । ଶିବିରକୁ ଉମୁରି ପଞ୍ଚାୟତର ନାଏବ ସରପଞ୍ଚ ଦେବକୀ ହନ୍ତାଳ ପରିଦର୍ଶନରେ ଆସି ଲୋକଙ୍କୁ ଉତ୍ସାହିତ କରିଥିଲେ । ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁମନ କୁମାର ଟପ୍ପୋଙ୍କ ତତ୍ୱାବଧାନରେ ତଥା ବିପିଏମ ନୀଳକଣ୍ଠ ପାଣି ଓ ପିଏଚଇଓ ବିଜୟ କୁମାର ଖିଲଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ଚକ୍ଷୁ ଅଧିକାରୀ ବିଜୟ କୁମାର ଆଚାର୍ଯ୍ୟ ଚକ୍ଷୁ ପରୀକ୍ଷା କରିଥିଲେ । ଉମୁରୀ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ତୃପ୍ତିରାଣୀ ପାତ୍ର ଶିବିର ପରିଚାଳନା କରିଥିଲେ । ସିଏଚଓ ଶ୍ରୀମତୀ ପାତ୍ରଙ୍କ ସହିତ ସ୍ୱାସ୍ଥ୍ୟକର୍ମୀ ଉର୍ମିଳା ମାଝୀ ରୋଗୀଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ପରୀକ୍ଷା କରିଥିଲେ । ଆଶାକର୍ମୀ ଭଗବତୀ ନାୟକ ଓ କୌଶଲ୍ୟା ଖେମୁଣ୍ଡୁ ପରିଚାଳନାରେ ସହଯୋଗ କରିଥିଲେ ।

## ଅବସର, ପଦୋନ୍ନତି ଓ ବଦଳିପ୍ରାପ୍ତ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ରାୟଗଡ, ୩୦।୬(ସମିସ): ପିଏମ୍ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଏକ ଅବସରକାଳୀନ ସମ୍ବର୍ଦ୍ଧନା ଓ ବିଦାୟ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ବିଦ୍ୟାଳୟର ବରିଷ୍ଠ ହିନ୍ଦୀ ଶିକ୍ଷକ ଅଶୋକ କୁମାର ଦାଶଙ୍କୁ ସରକାରୀ ଚାକିରିରୁ ଅବସର ଗ୍ରହଣ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ନମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ଶିକ୍ଷକ ବାଳକୃଷ୍ଣ ମିଶ୍ର, ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ ଓ ଏମ୍. ମୂରଲୀ ଅତିଥି ଭାବେ ଯୋଗଦେଇ ଶ୍ରୀ ଦାଶଙ୍କ ଦୀର୍ଘ କର୍ମଜୀବନ, କର୍ତ୍ତବ୍ୟନିଷ୍ଠା ଓ ଶିକ୍ଷା କ୍ଷେତ୍ରରେ ତାଙ୍କ ଅବଦାନର ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଆର୍. ରଜନୀ ଗୁମ୍ମା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଯୋଗ ଦେଇଥିବାରୁ, କାର୍ଯ୍ୟାଳୟର ବରିଷ୍ଠ କିରାଣୀ ଲଳିତ ମୋହନ ଦଣ୍ଡସେନାଙ୍କ ଗୁଣୁପୁର ବିଦ୍ୟାଳୟକୁ ବଦଳି ହୋଇଥିବାରୁ, ଶିକ୍ଷୟିତ୍ରୀ ଅନୁରାଧା ଚୌଧୁରୀ ପ୍ରଧାନ ଶିକ୍ଷୟିତ୍ରୀ ପଦକୁ ପଦୋନ୍ନତି ପାଇଥିବାରୁ ଏବଂ ଜୁନିୟର କିରାଣୀ ସସ୍ମିତା ସାହୁ ସିନିୟର କିରାଣୀ ପଦକୁ ପଦୋନ୍ନତି ପାଇଥିବାରୁ ସେମାନଙ୍କୁ ମଧ ବିଦାୟ ଓ ସମ୍ବର୍ଦ୍ଧନା ଜଣାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ନମିତା ପ୍ରଧାନ ସମସ୍ତଙ୍କ କର୍ମନିଷ୍ଠା, ଶୃଙ୍ଖଳା ଓ ବିଦ୍ୟାଳୟ ପ୍ରତି ସେମାନଙ୍କ ଅବଦାନର ଉଚ୍ଚ ପ୍ରଶଂସା କରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଅନୁଷ୍ଠାନ ପକ୍ଷରୁ ସମସ୍ତ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କୁ ମାନପତ୍ର, ଉତ୍ତରୀୟ ଓ ସ୍ମାରକୀ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଶେଷରେ ଶ୍ରୀମତୀ ମାହେଶ୍ୱରୀ ନାୟକ ଧନ୍ୟବାଦ ଜ୍ଞାପନ କରିଥିବା ବେଳେ କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ ।

## ରାଜର୍ଷି ବିକ୍ରମଦେବ ବର୍ମାଙ୍କ ଜୟନ୍ତୀ ପକ୍ଷ ପାଳିତ

ଜୟପୁର, ୩୦।୬(ସମିସ): କୋରାପୁଟ ଜିଲ୍ଲା ଜୟପୁର ରାଜବଂଶର ପୂର୍ବତନ ମହାରାଜା ରାଜର୍ଷି ବିକ୍ରମଦେବ ବର୍ମାଙ୍କ ୧୫୮ତମ ଜୟନ୍ତୀ ଅବସରରେ ଗତକାଲି ଠାରୁ ପକ୍ଷ ପାଳନର ଶୁଭାରମ୍ଭ ହୋଇଛି । ପ୍ରଥମ ଦିବସରେ ବିକ୍ରମ ଦେବ ପରିଚୟ କାର୍ଯ୍ୟକ୍ରମ ବିକ୍ରମ ଦେବ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହେଇଥିଲା । ଏହି କାର୍ଯ୍ୟକ୍ରମ ଯୁକ୍ତ ୨ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମଣ ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଡ. ଶୁଭଶ୍ରୀ ସମ୍ପଦା ମିଶ୍ର ଓ ଅନ୍ୟତମ ବକ୍ତା ବିକ୍ରମ ଦେବ ଚିନ୍ତା ଓ ଚେତନାର ରାଜ୍ୟ ସଭାପତି ହରିହର କରସୁଧା ପଟ୍ଟନାୟକ ନିଜ ନିଜ ବକ୍ତବ୍ୟରେ ରାଜର୍ଷି ବିକ୍ରମଦେବଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହିତ



ସେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ । ଏହି ସଭାକୁ ପରିଷଦର ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ ପରିଚାଳନା କରିଥିଲେ । ଏଥିରେ ବିଶ୍ୱବିଦ୍ୟାଳୟର. ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଆୟୋଜିତ ହୋଇଥିଲା । ସେହିପରି ଆଜି ଜୟପୁର ବ୍ଲକ ଏକମ୍ବା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନଳିନୀ କୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜର୍ଷି ବିକ୍ରମଦେବଙ୍କ ଚିନ୍ତା ଓ ଚେତନା ପରିଷଦ ରାଜ୍ୟ ସଭପତି ଶ୍ରୀ ପଟ୍ଟନାୟକ ଏବଂ ସମ୍ପାଦକ ଶ୍ରୀ ପାଣିଗ୍ରାହୀ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ଲ୍ୟାମ୍ପ୍‌ସରେ ସାର ନିଅଣ୍ଟ; ଚାଷୀ ଅସନ୍ତୋଷ

ଟିକିରି,୩୦।୬(ସମିସ): ଖରିଫ ଚାଷର ବ୍ୟସ୍ତ ସମୟରେ ସାର ଅଭାବ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି । ରାୟଗଡା ଜିଲ୍ଲା କାଶୀପୁର ବ୍ଲକର ଟିକିରି ଲ୍ୟାମ୍ପସରେ ସାର ପାଇଁ ପ୍ରତିଦିନ ଲାଗୁଛି ଲମ୍ବା ଧାଡ଼ି । ଘଣ୍ଟା ଘଣ୍ଟା ଅପେକ୍ଷା ପରେ ମଧ ଅନେକ ଚାଷୀ ସାର ନ ପାଇ ଫେରୁଥିବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଉଠିଛି । ସମୟରେ ସାର ନମିଳିଲେ ଚାଷ କ୍ଷତିଗ୍ରସ୍ତ ହେବ ବୋଲି ଚାଷୀମାନେ କହୁଛନ୍ତି । ରାୟଗଡା ଜିଲ୍ଲା କାଶୀପୁର ବ୍ଲକର ଟିକିରି ଲ୍ୟାମ୍ପ୍‌ସରେ ଆଜି ସକାଳୁ ସାର ନ ମିଳିବାରୁ ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସକାଳ ହେବା ଆଗରୁ ହିଁ ସାର ପାଇଁ ଏଠାରେ ପହଞ୍ଚି ଥିଲେ ଶହ ଶହ ଚାଷୀ । ହାତରେ ଆଧାର କାର୍ଡ, ପାସ୍‌ବୁକ୍



ଓ ଟୋକନ୍ ଧରି ଦୀର୍ଘ ସମୟ ଧରି ଧାଡ଼ିରେ ଠିଆ ହେଉଛନ୍ତି । କିନ୍ତୁ ଚାହିଦା ଅନୁଯାୟୀ ସାର ନମିଳିବାରୁ ଅନେକ ଚାଷୀ ନିରାଶ ହୋଇ ଘରକୁ ଫେରୁଛନ୍ତି । ଏବେ ଧାନ ଚାଷର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସମୟ । କ୍ଷେତରେ ସାର ପ୍ରୟୋଗରେ ବିଳମ୍ବ ହେଲେ ଫସଲର ବୃଦ୍ଧି ପ୍ରଭାବିତ ହେବା ସହ ଉତ୍ପାଦନ ମଧ କମିପାରେ । ଏହି ଆଶଙ୍କାରେ ଚାଷୀଙ୍କ ମଧରେ ଅସନ୍ତୋଷ ବଢ଼ିବା ସହ ଲ୍ୟାମ୍ପ୍‌ସ ପରିସରରେ ଉତ୍ତେଜନା ଦେଖାଦେଇଛି । ସାର ବଣ୍ଟନରେ ସ୍ୱଚ୍ଛତା ଓ ପର୍ଯ୍ୟାପ୍ତ ମହଜୁଦ ରଖିବାକୁ ଚାଷୀମାନେ ଦାବି କରିଛନ୍ତି । ଆମେ ସକାଳୁ ଆସି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛୁ । କିନ୍ତୁ ସାର ନମିଳି ଫେରିଯାଉଛୁ । ସମୟରେ ସାର ନମିଳିଲେ ଆମର ଧାନ ଚାଷ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେବ । ସରକାର ଓ ପ୍ରଶାସନ ତୁରନ୍ତ ସମସ୍ୟାର ସମାଧାନ କରନ୍ତୁ । ଚାଷୀଙ୍କ ଅଭିଯୋଗ, ପ୍ରତିଦିନ ଦୂରଦୂରାନ୍ତରୁ ଆସି ଖର୍ଚ୍ଚାନ୍ତ ହେଉଥିଲେ ମଧ ସାର ନମିଳିବାରୁ ସେମାନେ ଆର୍ଥିକ ଓ ମାନସିକ ଭାବେ ହଇରାଣ ହେଉଛନ୍ତି । ସମୟରେ ପର୍ଯ୍ୟାପ୍ତ ସାର ଯୋଗାଣ ନହେଲେ ଖରିଫ ଚାଷ ଗୁରୁତର ଭାବେ ପ୍ରଭାବିତ ହେବ ବୋଲି ସେମାନେ ସତର୍କ କରିଛନ୍ତି ।

## ହଠାତ୍ ମାଡ଼ିଆସିଲା ପାଣି; ବର୍ତ୍ତିଗଲା ନାବାଳକ




ତୁରୁମୁଙ୍ଗା, ୩୦।୬(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକର ପଇତାମଜା ଶାଳ ନିକଟରେ ଥିବା ଡାଇଭର୍ସନ ରାସ୍ତାଦେଇ ମଙ୍ଗଳବାର ଅପରାହ୍ନରେ କିଛି ନବାଳକ ରାସ୍ତା ପାରି ହେଉଥିବା ସମୟରେ ହଠାତ ପାଣି ମାଡ଼ି ଆସିବାରୁ ଜଣେ ନାବାଳକ ଭାସି ଯାଇଥିଲା। ତେବେ ଭାଗ୍ୟବଶତଃ କିଛି ଦୂର ଭାସିଯିବା ପରେ ସେ ନିଜେ ସୁରକ୍ଷିତ ଏକ ଉଚ୍ଚା ସ୍ଥାନକୁ ଯାଇ ଉଦ୍ଧାର ହୋଇଥିବା ଜଣାପଡ଼ିଛି। ପଇତାମଜା ମୁଣ୍ଡା ସାହିଠାରୁ ସ୍କୁଲ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ପଇତାମଜା ଶାଳ ନିକଟ ରାସ୍ତା ଦେଇ ମୁଣ୍ଡାସାହି ଅଭିମୁଖେ ୬ରୁ ୭ ଜଣ ନାବାଳକ ଯାଉଥିଲେ। ଏହି ସମୟରେ ପ୍ରବଳ ବର୍ଷା ଯୋଗୁଁ ପାଣି ମାଡ଼ି ଆସିଥିଲା। ପ୍ରଖର ସ୍ରୋତତରେ ଜଣେ ନାବାଳକ ଭାସିଯାଇଥିଲା। ଉକ୍ତ ରାସ୍ତାରେ ବାରମ୍ବାର ଏଭଳି ଘଟଣା ଘଟିବା ସହ ରାସ୍ତା ମରାମତି ହେଉ ନଥିବା ଗ୍ରାମବାସୀ ଅଭିଯୋଗ ଆଣି ତୁରନ୍ତ ଏହାର ନିର୍ମାଣ କରିବାକୁ ଦାବି କରିଛନ୍ତି।

## ଉଖୁଣ୍ଡା ଜଗନ୍ନାଥ ମନ୍ଦିରରେ ରତ୍ନମୁଦ କାର୍ଯ୍ୟକ୍ରମ



ଝୁମ୍ପୁରା, ୩୦।୬(ସମିସ): ଝୁମ୍ପୁରା ବ୍ଲକ ଉଖୁଣ୍ଡାସ୍ଥିତ ନବନିର୍ମିତ ଜଗନ୍ନାଥ ମନ୍ଦିରର ସୋମବାର ଦେବସ୍ନାନ ଅବସରରେ ରତ୍ନମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିକଟସ୍ଥ ଜଳାଶୟରୁ ଏକ ଶୋଭାଯାତ୍ରାରେ କଳସ ଅଣାଯାଇଥିଲା। ସକାଳ ସାତଟା ସମୟରେ ଦେବସ୍ନାନ ନୀତି ହୋଇଥିଲା। ଗୁରୁପୂଜା ଓ ସୂର୍ଯ୍ୟ ପୂଜା ସକାଳ ଆଠଟାରେ ହୋଇଥିଲା। ସେହିପରି ସାହାଡ଼ା ଓ ବରୁଣ ବୃକ୍ଷ ପୂଜା ନ'ଟାରେ ହୋଇଥିଲା। ରତ୍ନମୁଦ କାର୍ଯ୍ୟକ୍ରମ ୧୨.୩୦ ସମୟରେ ହୋଇଥିଲା। ଶେଷରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅପରାହ୍ନ ୪ଟାରେ ଶେଷ କରାଯାଇଥିଲା। ପାଗ ଭଲଥିବାରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। କାର୍ଯ୍ୟକ୍ରମରେ ଭକ୍ତମାନେ ନିଜ ନିଜର ମନସ୍କାମନା ପାଇଁ, ଧାନ, ଚାଉଳ, ଟଙ୍କା ପଇସା, ସୁନାରୁପା, ଆଦି ଦକ୍ଷିଣା ଦାନ କରିଥିଲେ। କାର୍ଯ୍ୟକ୍ରମକୁ ଗ୍ରାମର ତ୍ରିବେଣୀ ମହାନ୍ତ, ରାମଚନ୍ଦ୍ର ମହାନ୍ତ, ସରପଞ୍ଚ ମେଘମାଳତୀ ଦେହୁରୀ, ଲକ୍ଷ୍ମୀଧର ମହାନ୍ତ, ବେଣୁଧର ମହାନ୍ତ, ରାଜେଶ କାରୁଆ, ପର୍ଶୁରାମ ମହାନ୍ତ, ଲକ୍ଷ୍ମଣ ରାଉତ, ବିଜୟଲକ୍ଷ୍ମୀ ପାତ୍ରଙ୍କ ସମେତ ସମସ୍ତଙ୍କ ମିଟିର ସଦସ୍ୟ ସହଯୋଗ କରିଥିଲେ।

## ତେଲ ନଦୀ ପୋଲରେ ୩ ଫୁଟ୍‌ର ବନ୍ୟାଜଳ



ତୁରୁମୁଙ୍ଗା, ୩୦।୬(ସମିସ): ମଙ୍ଗଳବାର ଅପରାହ୍ନରେ ସାହାରପଡା ବ୍ଲକ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ କୁମୁଳାବାହାଳି ତେଲ ନଦୀ ପୋଲ ଉପରେ ୩ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ କେନ୍ଦୁଝର- ମୟୂରଭଞ୍ଜ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ଯାତାୟତ ବାଧାପ୍ରାପ୍ତ ହୋଇଛି। ନଦୀ ବଢି ସହ ପୋଲ ଉପରେ ପାଣି ଯୋଗୁଁ ଚିନ୍ତାରେ ରହିଛନ୍ତି ଲୋକେ। ମୟୂରଭଞ୍ଜ ପଟରୁ ଦାମାହୁଦା ହାଟକୁ ଆସିଥିବା ଲୋକେ କିପରି ଘରକୁ ଫେରିବେ ସେନେଇ ଚିନ୍ତାରେ ଥିବା ବେଳେ ପୋଲ ଉପରେ ପାଣି ଯୋଗୁଁ ଉଭୟ ପାର୍ଶ୍ୱରେ ଗାଡି ମୋଟର ଅଟକି ରହିଥିବା ଜଣାପଡ଼ିଛି।

## ସାତହଳିଆ ଜଙ୍ଗଲରୁ ଗଳିତ ମୃତଦେହ ଉଦ୍ଧାର

ତେଲକୋଇ, ୩୦।୬(ସମିସ): ତେଲକୋଇ ଥାନା ତାଳପଦା ପଞ୍ଚାୟତ ବଡ଼ଖମଣ ଗ୍ରାମ ଛକ ନିକଟସ୍ଥ ସାତହଳିଆ ଜଙ୍ଗଲରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ତେଲକୋଇ ଥାନା ପୁଲିସ ଉଦ୍ଧାର କରିଛି। ମୃତକଙ୍କ କୌଣସି ପରିଚୟ ମିଳି ନଥିବା ବେଳେ ପୁଲିସ ଘଟଣାସ୍ଥଳରୁ ଏକ ମୋବାଇଲ ଫୋନ, ଗୋଟିଏ ବ୍ୟାଗ ଓ କିଛି ପୋଷାକ ଜବତ କରିଛି। ଜବତ ମୋବାଇଲ ଫୋନ ସୁଇଚ ଅଫ୍ ଥିବାରୁ ମୃତକଙ୍କ ସମ୍ବନ୍ଧରେ ପୁଲିସ କୌଣସି ସୁରାକ ପାଇପାରିନାହିଁ। ଗଳିତ ମୃତଦେହ ୫/୬ ଦିନ ତଳର ହୋଇଥିବା ଅନୁମାନ କରାଯାଉଛି। ପାରିପାର୍ଶ୍ୱିକ ସ୍ଥିତିରୁ ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ହାତୀ ମଡା ଓ ହାତୀଙ୍କ ଝାଡ଼ା ମଧ୍ୟ ପଡ଼ିଥିବା ଦେଖାଯାଇଛି। ତେଲକୋଇ ଥାନା ପକ୍ଷରୁ ୩୩/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୁଲିସ ମୃତଦେହ ଜବତ କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଇଛି। ପରିଚୟ ମିଳି ନଥିବାରୁ ଶବ ସଂରକ୍ଷଣ ଗୃହରେ ମୃତ ଶରୀରକୁ ରଖା ଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ସୂଚନା ମୁତାବକ, କିଛି ଦିନ ପୂର୍ବରୁ ଉକ୍ତ ସ୍ଥାନରେ ହାତୀ ଥିବା ନେଇ ସ୍ଥାନୀୟ ଲୋକେ ଦେଖିଥିଲେ। ସନ୍ଧ୍ୟା ସମୟରେ ଜଣେ ବାଟୋଇ ଉକ୍ତ ରାସ୍ତା ଦେଇ ଯାଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ରାସ୍ତାରେ ହାତୀ ଥିବା ନେଇ କହିବା ସହିତ ଯିବା ପାଇଁ ବାରଣ କରିଥିଲେ। ମାତ୍ର ସଂପୃକ୍ତ ବ୍ୟକ୍ତି ନମାନି ରାସ୍ତାରେ ଯାଇଥିଲେ।

## ଦୁଇ ଦିନହେଲା ଜଳଯୋଗାଣ ବନ୍ଦ

# ଜନସ୍ୱାସ୍ଥ୍ୟ ବିଭାଗ ନିଦାବିଷ୍ଟ



**ଯୋଡ଼ା,୩୦।୬(ସମିସ):** ଯୋଡ଼ା ସହରରେ ଜନସ୍ୱାସ୍ଥ୍ୟ ବିଭାଗର ଚରମ ଅବହେଳା ପୁଣି ଥରେ ପଦାକୁ ଆସିଛି। ସହରର ବିଭିନ୍ନ ସ୍ଥାନରେ ପାଣି ପାଇପ ଫାଟି ହଜାର ହଜାର ଲିଟର ବିଶୁଦ୍ଧ ପାଣି ରାସ୍ତା ଉପରେ ଅନବରତ ବୋହି ନଷ୍ଟ ହେଉଥିବା ବେଳେ ଅନ୍ୟପଟେ ଗତ ଦୁଇ ଦିନ ଧରି ସହରର ଅନେକ ଅଞ୍ଚଳକୁ ପାନୀୟ ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଲୋକମାନେ ପିଇବା ପାଣିଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର ପାଇଁ ମଧ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଅଭିଯୋଗ ଅପାରଗତାର ଜ୍ୱଳନ୍ତ ଉଦାହରଣ। ସହରରେ ଜଳ ବଣ୍ଟନ ବ୍ୟବସ୍ଥାର ନିୟମିତ ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ସମସ୍ୟା ବାରମ୍ବାର ଦେଖାଦେଉଥିବା ଅଭିଯୋଗ ହେଉଛି। ଏପରି ପାଇପ ଫାଟିବା ଘଟଣା ଯୋଡ଼ା ସହରର ବାନେଇକଳା ଛକ ନିକଟରୁ ଧରଣୀଧର ଛକ ପର୍ଯ୍ୟନ୍ତ ପ୍ରାୟ ବିଭିନ୍ନ ସ୍ଥାନରେ ଫାଟି ପାଣି ବୋହୁଛି। ଅନେକ ବସ୍ତିରେ ମଧ ସମାନ ଅବସ୍ଥା ରହିଛି। ସହରବାସୀ ତୁରନ୍ତ ପାଇପ ମରାମତି, ନିୟମିତ ଜଳଯୋଗାଣ ପୁନଃ ଆରମ୍ଭ ଏବଂ ଭବିଷ୍ୟତରେ ଏଭଳି ସମସ୍ୟାର ସ୍ଥାୟୀ ସମାଧାନ

### ସହରରେ ପାଇପ୍ ଫାଟି ରାସ୍ତାରେ ବୋହୁଛି ପାଣି

ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ପାଇପ ମରାମତି କିମ୍ବା ଜଳଯୋଗାଣ ସ୍ୱାଭାବିକ କରିବା ଦିଗରେ ଆଶାନୁରୂପ ପଦକ୍ଷେପ ନେଉ ନଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଚାଲିଛି।

ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ଏକପଟେ ଜଳ ସଙ୍କଟ ଦେଖାଦେଇଥିବା ବେଳେ ଅନ୍ୟପଟେ ପାଇପ ଫାଟି ବିଶୁଦ୍ଧ ପାଣି ଅପଚୟ ହେବା ବିଭାଗର ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ ହୋଇପାରିନାହିଁ। ଯୋଡ଼ା ବିକାଶ ପରିଷଦ ପକ୍ଷରୁ ପାଣି ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଥିଲେ ସୁଦ୍ଧା ପାଣି ସମସ୍ୟାର ସମାଧାନ ହୋଇ ନ ପାରିବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ପରିଷଦର ସଭାପତି ନିରଞ୍ଜନ ବହିଦାର ଜଣାଇଛନ୍ତି।

## ସରକାରୀ ଯୋଜନା ଓ ଦଳୀୟ ସମୀକ୍ଷା ବୈଠକ

ଆନନ୍ଦପୁର, ୩୦।୬ (ସମିସ): ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଓଡ଼ିଶାବାସୀଙ୍କ ନିକଟରେ ପହଞ୍ଚାଇବା ପାଇଁ ବିଜେପି ସଂଗଠକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଏନେଇ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସରକାରଙ୍କ କେତେକ ପ୍ରମୁଖ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା କରାଯାଇଥିଲା।



### ମହେଶ୍ୱରଙ୍କୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ଦାୟିତ୍ୱ

ସେହିପରି ରାଜ୍ୟ ସରକାରଙ୍କ ସମଗ୍ର ବୃହତ ପ୍ରଚାର କାର୍ଯ୍ୟକ୍ରମର ସଫଳ ପରିଚାଳନା ପାଇଁ ବିଜେପି ରାଜ୍ୟ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ତଥା ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କୁ "ଧନ୍ୟବାଦ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ କମିଟି'ର ରାଜ୍ୟ ସଂଜଯୋକ ଭାବେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅର୍ପଣ କରାଯାଇଛି। ଶ୍ରୀ ସାହୁଙ୍କ ଦକ୍ଷ ନେତୃତ୍ୱ ଓ ସାଂଗଠନିକ ଅଭିଜ୍ଞତା ବଳରେ ସରକାରଙ୍କ ପ୍ରତିଟି କାର୍ଯ୍ୟକ୍ରମ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆଶା ବ୍ୟକ୍ତ କରି ଖାଉଟି ଓ ଯୋଗାଣ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଦଳର ବିଭିନ୍ନ ପ୍ରମୁଖ କର୍ମକର୍ତ୍ତା ପ୍ରଶାନ୍ତ ସ୍ୱାଇଁ, ଚତୁର୍ଭୁଜ ଶର୍ମା, ନବ ଦନ୍ତା, ଜିତେନ୍ଦ୍ର ବିଶ୍ୱାଳ, ସୁରଥ ସେଠୀ, କେଶରୀ ଦୁର୍ଗା, ଚନ୍ଦ୍ରଶେଖର ରଥ, ଜଗଦୀଶ କଲାର, ସୁମନ୍ତ ମହାରଣା, ଜଗନ୍ନାଥ ମହାପାତ୍ର, ରବି ପାତ୍ର, ସୁନୀଲ ମହାନ୍ତି, ଶ୍ରୀନିବାସ ପ୍ରଧାନ, ସନ୍ତୋଷ ପ୍ରଧାନ, ଅଶୋକ ରଥ, ଉପେନ୍ଦ୍ର ଭଞ୍ଜ, କୌଶିକ ଚାନ୍ଦ, ଉପେନ୍ଦ୍ର ରାଉଳ, ମଦନ ମୋହନ ମହାନ୍ତ, ଗୋବିନ୍ଦ ପ୍ରଧାନ, ରାଜକିଶୋର ମେଣ୍ଡିଲି, ଯଶୋବନ୍ତ ସେଠ୍, ମୁରାରୀ ପାଣିଗ୍ରାହୀ, ରତିଲାଲ ପ୍ରଧାନ, ମନୋରଞ୍ଜନ ଦାଶ, ଜୟଲକ୍ଷ୍ମୀ ମହାନ୍ତି, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଶଙ୍କର୍ଷଣ ଜେନା, ଅମିତା କର, ଶ୍ରୀଧର ସାହୁ ଓ ଅନ୍ୟ ପ୍ରମୁଖ ସଂଗଠକ ଆଲୋଚନା କରିଥିଲେ।

## ମହତାବ ହାଇସ୍କୁଲ୍‌ର ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଚମ୍ପୁଆ, ୩୦।୬(ସମିସ):** କେନ୍ଦୁଝର ଜିଲ୍ଲାର ଚମ୍ପୁଆସ୍ଥିତ ପିଏମ୍‌ଶ୍ରୀ ମହତାବ ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ଲୋକନାଥ ଗୁଇଁଙ୍କ ଅବସର ଗ୍ରହଣ ଉପଲକ୍ଷେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବରିଷ୍ଠ ଶିକ୍ଷକ ଗିରିଶଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିବାବେଳେ ଶିକ୍ଷୟିତ୍ରୀ ଲୋପମୁଦ୍ରା ବଡପଣ୍ଡା, ଗାୟତ୍ରୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୧୯୬୬ରେ ଜନ୍ମଗ୍ରହଣ କରିଥିବା ଲୋକନାଥ ଗୁଇଁ ୨୯ ଜୁନ ୧୯୯୪ରେ ଦେଇଝର ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା ଜୀବନ ଆରମ୍ଭ କରିବା ପରେ ବଡବିଲ, ସ୍ୱାମପାଟଣା ଓ ପୁରୁଣା ବାନ୍ଧଗଡା ସମେତ ବିଭିନ୍ନ ବିଦ୍ୟାଳୟରେ ସଫଳତାର ସହ କାର୍ଯ୍ୟ କରିଥିଲେ। ୮ ଅକ୍ଟୋବର ୨୦୦୫ରେ ସେ ମହତାବ ଉଚ୍ଚ ବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ ଶିକ୍ଷକ ଭାବେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ପ୍ରାୟ ଚାରି ବର୍ଷ ଧରି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ନିଷ୍ଠାର ସହ ଉଲ୍ଲେଖନୀୟ ଅବଦାନ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ ଗିରିଶଚନ୍ଦ୍ର ପ୍ରଧାନଙ୍କୁ ନୂତନ ପ୍ରଧାନଶିକ୍ଷକ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ କର୍ମଚାରୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ସୁସ୍ଥ, ସୁଖମୟ ଅବସର ଜୀବନ କାମନା କରିଥିଲେ।

## ସରକାରୀ ଅର୍ଥ ଆତ୍ମସାତ୍ ମାମଲା

## ଅବସରପ୍ରାପ୍ତ କର୍ମଚାରୀଙ୍କୁ ୨ ବର୍ଷ ଜେଲ୍

**କେନ୍ଦୁଝର, ୩୦।୬(ସମିସ):** ଓଡ଼ିଶା ଭିଜିଲାନ୍ସର ଏକ ଦୁର୍ନୀତି ମାମଲାରେ ଆଜି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଚମ୍ପୁଆ ବ୍ଲକର ପୂର୍ବତନ ଉନ୍ନୟନ କିରାଣି ତଥା ଷ୍ଟୋର ଇନଚାର୍ଜ ଗଣେଶ୍ୱର ଗିରିଙ୍କୁ ଦୋଷୀ ସାବ୍ୟସ୍ତ କରିଛି। ଗଣେଶ୍ୱର ଗିରି (ଅବସରପ୍ରାପ୍ତ)ଙ୍କ ବିରୋଧରେ ସରକାରୀ ସମ୍ପତ୍ତିର ଅପବ୍ୟବହାର କରି ୨୦୦୭-୦୮ ରୁ ୨୦୧୦-୧୧ ପର୍ଯ୍ୟନ୍ତ ଚମ୍ପୁଆ ବ୍ଲକ ପାଣ୍ଠିକୁ ବ୍ଲକର ସିମେଣ୍ଟ ଷ୍ଟକ୍ ରେଜିଷ୍ଟରରେ ହେରଫେର ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଦୁର୍ନୀତି ବିରୋଧ ଆଇନ ଅନୁସାରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ସ୍ୱତନ୍ତ୍ର ବିଚାରପତି କେନ୍ଦୁଝର ଭିଜିଲାନ୍ସ ମଙ୍ଗଳବାର ଚୂଡ଼ାନ୍ତ ଶୁଣାଣି କରି ଅଭିଯୁକ୍ତ ଶ୍ରୀ ଗିରିଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦୦୦୦ ଟଙ୍କା ଜରିମାନା ଆଦେଶ କରିଛନ୍ତି। ଶ୍ରୀ ଗିରି ଦୋଷୀ ସାବ୍ୟସ୍ତ ହେବା ପରେ ଓଡ଼ିଶା ଭିଜିଲାନ୍ସ ବର୍ତ୍ତମାନ ତାଙ୍କ ପେନସନ ବନ୍ଦ କରିବା ପାଇଁ ପ୍ରାଧିକରଣଙ୍କ ନିକଟରେ ଆବେଦନ କରିବ ବୋଲି ଜଣାପଡିଛି।

## କେଶଦୁରାପାଳରେ ଶ୍ରୀଜୀଉଙ୍କ ଗଜାନନ ବେଶ

ଆନନ୍ଦପୁର, ୩୦।୬(ସମିସ): କେଶଦୁରାପାଳ ଗ୍ରାମର ଶ୍ରୀ ଶ୍ରୀଦଧିବାମନଜୀଉ ମନ୍ଦିରରେ ଦେବସ୍ନାନ ପରେ ଶ୍ରୀଜୀଉଙ୍କ ଗଜବେଶ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଛି। କେଶଦୁରାପାଳ ଓ ଆଖପାଖରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରତ୍ୟୁଷରୁ ପୂଜକ ରଞ୍ଜନ ପଣ୍ଡାଙ୍କ ଦ୍ୱାରା ସମସ୍ତ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ମଧ୍ୟାହ୍ନ ସାଢେ ୧୨ ବେଳେ ଶ୍ରୀଜିଉମାନଙ୍କୁ ସୁବାସିତ ଜଳରେ ସ୍ନାନ କରାଯାଇଥିଲା ଅପରାହ୍ଣ ସାଢେ ୪ଟାବେଳେ ଗଜାନନ ବେଶରେ ମନ୍ଦିରକୁ ଅଣାଯାଇ ସନ୍ଧ୍ୟା ୬ଟା ସମୟରେ ଶ୍ରୀଜୀଉଙ୍କ ଗଜାନନ ବେଶ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ସଂଧ୍ୟା ସମୟରେ ଜନମଙ୍ଗଳ ହାଇସ୍କୁଲର ୨୦୦୮ ବ୍ୟାଚ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୀଳମାଧବ ଭଜନ ସମାରୋହ ଓ ୨୦୦୨ ବ୍ୟାଚ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେଶଦୁରାପାଳ ଗ୍ରାମର ରଥ ମହୋତ୍ସବ କମିଟି, ଦଧିବାମନ ଜୀଉ ମନ୍ଦିର କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ଉତ୍ସବମୁଖର ହୋଇଉଠିଥିଲା ବଡ଼ଦାଣ୍ଡ। ହଜାର ହଜାର ଭକ୍ତଙ୍କ ସମାଗମ ଶଙ୍ଖ, ଘଣ୍ଟ, ହୁଳହୁଳି ଓ ଜଗନ୍ନାଥଙ୍କ ନାମରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ।



## ବାଂଶପାଳ ମଦ ଦୋକାନ ସ୍ଥାନାନ୍ତର ଦାବି



**ତେଲକୋଇ, ୩୦।୬(ସମିସ):** ବାଂଶପାଳ ବ୍ଲକ ପରିସରରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଂଶପାଳ ଗ୍ରାମର ଜନପ୍ରତିନିଧିଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ବାଂଶପାଳ ବଜାର ନିକଟରେ ଥିବା ମଦ ଦୋକାନକୁ ନେଇ ଅଭିଯୋଗ କରିଥିଲେ। ବାଂଶପାଳ ବଜାର ନିକଟରେ ଥିବା ମଦ ଦୋକାନକୁ ସ୍ଥାନାନ୍ତର କରିବା ଦାବିରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ତୀବ୍ର ବିରୋଧ ପ୍ରକାଶ ପାଇଛି। ମଦ ଦୋକାନଟି ଘଞ୍ଚ ଜନବସତି ଅଞ୍ଚଳରେ ରହିଥିବା ସହ ବ୍ଲକ କାର୍ଯ୍ୟାଳୟରୁ ପ୍ରାୟ ୭୦୦ ମିଟର ଏବଂ ସରକାରୀ ଆଇଟିଆଇରୁ ମାତ୍ର ୨୦୦ ମିଟର ଦୂରତାରେ ଅବସ୍ଥିତ ଥିବାରୁ ଏହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବଜାର ଅଞ୍ଚଳକୁ ପ୍ରତିଦିନ ଶତାଧିକ ମହିଳା, ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ବିଭିନ୍ନ କାର୍ଯ୍ୟରେ ଆସିଥାନ୍ତି। ମଦ ଦୋକାନ ନିକଟରେ ମଦ୍ୟପ ବ୍ୟକ୍ତିଙ୍କ ଅସଦାଚରଣ, ଅଶାଳୀନ ଭାଷା ପ୍ରୟୋଗ ଏବଂ ରାସ୍ତା ଉପରେ ଅବ୍ୟବସ୍ଥା ସୃଷ୍ଟି ହେଉଥିବାରୁ ମହିଳା ଓ ଅଭିଭାବକମାନେ ଅସୁରକ୍ଷିତ ମନେ କରୁଛନ୍ତି। ଏହାସହ ମଦ୍ୟପାନ କରି ଯାନବାହନ ଚଳାଚଳ କରିବା ଫଳରେ ସଡ଼କ ଦୁର୍ଘଟଣା ମଧ୍ୟ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ଅଞ୍ଚଳବାସୀଙ୍କ ଦାବି ହେଉଛି, ବଜାର ଓ ଶିକ୍ଷାନୁଷ୍ଠାନ ନିକଟରେ ମଦ ଦୋକାନ ରଖିବା ପରିବର୍ତ୍ତେ ଏହାକୁ ଜନବସତିଠାରୁ ଅତି କମରେ ୩ରୁ ୪ କିଲୋମିଟର ଦୂରରେ ସ୍ଥାନାନ୍ତର କରାଯାଉ। ଏନେଇ ଗ୍ରାମ ସଭ୍ୟା ଜଗନ୍ନାଥ ନାଏକ, କନକ ନାଏକ ସମେତ ମନୋଜ ଦେହୁରୀ, ସଞ୍ଜୁଲତ ଦେହୁରୀ, କାର୍ତ୍ତିକା ନାଏକ, ଲୋଚନ କାର୍ଜି ଓ ଗ୍ରାମର ଶତାଧିକ ସ୍ଥାନୀୟ ବାସିନ୍ଦା ପ୍ରଶାସନ ନିକଟରେ ମଦ ଦୋକାନ ସ୍ଥାନାନ୍ତର ପାଇଁ ଜିଲ୍ଲାପାଳ ପାଖରେ ଲିଖିତ ଭାବରେ ଜଣାଇଛନ୍ତି। ଅଞ୍ଚଳରେ ଶାନ୍ତି, ସୁରକ୍ଷା ଏବଂ ସାମାଜିକ ପରିବେଶକୁ ଦୃଷ୍ଟିରେ ରଖି ପ୍ରଶାସନ ଏହି ଦାବି ଉପରେ ଶୀଘ୍ର ସକାରାତ୍ମକ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକମାନେ ଅନୁରୋଧ କରିଛନ୍ତି।

# ସ୍ୱତନ୍ତ୍ର ସଘନ ସଂଶୋଧନର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

କେନ୍ଦୁଝର, ୩୦।୬(ସମିସ)

### ଜିଲ୍ଲାରେ ମୋଟ ବୁଥ୍ ସଂଖ୍ୟା ୧୯୧୫କୁ ବୃଦ୍ଧି



ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଶାଳ ସିଂହଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ମିନି କନଫରେନ୍ସ ହଲ୍‌ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୬ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଆଗାମୀ 'ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ୨୦୨୬' କାର୍ଯ୍ୟକ୍ରମର ରୂପରେଖ ଓ ସମୀକ୍ଷା ପାଇଁ ଏହି ବୈଠକ ଡକାଯାଇଥିଲା। ଏଥିରେ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗ ଦେଇଥିଲେ। ବର୍ତ୍ତମାନର ୧,୭୨୩ଟି ବୁଥ୍ ସଂଖ୍ୟାରେ ୧୯୨ଟି ନୂଆ ବୁଥ୍ ଯୋଗ କରାଯାଇ ମୋଟ ସଂଖ୍ୟା ୧,୯୧୫କୁ ବୃଦ୍ଧି କରାଯାଇଛି।

ଚମ୍ପୁଆ ପାଇଁ ଏବେ ୪୮ଟି ନୂଆ ବୁଥ୍‌କୁ ମିଶି ମୋଟ ୩୦୩, ତେଲକୋଇ ପାଇଁ ଏବେ ୪୩ଟି ନୂଆ ବୁଥ୍ ମିଶି ମୋଟ ୩୬୪, ଘସିପୁରା ପାଇଁ ଏବେ ୨୯ଟି ନୂଆ ବୁଥ୍ ମିଶି ମୋଟ ୩୨୯, କେନ୍ଦୁଝରପାଇଁ ଏବେ ୨୬ଟି ନୂଆ ବୁଥ୍ ମିଶି ମୋଟ ୩୦୯, ଆନନ୍ଦପୁର ପାଇଁ ଏବେ ୨୪ଟି ନୂଆ ବୁଥ୍ ମିଶି ମୋଟ ୩୧୫ ଏବଂ ପାଟଣା ପାଇଁ ଏବେ ୨୨ଟି ନୂଆ ବୁଥ୍ ମିଶି ମୋଟ ୨୯୫ ହୋଇଛି।

ଜିଲ୍ଲାରେ ଭୋଟର ତାଲିକାକୁ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କ ଦ୍ୱାରା ଘରକୁ ଘର ବୁଲି କରାଯାଇଥିବା ସର୍ଭେ ପରେ ମୋଟ ୬୪,୩୯୮ ଜଣ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦେବା ପାଇଁ ଚିହ୍ନଟ କରାଯାଇଛି। ବିଭିନ୍ନ କାରଣରୁ ଏହି ନାମଗୁଡ଼ିକୁ ବାଦ୍ ଦିଆଯାଉଛି, ଯେପରି ସର୍ବାଧିକ ୩୧,୨୧୧ ଜଣଙ୍କ ନାମ ମୃତ୍ୟୁବରଣ କରିଥିବା କାରଣରୁ ବାଦ୍ ପଡ଼ିବ। ସେହିପରି ୨୩,୩୮୩ ଜଣ ବ୍ୟକ୍ତି ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଯାଇଥିବାରୁ ତାଙ୍କ ନାମ ତାଲିକାରୁ କଟାଯିବ। ଅନ୍ୟପକ୍ଷରେ, ୫,୨୮୮ ଜଣଙ୍କର ନାମ ଦୁଇଥର ତାଲିକାଭୁକ୍ତ ହୋଇଥିବା ଜଣାପଡ଼ିଥିବା ବେଳେ ୪,୨୬୮ ଜଣ ବ୍ୟକ୍ତି ଅନୁପସ୍ଥିତ ରହିଛନ୍ତି। ଏହା ବ୍ୟତୀତ ଅନ୍ୟାନ୍ୟ କାରଣରୁ ଆଉ ୨୪୮ ଜଣଙ୍କ ନାମକୁ ବାଦ୍ ଦେବା ପାଇଁ ଚିହ୍ନଟ କରାଯାଇଛି।

ଜୁଲାଇ ୫ ପ୍ରାଥମିକ ଭୋଟର ତାଲିକା ପ୍ରକାଶନ, ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଅଭିଯୋଗ ଦାଖଲ, ସେପ୍‌ଟେମ୍ବର ୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ ଧାର୍ଯ୍ୟ କରାଯାଇଛି। ବୈଠକରେ ଜିଲ୍ଲା ନିର୍ବାଚନ ଅଧିକାରୀ ସମସ୍ତ ରାଜନୈତିକ ଦଳକୁ ସେମାନଙ୍କର ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହିତ, ଜନସାଧାରଣ ନିଜର ନାମ ଯାଞ୍ଚ କରିବା ଏବଂ କୌଣସି ଅସଙ୍ଗତି ପରିଲକ୍ଷିତ ହେଲେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଭିଯୋଗ ଦାଖଲ କରିବାକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ଉପଜିଲ୍ଲାପାଳ ମନ୍ଦରଧର ମହାଲିକ, ନିର୍ବାଚନ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର ଅରୁଣିମା ସାହୁ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ।

## ନାରଦପୁରରେ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ



**ନାରଦପୁର,୩୦।୬(ସମିସ):** ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ଗ୍ରାମପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ତିନି ଦିନ ଧରି ଆୟୋଜିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ତଥା ଗୁମୁରା ମଣ୍ଡଳ ଉପସଭାପତି ସୁଶିଲ କୁମାର ନାଏକ ଏହାକୁ ଉଦଘାଟନ କରିଥିଲେ। ନାରଦପୁର ପଞ୍ଚାୟତ ନିର୍ବାହ ଅଧିକାରୀ ଶ୍ରୀକାନ୍ତ ପଲେଇ, ଏଡିଓ ପ୍ରତାପଚନ୍ଦ୍ର ନାଏକ ପରିଚାଳନା କରିଥିବା ବେଳେ ଏମବିକେ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଅନଙ୍ଗବାଡିକର୍ମୀ, ସ୍ୱାସ୍ଥ୍ୟକର୍ମୀ ରାଜେଶ ପ୍ରସାଦ ସାହୁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଆୟୁଷ୍ମାନ କାର୍ଡ ସମ୍ପର୍କରେ ବୁଝାଇଥିଲେ। ଅଙ୍ଗନବାଡ଼ି ପକ୍ଷରୁ ପୋଷଣ ଖାଦ୍ୟ ପ୍ରଦର୍ଶନୀ ଓ ସ୍ୱୟଂସହାୟକ ପକ୍ଷରୁ ବିଭିନ୍ନ ପ୍ରକାର ହସ୍ତଶିଳ୍ପ ପ୍ରଦର୍ଶନ କରାଯାଇଥିଲା। ସୁଭଦ୍ରା ଯୋଜନାରେ ୨୦ ଜଣ ଲକ୍ଷପତି ଦିଦିଙ୍କୁ ଚୟନ କରାଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ କିଶୋର କୁମାର ନାଏକ, ଦେବାନନ୍ଦ ସେଠୀ, ରାମଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# କଟକ ସିଟି



## ଏନ୍କାଉଣ୍ଟର୍ ଭୟ!

# ସହର ବାହାରେ ଦୁର୍ଦ୍ଦାନ୍ତ

କଟକ,୩୦।୬(ସମିସ)

କମିସନରେଟ୍ ପୁଲିସ ଶେଷ ଥର ପାଇଁ ଦୁର୍ଦ୍ଦାନ୍ତ ଅପରାଧୀ ଶଙ୍କରକୁ ୨ ବର୍ଷ ତଳେ ଏନ୍କାଉଣ୍ଟର କରିଥିଲା। ତତ୍କାଳୀନ ଡିସିପି ପିନାକ୍ ମିଶ୍ର ଦାୟିତ୍ୱ ନେବା ପରେ ଏହାଥିଲା ପ୍ରଥମ ଘଟଣା। ଅପରାଧ ଦମନ ପାଇଁ ପୁଲିସ ବିଭିନ୍ନ ସମୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉଛି। ବହୁଚର୍ଚ୍ଚିତ ମାଲଗୋଦାମ ଡାଲି ବ୍ୟବସାୟୀ ମହମ୍ମଦ ଫାରୁକ୍ ତୟବ ହତ୍ୟା ଘଟଣା ୨୦୧୪ ନଭେମ୍ବର ୧୨ ତାରିଖରେ ଘଟିଥିଲା। ଘଟଣାର ଦୀର୍ଘ ୭ ବର୍ଷ ପରେ ଅର୍ଥାତ ୨୦୨୧ ଅକ୍ଟୋବର ୧ ତାରିଖରେ ଏଥିରେ ସମ୍ପୃକ୍ତ ମାରଣାସ୍ତ୍ର ସହ ଦୁର୍ଦ୍ଦାନ୍ତ ଶଙ୍କର ଧରାପଡିଥିଲା। ଶଙ୍କର ପୁଲିସ ସ୍କାନରେ ରହିଥିବା ବେଳେ ତାକୁ ଏନକାଉଣ୍ଟର୍ କରାଯାଇଥିଲା। ଏବେ କମିସନରେଟ୍ ପୁଲିସ ୭ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ଉପରେ କଡ଼ା ନଜର ରଖିଛି। ସୂଚନା ଅନୁସାରେ, ୭ଜଣଙ୍କ ମଧ୍ୟରୁ ୫ଜଣଙ୍କୁ ତଡିପାର୍ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ୨ଜଣ ଫେରାର୍ ରହିଛନ୍ତି। ଏବେ ଏହି ଅପରାଧୀଙ୍କୁ ଏନକାଉଣ୍ଟର୍ ଭୟ ଘାରିଲାଣି। ଡିସିପିଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ପୁଲିସ ଅଧିକାରୀ ଏ ସମ୍ପର୍କରେ କହିଛନ୍ତି, ପୁଲିସର ରଣନୀତି ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିହେବ ନାହିଁ। ଯେଉଁମାନେ ପୁଲିସ ସ୍କାନରରେ ରହି ସମାଜ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିଛନ୍ତି ସେମାନଙ୍କୁ ଆବଶ୍ୟକ ପଡ଼ିଲେ ଏନ୍କାଉଣ୍ଟର୍ କରାଯିବ।

### ଶଙ୍କର ଏନ୍କାଉଣ୍ଟର୍ ପରେ ପୁଲିସ ସ୍କାନର୍‌ରେ ଆଉ ୭

ଗତ ୫ ବର୍ଷର ସହରର କ୍ରାଇମ୍ ରେକର୍ଡକୁ ଅନୁଧ୍ୟାନ କଲେ ଅପରାଧୀମାନଙ୍କୁ ସାବାଡ୍ କରିଛି ପୁଲିସ। ଏହି ସମୟ ମଧ୍ୟରେ କମିସନରେଟ୍ ପୁଲିସ ବହୁ ଭେଟେରାନ୍ ଗ୍ୟାଙ୍ଗଷ୍ଟରକୁ ଗିରଫ କରିଛି। ଏଥିସହ ୨୪ଟି ଏନ୍କାଉଣ୍ଟର କରି ଚର୍ଚ୍ଚାକୁ ଆସିଛି କମିସନରେଟ୍ ପୁଲିସ। ଯେଉଁଥିପାଇଁ ବହୁ ଦୁର୍ଦ୍ଦାନ୍ତ ଅପରାଧୀ ଏବେ ପୁଲିସ ଭୟରେ ରାଜ୍ୟ ବାହାରେ ଆତ୍ମଗୋପନ କରିଛନ୍ତି। ବହୁ ବଡବଡ ଗ୍ୟାଙ୍ଗଷ୍ଟର ଜେଲ ହାଜତରେ ରହିଥିବା ବେଳେ ସେମାନଙ୍କ ସହଯୋଗୀମାନେ ଏବେ ଗ୍ୟାଙ୍ଗ ଗଢି ମୁଣ୍ଡ ଟେକୁଥିବା ଜଣାପଡିଛି।

୨୦୧୩ରେ ମଧୁପାଟଣା ପୁଲିସ ଦୁର୍ଦ୍ଦାନ୍ତ ଅପରାଧୀ କାଳିଆକୁ ଏନ୍କାଉଣ୍ଟର କରିଥିଲା। ଏହି ସମୟ ମଧ୍ୟରେ ସହରରେ ଅପରାଧର ମାତ୍ରା ବଢିବାରେ ଲାଗିଥିଲା। ଏକାଧିକ ଗ୍ୟାଙ୍ଗଷ୍ଟର ମୁଣ୍ଡ ଟେକିବା ସହ ନିୟମିତ ବ୍ୟବଧାନରେ ଅପରାଧ ଘଟାଇ ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲେ। ୨୦୧୭ରେ ଡିସିପି ଅଖିଳେଶ୍ୱର ସିଂହ ଯୋଗଦେବା ପରେ କଟକ ସହରରେ ଆରମ୍ଭ କରିଥିଲେ ଅପରେସନ କ୍ଲିନ୍ ସୁଇପ୍। ଏହି ସମୟ ମଧ୍ୟ ପୁଲିସ ବହୁ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଧରିବାକୁ ଯାଇ ମୁହାଁମୁହିଁ ହୋଇଥିଲା। ଅପରାଧୀ ଓ ପୁଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଭେଟେରାନ୍ ଅପରାଧୀ ସେକ୍ ବାବୁ, ଜିତୁ ଓରଫ ଅଜୟ ସାହୁ, ଜଗତପୁରର ମନୋଜ ପାତ୍ର, ବବଲୁ, ଜିତୁ, ଜୁଗା ଖାନ୍, ମୁନା ଦେହୁରୀ, ମଙ୍ଗୁ ଓ ଲିପୁ ଭଳି ୨୦ରୁ ଅଧିକ ଦୁର୍ଦ୍ଦାନ୍ତ ଅପରାଧୀ ଏନ୍କାଉଣ୍ଟରର ଶିକାର ହୋଇଥିଲେ। ଏପରିକି ତତ୍କାଳୀନ ଚାଉଳିଆଗଞ୍ଜ ଥାନା ଆଇଆଇସି ଅଜୟ ଦାସ ଦୁଇ ଭେଟେରାନ୍ ଅପରାଧୀ ସେକ୍ କାଲା ଓରଫ କାଲାବାବୁ ଓ ଅଲେଖ ରାଉତରାୟଙ୍କୁ ଗୋଟିଏ ଦିନରେ ଏନକାଉଣ୍ଟର କରି ଚର୍ଚ୍ଚାକୁ ଆସିଥିଲେ। କଟକ ପୁଲିସର ଏପରି କଠୋର ଆଭିମୁଖ୍ୟ ଦେଖି ଅପରାଧୀମାନେ ଭୟଭୀତ ହେବା ସହ ଅନେକ ସହର ଛାଡିଥିଲେ।

## ନାବାଳିକା ଦୁଷ୍କର୍ମ ମାମଲାରେ ନିମ୍ନ ଅଦାଲତଙ୍କ ରାୟ ରଦ୍ଦ

# ପୀଡ଼ିତାଙ୍କ ନିକଟରୁ କ୍ଷତିପୂରଣ ରାଶି ଆଦାୟ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ,୩୦।୬(ସମିସ):** ନାବାଳିକା ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ନ ଥାଇ ଜଣେ ଯୁବକଙ୍କୁ ଦୋଷୀ ସାବ୍ୟସ୍ତ କରି ଯାଜପୁର ଆଡ୍‌ହକ୍ ଅତିରିକ୍ତ ଦୌରା ଜଜ୍ (ଏଫଟିଏସସି) ଅଦାଲତ ଗତ ୨୦୨୫, ଫେବ୍ରୁଆରୀ ୧୧ରେ ପ୍ରଦାନ କରିଥିବା ରାୟକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଅତିରିକ୍ତ ଦୌରା ଜଜ ଅଦାଲତଙ୍କ ରାୟ ବିରୋଧରେ ସମ୍ପୃକ୍ତ ଯୁବକ ଜଣକର ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ରାୟ ପ୍ରଦାନ କରିଛନ୍ତି। ଏହି ମାମଲାରେ ଆବେଦନକାରୀଙ୍କୁ ତୁରନ୍ତ ଜେଲରୁ ମୁକ୍ତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୀଡିତା ନିଜ ପୂର୍ବ ବୟାନରୁ ଓହରିଯାଇଥିବା ବେଳେ ଯଦି କୌଣସି କ୍ଷତିପୂରଣ ରାଶି ପୀଡିତାଙ୍କୁ ପ୍ରଦାନ କରାଯାଇଥାଏ ତେବେ ପୀଡିତା ଏହାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଫେରାଇବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଯଦି ପୀଡିତା ଏଥିରେ ବିଫଳ ହୁଅନ୍ତି ତେବେ କ୍ଷତିପୂରଣ ରାଶି ତାଙ୍କ ନିକଟରୁ ଆଦାୟ ପାଇଁ ପ୍ରାଧିକରଣ ତରଫରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୧୬ ବର୍ଷିୟା ପୀଡିତାଙ୍କୁ ଅପହରଣ କରାଯାଇଥିବା ନେଇ ବାଲିଚନ୍ଦ୍ରପୁର ଥାନାରେ ୨୦୨୦ରେ ପରିବାର ତରଫରୁ ଅଭିଯୋଗ ହୋଇଥିଲା। ପୁଲିସ ପୀଡିତାଙ୍କୁ ଉଦ୍ଧାର କରିବା ସହିତ ଆବେଦନକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏଥିରେ ଡାକ୍ତରୀ ରିପୋର୍ଟକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା ବେଳେ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲ ଦଣ୍ଡ ପ୍ରଦାନ ସହ ପୀଡିତାଙ୍କୁ ୭ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଏହି ରାୟକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଆଜିଠୁ ଏସ୍‌ସିବି ଜୁନିଅର ଡାକ୍ତର ସଂଘର କଳା ବ୍ୟାଜ୍ ଧାରଣ

**କଟକ,୩୦।୬(ସମିସ):** ଓଏମ୍‌ଏସ୍‌ଏ ପକ୍ଷରୁ ଦିଆଯାଇଥିବା ରାଜ୍ୟବ୍ୟାପୀ ପ୍ରତିବାଦ ଡକରାକୁ କଟକ ଏସ୍‌ସିବି ମେଡିକାଲ ଜୁନିଅର ଡାକ୍ତର ଆସୋସିଏସନ (ଜେଡିଏ) ପକ୍ଷରୁ ସମର୍ଥନ ଜଣାଯାଇଛି। ଓଏମ୍‌ଏସ୍‌ଏର ୧୦ ଦଫା ସମ୍ବଳିତ ଦାବିପତ୍ରକୁ ଜେଡିଏ ସମର୍ଥନ କରିଥିବା ବେଳେ ଜୁଲାଇ ୧ ତାରିଖରୁ ଜେଡିଏର ସଦସ୍ୟମାନେ କଳା ବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଛି। ଜେଡିଏ ପକ୍ଷରୁ ଦାବି ମଧ୍ୟରେ ଯୋଗ୍ୟତା ତାରିଖଠାରୁ କେନ୍ଦ୍ରୀୟ ବେତନ ଗଠନ ଅନୁଯାୟୀ ଡିଏସିପିର କାର୍ଯ୍ୟକାରିତା, ଓଏମ୍‌ଏଚ୍‌ଏସ ବେତନ ଗଠନର ସଂଶୋଧନ ଏବଂ ଲେଭଲ-୧୫ର ପୂର୍ବ ସର୍ତ୍ତାବଳୀର ଉଚ୍ଛେଦ, ସମସ୍ତ ଗ୍ରେଡ ଆନୁପାତିକ କ୍ୟାଡର ପୁନର୍ଗଠନ, ସୁପର ସ୍ପେସାଲିଷ୍ଟ, ସ୍ପେସାଲିଷ୍ଟ, ଡିପ୍ଲୋମାଧାରୀ, ପ୍ରଶାସକଙ୍କ ପାଇଁ କ୍ରମବର୍ଦ୍ଧିଷ୍ଣୁ ପ୍ରୋତ୍ସାହନ, ଶବ ବ୍ୟବଚ୍ଛେଦ ଭତ୍ତା ଏବଂ ଓଏମ୍‌ଏଚ୍‌ଏସ୍ ଓ ଓଏମଇଏସ କ୍ୟାଡର ପାଇଁ ସମାନ ପିବିଆଇ, କେବିକେ, କେବିକେ ପ୍ଲସ୍ ଏବଂ ଟିଏସପି ଅଞ୍ଚଳରେ ୩ ବର୍ଷିଆ ଏକ୍‌ଜିଟ୍ ପଲିସି (କାର୍ଯ୍ୟକାଳ ସୀମା)ର କାର୍ଯ୍ୟକାରିତା, ଦନ୍ତ ଚିକିତ୍ସା କ୍ୟାଡରଗୁଡ଼ିକୁ ଡିଏସିପି, ସ୍ପେସାଲିଷ୍ଟ ଭତ୍ତା, କ୍ୟାଡର ପୁନର୍ଗଠନ ଏବଂ ପିବିଆଇ ସୁବିଧାର ସମ୍ପ୍ରସାରଣ, ଭୁବନେଶ୍ୱରର ବର୍ଦ୍ଧିତ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଏମ୍‌ଏଚ୍‌ଏସ୍ କ୍ୟାଡର ପାଇଁ କ୍ୟାପିଟାଲ ହସ୍ପିଟାଲ-୨ର ନିର୍ମାଣ, ନିୟମିତ ବାର୍ଷିକ ଓପିଏସସି ନିଯୁକ୍ତି ଏବଂ ସମୟାନୁବର୍ତ୍ତୀ ଡିପିସି, ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ଯେଉଁଥିରେ ଓଡ଼ିଶା ମେଡିକେୟାର ଆକଫର ସଂଶୋଧନ, ଚବିଶ ଘଣ୍ଟା ସଶସ୍ତ୍ର ସୁରକ୍ଷା କର୍ମୀଙ୍କ ବ୍ୟବସ୍ଥା ଏବଂ ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ପୁଲିସ ଆଉଟପୋଷ୍ଟ (ଫାଣ୍ଡି) ସ୍ଥାପନ ଅନ୍ତର୍ଭୁକ୍ତ, ଆଡ୍-ହକ୍ ଡାକ୍ତରମାନଙ୍କର ନିୟମିତକରଣ ଏବଂ ଡିଏସିପି ବିଚାର ପାଇଁ ଆଡ୍‌ହକ୍ ଓ ଚୁକ୍ତିଭିତ୍ତିକ ସେବା ଅବଧିକୁ ସାମିଲ କରିବା, ସମସ୍ତ ସ୍ୱାସ୍ଥ୍ୟସେବା କର୍ମୀଙ୍କ ପାଇଁ ବ୍ୟାପକ ସ୍ୱାସ୍ଥ୍ୟ ବୀମାର ବ୍ୟବସ୍ଥା କରିବା ନେଇ ଉଲ୍ଲେଖ କରାଯାଇଛି। ଯଦିଓ ଏହାର ସମାଧାନ ନ ହୁଏ ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସୂଚନା ମିଳିଛି।

### ଆଗକୁ କାର୍ଯ୍ୟବନ୍ଦ ଆନ୍ଦୋଳନ

# ସିଏମ୍‌ସି ସମ୍ମୁଖରେ ଓଜେସି ବିକ୍ଷୋଭ




**କଟକ,୩୦।୬(ସମିସ):** ଗତ ଶୁକ୍ରବାର ମାତ୍ର ଦେଢ଼ ଘଣ୍ଟାର ବର୍ଷାରେ ସାରା କଟକ ସହର ଜଳାର୍ଣ୍ଣବ ହେବା ଏବଂ କୃତ୍ରିମ ଜଳବନ୍ଦୀ ସମସ୍ୟାକୁ ନେଇ ଆଜି ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ କଟକ ନଗର ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ କଟକ ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ କମିସନରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପଙ୍କ ସଫେଇ ଓ ପମ୍ପ ଚଳାଇବା ନାଁରେ ହୋଇଥିବା ବ୍ୟାପକ ଦୁର୍ନୀତିର ଏକ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ, କ୍ଷତିଗ୍ରସ୍ତ ବିପନ୍ନଙ୍କୁ ତୁରନ୍ତ ଉଚିତ କ୍ଷତିପୂରଣ ପ୍ରଦାନ, ସହରର ସମସ୍ତ ପମ୍ପିଂ ଷ୍ଟେସନକୁ ସକ୍ରିୟ କରି ଦାୟିତ୍ୱହୀନ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓଡ଼ିଶା ଜନତା କଂଗ୍ରେସ ଦାବି କରିଛି। ରାଜ୍ୟ ଉପସଭାପତି ନିକୁଞ୍ଜ ପଶାୟତ, ଅନିତା ନାୟକ, ଅନିଲ ବେଉରା, ଶୈଳବାଳା ଜେନା, ବିରେନ୍ଦ୍ର ଦାସ, ନିତ୍ୟାନନ୍ଦ ରାଉତରାୟ, ଶରତଚନ୍ଦ୍ର ଶେଠୀ, କେଦାର ପୃଷ୍ଟି, ପ୍ରତାପ ପରିଡା, କିଶୋର କର, ଇର୍ସାଦ ଖାନ, ପୂର୍ବତନ କର୍ପୋରେଟର ଚାରୁଲତା ସାହୁ, ଗୌରୀ ଦାସ, କାଞ୍ଚନ ଦାସ, ସେକ ସମିମଉଲ୍ଲା, ସେକ ଲିଆକତ ଉଦ୍ଦିନ, ଲକ୍ଷ୍ମୀପ୍ରକାଶ ମହାପାତ୍ର, ଶରତଚନ୍ଦ୍ର ସେଠୀ, ଚନ୍ଦନ ଦାସ, ଅଜୟ ଗୋଛାୟତ, ଆର୍ଯ୍ୟବୀର ଲେଙ୍କା, ସୁରଜିତ ସାହୁ, ସନ୍ତୋଷ ପାତ୍ର, ଦିଲ୍ଲୀପ ମହାନ୍ତି, ସୁଷମା ଦାସ, ଇଶରତ ଜନାହ, ଶୟଦ ରମଯନ ଅଲ୍ଲୀ, ପ୍ରଭାତୀ ପଟ୍ଟନାୟକ, ସେକ ଗୁଲାମ ମୋଇଉଦ୍ଦିନ, ହରେକୃଷ୍ଣ ବେହେରା, ସେକ ଆବିଦ, ହିମାଂଶୁ ସାହୁ, ଦେବୀପ୍ରସନ୍ନ ମହାପାତ୍ର, ସେକ ଇରଫାନ, ରାକେଶ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଓ ଭତ୍ତା ପ୍ରଦାନରେ ସରକାର ସମ୍ପୂର୍ଣ୍ଣ ବିଫଳ

**କଟକ,୩୦।୬(ସମିସ):** ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ ହେବାର ୧୮ ଦିନ ପରେ ମଧ୍ୟ କଟକ ମହାନଗର ନିଗମ ଅଞ୍ଚଳରେ ସମସ୍ତ ଯୋଗ୍ୟ ପିଡିଏସ୍ କାର୍ଡଧାରୀଙ୍କୁ କାର୍ଡ ବଣ୍ଟନ ସମ୍ପୂର୍ଣ୍ଣ ହୋଇ ନଥିବା ଅତ୍ୟନ୍ତ ଦୁଃଖଦ ଓ ଚିନ୍ତାଜନକ ବିଷୟ ବୋଲି ବିଜୁ ଜନତା ଦଳ କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ କହିଛନ୍ତି। ଶ୍ରୀ ସିଂହ କହିଛନ୍ତି ଯେ କାର୍ଡ ପାଇବା ଆଶାରେ ସାଧାରଣ ଗରିବ ଲୋକ ବାରମ୍ବାର ଖୁଚୁରା ବିକ୍ରୟ କେନ୍ଦ୍ରକୁ ଯାଇ ହଇରାଣ ହେବା ସହିତ ହତାଶ ହୋଇ ଫେରୁଛନ୍ତି, କିନ୍ତୁ ଯୋଗାଣ ବିଭାଗ ସମସ୍ୟାର ସମାଧାନ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏହା ସରକାରଙ୍କ ବହୁ ପ୍ରଚାରିତ ଯୋଜନାର ବାସ୍ତବ ଚିତ୍ରକୁ ସାମ୍ନାକୁ ଆଣିଛି। ଶ୍ରୀ ସିଂହ ଆହୁରି କହିଛନ୍ତି ଯେ ସାଧାରଣ ଗରିବ ଲୋକଙ୍କୁ ମିଳୁଥିବା ବିଭିନ୍ନ ଭତ୍ତା ଯୋଜନା ମଧ୍ୟ ଏପର୍ଯ୍ୟନ୍ତ ସୁଚାରୁରୂପେ କାର୍ଯ୍ୟକାରୀ ହୋଇପାରିନାହିଁ। ଗରିବ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ବର୍ତ୍ତମାନ ସରକାର କେବଳ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟ ଯୋଜନାଗୁଡ଼ିକର ନାମ ପରିବର୍ତ୍ତନ, ହାଇଜାକ୍ କରିବା ଏବଂ ନିଜ ରଙ୍ଗ ଲଗାଇବାରେ ବ୍ୟସ୍ତ ରହିଛନ୍ତି। କିନ୍ତୁ ଜନସାଧାରଣଙ୍କ ପ୍ରକୃତ ସମସ୍ୟା ଦୂର କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। କଟକ ଭଳି ସହରାଞ୍ଚଳରେ ଯଦି ଆଜି ପର୍ଯ୍ୟନ୍ତ କାର୍ଡ ବଣ୍ଟନ ବ୍ୟବସ୍ଥା ସମ୍ପୂର୍ଣ୍ଣ ହୋଇପାରୁନାହିଁ, ତେବେ ଗ୍ରାମାଞ୍ଚଳର ସ୍ଥିତି କିପରି ଥିବ ତାହା ସହଜରେ ଅନୁମାନ କରାଯାଇପାରେ। ତେଣୁ ରାଜ୍ୟ ସରକାର ତୁରନ୍ତ ପିଡିଏସ୍ କାର୍ଡଧାରୀଙ୍କୁ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ ପ୍ରଦାନ କରିବା ସହ ଚାଉଳ ବଣ୍ଟନ ଓ ଭତ୍ତା ପ୍ରଦାନ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ସୁଚାରୁରୂପେ କାର୍ଯ୍ୟକାରୀ କରନ୍ତୁ ବୋଲି ସେ ଦାବି କରିଛନ୍ତି। ଅନ୍ୟଥା ଗରିବ ଓ ଅସହାୟ ଲୋକଙ୍କ ନ୍ୟାୟସଙ୍ଗତ ଅଧିକାର ପାଇଁ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଶ୍ରୀ ସିଂହ ଚେତାବନୀ ଦେଇଛନ୍ତି।

### ବିଜେଡି କଟକ ଜିଲ୍ଲା ସଭାପତିଙ୍କ ପ୍ରତିକ୍ରିୟା

# ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ମୁଖ୍ୟ ସଞ୍ଚାଳକଙ୍କୁ ବିଦାୟ ସମ୍ବର୍ଦ୍ଧନା



**କଟକ,୩୦।୬(ସମିସ):** ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ମୁଖ୍ୟ ସଂଚାଳକ ଦିଲ୍ଲୀପ କୁମାର ସିହ୍ନାଙ୍କ ଅବସର ଗ୍ରହଣ ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ପଢିଆରୀ ପାଠାଗାର ଓ ସୂଚନା କେନ୍ଦ୍ରଠାରେ ଏକ ବିଦାୟ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ଆଶୁତୋଷ ପାଇକରାୟ, ପ୍ରାକ୍ତନ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଭବାନୀ ଶଙ୍କର ଭୂୟାଁ, ଅଶୋକ କୁମାର ଷଡ଼ଙ୍ଗୀ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା, ସୋନାଲି କୁଣ୍ଡ, ଅଭିରାମ ଦାସ, ତାପସ କୁମାର ଓଝା, ଶୈଳେନ୍ଦ୍ର ପଣ୍ଡା, ଶୁଭ୍ରାଂଶୁ ମିଶ୍ର, ବନଲତା ବେହେରା ଓ ତନ୍ମୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଡ୍ରିମ୍ସ-କିଡ୍‌ସ ଟେକ୍‌ନୋସୋଲ୍ସ ମଧ୍ୟରେ ବୁଝାମଣାପତ୍ର



**କଟକ,୩୦।୬(ସମିସ):** ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଓ କିଡସ୍ ଟେକ୍‌ନୋସୋଲ୍ସ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ବୈଷୟିକ ତାଲିମ୍, ସଫ୍ଟ ସ୍କିଲ ବିକାଶ, ନିଯୁକ୍ତି ସୁଯୋଗ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସହାୟତା ପାଇବା ସହିତ ଶିକ୍ଷା ଓ ଶିଳ୍ପ କ୍ଷେତ୍ରରେ ରହିଥିବା ଦୂରତା ହ୍ରାସ ପାଇବ। ଡ୍ରିମ୍ସ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର କୃଷ୍ଣପ୍ରସାଦ ପତି, ସହରେଜିଷ୍ଟ୍ରାର ଇଂ ଶିଶିର କୁମାର ସାହୁ, ସ୍କୁଲ ଅଫ ପ୍ରଫେସନାଲ ଷ୍ଟଡିଜ୍‌ର 'ଡିନ୍' ଡ. ବିଶ୍ୱରଂଜନ ଷଡଙ୍ଗୀ, 'ଡିନ୍' (ଗବେଷଣା) ପ୍ରଫେସର ବିଶ୍ୱରଂଜନ ମହାନ୍ତି ଏବଂ କିଡସ ଟେକ୍‌ନୋସୋଲ୍ସ ପକ୍ଷରୁ ସିଇଓ ବିରଞ୍ଚି ନାରାୟଣ ସାହୁ, ମାର୍କେଟିଂ ବିଭାଗ ମୁଖ୍ୟ ରଜତ କୁମାର ମିଶ୍ର ପ୍ରମୁଖ ବୁଝାମଣାପତ୍ର ସ୍ୱାକ୍ଷର ବେଳେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଏଭଳି ପଦକ୍ଷେପକୁ ସ୍ୱାଗତ କରିବା ସହ ଜ୍ଞାନର ଆଦାନପ୍ରଦାନ, ଦକ୍ଷତା ବିକାଶ, ଶିଳ୍ପ ଅଭିମୁଖୀ ତାଲିମ୍, କ୍ୟାରିୟର ବିକାଶ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟିହେବା ବୋଲି ମତ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, 'କିଡସ୍ ଟେକ୍‌ନୋସୋଲ୍ସ' ହେଉଛି ଏକ ବିଶ୍ୱସ୍ତରୀୟ ବୃତ୍ତିଗତ ସେବା ପ୍ରଦାନକାରୀ ସଂସ୍ଥା ଯାହାର ଟେକନୋଲୋଜି, ଆଇଟି ଏବଂ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଦୀର୍ଘ ବର୍ଷର ପ୍ରଭାବୀ ଭୂମିକା ରହିଛି।

# କଟକ କଲେଜରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**କଟକ,୩୦।୬(ସମିସ):** କଟକ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପିକା ଡକ୍ଟର ଅମିତାରାଣୀ ଜେନା ଓ ବରିଷ୍ଠ ଓଡ଼ିଆ ଅଧ୍ୟାପିକା ଡକ୍ଟର ବିନତା ସାହୁଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅଧ୍ୟକ୍ଷା ଡକ୍ଟର ରୁନୁବାଳା ମହାରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡକ୍ଟର ମହାରଣା, ଅଧ୍ୟାପିକା ଡକ୍ଟର ଜେନା ଓ ଅଧ୍ୟାପିକା ଡକ୍ଟର ସାହୁଙ୍କର କର୍ମମୟ ଜୀବନ ଓ ଉଚ୍ଚକୋଟୀର ଶିକ୍ଷାଦାନ ଶୈଳୀ ପ୍ରଶଂସନୀୟ ବୋଲି ମତ ବ୍ୟକ୍ତ କରିଥିଲେ। ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଡକ୍ଟର ଦେବପ୍ରସାଦ ପତି ଜଗନ୍ନାଥ ଅଷ୍ଟକମ୍ ପାଠ କରିଥିଲେ। ପଦାର୍ଥ ବିଜ୍ଞାନ ମୁଖ୍ୟ ଅଧ୍ୟାପକ ମଣ୍ଟୁ ଜେନାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ସୁଶାନ୍ତ ମହାନ୍ତି, କର୍ମଚାରୀ ସଂଘ ସମ୍ପାଦକ ଚିନ୍ମୟ କୁମାର ଦାସ, ଅଧ୍ୟାପିକା ଡକ୍ଟର ବନ୍ଦନା ସ୍ୱାଇଁ, ଅଧ୍ୟାପକ ଡକ୍ଟର ଦେବପ୍ରସାଦ ପତି, ଅଧ୍ୟାପକ ପ୍ରଦୀପ୍ତ ମିଶ୍ର, ଡ ଦେବେନ୍ଦ୍ର ଓଝା, ଅଧ୍ୟାପିକା ପ୍ରିୟଦର୍ଶିନୀ ଡାକୁଆ, ଡକ୍ଟର ମହମ୍ମଦ ଖୁର୍ସିଦ୍, ଅଧ୍ୟାପିକା ଦିପାଶ୍ରୀ ମହାପାତ୍ର, ଅଧ୍ୟାପିକା ଡକ୍ଟର ରୂପାଳି ମଧୁସ୍ମିତା, ଅଧ୍ୟାପିକା ରାଜଶ୍ରୀ ନାୟକ, ଅଧ୍ୟାପିକା ଅସ୍ୱସ୍ତି ନାୟାର, ଇନ୍ଦିରା ପ୍ରିୟଦର୍ଶିନୀ ପଣ୍ଡା, ଅର୍ଚ୍ଚନା ସାହୁ, ଶକ୍ତି ପାଲ୍ ଉଭୟଙ୍କର ସୁସ୍ଥ ନିରାମୟ ଜୀବନ କାମନା କରିଥିଲେ। କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।




# ଅପ୍‌ଡେଟ୍ ହେଉନି 'ସହାୟତା' ଆପ୍ଲିକେସନ୍ ଆପ୍

**କଟକ,୩୦।୬(ସମିସ):** କମିସନରେଟ୍ ପୁଲିସ ମହିଳାଙ୍କ ସୁରକ୍ଷା ନିମନ୍ତେ ବିଭିନ୍ନ ପ୍ରକାର ଯୋଜନା କରୁଛି। ସହରରେ କେଉଁଭଳି ଭାବେ ଜଣେ ମହିଳା ସୁରକ୍ଷିତ ଭାବେ ଯାତାୟତ କରିବ, ଚଳପ୍ରଚଳ କରିବ ଏବଂ ବିନା ଭୟରେ ନିଜ ଘର ବା କର୍ମ ସଂସ୍ଥାନକୁ ଯାଇପାରିବ, ତାହା ଉପରେ ପୁଲିସ ଗୁରୁତ୍ୱ ଦେଉଛି। ହେଲେ ବାସ୍ତବରେ ଭିନ୍ନ ଚିତ୍ର ପ୍ରତିଫଳିତ ହେଉଛି। କଟକ ସହରରେ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ଦୃଷ୍ଟିରେ ରଖି ସେମାନଙ୍କୁ ସ୍ୱତନ୍ତ୍ର ଭାବେ ସୁରକ୍ଷା ଯୋଗାଇ ଦେବା ପାଇଁ କମିସନରେଟ୍ ପୁଲିସ ୨୦୧୯ ମସିହାରେ 'ସହାୟତା' ନାମରେ ଏକ ଆପ୍ଲିକେସନ୍ ଲୋକାର୍ପଣ କରିଥିଲା। ଏହି ଆପ୍'ମାଧ୍ୟମରେ ବିପଦରେ ପଡ଼ିଥିବା ଜଣେ ମହିଳା ତୁରନ୍ତ ପଞ୍ଜୀକରଣ କରିପାରିବ। ଯଥାଶୀଘ୍ର ପୁଲିସର ଦୃଷ୍ଟିଗୋଚର କରିବା ଭଳି ସୁବିଧା ଉପଲବ୍ଧ ରହିଥିଲା। ଏହାର ଲୋକପ୍ରିୟତା ଏତେ ଅଧିକ ରହିଥିଲା ଯେ ମାତ୍ର ୬ମାସରେ ୧ଲକ୍ଷ ମହିଳା ଏହି ଆପ୍'ରେ ପଞ୍ଜୀକରଣ କରିଥିଲେ। ୨୦୨୦ ମସିହା ଡିସେମ୍ବର ମାସ ପର୍ଯ୍ୟନ୍ତ ଏହି ଆପ୍ ସଫଳ ଭାବେ କାର୍ଯ୍ୟ କରୁଥିଲା। ହେଲେ ବୈଷୟିକ ତ୍ରୁଟି ଦର୍ଶାଇ ହଠାତ୍ ଏହି ଆପ୍‌କୁ ବନ୍ଦ କରି ଦିଆଯାଇଛି। ପ୍ରତ୍ୟେକଙ୍କ ହାତରେ ଇଣ୍ଟରନେଟ୍ ସଂଯୋଗ ଥିବା ମୋବାଇଲ୍ ଫୋନ୍ ଉପଲବ୍ଧ ରହୁଥିବା ବେଳେ ବିଭିନ୍ନ ଆପ୍ ଜରିଆରେ ଅନେକ ଜରୁରୀ ସେବା ପାଇପାରୁଛନ୍ତି। ମାତ୍ର ମହିଳାଙ୍କ ସୁରକ୍ଷା ଦୃଷ୍ଟିରୁ ସହାୟତା ଆପ୍ ବନ୍ଦ ହୋଇଯିବା ପରେ ବିଭିନ୍ନ ମହଲରେ କମିସନରେଟ୍ ପୁଲିସ ସମାଲୋଚନାର ଶିକାର ହେଉଛି। ଏ ସଂକ୍ରାନ୍ତରେ ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ପୁଲିସ ପକ୍ଷରୁ ଯୋଗାଇ ଦିଆଯାଉଥିବା ଆପ୍‌ଗୁଡ଼ିକୁ ଡିସିପିଙ୍କ କାର୍ଯ୍ୟାଳୟରେ ନିୟନ୍ତ୍ରଣ କରାଯାଇଥାଏ। ଆପ୍‌ଗୁଡ଼ିକୁ ବିଭିନ୍ନ ସମୟରେ ଅପଡେଟ୍ କରାଯାଏ। ପ୍ଲେ-ଷ୍ଟୋର୍‌ରେ ସମସ୍ୟା ଯୋଗୁଁ ମଧ୍ୟ ବେଳେ ବେଳେ ଆପ୍ ଉପଲବ୍ଧ ହୋଇ ପାରେ ନାହିଁ। ସହାୟତା ଆପ୍ଲିକେସନ୍‌କୁ ପୁନଃକାର୍ଯ୍ୟକ୍ଷମ କରାଇବାକୁ ଚେଷ୍ଟା ଚାଲିଛି। ବୈଷୟିକ ତ୍ରୁଟିର ସମାଧାନ ହେବା ପରେ ଏହି ଆପ୍ ଆଉ ଥରେ ମହିଳାଙ୍କ ସୁରକ୍ଷା ନିମନ୍ତେ ଲୋକାର୍ପିତ କରାଯିବ। ଏହାର ଅପଗ୍ରେଡ୍ ଭର୍ସନ ଗୁଗଲ୍ ପ୍ଲେ-ଷ୍ଟୋରରେ ଉପଲବ୍ଧ ହେବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମହିଳା ସୁରକ୍ଷା ନିମନ୍ତେ, ପୁଲିସ ଏକ ମାର୍ଗଦର୍ଶିକା ଜାରି କରିଥିଲା। ଅସୁବିଧାରେ ପଡ଼ିଥିବା ମହିଳାମାନେ ପୁଲିସ କଣ୍ଟ୍ରୋଲ୍ ରୁମ୍‌କୁ ୧୧୨କୁ ଯୋଗଯୋଗ କରିବାକୁ କୁହାଯାଇଛି। ପିସିଆର୍ ଭ୍ୟାନ୍ ଘଟଣାସ୍ଥଳରେ ନପହଞ୍ଚିବା ଯାଏଁ, ଜନଗହଳି ତଥା ପେଟ୍ରୋଲ୍ ପମ୍ପ ଭଳି ପବ୍ଲିକ୍ ପ୍ଲେସ୍‌ରେ ଅସୁବିଧାରେ ପଡିଥିବା ମହିଳାଙ୍କୁ ରହିବାକୁ ପରାମର୍ଶ ଦିଆଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯୋଗଯୋଗ ମାଧ୍ୟମ କୁହାଯାଉଥିବା ସହାୟତା ଆପ୍ ଏବେ ବନ୍ଦ ହୋଇଯିବାରୁ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି। କମିସନରେଟ୍ ପୁଲିସର ଆପ୍‌ଗୁଡିକ ପରିଚାଳନା କରୁଥିବା ଅଧିକାରୀଙ୍କ ସହିତ ଯୋଗଯୋଗ କରିବାରୁ ଜଣାପଡ଼ିଛି, ଏହି ସହାୟତା ଆପ୍‌ଟି ଓଲ୍ଡର୍ ଭର୍ସନ ହୋଇଥିବାରୁ ଆପେ ଆପେ ପ୍ଲେ-ଷ୍ଟୋରରେ ଅଚଳ ହୋଇପଡ଼ିଛି। ଏହାକୁ ପୁନଃକାର୍ଯ୍ୟକ୍ଷମ କରାଇବାକୁ ଚେଷ୍ଟା କରାଯାଉଛି।

### ପଞ୍ଜୀକରଣ ସଂଖ୍ୟାଥିଲା ୧ ଲକ୍ଷ

## ରଥଯାତ୍ରା ପ୍ରସ୍ତୁତି ଓ ବର୍ଷାଜନିତ ଜଳବନ୍ଦୀ ପରିସ୍ଥିତିର ସମୀକ୍ଷା

# ଅଧିକାରୀଙ୍କୁ କ୍ଷେତ୍ରସ୍ତରୀୟ ତଦାରଖ ପାଇଁ ନିର୍ଦ୍ଦେଶ

କଟକ,୩୦।୬(ସମିସ)



ରଥଯାତ୍ରା ଅବସରରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା, ସୁବିଧା ଏବଂ ସହରର ସୁଚାରୁ ପରିଚାଳନାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆଜି କଟକ ମହାନଗର ନିଗମର ମେୟର ସୁବାସ ସିଂହ ଓ ସିଏମସି କମିସନର ସହରର ବିଭିନ୍ନ ରଥଯାତ୍ରା ସ୍ଥଳ ଏବଂ ବର୍ଷାଜନିତ ଜଳବନ୍ଦୀ ପ୍ରଭାବିତ ଅଞ୍ଚଳଗୁଡ଼ିକୁ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ମେୟର ଓ କମିସନର ରଥଯାତ୍ରା ସମୟରେ କୌଣସି ପ୍ରକାର ସମସ୍ୟା ସୃଷ୍ଟି ନହେବା ପାଇଁ ସମସ୍ତ ପ୍ରସ୍ତୁତିକୁ ଯାଞ୍ଚ କରିବା ସହ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ଭକ୍ତମାନଙ୍କର ଯାତାୟାତ, ପରିମଳ ବ୍ୟବସ୍ଥା, ପାନୀୟଜଳ, ଆଲୋକୀକରଣ, ସଫେଇ, ଜରୁରିକାଳୀନ ସେବା ଏବଂ ଟ୍ରାଫିକ୍ ପରିଚାଳନାକୁ ଅଧିକ ସୁଦୃଢ଼ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

ଏହାପରେ ସେମାନେ ସହରର ବିଭିନ୍ନ ଜଳବନ୍ଦୀ ପ୍ରବଣ ଅଞ୍ଚଳ ପରିଦର୍ଶନ କରି ଡ୍ରେନେଜ୍ ବ୍ୟବସ୍ଥା ମାଧ୍ୟମରେ ବର୍ଷାଜଳର ଶୀଘ୍ର ନିଷ୍କାସନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଜଳ ନିଷ୍କାସନରେ କୌଣସି ବାଧା ନରହିବା, ପମ୍ପ ବ୍ୟବସ୍ଥାକୁ ସଦା ସକ୍ରିୟ ରଖିବା, ଡ୍ରେନ୍‌ଗୁଡ଼ିକର ନିୟମିତ ସଫେଇ ଏବଂ ବର୍ଷା ସମୟରେ ତୁରନ୍ତ ପ୍ରତିକ୍ରିୟା ପାଇଁ ସମସ୍ତ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହିକ୍ରମରେ ମେୟର ଶ୍ରୀ ସିଂହ କହିଲେ ଯେ ରଥଯାତ୍ରା ସମୟରେ ଭକ୍ତମାନଙ୍କୁ ଏକ ସୁରକ୍ଷିତ, ସ୍ୱଚ୍ଛ ଓ ସୁବ୍ୟବସ୍ଥିତ ପରିବେଶ ଯୋଗାଇ ଦେବା ସିଏମସିର ପ୍ରାଥମିକ ଦାୟିତ୍ୱ। ସେହିପରି ବର୍ଷାଜନିତ ଜଳବନ୍ଦୀ ସମସ୍ୟାର ଶୀଘ୍ର ସମାଧାନ ପାଇଁ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛନ୍ତି। ନାଗରିକମାନଙ୍କୁ କୌଣସି ଅସୁବିଧା ନହେବା ପାଇଁ ସିଏମସିର ସମସ୍ତ ଟିମ୍ ୨୪ ଘଣ୍ଟିଆ ପ୍ରସ୍ତୁତ ଅବସ୍ଥାରେ ରହିଛନ୍ତି। ସିଏମସି କମିସନର ମଧ୍ୟ କହିଥିଲେ ଯେ ବର୍ଷା ଋତୁକୁ ଦୃଷ୍ଟିରେ ରଖି ସହରର ଜଳ ନିଷ୍କାସନ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ସହ ଆବଶ୍ୟକ ସ୍ଥାନରେ ପମ୍ପ ଏବଂ ଅନ୍ୟାନ୍ୟ ଉପକରଣ ମୁତୟନ କରାଯାଇଛି। ଯେକୌଣସି ଆପାତକାଳୀନ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସମସ୍ତ ବିଭାଗକୁ ସଜାଗ ରହିବାକୁ କୁହାଯାଇଛି। କଟକ ମହାନଗର ନିଗମ ପକ୍ଷରୁ ରଥଯାତ୍ରା ଓ ବର୍ଷା ଋତୁରେ ସହରବାସୀଙ୍କୁ ନିର୍ବିଘ୍ନ ନାଗରିକ ସେବା ଯୋଗାଇବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଜୋରଦାର କରାଯାଇଥିବା ବେଳେ ଅଧିକାରୀମାନଙ୍କୁ କ୍ଷେତ୍ରରେ ରହି ନିୟମିତ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ବରିଷ୍ଠ ନାଗରିକ ସଙ୍ଘର ବୈଠକ

**କୁଆଖିଆ,୩୦।୬(ସମିସ):** ରସୁଲପୁର ବ୍ଲକ ଅଧୀନସ୍ଥ ବାରବାଟୀ ଚାଣ୍ଡି ମନ୍ଦିର ପ୍ରାଙ୍ଗଣରେ ରସୁଲପୁର ବ୍ଲକ ବରିଷ୍ଠ ନାଗରିକ ସଙ୍ଘର ଏକ କୋର କମିଟି ବୈଠକ ସଭାପତି ସୁଧୀର ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ପ୍ରାରମ୍ଭରେ ସାଧାରଣ ସମ୍ପାଦକ ବିମ୍ବାଧର ଓଝା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ବରିଷ୍ଠ ନାଗରିକ ସଙ୍ଘର ସଖ୍ୟ ପଦ୍ମନ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି କୋର କମିଟି ବୈଠକ ରେ ଅତିଥି ଭାବେ ଯୋଗଦେଇ ତାର୍ଥବାସୀ ପଣ୍ଡା, କୃଷ୍ଣଚନ୍ଦ୍ର ରାଉତ,ଲକ୍ଷ୍ମୀ ନାରାୟଣ ମହାନ୍ତି ଓ ବିରଳ ଦାସ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ନାୟକ, ଲକ୍ଷ୍ମୀଧର ମହାପାତ୍ର, ରବୀନ୍ଦ୍ର ନାଥ ଭଦ୍ର, ପଶୁପତି ବେହେରା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଉପଦେଷ୍ଟା ବିଜୟାନନ୍ଦ କର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଆଗକୁ ଆସୁଛି ବର୍ଷା, ବନ୍ୟା
# ବ୍ରହ୍ମବରଦା ନଦୀବନ୍ଧ ଅବସ୍ଥା ଶୋଚନୀୟ



**ବ୍ରହ୍ମବରଦା,୩୦।୬(ସମିସ)** ବର୍ଷା ଆରମ୍ଭ ନ ହେଉଣୁ ବ୍ରହ୍ମବରଦା ଅଞ୍ଚଳରେ ପ୍ରବାହିତ ହୋଇଥିବା ବ୍ରାହ୍ମଣୀ ନଦୀର ଡାହାଣ ପାର୍ଶ୍ୱ ବନ୍ଧର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ବ୍ରହ୍ମବରଦା ଆଜାଦ ନଗର ଠାରୁ ପହି ଗ୍ରାମ ପର୍ଯ୍ୟନ୍ତ ବର୍ଷା ଯୋଗୁଁ ବନ୍ଧର ବିଭିନ୍ନ ସ୍ଥାନରେ ମାଟି ଧୋଇଯିବା, ବନ୍ଧ ମଝିରେ ଖାଲ ହୋଇ ପୋଖରୀ ଭ୍ରମ ସୃଷ୍ଟି କରୁଛି। ବନ୍ଧରେ ଫାଟ ସୃଷ୍ଟି ହେବା ସହ ମାନମାନ ରେନ୍ କଟ୍ ସୃଷ୍ଟି ହୋଇଛି ଏବଂ ରାସ୍ତାରେ ଗର୍ତ୍ତ ହେବା ଭଳି ସମସ୍ୟା ଦେଖାଦେଇଛି। ଏହା ଯୋଗୁଁ ଯାତାୟାତ କରୁଥିବା ଲୋକେ ନାଇଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ, ନଦୀବନ୍ଧ ସୁଦୃଢ଼ୀକରଣ ପାଇଁ କୋଟି କୋଟି ଟଙ୍କା ବ୍ୟୟବରାଦରେ ବନ୍ଧରେ ବଜୁରି ପକାଇ ବନ୍ଧକୁ ଉଚ୍ଚା ଏବଂ ବନ୍ଧର ଉଭୟ ପାର୍ଶ୍ୱରେ ମାଟି ପକାଇବା କଥା; କିନ୍ତୁ ଠିକାଦାର କରି ବଜୁରି ସ୍ଥାନରେ ଲୁଜର ଗୁଣ୍ଡ ଛିଞ୍ଚି ଏବଂ ମାଟି ବଦଳରେ ବାଲି ପକାଇ ଠିକାଦାର ଜଣଙ୍କ ବିଭାଗୀୟ ଅଫିସରଙ୍କ ହାତକରି ବିଲ୍ ହାତେଇ ନେଇଥିବା ସ୍ଥାନୀୟ ବାସିନ୍ଦାମାନେ ଅଭିଯୋଗ କରିଛନ୍ତି। ଯଦି ନଦୀରେ ବନ୍ୟା ଆସେ ବ୍ରହ୍ମବରଦା ହାପାଞ୍ଚଳ ହୋଇଥିବାରୁ ଆଗରୁ ମଧ୍ୟ ବନ୍ଧୁରାର ବନ୍ୟା ଘେରରେ ରହିଥିବା ଅଞ୍ଚଳବାସୀଙ୍କ ମନରେ ଭୟ ସୃଷ୍ଟି ହେଲାଣି। ବନ୍ଧର ମରାମତି ପାଇଁ ବାରମ୍ବାର ସଂପୃକ୍ତ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଆଗକୁ ବର୍ଷା ଆହୁରି ବଢ଼ିଲେ ବନ୍ଧ ଦୁର୍ବଳ ହୋଇ ଯେକୌଣସି ଅଘଟଣ ଘଟିବାର ଆଶଙ୍କା ରହିଛି। ଏନେଇ ଅଞ୍ଚଳବାସୀ ତୁରନ୍ତ ବନ୍ଧର ମରାମତି, ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ଏବଂ ନିର୍ମିତ ଠକାଇବା ଠିକାଦାରଙ୍କ କରିବା ପାଇଁ ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି। ଏହି ପ୍ରସଙ୍ଗରେ ସଂପୃକ୍ତ ବିଭାଗ ଶୀଘ୍ର ପଦକ୍ଷେପ ନେବାକୁ ସାଧାରଣରେ ଦାବି କହିଛନ୍ତି।

## ବାଡ଼ ବୁଜାକୁ ନେଇ ମହିଳାଙ୍କୁ ଆକ୍ରମଣ

**ଦଶରଥପୁର,୩୦।୬(ସମିସ):** ଜମିଜମା ବିବାଦକୁ ନେଇ ମଙ୍ଗଳପୁର ଥାନା ଚାଉଳିଆ ଗ୍ରାମରେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ମଙ୍ଗଳପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଜମି ଜମା ସମସ୍ୟାକୁ କେନ୍ଦ୍ର କରି ଚାଉଳିଆ ଗ୍ରାମର କ୍ଷୀରୋଦ ଯେନା ଓ ଗୁରୁଚରଣ ଜେନାଙ୍କ ମଧ୍ୟରେ ବିବାଦ ରହିଥିଲା। ସୋମବାର ସକାଳେ କ୍ଷୀରୋଦ ଘରେ ନଥିବା ସମୟରେ ଗୁରୁଚରଣ ଯେନା ତାଙ୍କ ସ୍ତ୍ରୀ ସୁନାରାଣୀ ଓ ଝିଅ ଟୁନି ଯେନା ବିବାଦୀୟ ଜମିରେ ବାଡ଼ ବୁଜୁଥିବା ଦେଖି କ୍ଷୀରୋଦଙ୍କ ପତ୍ନୀ ହେମଲତା ଏହାର ପ୍ରତିବାଦ କରିଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଗୁରୁଚରଣ ନିକଟରେ ପଡ଼ିଥିବା ଏକ ବାଉଁଶ କିଳାରେ ହେମଲତାଙ୍କୁ ଅତର୍କିତ ଭାବେ ବାଡେଇ ଥିଲେ। ତାଙ୍କ ସ୍ତ୍ରୀ ସୁନାରାଣୀ ଓ ଝିଅ ଟୁନି ହେମଲତାଙ୍କୁ ବିଧା, ଗୋଇଠା ମାରି ତଳେ ପକାଇ ଦେଇଥିଲେ। ଫଳରେ ହେମଲତାଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହେବା ସହିତ ତାଙ୍କ ହାତ, କାନ୍ଧ ଓ ବେକରେ ଗଭୀର ଆଘାତ ଲାଗିଥିଲା। ହେମଲତା ତଳେ ପଡି ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ କିଛି ପଡୋଶୀ ତାଙ୍କୁ ଉଦ୍ଧାର କରି ମଙ୍ଗଳପୁର ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ହେମଲତା ମଙ୍ଗଳପୁର ଥାନାରେ ପହଞ୍ଚି ତାଙ୍କୁ ସଙ୍ଘବଦ୍ଧ ଆକ୍ରମଣ କରିଥିବା ଗୁରୁଚରଣ,ତାଙ୍କ ସ୍ତ୍ରୀ ସୁନାରାଣୀ ଓ ଝିଅ ଟୁନି ଯେନାଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅଭିଯୋଗ ଆଧାରରେ ମଙ୍ଗଳପୁର ପୁଲିସ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି।

## ସୁଭଦ୍ରା ଯୋଜନା ହିତାଧିକାରୀଙ୍କ ରେକର୍ଡ ଅପଡେଟ୍ ପାଇଁ ଟଙ୍କା ଆଦାୟ

**କୁଆଖିଆ,୩୦।୬(ସମିସ):** ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି କିମ୍ବା ଏକରୁ ଅଧିକ କିସ୍ତି ପାଇବା ପରେ ବିଭିନ୍ନ କାରଣରୁ କିଛି ହିତାଧିକାରୀଙ୍କ ନାମ ଏହି ତାଲିକାରୁ ବାଦ ପଡିଛି। ସେମାନଙ୍କ ନାମ ଆଉଥରେ ତାଲିକାଭୁକ୍ତ କରିବାକୁ ହିତାଧିକାରୀଙ୍କ ରେକର୍ଡ ଅପଡେଟ କରିବାକୁ ପଡିବ। ସେଥିପାଇଁ ଅଙ୍ଗନବାଡି କର୍ମୀମାନଙ୍କ ଜରିଆରେ ଉକ୍ତ ହିତାଧିକାରୀଙ୍କୁ ସୂଚନା ଦିଆଯାଇଥିଲା। ବ୍ଲକ ଆଇସିଡିଏସ୍ କାର୍ଯ୍ୟାଳୟରେ କାଗଜପତ୍ର ଧରି ପହଞ୍ଚିବାକୁ କୁହାଯାଇଥିଲା। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ଦୁଇଜଣ ମହିଳା କର୍ମଚାରୀ ରେକର୍ଡ ଅପଡେଟ କାମକରୁଥିଲେ। କିନ୍ତୁ ଏଥିପାଇଁ କୌଣସି ବିଧି ବ୍ୟବସ୍ଥା ନଥିଲେ ମଧ୍ୟ ଉକ୍ତ ମହିଳା କର୍ମଚାରୀମାନେ ସମସ୍ତଙ୍କ ପାଖରୁ ବାଧ କରି ୫୦ ଟଙ୍କା ଲେଖାଏ ଆଦାୟ କରିଛନ୍ତି। ଟଙ୍କା ନଦେଲେ ଆଧାର କାର୍ଡ ଦିଆଯିବ ନାହିଁ ବୋଲି ହିତାଧିକାରୀ ମହିଳା ମାନଙ୍କୁ କହିଛନ୍ତି ବୋଲି ବଡ଼କଇଞ୍ଚି ପଞ୍ଚାୟତ ପାଞ୍ଚଗୋଛିଆ ଗ୍ରାମର ଶ୍ରଦ୍ଧାଞ୍ଜଳି ଦାଶ ଓ ଅନ୍ୟ ମହିଳା ମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମତାମତ ଦେବାକୁ ରସୁଲପୁର ସିଡିପିଓଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଧରିନଥିଲେ।

## ହାଇୱା ଧକ୍କାରେ ସ୍କୁଟି ଆରୋହୀ ମୃତ

**ପାଣିକୋଇଲି,୩୦।୬(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସିଂଗଡା ବ୍ରିଜ ନିକଟରେ ହାଇୱା ଧକ୍କାରେ ସ୍କୁଟି ଆରୋହୀର ମୃତ୍ୟୁ ଘଟିଛି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ଖମଣ ପଞ୍ଚାୟତ ଗୋଡିପାଟଣା ଗ୍ରାମର ହରେକୃଷ୍ଣ ସାହୁଙ୍କ ପୁଅ ଜୟନ୍ତ (୪୦)। ପ୍ରକାଶଯେ ସୋମବାର ରାତିରେ ଜୟନ୍ତ ଏକ ସ୍କୁଟି ଯୋଗେ କୁଆଖିଆ ଭୋଟକା ବନ୍ଧୁ ଘରକୁ ଯାଇ ଘରକୁ ଫେରୁଥିଲେ। ଫେରିବା ସମୟରେ ଜାତୀୟ ରାଜପଥରେ କଟକ ପଟୁ ଏକ ଚିପ୍ସ ବୋଝେଇ ହାଇୱା (ଓଡି ୦୪ପି ୫୬୮୯) ଦ୍ରୁତଗତିରେ ଆସି ଟିକର ପୋଲ ନିକଟରେ ସ୍କୁଟିକୁ ଧକ୍କା ଦେବା ସହ ତାଙ୍କ ଉପରେ ଚଢ଼ାଇ ଦେଇଥିଲା। ଫଳରେ ଘଟଣାସ୍ଥଳରେ ଜୟନ୍ତଙ୍କର ମୃତ୍ୟୁ ହୋଇଥିଲା। ତାର ଶରୀରର ମାଂସ ଟୁକୁରା ଟୁକୁରା ହୋଇପଡିଥିବା ବେଳେ ହାଇୱା ଆଗ ଚକରେ ସ୍କୁଟିଟିକୁ ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ଘୋଷାଡି ନେଇଥିଲା। ଖବର ପାଇ ପାଣିକୋଇଲି ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ ସଦଳବଳେ ଘଟଣାସ୍ଥଳେ ପହଞ୍ଚିଥିଲେ। ସବଇନ୍ସପେକ୍ଟର ବିଶ୍ୱରଞ୍ଜନ ଦାସ ଗାଡିଟିକୁ ଗୋଡାଇ ଧରିବାରେ ସକ୍ଷମ ହୋଇଥିଲେ। ଜୟନ୍ତଙ୍କ ମରଶରୀରକୁ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପୁଲିସ ହାଇୱା ସହ ସ୍କୁଟିକୁ ଜବତ କରିବା ସହ ଚାଳକକୁ ଧରି ଥାନାକୁ ଆଣିଥିଲେ। ଖବର ପାଇ ତାଙ୍କ ପରିବାର ଲୋକ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା ୨୫୬/୨୬ ରୁଜୁ କରାଯାଇ ଆଜି ସବଇନ୍ସପେକ୍ଟର ସୁମିତ କୁଜୁର ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ପଞ୍ଚନାମା କରାଇ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛନ୍ତି। ଅପରପକ୍ଷେ ହାଇୱା ଚାଳକ କେନ୍ଦ୍ରପଡାର ରବିନ୍ଦ୍ର ଖୁଣ୍ଟିଆଙ୍କୁ ପୁଲିସ ଥାନାରେ ଅଟକ ରଖି ତଦନ୍ତ ଜାରି ରହିଛି।

## ସହକାରୀ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଧର୍ମଶାଳା,୩୦।୬(ସମିସ):** ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ କଣିପାଟିଆ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରଭା ମିଶ୍ରଙ୍କ ଅବସର ଗ୍ରହଣ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନେତା ଯୁଗଳ କିଶୋର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ସମାଜସେବୀ ମିନତୀ ସାହୁ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାପକ ମନୋରଞ୍ଜନ ମହାନ୍ତି ଯୋଗଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମମିତା ମହାନ୍ତି, ବେଣୁଧର ଦାସ, ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜିକା ନିବେଦିତା ପରିଡା, ଅବସରପ୍ରାପ୍ତ ଶିକ୍ଷକ ଯୁଧିଷ୍ଠିର ସ୍ୱାଇଁ, ସରପଞ୍ଚ ତ୍ରିଲୋଚନ ଜେନା, କମିଟିର ସଭାପତି ରୁଦ୍ରନାରାୟଣ ରାଉତ, ଶିକ୍ଷକ ପ୍ରସନ୍ନ ରାୟ ପ୍ରମୁଖ ଯୋଗଦେଇଥିଲେ। ବୀର କିଶୋର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦାୟୀ ଶିକ୍ଷୟତ୍ରୀଙ୍କୁ ଏକ ଶୋଭାଯାତ୍ରାରେ ତାଙ୍କ ଘର ପର୍ଯ୍ୟନ୍ତ ନିଆଯାଇଥିଲା।

## ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

**ମଙ୍ଗଳପୁର,୩୦।୬(ସମିସ):** ଦଶରଥପୁର ବ୍ଲକ ଡାହାଣହଟା ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ବେହେରା ଆଜି ନିଜର ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଯେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରେରାମ ପଣ୍ଡା, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ଦିଲୀପ କୁମାର ସାମଲ, ସମ୍ମାନିତ ଅତିଥି ଭାବେ ଡାହାଣହଟା ସରପଞ୍ଚ ପଦ୍ମାବତୀ ବିଶ୍ୱାଳ, ଶିକ୍ଷାବିତ ରବୀନ୍ଦ୍ର କୁମାର ପୃଷ୍ଟି, ରମାକାନ୍ତ ସ୍ୱାଇଁ, ବିନୋଦ ବିହାରୀ ନାୟକ, କଳ୍ପତରୁ ସାମଲ, ଅଶୋକ କୁମାର ଦାସ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶୁଭକାନ୍ତ ମହାପାତ୍ର, କନିକାପଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପକ୍ଷରୁ ତାଙ୍କୁ ମାନପତ୍ର, ଉପଢୌକାନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଙ୍ଗୀତ ଶିକ୍ଷକ ପ୍ରତାପ କୁମାର ପଣ୍ଡାଙ୍କ ସମ୍ବର୍ଦ୍ଧନା



**କୟାଁଗୋଲା,୩୦।୬(ସମିସ):** ଦଶରଥପୁର ବ୍ଲକ ଜୟଚଣ୍ଡୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସଙ୍ଗୀତ ଶିକ୍ଷକ ପ୍ରତାପ କୁମାର ପଣ୍ଡା ଗତ ୧୩ ବର୍ଷର ସେବା ପରେ ଅବସର ଗ୍ରହଣ କରିଛନ୍ତି। ତାଙ୍କ ସମ୍ମାନାର୍ଥେ ବିଦ୍ୟାଳୟ ପରିସରରେ ଏକ ଭାବପୂର୍ଣ୍ଣ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ୨୦୧୩ ଜୁନ୍ ମାସରୁ ଚାକିରି ଜୀବନ ଆରମ୍ଭ କରିଥିବା ଶ୍ରୀ ପଣ୍ଡା ୩୦ ଜୁନ୍ ୨୦୨୬ ରେ ଅବସର ନେଇଛନ୍ତି। ସଭା ପରିଚାଳନାରେ ବିଦ୍ୟାଳୟ ଶିକ୍ଷକ ଅଶୋକ କୁମାର ଦାସ, ଆକାଶ ଚନ୍ଦ୍ର ଦାସ, ଯଶୋବନ୍ତ ନାଏକ, ରତିକାନ୍ତ ଦାସ, ହିମାଂଶୁ ପୁଷ୍ଟି ଏବଂ ଶିକ୍ଷୟିତ୍ରୀ ଗୀତାଞ୍ଜଳି ନାଏକ, ପୁଷ୍ପାଞ୍ଜଳି ଦାସ, ବିଜୟଲକ୍ଷ୍ମୀ ନାୟକ, ସୁଶ୍ରୀ ସଂଗୀତା ରାଉତ, ବୈଜୟନ୍ତୀ ଜେନା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟ ତରଫରୁ ଶ୍ରୀ ପଣ୍ଡାଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଦୁବକଣ ବିଦ୍ୟାଳୟ ସାମ୍ନାରେ ବାଲି ଗଦା



**କୟାଁଗୋଲା,୩୦।୬(ସମିସ):** ଦୁବକଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାମ୍ନାରେ ବହୁ ପରିମାଣରେ ବାଲି ଗଦା ହୋଇ ପଡ଼ିରହିଥିବାରୁ ଛାତ୍ରଛାତ୍ରୀ ଯିବା ଆସିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଗ୍ରାମ ସମାଜସେବୀ ବିଶ୍ୱଜିତ ଦାସ ଏ ନେଇ ତୀବ୍ର ଅଭିଯୋଗ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ଦୀର୍ଘ ଦିନ ହେଲା ବିଦ୍ୟାଳୟର ମୁଖ୍ୟଫାଟକ ଆଗରେ ବାଲି ଗଦା ହୋଇ ପଡ଼ିଛି। ଫଳରେ କୁନି କୁନି ପିଲାମାନେ ସ୍କୁଲକୁ ଯିବା ଆସିବା ବେଳେ ପଡ଼ିଯିବାର ଆଶଙ୍କା ରହିଛି। ବର୍ଷା ଦିନେ ଏହି ସମସ୍ୟା ଆହୁରି ବଢ଼ିଯାଉଛି। ପିଲାମାନେ ଠିକ୍‌ସେ ବିଦ୍ୟାଳୟକୁ ଯାଇ ପାରୁନାହାନ୍ତି। ଶ୍ରୀ ଦାସ ପ୍ରଶାସନ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ବାଲି ହଟାଇ ରାସ୍ତା ସଫା କରିବାକୁ ଦାବି କରିଛନ୍ତି। ଅଭିଭାବକମାନେ ମଧ୍ୟ ପିଲାଙ୍କ ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଖୁବ୍‌ଶୀଘ୍ର ଏହାର ସମାଧାନ ନହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ପଞ୍ଚାୟତସ୍ତରୀୟ ମେଗା ସ୍ୱାସ୍ଥ୍ୟ ଶିବିର



**ଯାଜପୁର,୩୦।୬(ସମିସ):** "ବିକାଶର ଧାରା ଓଡ଼ିଶା ସାରା' ଅଭିଯାନ ଅନ୍ତର୍ଗତ ଯାଜପୁର ଜିଲ୍ଲାର ଏକ ବୃହତ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୩୧୧ଟି ଗ୍ରାମପଞ୍ଚାୟତରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିର ଜୁନ୍ ୩୦ରେ ଉଦଯାପିତ ହୋଇଯାଇଛି। ଯାଜପୁର ଜିଲ୍ଲାପାଳଙ୍କ ମାର୍ଗଦର୍ଶନରେ ଏହି ଗ୍ରାମପଞ୍ଚାୟତ ସ୍ତରୀୟ ମେଗା କ୍ୟାମ୍ପଗୁଡ଼ିକରେ ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ମାଗଣାରେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିଲା। ବିଶେଷ କରି ମ୍ୟାଲେରିଆ ପରୀକ୍ଷା, ରକ୍ତହୀନତା ଚିହ୍ନଟ ଏବଂ ଅଣ-ସଂକ୍ରାମକ ରୋଗ ଭଳି ଗୁରୁତ୍ୱପୂର୍ଣ୍ଣ ସ୍କ୍ରିନିଂ ବ୍ୟବସ୍ଥା କରାଯାଇ ହଜାର ହଜାର ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଏହା ସହିତ ସରକାରଙ୍କ ପ୍ରମୁଖ ସ୍ୱାସ୍ଥ୍ୟ ଯୋଜନା ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅଧୀନରେ ବ୍ୟାପକ କାର୍ଡ ବଣ୍ଟନ ଏବଂ ନୂତନ ଆୟୁଷ୍ମାନ୍ କାର୍ଡ ପ୍ରଦାନ କରାଯାଇଛି। ଜନସାଧାରଣଙ୍କ ସୁବିଧା ପାଇଁ କ୍ୟାମ୍ପ ସାଇଟରେ ହିଁ ଅଣ-ଇ-କେୱାଇସି ରୁ ସଫଳ ଇ-କେୱାଇସି ରୂପାନ୍ତରଣ କାର୍ଯ୍ୟକ୍ରମ ସୁଗମତାର ସହ କରାଯାଇଥିଲା। ଏହି ମହତ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ସଫଳ କରିବା ପାଇଁ ସ୍ଥାନୀୟ ପଞ୍ଚାୟତରାଜ ଅନୁଷ୍ଠାନର ସମସ୍ତ ପ୍ରତିନିଧି ଓ ସଦସ୍ୟମାନେ ସହୋଯାଗ କରିଥିଲେ। ଧର୍ମଶାଳା ବ୍ଲକରେ ସର୍ବାଧିକ ୧୫,୨୨୦ ଜଣ ଆୟୁଷ୍ମାନ୍ ହିତାଧିକାରୀ ତାଲିକାଭୁକ୍ତ ହୋଇଥିବା ବେଳେ ୫,୮୦୫ଟି କାର୍ଡ ବଣ୍ଟନ କରାଯାଇଛି। ଦଶରଥପୁର ବ୍ଲକରେ ସର୍ବାଧିକ ୨,୭୫୩ ଜଣଙ୍କର ସ୍କ୍ରିନିଂ ଏବଂ ୨,୫୩୯ ଜଣଙ୍କର ମ୍ୟାଲେରିଆ ପରୀକ୍ଷା ସଫଳତାର ସହ କରାଯାଇଛି। କୋରେଇ ବ୍ଲକର ସର୍ବାଧିକ ୧,୯୦୭ ଜଣଙ୍କର ସଫଳ ଇ-କେୱାଇସି ସମ୍ପନ୍ନ କରାଯାଇଛି।

## ବିଦ୍ୟୁତ୍ ସଟ୍‌ସର୍କିଟ୍ ସଚେତନତା



**ଯାଜପୁର,୩୦।୬(ସମିସ):** ଓଡ଼ିଶା ସରକାର ସର୍ବୋଚ୍ଚ ଯନ୍ତ୍ରୀ ବିଦ୍ୟୁତ ତଥା ପ୍ରମୁଖ ବିଦ୍ୟୁତ ନିରୀକ୍ଷକ, ଶକ୍ତି ବିଭାଗ ଓଡ଼ିଶାଙ୍କ ଆର୍ଥିକ ସହାୟତାରେ ଯାଜପୁର ସହର ଦେବୀଦ୍ୱାର ସ୍ଥିତ ବିରଜା ସରକାରୀ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳନ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା, ଶପଥ ପାଠ, ଜନ ସଚେତନତା ଅଭିଯାନ, ଲିଫ୍‌ଲେଟ୍ ବଣ୍ଟନ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକ ଅଧ୍ୟକ୍ଷତା କରିଥିବା ବେଳେ ଯାଜପୁର ରୋଡ୍ ସ୍ଥିତ ସୁପରିଟେଣ୍ଡିଙ୍ଗ୍ ଇଞ୍ଜିନିୟରିଂ ତଥା ଉପ-ବିଦ୍ୟୁତ ନିରୀକ୍ଷକଙ୍କ କାର୍ଯ୍ୟାଳୟର ସହକାରୀ ବିଦ୍ୟୁତ ନିରୀକ୍ଷକ ସମିକ୍ଷା ମହାପାତ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ସଟ୍‌ସର୍କିଟ୍‌ର କାରଣ ଓ ପ୍ରତିକାର ବିଷୟରେ ମତବ୍ୟକ୍ତ କରିଥିଲେ। ସେମାନଙ୍କ ସହ ଉକ୍ତ କାର୍ଯ୍ୟାଳୟର ଟେକ୍ନିକାଲ୍ ଆସିଷ୍ଟାଣ୍ଟ ରାମଚନ୍ଦ୍ର ସାହୁ, ବିଶ୍ୱରଞ୍ଜନ ପରିଡ଼ା ଓ ବିରେନ୍ଦ୍ର କୁମାର ରାଉତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସମ୍ମାନିତ ଅତିଥିରୂପେ ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡ. ଅକ୍ଷୟ କୁମାର ପଣ୍ଡା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତିର ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ସଭ୍ୟ ସଂଜୟ କୁମାର ସାହୁ, ଅଜୟ କୁମାର ପାଣିଗ୍ରାହୀ ଓ ପ୍ରମୋଦ କୁମାର ରଣା ପ୍ରମୁଖ ନିଜ ମତବ୍ୟକ୍ତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ଅତିଥିବୃନ୍ଦ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତକୁ ଶିକ୍ଷୟିତ୍ରୀ ଶୁଭଶ୍ରୀ ପରିଡ଼ା, ମିନାକ୍ଷୀ ଜେନା, ରେଖାରାଣୀ ମଲ୍ଲିକ, ସୁପ୍ରଭା ସାହୁ, ସସ୍ମିତା ସେଠୀ, ଲକ୍ଷ୍ମୀପ୍ରିୟା ରାଉତରାୟ, ଅନ୍ନପୂର୍ଣ୍ଣା ମହାନ୍ତି, ମନସ୍ମିତା ଭଦ୍ର ଓ ମନ୍ଦାକିନୀ ବେହେରା ପରିଚଳନା କରିଥିଲେ। ଶିକ୍ଷକ ଅମୀୟ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଦିଲ୍ଲୀପ କୁମାର ପ୍ରଧାନ ଓ ପ୍ରବିର ରଞ୍ଜନ ସେଠୀ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ସମୀର କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ମଙ୍ଗଳପୁର,୩୦।୬(ସମିସ):** ଦଶରଥପୁର ବ୍ଲକ ଡାହାଣହଟା ପଞ୍ଚାୟତ ବଉଳାଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା କୁମାରୀ ସେଠୀ ଆଜି ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ବୈଜୟନ୍ତୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ବିଞ୍ଝାରପୁର ବିଇଓ ଶାନ୍ତନୁ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ଦଶରଥପୁର ବ୍ଲକର ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା, ସମ୍ମାନିତ ଅତିଥି ଭାବେ ଏବିଓ ନୃସିଂହ ଚରଣ ମହାନ୍ତି, ଏବିଓ ବରଦା ଭୂଷଣ ମହାପାତ୍ର, ସିଆର୍‌ସିସି ଅଶୋକ କୁମାର ସାହୁ, ଡାହାଣହଟା ପଞ୍ଚାୟତର ସରପଞ୍ଚ ପଦ୍ମାବତୀ ବିଶ୍ୱାଳ, ଅବସର ପ୍ରାପ୍ତ ଏବିଓ ସାବିତ୍ରୀ ସେଠୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୋପାଳ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପକ୍ଷରୁ ଶ୍ରୀମତୀ ସେଠୀଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷକ ସତ୍ୟବ୍ରତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିପିନି ଷଡ଼ଙ୍ଗୀ ରୋଟାରି କ୍ଲବ୍ ସହକାରୀ ଗଭର୍ଣ୍ଣର



**ଧର୍ମଶାଳା,୩୦।୬(ସମିସ):** ରୋଟାରି କ୍ଲବ ଜାରକାର ପୂର୍ବତନ ସଭାପତି ତଥା ଯୁବ ସଂଗଠକ ଇଂ. ବିପିନ ବିହାରୀ ଷଡ଼ଙ୍ଗୀଙ୍କୁ ରୋଟାରି କ୍ଲବ ୩୨୬୨ ଜିଲ୍ଲା ତରଫରୁ ସହକାରୀ ଗଭର୍ଣ୍ଣର ଭାବେ ନିଯୁକ୍ତି ମିଳିଛି। ସେ ଏହି କ୍ରମରେ ୨୦୨୬ -୨୭ ଆର୍ଥିକ ବର୍ଷ ନିମନ୍ତେ ଯାଜପୁର ଓ ଭଦ୍ରକ ଜିଲ୍ଲାରେ ଥିବା ରୋଟାରି କ୍ଲବର ଦାୟିତ୍ୱରେ ରହିବେ। ଏହି ନିଯୁକ୍ତି ପାଇଁ ସେ ରୋଟାରି କ୍ଲବ ୩୨୬୨ ଜିଲ୍ଲାର ଗଭର୍ଣ୍ଣର ରୋଟାରିଆନ ଅନିଲ କୁମାର ସାମଲଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ ଆସନ୍ତା ଜୁଲାଇ ୧ ତାରିଖରୁ ଏହି ଦାୟିତ୍ୱ ଗ୍ରହଣ କରିବେ। ଏହି ନିଯୁକ୍ତି ପାଇଁ ଜାରକା ରୋଟାରି କ୍ଲବ ଓ ଇନର ହୁଇଲ କ୍ଲବ ସଭ୍ୟ-ସଭ୍ୟାଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

# ଇଡ୍‌କୋ କବ୍‌ଜାରେ ଜଳସମ୍ପଦ ବିଭାଗ ନଦୀବନ୍ଧ

**ଯଖପୁରା,୩୦।୬(ସମିସ)**



ଗମନାଗମନ ସରସ ସୁନ୍ଦର କରିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରଚୁର ପରିମାଣର ଅର୍ଥ ମଞ୍ଜୁର କରାଯାଇଥାଏ। ସାଧାରଣ ଲୋକ କିପରି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ କିପରି ସହଜ ଓ ସୁବିଧାରେ ଯାତାୟତ କରିବା ପାଇଁ କୋଟି କୋଟି ଟଙ୍କା ଅର୍ଥ ବ୍ୟୟରେ ନିର୍ମାଣ କରାଯାଉଛି ସଡ଼କ। ମାତ୍ର ଏମିତି କିଛି ବ୍ୟସ୍ତବହୁଳ ସଡ଼କକୁ ନିଜ ଅକ୍ତିଆରରେ ରଖି ସାଧାରଣ ଲୋକଙ୍କୁ ଯାତାୟତରେ ସମସ୍ୟା ସୃଷ୍ଟି କରାଯାଉଛି। ସେମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ୫୩ ନମ୍ବର ଜାତୀୟ ରାଜପଥ ବ୍ରାହ୍ମଣୀ ପୋଲ ଠାରୁ ପଙ୍କପାଳ ପଞ୍ଚାୟତ ନୀଳମଣିଦେଇପୁର ଗ୍ରାମଦେଇ ବିଜୁ ପଟ୍ଟନାୟକ ମାର୍ଗ ଛକ ପର୍ଯ୍ୟନ୍ତ ଥିବା ସଡ଼କ କ୍ଷେତ୍ରରେ। ଏହି ରାସ୍ତାଟି ଜଳସମ୍ପଦ ବିଭାଗ ଅଧୀନରେ ଥିବା ବେଳେ ବ୍ରାହ୍ମଣୀ ନଦୀ କୂଳରେ ଇଡ୍‌କୋ ତରଫରୁ କରାଯାଇଥିବା ପମ୍ପହାଉସ କିଛି କାରଣ ନଥାଇ କେବଳ ରାସ୍ତା ମରାମତି ନାଁରେ ଦୀର୍ଘ ଦିନ ଧରି ରାସ୍ତା ଅବରୋଧ କରି ରଖିଛନ୍ତି। ଜଳସମ୍ପଦ ବିଭାଗର ନଦୀବନ୍ଧ ରାସ୍ତାଟି ସଦାସର୍ବଦା ଯାତାୟାତ ପାଇଁ ବ୍ୟସ୍ତବହୁଳ ରହିଥାଏ। ବ୍ରାହ୍ମଣୀ ନଦୀ ଆରପଟ ଧର୍ମଶାଳା ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଶ୍ରମିକ, କର୍ମଚାରୀ ସମେତ ଦୁଇ ପାର୍ଶ୍ୱର ଲୋକମାନଙ୍କ ଯାତାୟାତ ବାଧାପ୍ରାପ୍ତ ହେବା ସହ ଅନେକ ସମୟରେ ଦୁର୍ଘଟଣା ଘଟୁଛି।

**ଦୁଇ ପାଖ ପାଇପ୍‌ରେ ଅବରୋଧ ସର୍ବସାଧାରଣ ରାସ୍ତା**

ଜଳସମ୍ପଦ ବିଭାଗ ଅଧୀନରେ ଥିବା ନଦୀବନ୍ଧ ରାସ୍ତାକୁ ବିନା ଅନୁମତିରେ କିପରି ଅବରୋଧ କରାଗଲା ଏବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବରୁ ଅନେକ ସମୟରେ ସେହି ରାସ୍ତା ଉପରେ ଇଡ୍‌କୋ ତରଫରୁ ଗାଡ଼ି ଛିଡ଼ା କରି ଯାତାୟାତ କରୁଥିବା ଲୋକଙ୍କୁ ହଇରାଣ ହରକତ କରୁଥିବାର ଅଭିଯୋଗ ହୋଇଛି। ଇଡ୍‌କୋ ତାର ପମ୍ପ ହାଉସ ଘର ସମେତ ବିଦ୍ୟୁତର ବଡ଼ ବଡ଼ ତାର ରାସ୍ତା ପାଶ୍ୱର୍ରେ ଥିବା ବେଳେ ଏହାର ପ୍ରତିକାର ନକରି ସେପରି ବିପଜ୍ଜନକ ଭାବେ ଛାଡ଼ିଦିଆଯାଇଛି। ଯାହାକି ଯାତାୟାତ ସମୟରେ ପଥଚାରୀ ଘୋର ବିପଦପୂର୍ଣ୍ଣ ଓ ଭୟଭୀତ ହେଉଛନ୍ତି। ଜଳସମ୍ପଦ ବିଭାଗ ନଦୀ ବନ୍ଧ ରାସ୍ତାକୁ ଅବରୋଧ କରୁଥିବାରୁ ଇଡ୍‌କୋର ଅଧିକାରୀଙ୍କୁ ପଚାରିବାରୁ ସେମାନେ କାର୍ଯ୍ୟ ଶୀଘ୍ର ସମାପ୍ତ ସହ ବଡ଼ ବଡ଼ ଗାଡ଼ି ନଯିବା ପାଇଁ ବ୍ୟବସ୍ଥା କରିଛନ୍ତି ବୋଲି ଜଣାଇଛନ୍ତି। ରାସ୍ତା ଅବରୋଧର ଖବର ପ୍ରକାଶ ପାଇବା ଖବର ଜାଣି ତୁରନ୍ତ ଅବରୋଧ କରାଯାଇଥିବା ବଡ଼ ପାଇପ୍‌କୁ ସାମାନ୍ୟ ଘୁଞ୍ଚାଇ ଦେଇ କେବଳ ମୋଟରସାଇକଲ ଯିବା ପାଇଁ ବ୍ୟବସ୍ଥା କରିଛନ୍ତି। ଲୋକେ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାରୁ ପାଇପ୍ ହଟାଇ ସାମାନ୍ୟ ରାସ୍ତା ଦେଖାଇ ଲୋକମାନଙ୍କୁ ଅଧିକରୁ ଅଧିକ ବିପଦପୂର୍ଣ୍ଣ ଅବସ୍ଥାରେ ଯାତାୟତ କରିବାକୁ ପଡୁଛି। ଇଡ୍‌କୋ ଦ୍ୱାରା ଅବରୋଧ କରାଯାଇଥିବା ଜଳସମ୍ପଦ ବିଭାଗ ନଦୀବନ୍ଧ ରାସ୍ତାକୁ ତୁରନ୍ତ ପାଇପ୍ ହଟାଇ ସାଧାରଣ ଲୋକ ଯାତାୟତ ପାଇଁ ବ୍ୟବସ୍ଥା ନ କରାଇଲେ ସ୍ଥାନୀୟ ଲୋକେ ଇଡ୍‌କୋ ପମ୍ପ ହାଉସ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

## ଦୁର୍ଘଟଣାରେ ଯୁବକ ମୃତ; ଟ୍ରାକ୍ଟର ଚାଳକ ଗିରଫ

ପାଇକମାଳ, ୩୦।୬(ସମିସ): ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ଅନ୍ତର୍ଗତ ବରତୁଣ୍ଡା ଗ୍ରାମରେ ମଙ୍ଗଳବାର ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମଧ୍ୟାହ୍ନ ପ୍ରାୟ ୧ଟା ସମୟରେ ବରତୁଣ୍ଡା ଗ୍ରାମର ତିନିଜଣ ଯୁବକ ଏକ ବାଇକ୍‌ରେ ବଜାର ପଟରୁ ଗ୍ରାମକୁ ଫେରୁଥିଲେ। ସେହି ସମୟରେ ବାଦିବାହାଲ ପଟରୁ ଆସୁଥିବା ଏକ ଟ୍ରାକ୍ଟର ସହ ବାଇକଟି ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକ୍ ଚାଳକ ବରତୁଣ୍ଡା ଗାଁର ବିନୋଦ ମେହେର (୨୫)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପାଇକମାଳ ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଟ୍ରାକ୍ଟର ଚାଳକ ଝେଙ୍ଗନାଡିହି ଗାଁର ହରିହର ଧରୁଆ(୩୫)ଙ୍କୁ ପୁଲିସ ଗିରଫ କରିଥିବା ବେଳେ ତାଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ।

## ନିର୍ମାଣାଧୀନ କଂକ୍ରିଟ ରାସ୍ତାରେ ଫାଟ

### ● କାର୍ଯ୍ୟର ମାନକୁ ନେଇ ବଢ଼ିଲା ଦ୍ୱନ୍ଦ୍ୱ

ବରଗଡ଼, ୩୦।୬(ସମିସ): ଝାରବନ୍ଧରୁ ବସନା କଂକ୍ରିଟ ରାସ୍ତାରେ ଫାଟ ଦେଖାଯିବା ଘଟଣା ଏବେ ଚିନ୍ତାର ବିଷୟ ପାଲଟିଛି। କାମ ଶେଷ ହେବା ପୂର୍ବରୁ ରାସ୍ତାର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବାରୁ କାର୍ଯ୍ୟର ମାନକୁ ନେଇ ଲୋକେ ପ୍ରଶ୍ନ କରିଛନ୍ତି। ରାସ୍ତା ନିର୍ମାଣ ଚାଲିଥିବାବେଳେ ଅନ୍ୟପଟେ ଫାଟ ମରାମତି ଚାଲିଥିବାରୁ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଆରଡି ବିଭାଗର ଏସ୍‌ଡିଓ କ୍ଷୀରୋଦ ମେହେର କହିଛନ୍ତି ଯେ, ଘଟଣାର ତଦନ୍ତ କରାଯିବ। ତ୍ରୁଟି ଜଣାପଡ଼ିଲେ ନିୟମ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ସଂକୁଳସ୍ତରୀୟ ସଙ୍ଗୀତ କାର୍ଯ୍ୟଶାଳା

ଥୁଆପାଲି, ୩୦।୬(ସମିସ): ସରସ୍ୱତୀ ଶିଶୁ ମନ୍ଦିର ଖୁଣ୍ଟୁଲିପାଲିଠାରେ ଭେଡେନ ସଂକୁଳ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ସଙ୍ଗୀତ ପ୍ରମୁଖ ଗୁରୁଜୀ ଗୁରୁମାଙ୍କୁ ନେଇ ସଂକୁଳ ପ୍ରମୁଖ ଡା.ବିବେକାନନ୍ଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ତଥା ସଂକୁଳ ପ୍ରମୁଖ ଅଶ୍ୱିନୀ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ସଂକୁଳ ସଙ୍ଗୀତ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଗୋଡ଼ଭଗା ସଙ୍ଗୀତ ବିଦ୍ୟାଳୟ ନାନବ୍ରହ୍ମର ସଙ୍ଗୀତ ଶିକ୍ଷକ ଲୋକେଶ୍ୱର ନାଏକ (ଲୋଟସ୍) ଯୋଗଦାନ କରିଥିଲେ।

### ● ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ

## ଯୁବ ଓ ଛାତ୍ର ଉଦ୍ୟୋଗୀକରଣ ଉପରେ ଆଲୋଚନା

ବରଗଡ଼, ୩୦।୬(ସମିସ): ଜିଲ୍ଲାସ୍ତରୀୟ ଉଦ୍ୟମୀ ଓଡ଼ିଶା କାର୍ଯ୍ୟକ୍ରମ ଚତୁର୍ଥ ଦିବସରେ 'ଛାତ୍ର ଓ ଯୁବ ଉଦ୍ୟୋଗୀ କରଣ' ଶୀର୍ଷକ ଅଧିବେଶନରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଓ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଯୁବପିଢ଼ିକୁ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରେରିତ କରିଥିଲେ। ଡି . ଆଇ.ସି ସାଧାରଣ ପରିଚାଳିକା ସୁଷମା କରାଳି ଓ ମୁଖ୍ୟ ବକ୍ତା ଅବସରପ୍ରାପ୍ତ ଅଧ୍ୟାପକ ଅକ୍ଷୟ କୁମାର ପାତ୍ର ଯୋଜନା ଉପରେ ଆଲୋକପାତ କରିଥିବା ବେଳେ ଗୋବିନ୍ଦ ସେଠ୍ ମଞ୍ଚ ସଞ୍ଚାଳନ କରିଥିଲେ। ଏହି ଅବସରରେ ସିଏମ୍‌ଏସ୍‌ଆର୍‌ଆଇଏମ୍ ଯୋଜନାରେ ସୁଧ ରିହାତି ବାବଦକୁ ଭେଡେନର ଶ୍ରୀ ଲକ୍ଷ୍ମୀ ଗଣପତି ରାଇସ୍ ମିଲ୍‌କୁ ୩ଲକ୍ଷ ୧୪ହଜାର ଏବଂ ବରପାଲିର ଖୁସବୁ ଫର୍ଣ୍ଣିଚରକୁ ୮୯, ୮୦୦ ଟଙ୍କା ପ୍ରଦାନ କରାଯାଇଛି।

## ପାଇକମାଳ ବ୍ଲକରେ ଯୁବ କ୍ଲବ ବିକାଶ ଅଭିଯାନ

ପାଇକମାଳ, ୩୦।୬(ସମିସ): ମାଇ ଭାରତ କେନ୍ଦ୍ର ବରଗଡ଼ ପକ୍ଷରୁ ପାଇକମାଳ ବ୍ଲକରେ ଯୁବ କ୍ଲବ ବିକାଶ ଅଭିଯାନ ଅନୁଷ୍ଠିତ ହୋଇଥିଲା। ସୋମବାର ଏହି କାର୍ଯ୍ୟକ୍ରମ ସମାପନ ପାଇଁ ମୁଖ୍ୟ ଅତିଥି ଭାବରେ ମାଇ ଭାରତ ବରଗଡ଼ ଜିଲ୍ଲା ଯୁବ ଅଧିକାରୀ କମଲ ସା, ସମାଜସେବୀ ପ୍ରଫୁଲ୍ଲ ମାକର୍, ଲୁକୁ ରଣ, ଅନିଲ ସାହୁ, ଜମନ କରେଇ ସନାତନ ପାଣ୍ଡେ, ଲେନିଶ ଚନ୍ଦ୍ର ସାହୁ, ରିଙ୍କୁ ପ୍ରଧାନ ଉପସ୍ଥିତ ଥିଲେ। ଜିଲ୍ଲା ଯୁବ ଅଧିକାରୀ କମଲ ସା ଓ ମାକର୍ ଯୁବ ଶକ୍ତିର ୟୁଥ୍ ଆଇକନ ସ୍ୱାମୀ ବିବେକାନନ୍ଦଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଦୀପ ପ୍ରଜ୍ୱଳନ କରିଥିଲେ। ତାପରେ ଯୋଜନା ବାବଦରେ ଅଭିଭାଷଣ ପ୍ରଦାନ କରିଥିଲେ।

## ଭଟଲି ରଥଯାତ୍ରା ପ୍ରସ୍ତୁତି ବୈଠକ କେବେ

ଭଟଲି, ୩୦।୬(ସମିସ):ପଶ୍ଚିମ ଓଡ଼ିଶାର ଶ୍ରୀକ୍ଷେତ୍ର ଭାବେ ପରିଚିତ ଭଟଲିର ଆରାଧ୍ୟ ଶ୍ରୀ ଦଧିବାମନ ମହାପ୍ରଭୁଙ୍କ ଘୋଷଯାତ୍ରା ଆସନ୍ତା ଜୁଲାଇ ମାସ ୧୬ ତାରିଖ ରବିବାର ଦିନ ଅନୁଷ୍ଠିତ ହେବ। ଏଥିରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୁଏ। କିନ୍ତୁ ଏଯାଏ ପ୍ରଶାସନର ପ୍ରସ୍ତୁତି ବୈଠକ ହୋଇନାହିଁ। ରାଜ୍ୟ ସରକାର ଅନ୍ୟ କ୍ଷେତ୍ରମାନଙ୍କୁ ଯେଉଁ ପ୍ରକାର ସହାୟତା ତଥା ଗୁରୁତ୍ୱ ଦେଉଛନ୍ତି ପଶ୍ଚିମ ଓଡ଼ିଶା ଶ୍ରୀକ୍ଷେତ୍ର ଭାବେ ପରିଚିତ ଏହି ଦଧିବାମନ ଧାମକୁ କାହିଁକି ଅଣଦେଖା କରୁଛନ୍ତି ଜଣା ପଡୁନାହିଁ।

## ସମତା ବିନ୍ଦୁ ପକ୍ଷରୁ ରକ୍ତଦାନ ଶିବିର

ବରଗଡ଼, ୩୦।୬(ସମିସ): ସମାଜବାଦୀ ଚିନ୍ତାନାୟକ କିଶନ ପଟ୍ଟନାୟକଙ୍କ ୯୬ ତମ ଜୟନ୍ତୀ ଅବସରରେ ସ୍ଥାନୀୟ ସମତା ଭବନ ବରଗଡ଼ଠାରେ ସମତା ବିନ୍ଦୁ ରକ୍ତ ଦାନ ସଂସ୍ଥା ତରଫରୁ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୫୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବରଗଡ଼ ରକ୍ତ ଭଣ୍ଡାରର ଅମରଜୀତ ମହାନ୍ତି, ମାନସ ରଞ୍ଜନ ବିଶି, ଭୁବନେଶ୍ୱର ସାହୁ, ମହେନ୍ଦ୍ର କୁମାର ମେହେର ଏବଂ କୃଷ୍ଣଚନ୍ଦ୍ର ସାହୁ ରକ୍ତ ସଂଗ୍ରହ କରିଥିଲେ ଏବଂ ଜୟ କିସାନ ଆନ୍ଦୋଳନର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ, ସୁଶୀଲ କୁମାର ସାହୁ, ହର ବଣିଆଁ, ଶିବ ପ୍ରସାଦ ପ୍ରଧାନ, ଅରୁଣ କୁମାର ସାହୁ ଓ ଅନ୍ୟ ପଦାଧିକାରୀ ପରିଚାଳନା କରିଥିଲେ।

## ପୋକ୍‌ସୋ ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ବରଗଡ଼, ୩୦।୬(ସମିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ ବରଗଡ଼ ପକ୍ଷରୁ ପାର୍ବତୀଗିରି ମହିଳା ମହାବିଦ୍ୟାଳୟ ବରଗଡ଼ ଠାରେ ପୋକ୍‌ସୋ ଆକ୍ଟ ଓ ପୋକ୍‌ସୋ ଆଇନ ଅନୁଯାୟୀ ପୀଡ଼ିତ କ୍ଷତିପୂରଣ ବ୍ୟବସ୍ଥା ସହିତ ଯୌନ ନିର୍ଯାତନାର ଶିକାର ମହିଳା ଓ ବଞ୍ଚିତାଙ୍କ ପାଇଁ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେହିପରି ଆନ୍ତର୍ଜାତୀୟ ନିଶା ଦ୍ରବ୍ୟ ଦୁରୁପଯୋଗ ଓ ଅବୈଧ ବ୍ୟାପାର ବିରୋଧୀ ଦିବସ ମଧ୍ୟ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ନନ୍ଦିନୀ ନିରୋଦ ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ଆଇକ୍ୟୁଏସି ସଂଯୋଜିକା ମଧୁସ୍ମିତା ନନ୍ଦ କାର୍ଯ୍ୟକ୍ରମର ସମନ୍ୱୟ ଦାୟିତ୍ୱ ତୁଲାଇଥିଲେ।

## ରାଜ୍ୟ କଂଗ୍ରେସ ପଛୁଆ ବର୍ଗ ସଭାପତି ସରୋଜ ପ୍ରଧାନଙ୍କୁ ସମ୍ବର୍ଦ୍ଧନା

ବରଗଡ଼, ୩୦।୬(ସମିସ): ରାଜ୍ୟ କଂଗ୍ରେସ ପଛୁଆ ବର୍ଗ ବିଭାଗର ନବ ନିଯୁକ୍ତ ସଭାପତି ସରୋଜ ପ୍ରଧାନଙ୍କୁ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ହରଦୀପ ସିଂ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସରୋଜ ପ୍ରଧାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀ ପ୍ରଧାନ କହିଥିଲେ ଯେ ପଛୁଆ ବର୍ଗର ସମସ୍ୟା ଓ ଦାବିକୁ ନେଇ ଦଳ ଆଗାମୀ ଦିନରେ ଜୋରଦାର ଲଢ଼େଇ କରିବ। କିଶୋର ଦଫାଦାର, ଟଙ୍କଧର ସାହୁ, ବ୍ରହ୍ମାନନ୍ଦ ମହାକୁଡ, ଅଭିଷେକ ସେଟ୍ ପ୍ରମୁଖ ମଞ୍ଚାସିନ ଥିଲେ।

## ସୋହେଲାରେ ବିଜେପିର ଜନ ସମ୍ବାଦ ଓ ଭାବ ବିନିମୟ କାର୍ଯ୍ୟକ୍ରମ




ସୋହେଲା, ୩୦।୬(ସମିସ): ସୋହେଲା ଗୌରୀ କଲ୍ୟାଣ ମଣ୍ଡପ ଠାରେ ଭଟଲି ନିର୍ବାଚନ ମଣ୍ଡଳୀ ଭାରତୀୟ ଜନତା ପାର୍ଟି ପକ୍ଷରୁ ଜନ ସମ୍ବାଦ ଏବଂ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଗିରିଜା ଶଙ୍କର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ସାମ୍ମାନୀତ ଅତିଥି ଭାବେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଯୋଗ ଦେଇଥିଲେ। ସୋହେଲା ମଣ୍ଡଳ ସଭାପତି ଅଶ୍ୱିନୀ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଜନ ସମ୍ବାଦ ଏବଂ ଭାବ ବିନିମୟ କାର୍ଯ୍ୟକ୍ରମରେ ନିଜ ବକ୍ତବ୍ୟରେ ବିଧାୟକ ଶ୍ରୀ ଆଚାର୍ଯ୍ୟ ଭଟଲି ନିର୍ବାଚନ ମଣ୍ଡଳୀରେ ଗତ ଦୁଇ ବର୍ଷ ମଧ୍ୟରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ।

### ଦୀର୍ଘଦିନ ପରେ ଝାରବନ୍ଧ ପଞ୍ଚାୟତ ସମିତି ବୈଠକ

# ସାମ୍ବାଦିକଙ୍କୁ ତଡ଼ିଦେଲେ ଜନ ପ୍ରତିନିଧି

ବରଗଡ଼, ୩୦।୬(ସମିସ)



ଦୀର୍ଘମାସ ଧରି ଝାରବନ୍ଧ ବ୍ଲକରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହେଉନଥିବା ନେଇ ଜନପ୍ରତିନିଧିମାନେ ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଫେରାଦ ହୋଇଥିଲେ। ସେହିପରି ଗଣମାଧ୍ୟମରେ ମଧ୍ୟ ଏହି ପ୍ରସଙ୍ଗ ବାରମ୍ବାର ପ୍ରକାଶ ପାଇବା ପରେ ଶେଷରେ ଦୀର୍ଘ ବ୍ୟବଧାନରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। କିନ୍ତୁ ବୈଠକ ଆରମ୍ଭ ହେବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବାହାରକୁ ଯିବାକୁ କୁହାଯାଇଥିବା ଅଭିଯୋଗ ସାମ୍ନାକୁ ଆସିବା ପରେ ସମଗ୍ର ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ବ୍ଲକ ପ୍ରଶାସନ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ବୈଠକରେ ଯୋଗଦେବା ପାଇଁ ଆମନ୍ତ୍ରଣ କରାଯାଇଥିଲା। ମାତ୍ର ବୈଠକ ଆରମ୍ଭ ପରେ ବ୍ଲକ ଅଧ୍ୟକ୍ଷା ଲିପ୍ସା ପ୍ରଧାନ ଏବଂ ବିଧାୟକ ପ୍ରତିନିଧି ବିଜୟ କେତନ ପ୍ରଧାନ ଗଣମାଧ୍ୟମ ପ୍ରତିନିଧିଙ୍କୁ ବୈଠକରୁ ବାହାରକୁ ଯିବାକୁ କହିଥିଲେ। ଏହି ଘଟଣା ବୁଦ୍ଧିଜୀବୀ ମହଲ, ସାମ୍ବାଦିକ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଅସନ୍ତୋଷର କାରଣ ପାଲଟିଛି। ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ଲିପ୍ସା ପ୍ରଧାନ, ସାଂସଦ ପ୍ରତିନିଧି ଦୁର୍ଗାପ୍ରସାଦ ଅଗ୍ରୱାଲ, ବିଧାୟକ ପ୍ରତିନିଧି ବିଜୟ କେତନ ପ୍ରଧାନ, ବିଡିଓ ପର୍ଶୁରାମ ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ ବେହେରା ଓ ସୁଶୀଲ ମରେଇଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରୁ ସାମ୍ବାଦିକଙ୍କୁ ବାହାରକୁ ଯିବାକୁ କୁହାଯିବା ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ପ୍ରଶ୍ନ ଉଠାଇଛି ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି।

ଘଟଣାକୁ ଜର୍ଣ୍ଣାଲିଷ୍ଟ ଆସୋସିଏସନ ଝାରବନ୍ଧ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ଗଣମାଧ୍ୟମର ସ୍ୱାଧୀନତା ଓ ସମ୍ମାନ ପ୍ରତି କୌଣସି ପ୍ରକାରର ଅବହେଳା ଗ୍ରହଣୀୟ ନୁହେଁ। ଏହି ଘଟଣାର ତଦନ୍ତ ସହ ଭବିଷ୍ୟତରେ ଏଭଳି ପରିସ୍ଥିତିର ପୁନରାବୃତ୍ତି ନ ହେବାକୁ ପଦକ୍ଷେପ ନେବାକୁ ଦାବି କରାଯାଇଛି।

## ଧାନ ମଣ୍ଡିରେ ଅଗ୍ନିକାଣ୍ଡ; ତଦନ୍ତ ଦାବି କଲେ ଚାଷୀ



ବରପାଲି, ୩୦।୬(ସମିସ): ବରଗଡ଼ ଜିଲ୍ଲା ବରପାଲି ବ୍ଲକ ସତଲମା ଧାନ ମଣ୍ଡିରେ ସୋମବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ବହୁ ଧାନ ବସ୍ତା ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା। ଘଟଣା ପରେ ଚାଷୀମାନେ ମଣ୍ଡିର ବିଦ୍ୟୁତ ବ୍ୟବସ୍ଥା ଓ ସୁରକ୍ଷା ପ୍ରତି ଅବହେଳା ହୋଇଥିବା ଅଭିଯୋଗ କରି ସମ୍ପୂର୍ଣ୍ଣ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ନିଆଁ ଲାଗିବାର ପ୍ରକୃତ କାରଣ ଖୋଜି ବାହାର କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବି ଜଣାଇଛନ୍ତି। ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ପ୍ରକୃତ କାରଣ ସ୍ପଷ୍ଟ ହେବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ମଣ୍ଡି ଅଧିକାରୀ କହିଛନ୍ତି।

### ● ବରଗଡ଼ରେ ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ

## ପ୍ରଶାସନିକ ତଥ୍ୟର ସଦୁପଯୋଗ ଉପରେ ଗୁରୁତ୍ୱ

ବରଗଡ଼, ୩୦।୬(ସମିସ): ଭାରତୀୟ ପରିସଂଖ୍ୟାନର ଜନକ ଭାବେ ସୁପରିଚିତ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହଲାନୋବିସ୍‌ଙ୍କ ୧୩୩ ତମ ଜନ୍ମ ଜୟନ୍ତୀ ଅବସରରେ ସୋମବାର ଦିନ ବରଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ୨୦ତମ ଜିଲ୍ଲାସ୍ତରୀୟ




ଜାତୀୟ ପରିସଂଖ୍ୟାନ ଦିବସ ପାଳିତ ହୋଇଯାଇଛି। ବରଗଡ଼ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ସମିତି (ଡି.ପି.ଏମ୍.ୟୁ)ର ସହକାରୀ ନିର୍ଦ୍ଦେଶକ (ପରିସଂଖ୍ୟାନ) ସୋନାଲିକା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ କରାଯାଇଥିଲା। ଚଳିତ ବର୍ଷ ଏହି ଦିବସ ପାଳନର ମୁଖ୍ୟ ବିଷୟବସ୍ତୁ "ପ୍ରଶାସନିକ ତଥ୍ୟ ତଥା ସାମର୍ଥ୍ୟର ଉନ୍ମୋଚନ" କରାଯାଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ସଭାରେ ସହକାରୀ ନିର୍ବାହୀ ଅଧିକାରୀ ଫକୀର ମେହେର ସଭାପତିତ୍ୱ କରିଥିବା ବେଳେ ବରଗଡ଼ ଡି.ପି.ଏମ୍.ୟୁ ର ସହକାରୀ ନିର୍ଦ୍ଦେଶକ (ଯୋଜନା) ଗୀତାଞ୍ଜଳି ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବରଗଡ଼ ପଞ୍ଚାୟତ କଲେଜର ଅର୍ଥଶାସ୍ତ୍ର ବିଭାଗର ସହକାରୀ ଅଧ୍ୟାପିକା ବାସନ୍ତୀ ମେହେର ଏହି ଉତ୍ସବରେ ମୁଖ୍ୟ ଅତିଥି ଏବଂ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସେ ନିଜ ଅଭିଭାଷଣରେ ଦୈନନ୍ଦିନ ଜୀବନରେ ପରିସଂଖ୍ୟାନର ପ୍ରାସଙ୍ଗିକତା, ଦେଶ ଗଠନ ଏବଂ ସୁଦୂରପ୍ରସାରୀ ନୀତି ପ୍ରଣୟନରେ ଏହାର ଅପରିହାର୍ଯ୍ୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ସହିତ ସରକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନ ପାଇଁ ପ୍ରଶାସନିକ ତଥ୍ୟାବଳୀର ସାମର୍ଥ୍ୟକୁ କିପରି ସମ୍ପୂର୍ଣ୍ଣ ଭାବେ ଉପଯୋଗ କରାଯାଇପାରିବ ସୂଚନା ପ୍ରଦାନ କରିଥିଲେ।

## ପେଟୁପାଲି ଭାଗବତ ଗାଦିରେ ପ୍ରବଚନ

ଘେଁସ, ୩୦।୬(ସମିସ): ଘେଁସ, ବଡ଼ଜୋର ପେଟୁପାଲି ମଧ୍ୟସ୍ଥ ବରଛକ ଭାଗବତ ଗାଦିରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ତିଥିରେ ଆଞ୍ଚଳିକ ସତ୍‌ସଙ୍ଗ ଗୋଷ୍ଠୀ ତଥା ଶ୍ରୀ କ୍ରିଷ୍ଣା ଭାଗବତ ଟୁଙ୍ଗି ପକ୍ଷରୁ ଭାଗବତ, ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଘେଁସ ନିବାସୀ ସାଧୁରାମ ଗିଙ୍ଗିରା ଅନ୍ନଦାତା ଥିଲେ ଏବଂ ଘୁମୁନିପାଲି ନିବାସୀ ସହଦେବ ପଟେଲ ପତ୍ନୀ ଗୌରୀ ପଟେଲ କର୍ତ୍ତା କାର୍ଯ୍ୟ ତୁଲାଇ ଥିବା ବେଳେ ବେଳେ ପଣ୍ଡିତ ବାଚସ୍ପତି ତ୍ରିପାଠୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଦୃପତି ଭୁଏ ଭାଗବତ ପାରାୟଣ କରିଥିଲା ବେଳେ ଭାଗିରଥି ମେହେର, ଦୁର୍ଲଭ ସେଠ, ନୀଳମଣି ଭୁଏ ବାଦ୍ୟ ଯନ୍ତ୍ର ରେ ସହଯୋଗ କରିଥିଲେ। ଉକ୍ତ ଭାଗବତ ସଭା ରେ ଗଜରାଜ ମେହେର ସଭାପତିତ୍ୱ କରିଥିଲେ। ମୁଖ୍ୟ ବକ୍ତା ପ୍ରବଚିକା ଦେବକୀ ସାହୁ (ପିପିଲି ପାଲି ), ସମ୍ମାନିତ ବକ୍ତା ସରୋଜ ବାରିକ (ଡୁମେରପାଲି) ବକ୍ତବ୍ୟ ପ୍ରଦାନ କରିଥିଲେ।

## ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ



ପାଇକମାଳ, ୩୦।୬(ସମିସ): ପାଇକମାଳ ବ୍ଲକ ପ୍ରଶାସନ ପକ୍ଷରୁ ପାଇକମାଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଡିଓ ପ୍ରଫୁଲ୍ଲ ଓତ୍ତ ମୁଖ୍ୟ, ସରୋଜ ସାମଲ, ପାଇକମାଳ ସରପଞ୍ଚ ତୁଳାବତୀ ତାଣ୍ଡି, କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ବରିହା, ଆଇସିଡିଏସ୍ ସୁପରଭାଇଜର ସୂର୍ଯ୍ୟକାନ୍ତି ହୋତା, ବରିଷ୍ଠ ଲୋକନାଟକ ଗବେଷକ ଡ଼. ଲଳିତ ଜଗତ ଓ ମଧୁସ୍ମିତା ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଧନସିଂ ତାଣ୍ଡି, ଜିଆରଏସ୍ କୁଞ୍ଜବିହାରୀ ନାୟକ, ବିଜେପି ନେତା ଯୋଗେନ୍ଦ୍ର ଭୋଇ ଓ ଅରୁଣ କୁମାର ପ୍ରମୁଖ ସହଯୋଗ କରିଥିଲେ। ପଦ୍ମପୁର: ପାଇକମାଳ ବ୍ଲକର ଲଖମରା ପଞ୍ଚାୟତରେ ତିନି ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଟୁନା ଡନାସନା, ଲଖମରା ସରପଞ୍ଚ ସୁବାଷ ଚନ୍ଦ୍ର ଝଗରା, ଜିଆରଏସ ସୁଶ୍ରୀ ବିଜୟା ଲୁଇ, ସୁଷମା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## କନବାରରେ ଗୁରୁ ଭଗବାନ ସାହୁଙ୍କ ଜୟନ୍ତୀ

ବରପାଲି, ୩୦।୬(ସମିସ): ବରଗଡ଼ ଜିଲ୍ଲା ବରପାଲି ବ୍ଲକ ଅନ୍ତର୍ଗତ କନବାର ଗ୍ରାମଠାରେ ବ୍ରଜେଶ୍ୱରୀ ନୃତ୍ୟ ସଂଘ ଓ ଗୁରୁ ଭଗବାନ ସାହୁ ଶବ୍ଦ ନୃତ୍ୟ ଗବେଷଣା କେନ୍ଦ୍ର ଆନୁକୂଲ୍ୟରେ ସର୍ବସ ଭୋଇଙ୍କ ସଭାପତିତ୍ୱରେ ଗୁରୁ ଭଗବାନ ସାହୁଙ୍କ ୯୫ ତମ ଜୟନ୍ତୀ ପାଳନ କରାଯାଇଛି। ଗୁରୁ ଭଗବାନ ସାହୁଙ୍କ ଶିଷ୍ୟ ଶବ୍ଦ ନୃତ୍ୟ ଗୁରୁ ପ୍ରଫୁଲ୍ଲ ନାଏକ, ନବ କୁମାର ବାରିକ, ଉମା ପଧାନ, ସୁରେଶ ସାହୁ, ଫକୀର ନାଏକ, ପ୍ରାଚୀରାଣୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଭାବବିହ୍ୱଳ କଲା ଅବସରକାଳୀନ ସମ୍ବର୍ଦ୍ଧନା













ପଦ୍ମପୁର, ୩୦।୬(ସମିସ)

ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଫେସର ତାରାପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଦାୟୀ ଅଧ୍ୟକ୍ଷ ଗଗେଶ୍ୱର ଦାଶ ଏବଂ ବରିଷ୍ଠ କିରାଣୀ ଚୈତନ୍ୟ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ସରୋଜ କୁମାର ନାଏକ, କର୍ମଚାରୀ ସଂଘର ସମ୍ପାଦକ ଡ. ତୁଷାର କାନ୍ତ ସାହୁ, ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ହେମସାଗର ଭୋଇ, ଶିକ୍ଷକ କର୍ମଚାରୀ ପରିଷଦର ସମ୍ପାଦକ ସନ୍ତୋଷ ମିଶ୍ର, ପ୍ରଶାସନିକ ମୁଖ୍ୟ ପ୍ରମୋଦ ତ୍ରିପାଠୀ, ଯୁକ୍ତ ଦୁଇ ବିଭାଗର ମୁଖ୍ୟ ପ୍ରଭାତ ମହାପାତ୍ର, ପ୍ରକୃତି ବନ୍ଧୁ ମୀନକେତନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଶାନ୍ତ ସିଦାର ସମସ୍ତଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ଅର୍ପଣ କରିଥିଲେ।

**ଗାଇସିଲେଟ:** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଟାବାହାଲସ୍ଥିତ ନେତାଜୀ ଉଚ୍ଚ ବିଦ୍ୟାଳୟରେ ଆଜି ପ୍ରଧାନ ଶିକ୍ଷକ ସୁଦର୍ଶନ ବାରିକଙ୍କ ସଭାପତିତ୍ୱରେ ସଂସ୍କୃତ ଶିକ୍ଷକ ଅନଙ୍ଗ ସାହୁଙ୍କ ଉଦ୍ଦେଶ୍ୟରେ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ଚନ୍ଦ୍ରଭାନୁ ବଢେଇ, ଗ୍ରାମର ଗୌନ୍ତିଆ ମାନଭଞ୍ଜନ ବରିହା, ଜଟାଧାରୀ ମିଶ୍ର, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ ବେହେରା, ପୂର୍ବତନ ସଭାପତି ବିପିନ ବିହାରୀ ପ୍ରଧାନ, ଇନ୍ଦ୍ରମଣି ପ୍ରଧାନ, ବିରେନ୍ଦ୍ର ପ୍ରଧାନ, ସୁଶାନ୍ତ ପଣ୍ଡା, ସମାରୁ ସାହୁ, ତେଜରାଜ କର୍ଣ୍ଣାଲ, କଳ୍ପ କର୍ଣ୍ଣାଲ ପ୍ରମୁଖ ଉପସ୍ଥିତ ଥିଲେ। ବିପିନ ବିହାରୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

**ବିଜେପୁର:** ବରଗଡ଼ ଜିଲ୍ଲା ବିଜେପୁର ମହାବିଦ୍ୟାଳୟର କନିଷ୍ଠ କିରାଣୀ ଜୟକୃଷ୍ଣ ଷଡ଼ଙ୍ଗୀ ମଙ୍ଗଳବାର ସରକାରୀ କର୍ମମୟ ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଅଧ୍ୟକ୍ଷ ପ୍ରଦୀପ ମିଶ୍ରଙ୍କ ଅଧ୍ୟକ୍ଷତାରେ ବିଦାୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହେଇଥିଲା। ଅଧ୍ୟାପକ ମହେନ୍ଦ୍ର ପଧାନ, ଯୋଗେଶ ଚନ୍ଦ୍ର ଭୋଇ, ସରୋଜ ପାଣିଗ୍ରାହୀ, ଶାନ୍ତନୁ ସାହୁ, ଡକ୍ଟର ଚିନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଭେଡେନ:** ଭେଡେନ ଆଞ୍ଚଳିକ କିଷାନ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ପ୍ରେମପ୍ରକାଶ ପୁରୋହିତଙ୍କ ଅବସରକାଳିନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶବ୍ଦ ନୃତ୍ୟ ଗୁରୁ ଭାଗବତ ପ୍ରଧାନ, ସୁଶୀଲ ମେହେର, ସାହିତ୍ୟିକ ଉତ୍ପନ୍ନ ଭୋଇ, ଅଧ୍ୟାପକ ଡ଼. ନାରାୟଣ ଭୋଇ, ସାମ୍ବାଦିକ ମୁକୁନ୍ଦ ଷଡ଼ଙ୍ଗୀ, ଜ୍ୟୋତି ରଞ୍ଜନ ମହାପାତ୍ର, ନିର୍ମଳ ମେହେର, ପରଂବ୍ରହ୍ମ ମେହେର ପ୍ରମୁଖ ଯୋଗଦେଇଥିଲେ। ଅବସର ଗ୍ରହଣ କରିଥିବା ଓଡ଼ିଆ ଅଧ୍ୟାପକ ପ୍ରେମ ପ୍ରକାଶ ପୁରୋହିତ, ଅନିତା ପୁରୋହିତ, ସଚ୍ଚିଦାନନ୍ଦ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗାୟକ ଦୁର୍ଯ୍ୟୋଧନ ଛନ୍ଦ, ଅରକ୍ଷିତ ପାଢ଼ୀ, ମାଧବ କାଣ୍ଡ, ସୁକଦେବ ବାରିକ ସମେତ ଅନେକ କଳାକାର ନିଜ କଳା ପରିବେଷଣ କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୧ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଶିବିରକୁ ଅମୃତ କୁଟୁମ୍ ଭେଡେନ ସଭାପତି ଆନନ୍ଦ ସୁନା, ଭୀଷ୍ମ ସିଂ ଛନ୍ଦ ପରିଚାଳନାରେ ସହଯୋଗ କରିଥିଲେ। ସିଦ୍ଧାନ୍ତ ପୁରୋହିତ ଧନ୍ୟବାଦ ଦେଇଥିଲେ।

# ସାର ଅଭାବ ପାଇଁ କୃଷି ଅଧିକାରୀଙ୍କୁ ଘେରାଉ

ସମ୍ବଲପୁର, ୩୦।୬ (ସମିସ) :





ଖରିଫ୍ ଚାଷ ଋତୁ ଆରମ୍ଭ ନ ହେଉଣୁ ଦେଖାଦେଇଛି ସାର ଅଭାବ। ଚାଷୀ ସାର ପାଉ ନ ଥିବାବେଳେ ଘରୋଇ ଡିଲରମାନେ କଳାବଜାରରେ ବିକ୍ରୟ କରୁଛନ୍ତି। ପ୍ରଶାସନ ଓ କୃଷି ବିଭାଗର ଲଗାମ ନାହିଁ। କୃଷି ଅଧିକାରୀମାନଙ୍କ ଜାଣତରେ ସବୁ ଡିଲରମାନଙ୍କ ପାଖରେ ସାର ଗଚ୍ଛିତ ଅଛି; କିନ୍ତୁ ପ୍ୟାକ୍ସ ମାନଙ୍କୁ କମ୍ ପରିମାଣର ସାର ଦେଉଥିବାରୁ ଚାଷୀମାନେ ପାଇପାରୁ ନାହାନ୍ତି। ଘରୋଇ ଡିଲର୍‌ମାନେ ଖୋଲାଖୋଲି ଉଚ୍ଚ ଦରରେ ବିକ୍ରୟ କରୁଛନ୍ତି। ପ୍ରତିବର୍ଷ ଖରିଫ ଚାଷ ସମୟରେ ସାର ଅଭାବ ଦେଖାଯାଉଛି। ତେବେ, କୃଷି ଅଧିକାରୀମାନେ ଜାଣିଶୁଣି ଚଢ଼଼ଉ କରୁନାହାନ୍ତି। ଚାଷୀମାନେ ବାରମ୍ବାର କୃଷି ବିଭାଗ ଓ ସମବାୟ ବିଭାଗଠାରେ ପ୍ରତିବାଦ କଲାପରେ ମଧ୍ୟ ଫଳ ଶୂନ। ଗତବର୍ଷ ପ୍ରତିବାଦ ପରେ ନିଜେ କୃଷକ ସଂଗଠନ ଯାଇ ଜଣେ କଳାବଜାରୀକୁ ଧରିଥିଲା। ଚାଷୀ ସଂଗଠନ ଇଣ୍ଡିଆନ୍ ଏଣ୍ଟରପ୍ରାଇଜ୍, ରେମେଡକୁ ଧରିବାପରେ କୃଷି ବିଭାଗ ତାହାର ରିଟେଲର୍ ଲାଇସେନ୍ସ ବାତିଲ କରିଥିଲା। ସାର ଅଭାବକୁ ନେଇ ଆଜି ସମ୍ବଲପୁର ଜିଲ୍ଲା କୃଷକ ସଂଗଠନ ପକ୍ଷରୁ ମୁଖ୍ୟ କୃଷି ଅଧିକାରୀ (ସିଡିଓ)ଙ୍କୁ ଘେରିଥିଲେ। ଏହାସହ ଘରୋଇ ଡିଲର୍ ମାନଙ୍କୁ କେତେ ସାର ଦିଆଯାଇଛି ତା'ର ତାଲିକା ଦେବାସହ ପ୍ରତିଦିନ କେତେ ସାର ଗଚ୍ଛିତ ରହିଛି ତାହା କୃଷକ ସଂଗଠନକୁ ଜଣାଇବାକୁ ଦାବି କରିଥିଲେ। କଳାବଜାରୀ ଡିଲର୍ ମାନଙ୍କ ଉପରେ ଚଢ଼ଉ କରା ନ ଗଲେ ଆଗାମୀ ଦିନରେ କୃଷକ ସଂଗଠନ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ବାଧ୍ୟ ହେବ ବୋଲି ସଭାପତି ବ୍ୟୋମକେଶ ଠାକୁର ପ୍ରଶାସନକୁ ଜଣାଇଛନ୍ତି।

ଚାଷୀ ମାନଙ୍କ ଅଭିଯୋଗ ଅନୁଯାୟୀ, ଚଳିତବର୍ଷ ସରକାର ଘୋଷଣା କରିଥିଲେ ଯେ, ସାର ୬୦% ସମବାୟ ସମିତି ଏବଂ ୪୦% ଡିଲର ମାନଙ୍କୁ ଦିଆଯିବ। ତେବେ, ସୋସାଇଟିରେ ସାର ନାହିଁ। ଘରୋଇ ଡିଲରମାନେ ଶହ ଶହ ବସ୍ତା ଗଚ୍ଛିତ ରଖିଛନ୍ତି। ଖରିଫ ଧାନର ପହ୍ଲାରୁଆ କାମ ଆରମ୍ଭ ହେବାପରେ କାଦୁଅରେ ଡିଏପି ସାର ଦିଆଯାଇଥାଏ। କାଦୁଅ ସାର ବା ଡିଏପି ଦେବାର ୧୫ ଦିନ ପରେ ପୁଣି ୟୁରିଆ ଦିଆଯାଇଥାଏ। ସମବାୟ ସମିତି ମାନଙ୍କରେ ସାର ମିଳୁ ନ ଥିବାବେଳେ ଡିଲର୍‌ମାନେ ନିର୍ଭୟରେ କଳାବଜାରରେ ବିକ୍ରି କରୁଛନ୍ତି, କୃଷି ବିଭାଗ ଶୋଇଛି। ଚାଷୀ ପ୍ରତିବାଦ କଲେ ଯାଇ କୃଷି ବିଭାଗ ଚେତୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ୟୁରିଆ ସାରର ଦର ୨୬୭.୫୦ ଟଙ୍କା ଥିବାବେଳେ ତାହା ୫୦୦ ଟଙ୍କାରେ ବିକ୍ରୟ ହେଉଛି। ସେଥିରେ ପୁଣି ଜବରଦସ୍ତି ଭିଟାମିନ୍ ଦେଉଛନ୍ତି। ସେହିପରି ଡିଏପି ସାରର ଦର ୧୩୫୦ ଟଙ୍କା ହୋଇଥିବାବେଳେ ତାହା ୨୧୦୦ ଟଙ୍କାରେ ବିକ୍ରୟ ହେଉଛି। ସାଧାରଣ ଚାଷୀ ଗଲେ ଡିଲରମାନେ ସାର ନାହିଁ କହିବାସହ, ଅଧିକ ଟଙ୍କା ଦେଲେ ଦେଉଛନ୍ତି। ପୁଣି ବହୁଳ ମାତ୍ରାରେ ସାର ଘରୋଇ ଡିଲର୍‌ଙ୍କୁ ସାର ଦିଆଯାଇଥିବା ଅଭିଯୋଗ ହେଉଛି। ଏନେଇ କୃଷି ବିଭାଗ କଳାବଜାର ରୋକିବାକୁ ଦୃଢ଼ ପଦକ୍ଷେପ ନେବାକୁ ଚାଷୀମାନେ ମୁଖ୍ୟ କୃଷି ଅଧିକାରୀଙ୍କଠାରେ ଦାବି ଜଣାଇଛନ୍ତି।

ଏହାପରେ କୃଷକ ସଂଘର ପ୍ରତିନିଧି ଦଳ ସମବାୟ ସମିତି ସମୂହ କାର୍ଯ୍ୟାଳୟକୁ ଯାଇ ଏଆର୍‌ସିଏସ୍ ମଧୁସୂଦନ ମେହେରଙ୍କୁ ଭେଟି ସମସ୍ତ ଚାଷୀ ମାନଙ୍କୁ କିଭଳି ସାର ଯୋଗାଇ ଦିଆଯିବ ସେନେଇ ଆଲୋଚନା କରିଥିଲେ। କେବଳ ଋଣ କରିଥିବା ଚାଷୀ (ଲୋନି ମେମ୍ବର)ଙ୍କୁ ଦେଲେ, ଋଣ କରି ନ ଥିବା (ନନ୍‌ଲୋନି) ଛୋଟ ଚାଷୀ ବା ଭାଗ ଚାଷୀମାନେ କିପରି କରିବେ ବୋଲି ପ୍ରଶ୍ନ କରାଯାଇଥିଲା। ଏହାସହ ଘରୋଇ ଡିଲର୍‌ମାନଙ୍କ ଏକ ତାଲିକା ଦିଆଯାଉ। କାହା ପାଖରେ କେତେ ଅଛି ତାହାର ରିପୋର୍ଟ ସଂଗଠନକୁ ଦିଆଯିବାକୁ ଦାବି କରାଯାଇଥିଲା। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ, ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ବ୍ୟୋମକେଶ ଠାକୁର, ପୂର୍ବତନ ସଭାପତି ଉମେଶ ଚନ୍ଦ୍ର ମିଶ୍ର, ଭୈରବ ପ୍ରଧାନ, ଦିଲ୍ଲୀପ ସାହୁ, ଜଗଦାନନ୍ଦ ନାୟକ, ବିପିନ ଭୋଇ, ଶାନ୍ତନୁ ପଧାନ, ଜିଗ୍ନେଶ ବାରିକ, ତରଣୀସେନ ଭୋଇ ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ଥିଲେ।

## ଘରଡିହ ପଟ୍ଟା ଦାବି କଲେ ସାନ୍ତରାପାଲି ବାସିନ୍ଦା

ସମ୍ବଲପୁର,୩୦।୬(ସମିସ): କୁଷ୍ଠ ରୋଗରୁ ସୁସ୍ଥ ହେବା ପରେ ମଧ୍ୟ ସମାଜ ଓ ପରିବାର ପକ୍ଷରୁ ବାସନ୍ଦର ଶିକାର ହୋଇ ନୂଆପଡ଼ା ଓ ସାନ୍ତରାପାଲି ଅଞ୍ଚଳରେ ଆଶ୍ରୟ ନେଇଥିବା ପରିବାରଗୁଡ଼ିକୁ ଏପର୍ଯ୍ୟନ୍ତ ସ୍ଥାୟୀ ସମାଧାନ ମିଳିପାରି ନାହିଁ। ବର୍ତ୍ତମାନ ପିଢ଼ି ବଦଳି ଯାଇଥିଲେ ହେଁ ସେମାନଙ୍କୁ ଘରଡିହ ପଟ୍ଟା ମିଳିନଥିବାରୁ ଅନେକ ସମସ୍ୟା ସୃଷ୍ଟି ହୋଇଛି। ବିଶେଷ କରି ପିଲାମାନଙ୍କ ପାଠପଢ଼ାରେ ଏହା ବାଧା ସୃଷ୍ଟି କରୁଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ଦାବି କରି ଆଜି ସାନ୍ତ୍ରାପାଲି ବାସିନ୍ଦା ଯୁଯୁମୁରା ତହସିଲଦାର ପ୍ରଭାସ ବୁଡେକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯୁଯୁମୁରା ସମିତି ସଭ୍ୟ ତଥା ବିଜେପି ଯୁବନେତା ଜୟନ୍ତ ପ୍ରଧାନ ଏବଂ ଯୁଯୁମୁରା ବିଜେପି ମଣ୍ଡଳ ସଭାପତି ମହାଦେବ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ତହସିଲଦାରଙ୍କ ସହ ଏହି ବିଷୟରେ ଦୀର୍ଘ ସମୟ ଆଲୋଚନା କରିଥିଲେ। ଅଭିଯୋଗ ଅନୁଯାୟୀ, ଉକ୍ତ ଅଞ୍ଚଳର ବାସିନ୍ଦାମାନଙ୍କ ପାଖରେ ଭୋଟ୍ କାର୍ଡ, ଆଧାର କାର୍ଡ ଓ ରାସନ କାର୍ଡ ଭଳି ସମସ୍ତ ସରକାରୀ ପରିଚୟପତ୍ର ରହିଛି। ଅନେକ ଯୋଗ୍ୟ ହିତାଧିକାରୀ ଭତ୍ତା ମଧ୍ୟ ପାଉଛନ୍ତି। ଏହା ସହ ବସ୍ତିକୁ ପାନୀୟ ଜଳ ଓ ବିଦ୍ୟୁତ ସଂଯୋଗ ମଧ୍ୟ ଯୋଗାଇ ଦିଆଯାଇଛି। ମାତ୍ର ସ୍ଥାୟୀ ଜମି ପଟ୍ଟା ନଥିବାରୁ ସେମାନେ ସରକାରଙ୍କ ଆବାସ ଯୋଜନାରେ ପକ୍କାଘର ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ସମସ୍ୟାର ଶୀଘ୍ର ସମାଧାନ କରି ସେମାନଙ୍କୁ ଜମି ପଟ୍ଟା ଯୋଗାଇ ଦେବାକୁ ଗ୍ରାମବାସୀ ଓ ବିଜେପି ନେତୃବୃନ୍ଦ ଦାବି କରିଛନ୍ତି।

## ଓବିସି ରାଜ୍ୟ ସଭାପତିଙ୍କ ସମ୍ବଲପୁର ଗସ୍ତ

ସମ୍ବଲପୁର,୩୦।୬(ସମିସ): ଓବିସି ରାଜ୍ୟ ସଭାପତି ସରୋଜ ପ୍ରଧାନ ଆଜି ସମ୍ବଲପୁର ଗସ୍ତରେ ଆସିଥିଲେ। ଏହି ସମୟରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଶ୍ରୀ ପ୍ରଧାନଙ୍କୁ ସମ୍ବଲପୁର ଜିଲ୍ଲା ସଭାପତି ଇଞ୍ଜିନିୟର ଅମିତ୍ କୁମାର ଗୁରୁ ସ୍ୱାଗତ କରିବା ସହ ମହିଳା ସଭାପତି ବିଜୟ ଲକ୍ଷ୍ମୀ ବେହେରା ଉତ୍ତରୀୟ ଦେଇଥିଲେ। ଓବିସି ବର୍ଗଙ୍କୁ ନେଇ କଂଗ୍ରେସର ସଂଗଠନକୁ ମଜବୁଦ୍ କରିବା ଆବଶ୍ୟକ ବୋଲି ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶ ରହିଛି। ତେଣୁ ଜିଲ୍ଲାର ଜିଲ୍ଲା ସଭାପତି, ବ୍ଲକ ସଭାପତି, ଏନଏସି ସଭାପତି ଓ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ସହମତିରେ ଓବିସି ଜିଲ୍ଲା ସଭାପତି ଚୟନ କରିବାକୁ ଶ୍ରୀ ପ୍ରଧାନ କହିଥିଲେ। ଏହି ଆଲୋଚନାରେ ପିସିସି ସଭ୍ୟ ସୁବାସ ବିଶ୍ୱାଳ, ଜିଲ୍ଲା କଂଗ୍ରେସ କମିଟିର ଜିଲ୍ଲା ଉପସଭାପତି ହରି ପାଢ଼ୀ, ପିସିସି ସମ୍ପାଦକ ଦିଲୀପ ଦୁରୁଆ, ଜିଲ୍ଲା ଉପ ସଭାପତି ଜିତେନ ମହାନନ୍ଦ, ହୀରାକୁଦ ଟାଉନ୍ ସଭାପତି ରବି ରାଉତ, ବୁର୍ଲା ଟାଉନ୍ ସଭାପତି ଗିରିଜା ନାଏକ, ସମ୍ବଲପୁର ଟାଉନ-୨ ସଭାପତି ଅଶୋକ ମେହେର, ସମ୍ବଲପୁର ଟାଉନ-୧ ସଭାପତି ସଞ୍ଜୀବ ଗାର୍ଡିଆ, ଜିଲ୍ଲା ସମ୍ପାଦକ ସୁନିଲ ପ୍ରଧାନ, ଏମଡି ମୁକ୍ତାର, ଜୟନ୍ତ ସାହୁ, ଚତୁର୍ଭୁଜ ଝାଙ୍କର, ଶଙ୍କର୍ଷଣ ନାଥ, ସଞ୍ଜୟ ଛୁରିଆ, ଶିବ ପ୍ରଧାନ, ଜିତୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## 'ରେଡ୍ ପାଇଁ ଆଜି ଦରମା ଦେଇହେବନି'

ସମ୍ବଲପୁର,୩୦।୬(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବୁର୍ଲାସ୍ଥିତ ଭିମ୍‌ସାରର ଦୁଇ ଜଣ ଅଧିକାରୀଙ୍କ ଘରେ ରେଡ୍ କରିଥିଲା। ଏଥିପାଇଁ ଆଜି କାହାକୁ ଦରମା ଦେଇହେବନି ବୋଲି ଏକ ଠିକା ସଂସ୍ଥା ନିଜ କର୍ମଚାରୀଙ୍କୁ ଉତ୍ତର ରଖିଥିବା ଚର୍ଚ୍ଚା ହେଉଛି। ଠିକା କର୍ମଚାରୀ ଯୋଗାଉଥିବା ଭିମସାରର ଏକ ସଂସ୍ଥା ରେଡ୍ ପାଇଁ ଆଜି ଦରମା ଦେଇନାହିଁ। ସୂଚନା ଅନୁସାରେ ଏଷ୍ଟାବ୍ଲିସ୍‌ମେଣ୍ଟ ଅଧିକାରୀ ତଥା ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ ଧନୁର୍ଦ୍ଧର ବିଶ୍ୱାଳ ଓ ଷ୍ଟିୱାର୍ଡ ଅଶ୍ୱିନୀ ମେହେର ଆୟ ବହିର୍ଭୂତ ସମ୍ପତ୍ତି ରଖିବା ଅଭିଯୋଗରେ ଭିଜିଲାନ୍ସରେ ପଡିଛନ୍ତି।

## ଆସିଲେନି ଜିଲ୍ଲାପାଳ; ଅଭିଯୋଗକାରୀ ନିରାଶ

ନାକଟିଦେଉଳ,୩୦।୬(ସମିସ): ନାକଟିଦେଉଳ ବ୍ଲକ୍ ସମ୍ମିଳନୀ କକ୍ଷରେ ବ୍ଲକ୍‌ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ତେବେ ଜିଲ୍ଲାପାଳ ନ ଅସିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ୭୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏଥିରେ ୫୨ଟି ବ୍ୟକ୍ତିଗତ ଓ ୧୯ଟି ସାମୂହିକ ଅଭିଯୋଗ ଥିଲା। ଅଭିଯୋଗଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଉପ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଂଜନ ମହନ୍ତଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ ପାତ୍ର, ରେଢ଼ାଖୋଲ ଏସ୍‌ଡିପିଓ ରଜନୀକାନ୍ତ ମିଶ୍ର, ନାକଟିଦେଉଳ ବିଡ଼ିଓ ଆକାଶ ରଞ୍ଜନ ସାହୁ, ତହସିଲଦାର ଅମର ଜେ ଡୁଙ୍ଗଡୁଙ୍ଗ ଏବଂ ବ୍ଲକ ଅଧ୍ୟକ୍ଷା ସ୍ୱରୂପା ରାଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଭକ୍ତଙ୍କ ସୁବିଧା ପାଇଁ ଗୋନ୍ଦିଆ ଜଙ୍କସନ ଏବଂ ପୁରୀ ମଧ୍ୟରେ ରଥଯାତ୍ରା ସ୍ପେଶାଲ ଟ୍ରେନ

ସମ୍ବଲପୁର,୩୦।୬(ସମିସ): ରଥଯାତ୍ରା ପର୍ବ ସମୟରେ ଭକ୍ତମାନଙ୍କ ଯାତ୍ରା ସୁବିଧା ଏବଂ ଯାତ୍ରୀମାନଙ୍କ ସମ୍ଭାବ୍ୟ ଭିଡ଼କୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ପକ୍ଷରୁ ମହାରାଷ୍ଟ୍ରର ଗୋନ୍ଦିଆ ଜଙ୍କସନ ଏବଂ ପୁରୀ ମଧ୍ୟରେ ଏକ ଯୋଡ଼ା ରଥଯାତ୍ରା ସ୍ପେଶାଲ ଏକ୍ସପ୍ରେସ ଟ୍ରେନ୍ ନିର୍ଦ୍ଦିଷ୍ଟ ତାରିଖଗୁଡ଼ିକରେ ଚଳାଚଳ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ସ୍ପେଶାଲ ଟ୍ରେନ୍ ଉଭୟ ଦିଗରୁ ଡୋଙ୍ଗରଗଡ଼, ରାଜନନ୍ଦଗାଁ, ଦୁର୍ଗ, ରାୟପୁର, ଲାଖୋଲି, ଖରିଆର ରୋଡ, କଣ୍ଟାବାଞ୍ଜି, ଟିଟିଲାଗଡ଼, ବଲାଙ୍ଗୀର, ବରଗଡ଼ ରୋଡ଼, ସମ୍ବଲପୁର, ଅନୁଗୋଳ, ତାଳଚେର ରୋଡ, ଢେଙ୍କାନାଳ, କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ରୋଡ ଷ୍ଟେସନରେ ରହଣି କରିବ। ରେଳବାଇର ସୂଚନା ଅନୁଯାୟୀ, ଟ୍ରେନ୍ ନଂ ୦୮୮୦୧ ଗୋନ୍ଦିଆ ଜଙ୍କସନ-ପୁରୀ ରଥଯାତ୍ରା ସ୍ପେଶାଲ ଏକ୍ସପ୍ରେସ, ଗୋନ୍ଦିଆ ଜଙ୍କସନରୁ ଜୁଲାଇ ୨, ୯, ୧୬ ଏବଂ ୨୯ ତାରିଖ (୪ ଥର) ଦିନ ୧୩:୩୦ ଘଟିକାରେ ଛାଡ଼ିବ ଏବଂ ପରଦିନ ୧୦ ଘଟିକାରେ ପୁରୀରେ ପହଞ୍ଚିବ। ସେହିପରି, ଟ୍ରେନ୍ ନଂ ୦୮୮୦୨ ପୁରୀ-ଗୋନ୍ଦିଆ ଜଙ୍କସନ ରଥଯାତ୍ରା ସ୍ପେଶାଲ ଏକ୍ସପ୍ରେସ, ପୁରୀରୁ ଜୁଲାଇ ୩, ୧୦, ୧୭ ଏବଂ ୩୦ (୪ ଥର) ଦିନ ୧୩:୦୦ ଘଟିକାରେ ଛାଡ଼ିବ ଏବଂ ପରଦିନ ୭ ଘଟିକାରେ ଗୋନ୍ଦିଆ ଜଙ୍କସନରେ ପହଞ୍ଚିବ। ଟ୍ରେନ୍ ସମ୍ବନ୍ଧୀୟ ଅତ୍ୟାଧୁନିକ ସୂଚନା ପାଇଁ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଯାତ୍ରୀମାନେ ଜାତୀୟ ଟ୍ରେନ୍ ଅନୁସନ୍ଧାନ ବ୍ୟବସ୍ଥା (ଏନ୍‌ଟିଇଏସ୍) କିମ୍ବା ରେଳବାଇର ଅଫିସିଆଲ୍ ସେବାଗୁଡ଼ିକୁ ଯାଞ୍ଚ କରିପାରିବେ।

## ଜମନକିରା ଜଗନ୍ନାଥ ମନ୍ଦିରରେ ଅରୁଣ ସ୍ତମ୍ଭ ପ୍ରତିଷ୍ଠା

ଜମନକିରା,୩୦।୬(ସମିସ): ଜମନକିରା ଜଗନ୍ନାଥ ମନ୍ଦିରରେ ନବ ନିର୍ମିତ ଅରୁଣ ସ୍ତମ୍ଭ ପ୍ରତିଷ୍ଠା ହୋଇଛି। ଅଶୋକ ପାଣିଗ୍ରାହୀ, ଅଶୋକ ଦାନୀ, ସ୍ମରଣିକା ଦାନୀ, ଉମାକାନ୍ତ, ମାନସ ପାଣିଗ୍ରାହୀ, ହରିପ୍ରସାଦ ଦାନୀ, ଜମନକିରା ବିଡ଼ିଓ ରବିନ୍ଦ୍ର ସେଠୀ, ରମେଶ ସାହୁ, ମନୋଜ ମାଝୀ, ଗ୍ରାମ ଉନ୍ନୟନ କମିଟିର ସଭାପତି ସୁବାସ ସାହୁ, ଜମନକିରା ପିଇଓ ହିମାଂଶୁ ପଟେଲ, ସମ୍ପାଦକ ସ୍ନେହାଶିଷ ପଟ୍ଟନାୟକ, ଆଦିପ୍ରସାଦ ମହାକୁଲ, ସଞ୍ଜୟ ସେଠ୍, ଆନନ୍ଦ ପଧାନ, ଫିରୋଜ ମହାକୁଲ, ସନ୍ତୋଷ ମହାକୁଲ, ହରିହର ରଣା, ଅନିରୁଦ୍ଧ ବେହେରା, ଖେଡା କିସାନ, ରବି ମହାକୁଲ, ଲଳିତ ମହାକୁଳ ପ୍ରମୁଖଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସେହିଭଳି ଜମନକିରା ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି।

## ଡାକ୍ତର ଦିବସରେ ଓମ୍‌ସାର ପ୍ରତିବାଦକୁ ସମର୍ଥନ କଲା ଜେଡିଏ

ସମ୍ବଲପୁର, ୩୦।୬ (ସମିସ) : ବୁର୍ଲାସ୍ଥିତ ଭିମସାର୍‌ର ଜୁନିଅର ଡାକ୍ତର ସଂଘ (ଜେଡିଏ) ଜୁଲାଇ ୧ ତାରିଖ ଜାତୀୟ ଡାକ୍ତର ଦିବସରେ ଓଡ଼ିଶା ମେଡିକାଲ୍ ସର୍ଭିସେସ୍ ଆସୋସିଏସନ୍ (ଓମ୍‌ସା)ର ରାଜ୍ୟବ୍ୟାପୀ ପ୍ରତିବାଦକୁ ପୂର୍ଣ୍ଣ ସମର୍ଥନ କରୁଛି ବୋଲି ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ଏହାସହ ଓମ୍‌ସାର ବୈଧ ୧୦-ସୂତ୍ରୀ ଦାବିକୁ କାର୍ଯ୍ୟକାରୀ କରିବା ପାଇଁ ଦାବି ଜଣାଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଦାବିଗୁଡ଼ିକ ପୂରଣ କରିବାକୁ ଜେଡିଏ ପକ୍ଷରୁ ଓଡ଼ିଶା ସରକାରଙ୍କୁ ଅନୁରୋଧ କରାଯାଇଛି।

ଜେଡିଏ ସଭାପତି ମଳୟ ରଞ୍ଜନ ମଲ୍ଲିକ ଓ ସାଧାରଣ ସମ୍ପାଦକ ଦେବଦତ୍ତ ପଣ୍ଡା ଏକ ପ୍ରେସ ରିଲିଜ୍‌ରେ ଜଣାଇଛନ୍ତି ଯେ, ଡାକ୍ତର ଦିବସରେ ଓମ୍‌ସାର ରାଜ୍ୟବ୍ୟାପୀ ପ୍ରତିବାଦକୁ ଭିମସାର୍ ଜୁନିଅର ଡାକ୍ତର ସଂଘ ପୂର୍ଣ୍ଣ ସମର୍ଥନ କରୁଛି। ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଓଡ଼ିଶାରେ ସରକାରୀ ଡାକ୍ତରଙ୍କ ଅଧିକାର ଏବଂ କଲ୍ୟାଣକୁ ସୁରକ୍ଷା ଦେବା ପାଇଁ ୧୦-ସୂତ୍ରୀ ଦାବିପତ୍ରକୁ ଜେଡିଏ ସମର୍ଥନ କରୁଛି। ଦାବିଗୁଡ଼ିକ ମଧ୍ୟରେ - ଓଏମଏଚ୍‌ଏସରେ ସଂଶୋଧନ ସହିତ ଯୋଗ୍ୟତା ତାରିଖରୁ ଡିଏସିପି କାର୍ଯ୍ୟକାରୀ କରିବା ଏବଂ ଲେଭେଲ-୧୫ ପୂର୍ବସର୍ତ୍ତାବଳୀ ଉଚ୍ଛେଦ, ସମସ୍ତ ଗ୍ରେଡ୍ ପାଇଁ ପର୍ଯ୍ୟାପ୍ତ ପଦୋନ୍ନତି ସୁଯୋଗ ସୁନିଶ୍ଚିତ କରିବା ପାଇଁ କ୍ୟାଡର ପୁନର୍ଗଠନ, ବିଶେଷଜ୍ଞ, ସୁପର-ସ୍ପେଶାଲିଷ୍ଟ, ଡିପ୍ଲୋମା ଧାରକ, ପ୍ରଶାସକ ଏବଂ ପୋଷ୍ଟମର୍ଟମ ଡ୍ୟୁଟି ପାଇଁ ବର୍ଦ୍ଧିତ ପ୍ରୋତ୍ସାହନ, ଓଏମ୍‌ଏଚ୍‌ଏସ୍ ଏବଂ ଓଏମ୍‌ଇଏସ୍ କ୍ୟାଡରଙ୍କ ପାଇଁ ସମାନ ସୁବିଧା ସହିତ, ସ୍ୱଚ୍ଛ ଏବଂ ସମୟ ସୀମାବଦ୍ଧ ସ୍ଥାନାନ୍ତର ନୀତି, ଡିଏସିପିର ସମ୍ପ୍ରସାରଣ, କ୍ୟାଡର ପୁନର୍ଗଠନ ଏବଂ ଡେଣ୍ଟାଲ୍ କ୍ୟାଡରଙ୍କ ପାଇଁ ପ୍ରୋତ୍ସାହନ, ନିୟମିତ ଓପିଏସ୍‌ସି ନିଯୁକ୍ତି ଏବଂ ସମୟାନୁସାରେ ବିଭାଗୀୟ ପଦୋନ୍ନତି କମିଟି (ଡିପିସି) ବୈଠକ, ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନରେ ଦୃଢ଼ ଆଇନଗତ ସୁରକ୍ଷା ଏବଂ ବର୍ଦ୍ଧିତ ସୁରକ୍ଷା ବ୍ୟବସ୍ଥା ମାଧ୍ୟମରେ ଡାକ୍ତରଙ୍କ ପାଇଁ ଉନ୍ନତ ସୁରକ୍ଷା ଏବଂ ସୁରକ୍ଷା, ଆଡହକ୍ ଡାକ୍ତରଙ୍କୁ ନିୟମିତ କରିବା ଏବଂ ଡିଏସିପି ସୁବିଧା ପାଇଁ ବିଚାର ଏବଂ ସମସ୍ତ ଡାକ୍ତର ଏବଂ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ପାଇଁ ବ୍ୟାପକ ସ୍ୱାସ୍ଥ୍ୟ ବୀମା କଭରେଜ୍ ଆଦି ରହିଛି। ଯଦି ଦାବି ପୂରଣ ନ ହୁଏ ତେବେ ଭିମସାର ଜୁନିଅର ଡାକ୍ତର ସଂଘ ଏକତା ପ୍ରକାଶ କରି ଓମ୍‌ସା ସହିତ ଆନ୍ଦୋଳନରେ ଯୋଗଦେବ ବୋଲି ଉଲ୍ଲେଖ କରାଯାଇଛି।

## ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବଳଦ ମୃତ

ରେଢ଼ାଖୋଲ ୩୦।୬(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଶୁଣ୍ଡିମୁଣ୍ଡା ଗ୍ରାମର ସରକାରୀ ବାଳିକା ବିଦ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଦିନ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ବିଦ୍ୟୁତ ଖୁଣ୍ଟରୁ ତାର ଝୁଲି ରହିଥିବାରୁ ଏକ ବଳଦ ତା' ସଂସ୍ପର୍ଶରେ ଆସି ଘଟଣା ସ୍ଥଳରେ ହିଁ ପ୍ରାଣ ହରାଇଛି। ବର୍ଷା ଦିନ ଯୋଗୁଁ ବିଦ୍ୟୁତ ତାର ତଳକୁ ଝୁଲି ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିଲା। ସ୍ଥାନୀୟ ଲୋକେ ବିଦ୍ୟୁତ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି। ଏହି ଘଟଣା ପରେ ବିଦ୍ୟୁତ ବିଭାଗକୁ ଖବର ଦେବା ପରେ ଦୀର୍ଘ ସମୟ ଧରି ବିଭାଗୀୟ ପକ୍ଷରୁ କୌଣସି କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନ ଥିବାରୁ ସ୍ଥାନୀୟ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରି କିଛି ସମୟ ଉତ୍ତେଜନା ସୃଷ୍ଟି ହୋଇଥିଲା। ବଳଦର ମାଲିକ କ୍ଷତିପୂରଣ ସହ ତୁରନ୍ତ ତାର ମରାମତି ଦାବି କରିଥିଲେ।

## ଆଇଆଇଏମ୍ ସମ୍ବଲପୁରରେ ଏମ୍‌ବିଏ ବ୍ୟାଚ୍‌କୁ ସ୍ୱାଗତ



ସମ୍ବଲପୁର,୩୦।୬(ସମିସ): ଆଇଆଇଏମ୍ ସମ୍ବଲପୁର ୨୦୨୬-୨୮ ଶିକ୍ଷାବର୍ଷ ପାଇଁ ଦ୍ୱାଦଶ ଏମବିଏ ପାଠ୍ୟକ୍ରମର ୩୦୦ରୁ ଅଧିକ ଶିକ୍ଷାର୍ଥୀ ଏବଂ ଷଷ୍ଠ ଏକ୍ସିକ୍ୟୁଟିଭ୍ ଏମବିଏ ପାଠ୍ୟକ୍ରମର ୯୦ରୁ ଅଧିକ ଶିକ୍ଷାର୍ଥୀଙ୍କୁ ନେଇ ଗଠିତ ବ୍ୟାଚ୍‌କୁ ସ୍ୱାଗତ କରିଛି। ଏମବିଏ ବ୍ୟାଚ୍‌ରେ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୬୮ ପ୍ରତିଶତ ଛାତ୍ର ଏବଂ ୩୨ ପ୍ରତିଶତ ଛାତ୍ରୀ ୨୫ଟି ଭିନ୍ନ ଭିନ୍ନ ରାଜ୍ୟ ଏବଂ ୩ଟି କେନ୍ଦ୍ରଶାସିତ ଅଞ୍ଚଳରୁ ଆସିଛନ୍ତି। ନୂତନ ଶ୍ରେଣୀରେ ୫୫.୩୦% ଇଞ୍ଜିନିୟରିଂ ପୃଷ୍ଠଭୂମିର ହୋଇଥିବା ବେଳେ ୪୪%ରୁ ଅଧିକ ଅଣ-ଇଞ୍ଜିନିୟରିଂ ପୃଷ୍ଠଭୂମିର ଅଛନ୍ତି। ଏଥିମଧ୍ୟରେ ବାଣିଜ୍ୟରୁ ୨୬.୭୦%, ବିଜ୍ଞାନରୁ ୧୦.୩୦%, କଳାରୁ ୫.୩୦% ଏବଂ ଅନ୍ୟାନ୍ୟ ବିଶେଷଜ୍ଞତା କ୍ଷେତ୍ରରୁ ୨.୩୦% ଛାତ୍ରଛାତ୍ରୀ ଅଛନ୍ତି। ୪୨.୩୦% ଛାତ୍ରଛାତ୍ରୀଙ୍କର ୨-୩ ବର୍ଷର କର୍ପୋରେଟ୍ ଅଭିଜ୍ଞତା ରହିଛି, ୩୨.୩୦%ଙ୍କର ୧-୨ ବର୍ଷର, ୮.୩୦%ଙ୍କର ୩-୪ ବର୍ଷର ଏବଂ ୨.୭୦% ଛାତ୍ରଛାତ୍ରୀଙ୍କର ୧ ବର୍ଷରୁ କମ୍ ଅଭିଜ୍ଞତା ରହିଛି। ସେହିପରି ୧୪.୩୦% ଫ୍ରେସର୍ସ ମଧ୍ୟ ଏହି ବ୍ୟାଚ୍‌ରେ ସାମିଲ ଅଛନ୍ତି। ଉଦ୍‌ଘାଟନୀ ସମାରୋହରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୈସୱାଲ କହିଛନ୍ତି, କର୍ପୋରେଟ୍ ଜଗତରେ ସଫଳ ହେବା ପାଇଁ, ଏମବିଏ ଛାତ୍ରଛାତ୍ରୀମାନଙ୍କୁ ପ୍ରବନ୍ଧକୀୟ ଦକ୍ଷତାର ତିନୋଟି ସ୍ତର ବିଷୟରେ ଅବଗତ ହେବା ଆବଶ୍ୟକ। ପ୍ରଥମ ସ୍ତରରେ ମୌଳିକ ବୈଷୟିକ ଦକ୍ଷତା, ଦ୍ୱିତୀୟ ସ୍ତରରେ ବ୍ୟବସାୟିକ କାର୍ଯ୍ୟକାରିତା କୌଶଳର ଆବଶ୍ୟକତା ଓ ତୃତୀୟ ସ୍ତରରେ ବୈଚାରିକ କୌଶଳ, ଯାହା ଚିନ୍ତାଧାରାର ସର୍ବୋଚ୍ଚ ସ୍ତର ଅଟେ। ଏହା ସହିତ ୫ଟି ବ୍ୟବସାୟିକ କୌଶଳ ଯଥା - ବ୍ୟବସାୟିକ ନେଟୱର୍କିଂ, ବୁଝାମଣା ବା ଆଲୋଚନା ନିଷ୍ପତ୍ତି ଗ୍ରହଣ, ଚୁକ୍ତିନାମା ଦକ୍ଷତା ଏବଂ ନବୋନ୍ମେଷର ବ୍ୟବସାୟୀକରଣ କୌଶଳ ବିଷୟରେ ଧାରଣା ରହିବା ଜରୁରୀ। ପିଡବ୍ଲ୍ୟୁସି ଇଣ୍ଡିଆର ଆଡଭାଇଜରୀ ଲିଡର୍ ଦିନେଶ ଆରୋରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, କର୍ପୋରେଟ୍ ଜଗତର ସ୍ଥିତି ଏତେ ଦ୍ରୁତ ଗତିରେ ବଦଳୁଛି ଯେ ବ୍ୟବସାୟରେ ତିଷ୍ଠି ରହିବା ପାଇଁ କେବଳ ନବୋନ୍ମେଷ ଏବଂ ନୂତନ ପରିସ୍ଥିତି ସହ ଖାପ ଖୁଆଇବା କୌଶଳ ହିଁ ଏକମାତ୍ର ମାପଦଣ୍ଡ ପାଲଟିଛି। ନୂତନ ଏମବିଏ ବ୍ୟାଚ୍‌କୁ ପରାମର୍ଶ ଦେଇ ସେ ସ୍ପଷ୍ଟ ଭାବରେ କହିଛନ୍ତି, "କେବଳ କର୍ପୋରେଟ୍ ଢାଞ୍ଚାରେ ଫିଟ୍ ହେବା ପାଇଁ ଶିକ୍ଷା ଗ୍ରହଣ କରନ୍ତୁ ନାହିଁ। ନିଜ ଭିତରେ ସେହି ବ୍ୟାକୁଳତା ଆଣନ୍ତୁ ଏବଂ ଅନ୍ୟ କେହି ଜାଣିବା ପୂର୍ବରୁ ବଜାରର ଟ୍ରେଣ୍ଡ ବା ଧାରାକୁ ଆବିଷ୍କାର କରନ୍ତୁ ବୋଲି ସେ କହିଥିଲେ।

## ସଂକେତ ସାହୁ ମୃତ୍ୟୁ ଘଟଣା ତଦନ୍ତକୁ ନେଇ ଅସନ୍ତୋଷ

ସମ୍ବଲପୁର, ୩୦।୬ (ସମିସ) : ଭିମସାର ବୁର୍ଲାରେ ଚିକିତ୍ସିତ ହେଉଥିବା ଯୁବକ ସଙ୍କେତ ସାହୁଙ୍କ ମୃତ୍ୟୁ ଘଟଣାର ତଦନ୍ତକୁ ନେଇ ଅସନ୍ତୋଷ ପ୍ରକାଶ କରିଛି ପରିବାର। ଘଟଣାର ତଦନ୍ତ କରି ମାସକ ମଧ୍ୟରେ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବାବେଳେ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଭିମସାରର ଅନ୍ତରୀଣ ତଦନ୍ତ ଏବଂ ଡିଏମ୍‌ଇଟି ତଦନ୍ତକୁ ନେଇ ପରିବାରକୁ ଅବଗତ କରି ନ ଥିବାବେଳେ କାହାରିକୁ ଦୋଷୀ ସାବ୍ୟସ୍ତ କରାଯାଇନାହିଁ। ଏନେଇ ଆଜି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତ କରି ପରିବାର ପକ୍ଷରୁ ନ୍ୟାୟ ଦାବି କରିଛନ୍ତି। ଜିଲ୍ଲାପାଳ ସମ୍ବଲପୁର ସିଡିଏମ୍‌ଓଙ୍କୁ ପୁନଃତଦନ୍ତ ଦାୟିତ୍ୱ ଦେଇଥିବା ଜଣାପଡ଼ିଛି।

ପରିବାରବର୍ଗଙ୍କ କହିବା ଅନୁଯାୟୀ, ଗତ ମେ ମାସରେ ସଂକେତ ସାହୁ ନାକର ଏକ ମାଂସ ପିଣ୍ଡୁଳା ସମସ୍ୟା ନେଇ ଭିମସାରକୁ ଯାଇଥିଲେ। ରିପୋର୍ଟ ଯାଞ୍ଚ କରିବା ସମୟରେ ଡାକ୍ତର ସମସ୍ତ ରିପୋର୍ଟ ଠିକ୍ ଥିବା କହିବାସହ ଅପରେସନ୍ କରିଥିଲେ। ଦିନକ ପରେ ସଂକେତଙ୍କ କିଡ୍‌ନି, ଫୁସଫୁସ ଆଦି ସମସ୍ତ ଅଙ୍ଗ ଫେଲ୍ କରିଯାଇଥିବା ଡାକ୍ତର କହିଥିଲେ। ଅସ୍ତ୍ରୋପଚାର ପୂର୍ବରୁ ହୋଇଥିବା ସମସ୍ତ ଡାକ୍ତରୀ ପରୀକ୍ଷଣରେ ସଂକେତଙ୍କ କୌଣସି ପ୍ରକାର ସ୍ୱାସ୍ଥ୍ୟଗତ ଜଟିଳତା ନ ଥିବା ଜଣାପଡ଼ିଥିବାବେଳେ ଅସ୍ତ୍ରୋପଚାର ପରେ କ'ଣ ଏମିତି ହେଲା ଯେ ତାଙ୍କ କିଡ୍‌ନି, ଫୁସଫୁସ ଆଦି ଶରୀରର ସମସ୍ତ ଅଙ୍ଗ ଗୁଡ଼ିକ ହଠାତ୍ ଖରାପ ହୋଇଗଲା ବୋଲି ପରିବାର ପକ୍ଷରୁ ପ୍ରଶ୍ନ କରାଯାଇଛି। ଏହି ଘଟଣା ପରେ ତଦନ୍ତ କରିବାକୁ ଆସିଥିବା ଡିଏମ୍‌ଇଟି ମୃତକଙ୍କ ପରିବାରର ପକ୍ଷ ଶୁଣିବା କଥା କିନ୍ତୁ ସେମାନଙ୍କୁ ସୂଚନା ମଧ୍ୟ ଦିଆଗଲାନାହିଁ। ଆଜି ଘଟଣାକୁ ମାସେରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିବାବେଳେ ସଂକେତଙ୍କୁ ନ୍ୟାୟ ଦାବିରେ ପରିବାରପକ୍ଷରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରାଯାଇଥିଲା।




## ଟ୍ରଲର ସହ ପିକ୍‌ଅପ୍ ମୁହାଁମୁହିଁ ଧକ୍କା

ରେଢ଼ାଖୋଲ,୩୦।୬(ସମିସ): ସମ୍ବଲପୁର-କଟକ ୫୫ ନଂ ଜାତୀୟ ରାଜପଥ ରେଢ଼ାଖୋଲ ସହର ତାରିଣୀ ଢାବା ନିକଟସ୍ଥ ବୁଲାଣି ରାସ୍ତାରେ ଏକ ଟ୍ରଲର୍ ସହ ଏକ ପିକ୍‌ଅପ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଉଭୟ ଗାଡ଼ିର ସାମ୍ନା ବମ୍ପର ଭାଙ୍ଗି ଚୁରମାର୍ ହୋଇଥିବା ବେଳେ ୨ ଗାଡ଼ିର ଡ୍ରାଇଭର୍ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପିକଅପ୍‌ର ଡ୍ରାଇଭର ଗାଡ଼ି ଭିତରେ ଚାପି ହୋଇ ଯାଇଥିଲେ। ଖବର ପାଇ ରେଢ଼ାଖୋଲ ଅଗ୍ନିଶମ ବାହିନୀ ଓ ରେଢ଼ାଖୋଲ ପୋଲିସ ପହଞ୍ଚି ଉଭୟ ଟ୍ରଲର୍ ଡ୍ରାଇଭର ଓ ପିକଅପ୍ ଡ୍ରାଇଭର୍‌ଙ୍କୁ କଟର୍ ସହାୟତାରେ କାଟି ସୁରକ୍ଷିତ ଅବସ୍ଥାରେ ବାହାର କରିଥିଲେ। ଉଭୟ ଚାଳକଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା।


## ସଂକୁଳ ସାମୂହିକ କାର୍ଯ୍ୟଶାଳା ଉଦ୍‌ଯାପିତ

ସମ୍ବଲପୁର, ୩୦।୬ (ସମିସ): ହୀରାକୁଦ ସରସ୍ୱତୀ ଶିଶୁ ମନ୍ଦିରରେ ବୁର୍ଲା ସଂକୁଳର ସାମୂହିକ କାର୍ଯ୍ୟଶାଳା ଆଜି ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଶ୍ରୀନିବାସ ପଣ୍ଡା ଯୋଗଦେଇ ଭାରତ କେନ୍ଦ୍ରିତ ଶିକ୍ଷଣ ଅଧିଗମ ପ୍ରକ୍ରିୟା ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସଭାପତି ଅଶୋକ କୁମାର ପଣ୍ଡା ଶିଶୁଙ୍କ ଉନ୍ନତିରେ ଗୁରୁଜୀ ଗୁରୁମାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସଂକୁଳ ସଂଯୋଜକ ପ୍ରତାପ ନାୟକ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳାର ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କୌଶିକ ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କୋଷାଧ୍ୟକ୍ଷ ଅଜିତ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ବ୍ରହ୍ମାନନ୍ଦ ସାହୁ ଉପସ୍ଥିତ ଥିଲେ। ପ୍ରାତଃବନ୍ଦନାରେ ହିଣ୍ଡାଲକୋର ସିଏସ୍‌ଆର୍ ମୁଖ୍ୟ ଆନନ୍ଦ ଚକ୍ରବର୍ତ୍ତୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟଶାଳାରେ ସଂକୁଳର ୭ଟି ବିଦ୍ୟାଳୟରୁ ୧୪୫ ଜଣ ଗୁରୁଜୀ ଗୁରୁମା ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ବିଶ୍ୱାଳ, ଜଗବନ୍ଧୁ ବେହେରା, ପ୍ରଶାନ୍ତ ଜେନା, କଳ୍ପନା ପ୍ରଧାନ, ରୀତା ବେହେରା, ଫଗନୁ ବାରିକ, ସନ୍ତୋଷିନୀ ନାୟକ, ସ୍ନିଗ୍ଧାମୟୀ ପାଣିଗ୍ରାହୀ, କମଳା ପୃଷ୍ଟି ଶୈକ୍ଷିକ କଳାଂଶ ଗୁଡ଼ିକ ପରିଚାଳନା କରିଥିଲେ।



# ପିସିସିଏଫ୍‌ଙ୍କୁ ଭେଟିଲା ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ

ସମ୍ବଲପୁର, ୩୦।୬ (ସମିସ) :



ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଏକ ପ୍ରତିନିଧି ଦଳ ମଙ୍ଗଳବାର ଅରଣ୍ୟ ଭବନଠାରେ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍)ଙ୍କୁ ସାକ୍ଷାତ କରି କେନ୍ଦୁପତ୍ର ତୋଳାଳି ଓ ସିଜନାଲ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତିନିଧି ଦଳ ପକ୍ଷରୁ କୁହାଯାଇଥିଲା ଯେ, କେନ୍ଦୁପତ୍ର କ୍ରୟ ଦର ଏପର୍ଯ୍ୟନ୍ତ ପ୍ରତି କେରି ୧.୬୦ ଟଙ୍କାରେ ସ୍ଥିର ରହିଛି। ସେହିପରି ବାର୍ଷିକ ବୋନସ ଫେବୃଆରୀ / ମାର୍ଚ୍ଚ ମାସରେ ପ୍ରଦାନ କରାଯିବାର ପରମ୍ପରା ଥିବାବେଳେ ଚଳିତବର୍ଷ ଜୁନ ଶେଷ ସୁଦ୍ଧା ତାହା ପ୍ରଦାନ କରାଯାଇନାହିଁ। ଗତବର୍ଷ ବୋନସ ହାର ହ୍ରାସ କରାଯାଇଥିଲେ ମଧ୍ୟ ସେହି ପ୍ରାପ୍ୟ ଏବର୍ଷ ଜୁନ ଶେଷ ସୁଦ୍ଧା ମିଳିନଥିବାରୁ ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଏହାସହ ସିଜିନାଲ କର୍ମଚାରୀଙ୍କ ମଜୁରୀକୁ ସର୍ବନିମ୍ନ ମଜୁରୀ ଅନୁଯାୟୀ ସଂଶୋଧନ କରାଯାଇନଥିବା ଏବଂ ଜୁଲାଇ ୨୦୨୪ ପରଠାରୁ ମଜୁରୀ ବୃଦ୍ଧି ହୋଇନଥିବା ପ୍ରସଙ୍ଗ ଉପସ୍ଥାପନ କରାଯାଇଥିଲା। କେନ୍ଦୁପତ୍ର ଉନ୍ନୟନ ବୋର୍ଡ (କେଏଲ୍‌ଡିବି)ର ବୈଠକ ଏପର୍ଯ୍ୟନ୍ତ ଆହ୍ୱାନ କରାଯାଇ ନଥିବାରୁ କ୍ରୟ ଦର, ବୋନସ, ମଜୁରୀ ସଂଶୋଧନ ଓ ଶ୍ରମିକ କଲ୍ୟାଣ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବିଳମ୍ବିତ ହେଉଥିବାରୁ ସଂଘ ଉଦ୍‌ବେଗ ପ୍ରକାଶ କରିଥିଲା। ସଂଘ ପକ୍ଷରୁ ପିସିସିଏଫ୍‌ଙ୍କୁ କେନ୍ଦୁପତ୍ର ତୋଳାଳିଙ୍କ ସମସ୍ତ ବକେୟା ପ୍ରାପ୍ୟ ଏକ ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଏହାସହ ବିଭିନ୍ନ ଡିଭିଜନରେ ଖାଲି ପଡ଼ିଥିବା ସିଜିନାଲ କର୍ମଚାରୀଙ୍କ ପଦବୀଗୁଡ଼ିକୁ ଶୀଘ୍ର ପୂରଣ କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ମଧ୍ୟ ଅନୁରୋଧ କରାଯାଇଥିଲା। ପ୍ରତିନିଧି ଦଳରେ ସଂଘର ଉପସଭାପତି ଗୋକୁଳ ମେହେର, ସଂଗଠନ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି, ସହ-ସାଧାରଣ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା, ରାଜ୍ୟ ସମ୍ପାଦକ ଶିବାନନ୍ଦ ପରିଛା ଏବଂ ରେଢ଼ାଖୋଲ ଡିଭିଜନ ସମ୍ପାଦକ କିଶୋର ପ୍ରଧାନ, ମିଳନ ହୋତା ଦେବଜ୍ୟୋତି ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।



### ମାର୍କେଟ ବିଲ୍ଡିଂରେ ଅଗ୍ନିକାଣ୍ଡ

# ଜଳିଗଲା ୧୫ ଦୋକାନ; ୨ କୋଟିର କପଡ଼ା ପାଉଁଶ

ଭୁବନେଶ୍ୱର, ୩୦।୬ (ସମିସ)

ଭୁବନେଶ୍ୱର ମାର୍କେଟ ବିଲ୍ଡିଂରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ପ୍ରାୟ ୧୫ରୁ ଅଧିକ ଦୋକାନ ସମ୍ପୂର୍ଣ୍ଣ ଜଳି ଯାଇଛି। ପ୍ରାୟ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପୋଷାକ ଅଗ୍ନିକାଣ୍ଡରେ ପୋଡି ପାଉଁଶ ହୋଇଯାଇଛି। ଭୋର୍ ସମୟରେ ମାର୍କେଟ ବିଲଡିଂ ଅନ୍ତର୍ଗତ ବିଏମସି ବହୁତଳ ପାର୍କିଂସ୍ଥଳ ନିକଟରେ ଅଗ୍ନିକାଣ୍ଡ ଘଟିଥିବା ବେଳେ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଛି। ସକାଳ ପ୍ରାୟ ସାଢ଼େ ୬ଟାରେ ସମୟରେ ଭୁବନେଶ୍ୱର ମାର୍କେଟ ବିଲ୍ଡିଂରେ ଥିବା ଲୁଗା ଦୋକାନଗୁଡ଼ିକ ଭିତରୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା।



ଭୁବନେଶ୍ୱରରେ ଲଗାଣ ବର୍ଷା ହେଉଥିବା ସତ୍ତ୍ୱେ ନିଆଁର ପ୍ରକୋପ ଅଧିକ ଥିବାରୁ ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିବାକୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏଥିତପାଇଁ ମାର୍କେଟର ଅନେକ ଦୋକାନ ମଙ୍ଗଳବାର ଖୋଲି ନଥିଲା। ଅଗ୍ନିକାଣ୍ଡରେ ଲକ୍ଷ ଲକ୍ଷ ଟଙ୍କାର ପୋଷାକ ଏବଂ ଅନ୍ୟାନ୍ୟ ମୂଲ୍ୟବାନ ଜିନିଷ ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ବିଦ୍ୟୁତ ସର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଛି ବୋଲି ଅଗ୍ନିଶମ ଅଧିକାରୀମାନେ କହିଛନ୍ତି। ତେବେ ଅଗ୍ନିକାଣ୍ଡ ଘଟଣାରେ କୌଣସି ମୃତାହତଙ୍କ ରିପୋର୍ଟ ମିଳିନଥିବା ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରାଥମିକ ଭାବେ କୁହାଯାଇଛି।

ଭୁବନେଶ୍ୱର ଫାୟାର ଷ୍ଟେସନ ଆସିଷ୍ଟାଣ୍ଟ ଫାୟାର ଅଫିସର ମନୋରଞ୍ଜନ ରାଉତ କହିଛନ୍ତି, ଭୁବନେଶ୍ୱର ୟୁନିଟ-୨ ମାର୍କେଟ ବିଲ୍ଡିଂରେ ନିଆଁ ଲାଗିଥିବା ନେଇ ସକାଳେ କଣ୍ଟ୍ରୋଲ ରୁମ୍‌କୁ କଲ୍ ଆସିଥିଲା। ଖବର ପାଇବା ପରେ ତୁରନ୍ତ ୨ଟି ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ସ୍ଥିତିକୁ ଦେଖି ଆଉ ୨ଟି ଅଗ୍ନିଶମ ବାହିନୀ ଟିମ୍ ଡକା ଯାଇଥିଲା। ୩୦ରୁ ଅଧିକ ଅଗ୍ନିଶମ କର୍ମଚାରୀ ଏବଂ ୫ ଦମକଳ ଗାଡ଼ି ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲା। ଘଟଣାସ୍ଥଳରେ ପୁଲିସ ଓ ଅଗ୍ନିଶମ ବିଭାଗ ଅଧିକାରୀମାନେ ପରିସ୍ଥିତି ଉପରେ ନଜର ରଖିଛନ୍ତି। ଜଣେ ଦୋକାନୀ କହିଛନ୍ତି ୨ରୁ ଅଢେଇ କୋଟି ଟଙ୍କା କ୍ଷତି ହୋଇଛି। ଠିକ ସମୟରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିବାରୁ ବହୁତ ଦୋକାନ ବଞ୍ଚିଗଲା। କ୍ଷତିପୂରଣ ପାଇଁ ଆମେ ବିଏମସି ମେୟରଙ୍କୁ ଦେଖାକରି ଦାବି ଜଣାଇବୁ ବୋଲି ସେ କହିଛନ୍ତି।

● ମୂଳା ପଡ଼ିଆରେ ହାଣିବା ଘଟଣା

## ଦୁଇ ନାବାଳକ ସମେତ ୪ ଗିରଫ



ଭୁବନେଶ୍ୱର, ୩୦।୬ (ସମିସ): ମୂଳା ପଡ଼ିଆରେ ଯୁବକଙ୍କୁ ଗୋଡ଼ାଇ ହାଣିବା ଘଟଣାରେ ୪ ଜଣଙ୍କୁ ଗିରଫ କରିଛି ଶ୍ରୀ ଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ସୁନ୍ଦରପଦା ଗୌରିଧାମ କଲୋନୀର ଭୁବନ ମହାନ୍ତି (୨୪) ଓ ସାମନ୍ତରାପୁର ବରୁଣେଶ୍ୱର ଲେନର ଶୁଭମ୍ ଶର୍ମା (୧୯)। ଗିରଫଙ୍କ ମଧ୍ୟରେ ଦୁଇ ନାବାଳକ ରହିଛନ୍ତି। ସେମାନଙ୍କ ଠାରୁ ଖଣ୍ଡା, ହାତ ତିଆରି ମାରଣାସ୍ତ୍ର, ଛୁରି, ୩ଟି ମୋବାଇଲ, ବାଉଁଶ ଓ ଗୋଟିଏ କାର୍ ଜବତ କରିଛି।

ପୁଲିସ ସୂଚନାନୁଯାୟୀ, ରବିବାର ରାତିରେ ଜମ୍ବେଶ୍ୱର ପାଟଣାର ସନ୍ଦୀପ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତମାନେ ମୂଳା ପଡ଼ିଆ ନିକଟରେ ଅଟକାଇ ଆକ୍ରମଣ କରିଥିଲେ। ସନ୍ଦୀପଙ୍କୁ ଖଣ୍ଡା ଓ ଭୁଜାଲିରେ ଆକ୍ରମଣ କରିଥିଲେ। ଖଣ୍ଡା ଚୋଟରେ ତାଙ୍କ ହାତ, ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିଥିଲା। ଖବରପାଇ ସନ୍ଦୀପଙ୍କ ଭାଇ ସଞ୍ଜୀବ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବା ସହ ଶ୍ରୀ ଲିଙ୍ଗରାଜ ଥାନାରେ ଏତଲା ଦେଇଥିଲେ।

ଆଜି ପୁଲିସ ଦୁଇ ନାବାଳକକୁ ଗିରଫ କରିଥିଲା। ସେମାନଙ୍କ ବୟାନ ଆଧାରରେ ଘଟଣାରେ ବ୍ୟବହୃତ ମାରଣାସ୍ତ୍ର, ମୋବାଇଲ୍ ଫୋନ୍ ଓ ଗୋଟିଏ କାର ଜବତ କରାଯାଇଥିଲା। ସଂଗୃହୀତ ପ୍ରମାଣ ଆଧାରରେ ଭୁବନ ଓ ଶୁଭମକୁ କାବୁ କରିଥିଲା। ଦୁଇ ନାବାଳକଙ୍କୁ ଜୁଭେନାଇଲ୍ ଜଷ୍ଟିସ ବୋର୍ଡ ସମ୍ମୁଖରେ ହାଜର କରିଥିବା ବେଳେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଭୁବନ ନାମରେ ପୂର୍ବରୁ ୭ଟି ଓ ଶୁଭମ ନାମରେ ୨ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## ବନ୍ଧୁକ ମୁନରେ ଡକାୟତି; ଦୁଇ ଗିରଫ

ଯାଁଳା, ୩୦।୬(ସମିସ): ଗତକାଲି ବିଳମ୍ବିତ ରାତିରେ ଚନ୍ଦକା ପିତାପଲ୍ଲି ରାସ୍ତାରେ ୧୫ ଜଣିଆ ଡକାୟତି ଦଳ ବନ୍ଧୁକ ମୁନରେ ଦୁଇଟି ବଡ ଧରଣର ଡକାୟତି କରିଥିଲେ। ରାସ୍ତାରେ ଯାଉଥିବା ଜେସିବି, ଦୁଇଟି ଟ୍ରକ, ଗୋଟିଏ ସ୍କର୍ପିଓକୁ ଅଟକାଇ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ସେମାନଙ୍କୁ ଭୟଭୀତ କରି ଲୁଟ କରୁଥିବା ଖବର ଇନଫୋଭ୍ୟାଲି ଥାନା ପୁଲିସ ପାଇଥିଲେ। ତୁରନ୍ତ ପୁଲିସ ଚନ୍ଦକା ପିତାପଲ୍ଲି ରାସ୍ତାରେ ଚଢାଉ କରି ଦୁଇ ଜଣ କୁଖ୍ୟାତ ଡକାୟତଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତ ଦୁଇ ଜଣ ହେଲେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା କୁମାରବସ୍ତର ଶୁଭ୍ରତ କୁମାର ପାଟଶାଣୀ ଓ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଉଇଲସନ୍ ନଗରର ଶିବରାମ ମହାରଣା। ଅଭିଯୁକ୍ତମାନଙ୍କ ନିକଟରୁ ପୁଲିସ ଗୋଟିଏ କଳା ରଙ୍ଗର ସ୍କର୍ପିଓ କାର, ଗୋଟିଏ ଇଭି ସ୍କୁଟି, ଗୋଟିଏ ସେମି ଅଟମାଟିକ ପିସ୍ତଲ, ୩ ଜିବନ୍ତ ଗୁଳି, ଖଣ୍ଡା, ଫାର୍ସା, ଟି-ହ୍ୟାଣ୍ଡଲ ଚକ, ମୋବାଇଲ ଓ ଟଙ୍କା ଜବତ କରିବା ସହ ଅଦାଲତ ଚାଲାଣ କରିଛି। ୧୩ ଜଣ ଘଟଣା ସ୍ଥଳରୁ ଖସିଯିବାରେ ସକ୍ଷମ ହୋଇଥିଲେ। ଏନେଇ ପୁଲିସ ଦୁଇଟି ପୃଥକ ପୃଥକ ଡକାୟତି ମାମଲା କରି ଘଟଣାର ତଦନ୍ତ ଚଳାଇଛି।ଏକ ସ୍ୱତନ୍ତ୍ର ଦଳ ଗଠନ କରି ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଥିବା ଥାନା ଅଧିକାରୀ ଜଣାଇଛନ୍ତି।

ପୁଲିସ ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ ଚନ୍ଦକା ପିତାପଲ୍ଲି ରାସ୍ତାର ନିଛାଟିଆ ସ୍ଥାନରେ ୧୫ ଜଣ ସଶସ୍ତ୍ର ଡକାୟତ ଏକ କାଳିନ ଦୁଇ ଦୁଇଟି ଲୁଟ କରିଥିଲେ।ରାତି ପ୍ରାୟ ୩ଟା ବେଳେ ପିତାପଲ୍ଲି ମେଣ୍ଟାଶାଳ ରାସ୍ତାରେ ଦୁଇଟି ମୋରମ ବୋଝେଇ ହାଇୱା ଟ୍ରକ ଓ ଗୋଟିଏ ଜେସିବି ମେସିନକୁ ଡ଼କାୟତ ଦଳ ଅଟକାଇଥିଲେ। ବନ୍ଧୁକ, ଖଣ୍ଡା ଓ ଫାର୍ସା ଦେଖାଇ ଗାଡି ଚାଳକଙ୍କୁ ଭୟଭୀତ କରିଥିଲେ। ପ୍ରଥମ ତିନୋଟି ଗାଡିରୁ ୪୦ ହଜାର ଟଙ୍କା ଲୁଟି ନେଇଥିଲେ। ପରେ ମୋରମ ବୋଝେଇ ହାଇୱା ଦୁଇଟିକୁ କୁମାରବସ୍ତ ନିକଟରେ ଥିବା ୱାଣ୍ଡରାଲା ୱାଟର ପାର୍କ ପଛପଟକୁ ନେଇ ପୋଡି ଦେବାକୁ ଧମକ ଦେଇ ଚାଲି ଯାଇଥିଲେ। ରାତିରେ ପିତାପଲ୍ଲି କୁମାରବସ୍ତ ଅଞ୍ଚଳରେ ମୋରମ ଖଣି ଚାଲୁଥିବାରୁ ହାଇୱା ଓ ଜେସିବି ମେସିନ ଚଳାଚଳ ରସିଥାଏ। ତେଣୁ ସେମାନଙ୍କ ଲୁଟ କରିବା ପାଇଁ ଉକ୍ତ ୧୫ ଜଣିଆ ଡକାୟତି ଦଳ ପ୍ରସ୍ତୁତ ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

### ବନ୍ଧୁକ, ୩ ଗୁଳି ସହ ଅସ୍ତ୍ରଶସ୍ତ୍ର ଜବତ

କିଛି ସମୟ ପରେ ଅର୍ଥାତ ରାତି ପ୍ରାୟ ୪ଟା ବେଳେ ସେହି ୧୫ ଜଣିଆ ଦଳ ମେଣ୍ଟାଶାଳରୁ ପିତାପଲ୍ଲି ଅଭିମୁଖେ ଆସୁଥିବା ଏକ ସ୍କର୍ପିଓ କାରକୁ ଅଟକାଇ ମାରଣାସ୍ତ୍ର ଦେଖାଇ ଲୁଟ କରିଥିଲେ। ପିତାପଲ୍ଲି ରାସ୍ତାରେ ଲୁଟ ହେଉଥିବା ଘଟଣା ଏକ ବିଶେଷ ସୂତ୍ରରୁ ଇନଫୋଭ୍ୟାଲି ଥାନା ପୁଲିସ ଜାଣିବାକୁ ପାଇଥିଲେ। ଖବର ପାଇ ଇନଫୋଭ୍ୟାଲି ଥାନା ପୁଲିସ ଏକ ଉକ୍ତ ରାସ୍ତାରେ ତୁରନ୍ତ ଚଢାଉ କରିଥିଲେ। ପୁଲିସକୁ ଦେଖି ଅଭିଯୁକ୍ତମାନେ ତାଙ୍କର ଏକ ସ୍କର୍ପିଓ, ସ୍କୁଟି ଓ ମାରଣାସ୍ତ୍ର ଛାଡି ଜଙ୍ଗଲ ଭିତରକୁ ଦୌଡି ପଳାଇ ଯାଇଥିଲେ। କିନ୍ତୁ ଦୁଇ ଜଣଙ୍କୁ ପୁଲିସ କାବୁ କରିବାରେ ସକ୍ଷମ ହୋଇଥିଲେ।

## ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ 'ଓଡ଼ିଶୀ ବିଚିତ୍ର'

ଭୁବନେଶ୍ୱର, ୩୦।୬(ସମିସ): ଜୟଦେବ ଭବନଠାରେ ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ 'ଓଡ଼ିଶୀ ବିଚିତ୍ର' ଶୀର୍ଷକ ଏକ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ରାମହରି ଦାସ ଓଡ଼ିଶୀ ଗୁରୁକୁଳ ଟ୍ରଷ୍ଟର ଶିକ୍ଷାର୍ଥୀ ଓ କଳାକାରମାନେ ଓଡ଼ିଶୀ ସଙ୍ଗୀତର ବିଭିନ୍ନ ରୂପ ପରିବେଷଣ କରିଥିଲେ। ଓଡ଼ିଶୀ ସଙ୍ଗୀତ ଗୁରୁ ରାମହରି ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଗୁରୁକୁଳର ସଭାପତି ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ। ସନ୍ଧ୍ୟାରେ ଗ୍ରୁପ ଦ୍ୱାରା ମର୍ଦ୍ଦଳ ବାଦନ, ଶିବ ବନ୍ଦନା, ଓଡ଼ିଶୀ ଭାବାଙ୍ଗ, ନାଟ୍ୟାଙ୍ଗ (ବର୍ଷା ଗୀତ), ଚମ୍ପୁ, ଛାନ୍ଦ, ଗୀତଗୋବିନ୍ଦ ଯୁଗଳ ପରିବେଷଣ ଏବଂ ଶ୍ରୀଜଗନ୍ନାଥ ଛପା ଗୀତ ଆଦି ପରିବେଷଣ ହୋଇଥିଲା।

## ସୁନାକିଣା ଆଳରେ ମାଛ ବେପାରୀଙ୍କୁ ୧.୯ ଲକ୍ଷ ଠକେଇ



ଭୁବନେଶ୍ୱର, ୩୦।୬ (ସମିସ): ସୁନା କିଣାଇଦେବା ଆଳରେ ୧.୯ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଜୋକଲଣ୍ଡିର ଚିଣ୍ଟୁ ଓରଫ୍ ସୁଶାନ୍ତ ବେହେରା (୨୬)। ପୁଲିସ ସୂଚନାନୁସାରେ, ଗୌରୀ ବେହେରା ଭରତପୁର ଆୟୁର୍ବେଦିକ ହସ୍ପିଟାଲ ନିକଟରେ ମାଛ ବ୍ୟବସାୟ କରୁଥିବା ବେଳେ ଚିଣ୍ଟୁ ସହ ତାଙ୍କର ପରିଚୟ ହୋଇଥିଲା। ଗୌରୀଙ୍କ ନାତୁଣୀ ବିବାହ ପାଇଁ ଭଲ ସୁନା ଅଳଙ୍କାର କିଣିଦେବାର ପ୍ରଲୋଭନ ଦେଇ ଚିଣ୍ଟୁ ତାଙ୍କ ଠାରୁ ନଗଦ ୬୦ ହଜାର ଓ ଫୋନ-ପେରେ ଏକଲକ୍ଷ ୩୦ ହଜାର ଟଙ୍କା ନେଇଥିଲା। ମୋଟ ଏକ ଲକ୍ଷ ୯୦ ହଜାର ଟଙ୍କା ନେବା ପରେ ଚିଣ୍ଟୁ କୌଣସି ସୁନା ଅଳଙ୍କାର ଦେଇନଥିଲା କି ଟଙ୍କା ଫେରସ୍ତ କରିନଥିଲା। ପରବର୍ତ୍ତୀ ସମୟରେ ମୋବାଇଲ ଫୋନ ବନ୍ଦ କରି ଫେରାର ହୋଇଯାଇଥିଲେ। ଗୌରୀ ଏନେଇ ଭରତପୁର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଚିଣ୍ଟୁ ତାର ମାଆଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଏକ ଲକ୍ଷ ୩୦ ହଜାର ଟଙ୍କା ନେଇଥିବା ବ୍ୟାଙ୍କ ରେକର୍ଡରୁ ଜଣାପଡ଼ିଥିଲା। ଗତକାଲି ରାତିରେ ଜୋକଲଣ୍ଡିରେ ଚଢ଼ଉ କରି ଚିଣ୍ଟୁକୁ ଗିରଫ କରିଥିବା ବେଳେ ଆଜି କୋର୍ଟ ଚାଲାଣ କରିଛି।

## ହତ୍ୟାକାରୀ ମନ୍ଦିର ପୂଜକକୁ ଆଜୀବନ ଜେଲ୍

ଭୁବନେଶ୍ୱର, ୩୦।୬ (ସମିସ): ହତ୍ୟାକାରୀ ମନ୍ଦିର ପୂଜକ ବିଜୁ ପଣ୍ଡାକୁ ଆଜୀବନ କାରାଦଣ୍ଡ ସଜା। ସେ ଅନ୍ୟ ଜଣଙ୍କ ପତ୍ନୀକୁ ବିବାହ କରିବାକୁ କହୁଥିଲେ। ହେଲେ ମହିଳା ଜଣଙ୍କ ରାଜି ନ ହେବାରୁ ତାଙ୍କୁ ହତ୍ୟା କରିଥିଲେ। ଜିଲ୍ଲା ଓ ଦୌରା ଜଜ୍, ଖୋର୍ଦ୍ଧା, ଭୁବନେଶ୍ୱର ବିରଞ୍ଚି ନାରାୟଣ ମହାନ୍ତି ୨୦୨୩ ମସିହା ମେ' ମାସରେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଘଟିଥିବା ଏକ ହତ୍ୟା ମାମଲାର ବିଚାର ଶେଷ କରି ଅଭିଯୁକ୍ତ ବିଜୁ ପଣ୍ଡା ଓରଫ ବଙ୍କାଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଅଦାଲତ ମାମଲାର ବିଚାର କରି ୧୫ ଜଣ ସାକ୍ଷୀଙ୍କ ସାକ୍ଷ୍ୟ, ପ୍ରାସଙ୍ଗିକ ଦସ୍ତାବିଜ ଏବଂ ଅନ୍ୟାନ୍ୟ ପ୍ରମାଣକୁ ବିଚାରକୁ ନେଇ ବିଜୁକୁ ଭାରତୀୟ ଦଣ୍ଡ ସଂହିତାର ଧାରା ୩୦୨ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୬ ମାସର ସଶ୍ରମ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି।

ଅଭିଯୋଗକାରୀ ରମେଶ ଦାସଙ୍କ ବିବାହର ପ୍ରାୟ ୧୨ ବର୍ଷ ବିତିଯାଇଥିଲେ ମଧ୍ୟ ତାଙ୍କର କୌଣସି ସନ୍ତାନ ନଥିଲା। ଏହି କାରଣରୁ ସେ ଓ ତାଙ୍କ ସ୍ତ୍ରୀ କଳାରାହାଙ୍ଗ ଗ୍ରାମସ୍ଥିତ ଜଳେଶ୍ୱର ମନ୍ଦିରକୁ ପୂଜାର୍ଚ୍ଚନା ପାଇଁ ଯାଉଥିଲେ। ସେହି ମନ୍ଦିରରେ ଅଭିଯୁକ୍ତ ବିଜୁ ପଣ୍ଡା ପୁରୋହିତ ଭାବେ କାର୍ଯ୍ୟରତ ଥିଲେ। ସେ ଅଭିଯୋଗକାରୀଙ୍କ ସ୍ତ୍ରୀଙ୍କୁ ସନ୍ତାନ ପ୍ରାପ୍ତିର ଆଶୀର୍ବାଦ ଓ ଆଶ୍ୱାସନା ଦେଇଥିଲେ। ପରବର୍ତ୍ତୀ ସମୟରେ ମୃତକା ଗର୍ଭବତୀ ହୋଇଥିଲେ। ଗର୍ଭବତୀ ହେବା ପରେ ଅଭିଯୁକ୍ତ ତାଙ୍କୁ ବିବାହ କରିବା ପାଇଁ ବାରମ୍ବାର ବାଧ୍ୟ କରିଥିଲେ। କିନ୍ତୁ ମୃତକ ପୂର୍ବରୁ ବିବାହିତ ଥିବାରୁ ଏବଂ ତାଙ୍କ ସ୍ୱାମୀ ଜୀବିତ ଥିବାରୁ ସେ ଅଭିଯୁକ୍ତଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତ ମୃତକାଙ୍କ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଗୁରୁତର ଆହତ ଅବସ୍ଥାରେ ଚିକିତ୍ସାଧୀନ ଥିବାବେଳେ ମୃତକଙ୍କର ମୃତ୍ୟୁ ଘଟିଥିଲା।

ଉକ୍ତ ଏତଲା ଆଧାରରେ ମଞ୍ଚେଶ୍ୱର ଥାନାରେ ମାମଲା ରୁଜୁ କରାଯାଇଥିଲା। ମାମଲାର ପ୍ରାଥମିକ ତଦନ୍ତ ଥାନାର ସବ୍-ଇନ୍ସପେକ୍ଟର ଶ୍ରୀ ଆର୍. ଆର୍. ବେହେରା କରିଥିବା ବେଳେ ପରବର୍ତ୍ତୀ ସମୟରେ ଇନ୍ସପେକ୍ଟର ଶ୍ରୀ ସୁଧୀର ସାହୁ ତଦନ୍ତର ଦାୟିତ୍ୱ ଗ୍ରହଣ କରିଥିଲେ। ତଦନ୍ତକାଳୀନ ଅଭିଯୁକ୍ତ ବିଜୁଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରଶ୍ମୀ ରଞ୍ଜନ ବ୍ରହ୍ମା ସଫଳତାର ସହ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଗତବର୍ଷ ୧୦୦ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜା ମିଳିଥିବା ବେଳେ ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସ ପକ୍ଷରୁ ଚଳିତ ବର୍ଷର ଏହା ହେଉଛି ୫୯ତମ ମାମଲା। -ହୋଚିମିନ୍

■ ୧୨ ବର୍ଷ ପରେ ମିଳିଲା ନ୍ୟାୟ
■ ଦ୍ୱିତୀୟ ବିବାହ ପାଇଁ ରାଜି ନ ହେବାରୁ ହତ୍ୟା କରିଥିଲା ବିଜୁ

## ୧୨ ବର୍ଷୀୟ ନାବାଳିକାକୁ ଦୁଷ୍କର୍ମ କରି ୬୨ ବର୍ଷର ବୃଦ୍ଧ ଗିରଫ

ବାଲିପାଟଣା, ୩୦।୬(ସମିସ) : ଜଣେ ୧୨ ବର୍ଷର ନାବାଳିକାକୁ ଡରାଇ-ଧମକାଇ ଜଣେ ୬୨ ବର୍ଷର ବୃଦ୍ଧ ବାରମ୍ବାର ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ, ପାପର ପ୍ରମାଣ ଲୁଚାଇବାକୁ ଯାଇ ନାବାଳିକାଙ୍କ ଜୀବନ ସହ ଖେଳ ଖେଳିଛି ଅଭିଯୁକ୍ତ। ଏହି ସାଂଘାତିକ ମାମଲାରେ ପୋଲିସ ଅଭିଯୁକ୍ତ ବୃଦ୍ଧକୁ ଅଟକ ରଖିଥିବା ବେଳେ ଡାକ୍ତରୀ ପରୀକ୍ଷାରୁ ଆସିଥିବା ରିପୋର୍ଟ ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି।

ପରିବାର ଲୋକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ସ୍ଥାନୀୟ ଅଞ୍ଚଳର ୬୨ ବର୍ଷୀୟ ଶ୍ରୀଧର ଓଝା ନାବାଳିକାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇ କ୍ରମାଗତ ଭାବେ ଦୁଷ୍କର୍ମ କରିଆସୁଥିଲା। ଏହି କାରଣରୁ ନାବାଳିକା ଜଣକ ଗର୍ଭବତୀ ହୋଇଥିଲେ। ତେବେ ପାପ ଧରାପଡ଼ିବା ଭୟରେ ଅଭିଯୁକ୍ତ ଶ୍ରୀଧର ନାବାଳିକାଙ୍କୁ ଜୋର ଜବରଦସ୍ତ ଗର୍ଭ ନଷ୍ଟ କରିବା ପାଇଁ ଔଷଧ ଖୁଆଇ ଦେଇଥିଲା।

ଔଷଧ ଖାଇବା ପରେ ନାବାଳିକାଙ୍କ ଶରୀରରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପ୍ରଥମେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତରୀ ପରୀକ୍ଷା ପରେ ସମଗ୍ର ସଇତାନୀ କାରନାମା ଉପରୁ ପରଦା ହଟିଥିଲା।

### ନାବାଳିକା ଏଚ୍ଆଇଭି ଆକ୍ରାନ୍ତ

ଏହା ସହିତ ସବୁଠୁ ଚିନ୍ତାଜନକ ଏବଂ ଦୁଃଖଦ ଖବର ଏହା ଯେ, ଡାକ୍ତରୀ ପରୀକ୍ଷାରୁ ପୀଡ଼ିତା ନାବାଳିକା ଜଣକ ଏଡ୍ସ (ଏଚ୍ଆଇଭି) ରୋଗରେ ପୀଡ଼ିତ ଥିବା ଜଣାପଡ଼ିଛି। ପରିବାର ଲୋକଙ୍କ ଲିଖିତ ଅଭିଯୋଗ ଆଧାରରେ ବାଲିପାଟଣା ଥାନା ପୋଲିସ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତ ଶ୍ରୀଧର ଓଝାକୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି ଏବଂ ଆଗକୁ ପୋକ୍‌ସୋ ଆକ୍ଟ ସହ ଅନ୍ୟ ସଙ୍ଗିନ ଦଫାରେ କୋର୍ଟ ଚାଲାଣ କରିବାକୁ ପ୍ରସ୍ତୁତି ଚଳାଇଥିବା ସୂଚନା ମିଳିଛି।

● ବହୁ ଚର୍ଚ୍ଚିତ ପ୍ରୀୟଙ୍କା ପ୍ରିୟଦର୍ଶିନୀ ହତ୍ୟା ମାମଲା

## ହତ୍ୟାକାରୀ ଜଗନ୍ନାଥକୁ ଆଜୀବନ କାରାଦଣ୍ଡ

ଭୁବନେଶ୍ୱର, ୩୦।୬ (ସମିସ): ବହୁ ଚର୍ଚ୍ଚିତ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପ୍ରୀୟଙ୍କା ପ୍ରିୟଦର୍ଶୀନୀ ହତ୍ୟା ମାମଲାରେ ନ୍ୟାୟ ମିଳିଛି। ହତ୍ୟାକାରୀ ଜଗନ୍ନାଥ ପ୍ରଧାନକୁ କୋର୍ଟ ଆଜୀବନ କାରାଦଣ୍ଡ ଦଣ୍ଡାଦେଶ ଶୁଣାଇଛନ୍ତି। ଅଦାଲତ ୨୯ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ କରିବା ସହ ୧୭୭ଟି ପ୍ରାସଙ୍ଗିକ ଦସ୍ତାବିଜ ଓ ଅନ୍ୟାନ୍ୟ ବସ୍ତୁଗତ ପ୍ରମାଣକୁ ବିଚାରକୁ ନେଇଥିଲେ। ସମସ୍ତ ସାକ୍ଷ୍ୟ ଓ ପ୍ରମାଣର ଆଧାରରେ ମଙ୍ଗଳବାର ଅଦାଲତ ତାଙ୍କ ରାୟରେ ଆସାମୀ ଜଗନ୍ନାଥ ପ୍ରଧାନଙ୍କୁ ଧାରା ୩୦୨ ଆଇପିସି ଅନୁଯାୟୀ ଆଜୀବନ କାରାଦଣ୍ଡ ସହ ୨୫ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ଏକ ବର୍ଷର ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଦ୍ୱିତୀୟ ଅତିରିକ୍ତ ଦୌରାଜଜ୍, ଭୁବନେଶ୍ୱର ବନ୍ଦନା କର ଏହି ରାୟ ଶୁଣାଇଛନ୍ତି।

ଗତ ୨୦୨୧ ମସିହାରେ ମୃତକାଙ୍କ ଘରମାଲିକ ଏତଲା ଦେଇଥିଲେ ଯେ, ସେ ଆପୋଲୋ ହସ୍ପିଟାଲ ଭୁବନେଶ୍ୱରରୁ ଫେରୁଥିବା ସମୟରେ ଫୋନ୍ ଯୋଗେ ତାଙ୍କ ଘରେ ଏକ ଅଘଟଣ ଘଟିଥିବା ସୂଚନା ପାଇଥିଲେ। ଘରେ ପହଞ୍ଚି ସେ ତାଙ୍କ ଭଡ଼ାଟିଆ ରିଙ୍କି ଓରଫ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁଙ୍କୁ ମୃତ ଅବସ୍ଥାରେ ଏବଂ ଜଣେ ଅଜଣା ଯୁବକଙ୍କୁ ଆହତ ଅବସ୍ଥାରେ ପଡ଼ିଥିବାର ଦେଖିଥିଲେ। ଏହି ଏତଲାକୁ ଆଧାର କରି ଏୟାରଫିଲ୍ଡ ଥାନାରେ ଧାରା ୩୦୨/୩୦୭ ଆଇପିସି ଅନୁଯାୟୀ ମାମଲା ରୁଜୁ କରିଥିଲା। ମାମଲାର ପ୍ରାଥମିକ ତଦନ୍ତ ଇନ୍ସପେକ୍ଟର ଅଜିତ କୁମାର ବର୍ଗେଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ପରବର୍ତ୍ତୀ ସମୟରେ ତଦନ୍ତ ଭାର ଇନ୍ସପେକ୍ଟର ରାଧାକାନ୍ତ ସାହୁଙ୍କୁ ନ୍ୟସ୍ତ କରାଯାଇଥିଲା। ତଦନ୍ତ ସମୟରେ ଘଟଣାସ୍ଥଳରୁ ଉଦ୍ଧାର ହୋଇଥିବା ଏକ ସୁଇସାଇଡ୍ ନୋଟ୍‌କୁ ଅଭିଯୁକ୍ତଙ୍କ ସ୍ୱୀକୃତ ହସ୍ତଲିଖନ ସହ ବୈଜ୍ଞାନିକ ଭାବେ ତୁଳନା କରାଯାଇଥିଲା। ଏହା ଅଭିଯୁକ୍ତଙ୍କ ଦ୍ୱାରା ଲିଖିତ ବୋଲି ପ୍ରମାଣିତ ହୋଇଥିଲା।

ତଦନ୍ତରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତଙ୍କ ସହ ମୃତକାଙ୍କର ପୂର୍ବରୁ ସମ୍ପର୍କ ରହିଥିଲା। ସେହି ସମ୍ପର୍କରେ ଅବିଶ୍ୱାସ ଓ ମନୋମାଳିନ୍ୟ ସୃଷ୍ଟି ହେବାରୁ ଅଭିଯୁକ୍ତ ପୂର୍ବ ଯୋଜନା ଅନୁଯାୟୀ ମୃତକାଙ୍କୁ ହତ୍ୟା କରିଥିଲେ। ସିସିଟିଭି ଫୁଟେଜ୍, ସୋସିଆଲ୍ ମିଡିଆ ପୋଷ୍ଟ, ସୁଇସାଇଡ୍ ନୋଟ୍, ଫରେନସିକ୍ ରିପୋର୍ଟ, ଡିଏନଏ ରିପୋର୍ଟ ଏବଂ ଅନ୍ୟାନ୍ୟ ବୈଜ୍ଞାନିକ ପ୍ରମାଣ ଅଭିଯୁକ୍ତଙ୍କ ସମ୍ପୃକ୍ତିକୁ ସ୍ପଷ୍ଟ ଭାବେ ପ୍ରମାଣିତ କରିଥିଲା। ତଦନ୍ତ ସମାପ୍ତ ହେବା ପରେ ତଦନ୍ତକାରୀ ଅଧିକାରୀ ଅଭିଯୁକ୍ତଙ୍କ ବିରୋଧରେ ଧାରା ୩୦୨/୨୦୧/୩୦୯ ଆଇପିସି ଅନୁଯାୟୀ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ସାଇ ରଞ୍ଜନ ମହାନନ୍ଦିଆ ସଫଳତାର ସହ ପରିଚାଳନା କରିଥିଲେ।

# ୨ ଥର ଫେଲ୍ ପରେ ୩ ଥରକୁ ମାରିଲେ

ଭୁବନେଶ୍ୱର, ୩୦।୬ (ସମିସ): କୋଳଥିଆ କୃଷ୍ଣଚନ୍ଦ୍ର ପାଢ଼ୀ ଓ ହିମାଂଶୁ ସାହୁ ହତ୍ୟା ଘଟଣାରେ ପୁଲିସ ଚାଞ୍ଚଲ୍ୟକର ତଥ୍ୟ ହାସ କରିଛି। ଏହି ଘଟଣାରେ ପୁଲିସ ୨ ଜଣ ନାବାଳକଙ୍କୁ ଗିରଫ କରିଥିବା ବେଳେ ହତ୍ୟାକାଣ୍ଡର କାରଣ ଖୋଜି ବାହାର କରିଛି। ପୁଲିସ କହିବାନୁଯାୟୀ ଧରମ ଭଉଣୀକୁ ହଇରାଣ କରୁଥିବା ଜାଣିବା ପରେ ଅଭିଯୁକ୍ ହାପି ଫୋନ୍ କୃଷ୍ଣଙ୍କୁ ତାଗିଦ୍ କରିଥିଲା। କିନ୍ତୁ ପରିବାର ଲୋକଙ୍କ ହସ୍ତକ୍ଷେପ ପରେ ହାପି ଭୁଲ୍ ମାଗିବାକୁ ମନସ୍ଥ କରିବା ସହ କୃଷ୍ଣଙ୍କୁ ଖାରବେଳ ପାର୍କକୁ ଡାକିଥିଲା। ହାପି ଓ ବାପି ପୂର୍ବରୁ ପାର୍କରେ ଥିବାବେଳେ କୃଷ୍ଣ ଆସି ପହଞ୍ଚିଥିଲେ। ହାପି ତାଗିଦ୍ କଥାକୁ ନେଇ ଭୁଲ୍ ମାଗୁଥିବା ବେଳେ କୃଷ୍ଣ ତାଙ୍କୁ ଧକ୍କା ମାରିଥିଲେ। ସାର୍ଟ କଲର୍ ଧରି ମାଡ଼ ମାରିବା ସହ ପୋଷାକ ଚିରି ଦେଇଥିଲେ। ହସ୍ତକ୍ଷେପ କରିବାରୁ ବାପିକୁ ମଧ୍ୟ କୃଷ୍ଣ ଗୋଇଠା ମାରିଥିଲେ। ଭୁଲ୍ ମାଗିବାକୁ ଆସି ମାଡ଼ ଖାଇଥିବାରୁ ହାପି ଓ ବାପିଙ୍କ ମନରେ କ୍ରୋଧ ଆସିଥିଲା। ସେବେଠାରୁ ହିଁ କୃଷ୍ଣଙ୍କୁ ପାନେ ଦେବାକୁ ଉଭୟ ପ୍ଲାନ୍ କରିଥିଲେ। ଦୋକାନରୁ ଲଙ୍କା ଗୁଣ୍ଡ କିଣି ପାଣିରେ ମିଶାଇବା ପରେ ବୋତଲରେ ଭର୍ତ୍ତି କରିଥିଲେ। ପ୍ରଥମେ ଲଙ୍କା ଗୁଣ୍ଡ ପାଣି ପକାଇ ତାପରେ ଆକ୍ରମଣ କରିବାକୁ ଯୋଜନା କରିଥିଲେ। ଶୁକ୍ରବାର ରାତିରେ ହିଁ ଆକ୍ରମଣ କରିବାକୁ ଯୋଜନା କରିଥିଲେ, କିନ୍ତୁ କୌଣସି କାରଣରୁ ପ୍ଲାନ୍ ଫେଲ୍ ମାରିଥିଲା। ଶନିବାର ରାତିରେ ବାପି ମନା କରିବାରୁ ଉଭୟ ରହି ଯାଇଥିଲେ। ତୃତୀୟ ଥର ବା ରବିବାର ରାତିରେ ପଶି କୃଷ୍ଣଙ୍କ ଘରେ ପଶିଥିଲେ।



କୃଷ୍ଣ କବାଟ ଖୋଲି ମାଡ଼ି ଆସିବାରୁ, ନାବାଳକ ଆଉ ଲଙ୍କା ଗୁଣ୍ଡ ପାଣି ପକାଇବାକୁ ସମୟ ନପାଇ ସିଧାସଳଖ ଆକ୍ରମଣ କରିଥିଲେ।

### ୫ ପାହାର ନେଇଗଲା ବାପପୁଅଙ୍କ ଜୀବନ

କୃଷ୍ଣ କବାଟ ଖୋଲି ଆସିବା ମାତ୍ରେ ହାପି ଓ ବାପି ଲୁହା ଛଡ଼ରେ ତାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଦୁଇ ପାହାର ଖାଇ ସେ ତଳି ପଡ଼ିଯିବା ପରେ ଚିତ୍କାର ଶୁଣି ବାପା ହିମାଂଶୁ ବାହାରକୁ ଆସିଥିଲେ। ବାପି ହଠାତ୍ ତାଙ୍କ ମୁଣ୍ଡକୁ ଲୁହା ଛଡ଼ରେ ପିଟି ଦେବାରୁ ହିମାଂଶୁ ମଧ୍ୟ ତଳେ ପଡ଼ି ଯାଇଥିଲେ। ସେହି ସମୟରେ କୃଷ୍ଣ ଏକ ବ୍ୟାଟ୍ ଉଠାଇ ପ୍ରତି ଆକ୍ରମଣ କରିବାକୁ ଚେଷ୍ଟା କରୁଥିଲେ। ହେଲେ ହାପିର ଆଉ ଏକ ପାହାର ତାଙ୍କୁ ଚେତାଶୂନ୍ୟ କରି ଦେଇଥିଲା। ସେପଟେ ହିମାଂଶୁ ପୁଅକୁ ରକ୍ଷା କରିବାକୁ ଉଦ୍ୟମ କରିବା ବେଳେ ବାପି ଲୁହା ଛଡ଼ରେ ତାଙ୍କୁ ଆଉ ପାହାରେ ଦେଇଥିଲା। ବାପା ଓ ଭାଇଙ୍କୁ ସୁରକ୍ଷା ଦେବାକୁ ଯାଇ ତାପସୀ ମଧ୍ୟ ଲୁହା ଛଡ଼ ଆକ୍ରମଣର ଶିକାର ହୋଇଥିଲେ।

### ଧରା ପକାଇ ଦେଲା ହାଫ୍ ପ୍ୟାଣ୍ଟ୍ ଓ କମଳା ରଙ୍ଗର ଟି ସାର୍ଟ

ଜମିବାଡ଼ି ବିବାଦରୁ ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରୁଥିଲେ ମଧ୍ୟ ସେ ଦିଗରେ ପୁଲିସକୁ କୌଣସି ସୁରାକ୍ ମିଳିନଥିଲା। ପରେ ପ୍ରେମ ସମ୍ପର୍କିତ ଘଟଣା ହୋଇଥାଇପାରେ ଭାବି ତାପସୀଙ୍କୁ ଜେରା କରିଥିଲେ ମଧ୍ୟ ପ୍ରମାଣ ମିଳିନଥିଲା। ହେଲେ ଜଣେ ଅଭିଯୁକ୍ତ ହାଫ୍ ପ୍ୟାଣ୍ଟ୍ ପିନ୍ଧିଥିବା ବେଳେ ଆଉଜଣେ କମଳା ରଙ୍ଗର ଟି-ସାର୍ଟ ପିନ୍ଧିଥିଲା ବୋଲି ତପସୀ ପୁଲିସକୁ କହିଥିଲେ। ଏକଥା ଶୁଣିବା ପରେ ପାଖ ପ୍ଲଟରେ ଚାଲିଥିବା ଆପାର୍ଟମେଣ୍ଟର ନିର୍ମାଣାଧିନ ଶ୍ରମିକ ହତ୍ୟାକାଣ୍ଡ ଭିଆଇଥିବା ଥିବା ପୁଲିସ ସନ୍ଦେହ କରିଥିଲା। ଆପାର୍ଟମେଣ୍ଟ ପରିସରରେ ପଶି ସିସିଟିଭି ଯାଞ୍ଚ କରିଥିଲା ମଧ୍ୟ କୌଣସି ସନ୍ଦେହଜନକ ଚାଲିଚଳନ ବାରି ପାରିନଥିଲା। ଶେଷରେ ହତ୍ୟାକାଣ୍ଡ ସ୍ଥଳର ପଛପଟେ ଥିବା ଏକ ସିମେଣ୍ଟ ନନ୍ଦ ଫ୍ୟାକ୍ଟ୍ରିର ସିସିଟିଭି ଯାଞ୍ଚ କରିଥିଲା ପୁଲିସ। ରବିବାର ରାତି ପ୍ରାୟ ୨ଟା ବେଳେ ଦୁଇ ଜଣ ନନ୍ଦ ଫ୍ୟାକ୍ଟ୍ରି ପାଚେରି ଡେଇଁ ବାହାରକୁ ଯାଇଥିବା ସିସିଟିଭି କ୍ୟାମେରା ଫୁଟେଜରୁ ଜଣାପଡ଼ିଥିଲା। ପ୍ରଥମେ ଜଣଙ୍କୁ ଚିହ୍ନଟ କରି ଉଠାଇ ଆଣିବା ପରେ ଦ୍ୱିତୀୟ ଅଭିଯୁକ୍ତ ପାଖରେ ପହଞ୍ଚି ଯାଇଥିଲା। ଦୁଇ ଜଣଙ୍କୁ ଗିରଫ କରିବା ପରେ ପୂରା ଘଟଣା ଉପରୁ ପରଦା ହଟିଥିଲା।

### ଲିଡିଂ ଟୁ ଡିସକରଭୀ

ସୋମବାର ସକାଳେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ଗୋଟିଏ ଲୁହା ଛଡ଼ ଜବତ କରିଥିଲା। ସେପଟେ ଦୁଇ ନାବାଳକ ଅଭିଯୁକ୍ତ ଧରାପଡ଼ିବା ପରେ ପ୍ରମାଣ ଗୋଟାଇବାକୁ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଭାରତୀୟ ସାକ୍ଷ୍ୟ ଅଧିନିୟମ (ବିଏସ୍ଏ) ଧାରା ୨୩ ଅନୁଯାୟୀ ଦୁଇ ଜଣ ସାଧାରଣ ଲୋକ (ସାକ୍ଷୀ)ଙ୍କ ଉପସ୍ଥିତିରେ ଦୁଇ ନାବାଳକଙ୍କ ବୟାନ ରେକର୍ଡ କରିଥିଲା। ସେମାନଙ୍କ ବୟାନ ଆଧାରରେ, ଦୁଇ ଜଣ ସାକ୍ଷୀଙ୍କୁ ଧରି ଘଟଣାସ୍ଥଳ ପାଖରେ ଥିବା ବଣ ଭିତରକୁ ନେଇଥିଲା। ସେଠାରୁ ଘଟଣାରେ ବ୍ୟବହୃତ ଆଉ ଏକ ଲୁହା ଛଡ଼ ଜବତ କରିଥିଲା। ଏହା ସହିତ ଘଟଣା ରାତିରେ ଦୁଇ ନାବାଳକ ପିନ୍ଧିଥିବା ରକ୍ତ ଭିଜା ପ୍ୟାଣ୍ଟ୍ ସାର୍ଟ୍ ଓ ଲଙ୍କା ଗୁଣ୍ଡ ପଶିଥିବା ପାଣି ବୋତଲ ଜବତ କରିଥିଲା। ବିଏସ୍ଏ ଧାରା ଅନୁସାରେ ରେକର୍ଡ ହୋଇଥିବା ବୟାନକୁ କୋର୍ଟରେ ବଳିଷ୍ଠ ପ୍ରମାଣ ଭାବେ ଉପସ୍ଥାପନ କରିବ ପୁଲିସ।





ସାରନଗରୀ ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ଏବଂ ଶ୍ରୀ ଜୀଉଙ୍କ ହାତୀ ବେଶ

# ଡିଜିଟାଲ୍ ଆରେଷ୍ଟ କରି ଠକେଇ; ମୁମ୍ବାଇରୁ ୨ ଗିରଫ

ରାଉରକେଲା,୩୦।୬(ସମିସ):

"ଡିଜିଟାଲ୍ ଆରେଷ୍ଟ' କରି ୧୪ ଲକ୍ଷ ୩୬ ହଜାର ଟଙ୍କାର ଠକି ନେଇଥିବା ସାଇବର ଠକେଇ ଘଟଣାର ପର୍ଦ୍ଦାଫାଶ କରିଛି ରାଉରକେଲା ପୁଲିସ। ଘଟଣାରେ ପୁଲିସ ମୁମ୍ବାଇରୁ ୨ ସାଇବର ଠକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୁମ୍ବାଇ କାନ୍ଦିଭାଲି (ପୂର୍ବ) ସେକ୍ଟର-୬ ସ୍ଥିତ ବେବ୍ରାଇ ବିଲ୍ଡିଂ ସିଏଚ୍‌ଏସ୍‌ର ବାସିନ୍ଦା ନୟନ ଲଳିତ ନାଥୱାନୀ (୪୭) ଓ କାନ୍ଦିଭାଲିର ପୋଇସର ଅଞ୍ଚଳର ବାସିନ୍ଦା ଧବଳ ପରେଶ ପାଣ୍ଡ୍ୟା (୩୫)। ନାଥୱାନୀ ଜିଏସ୍‌ଟି ବ୍ରୋକର ଭାବେ କାର୍ଯ୍ୟ କରୁଥିବା ବେଳେ ପଣ୍ଡ୍ୟା ଜଣେ ଫ୍ରିଲାନ୍ସ ସଙ୍ଗୀତଜ୍ଞ (ଡ୍ରମର୍) ସହ ଜିଏସ୍‌ଟି ବ୍ରୋକର ଭାବେ ମଧ୍ୟ କାମ କରନ୍ତି। ଏ ନେଇ ଆଜି ରାଉରକେଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ ରାଏ ଓ ଏସ୍‌ପି ନିତେଶ ୱାଧୱାନୀ ସୂଚନା ଦେଇଛନ୍ତି।



ସୂଚନା ଅନୁଯାୟୀ, ଡିଜିଟାଲ ଆରେଷ୍ଟ ମାଧ୍ୟମରେ ସାଇବର ଠକେଇ କରି ଉକ୍ତ ଟଙ୍କାକୁ ବିଭିନ୍ନ ବ୍ୟାଙ୍କ ଖାତା ମାଧ୍ୟମରେ ସ୍ଥାନାନ୍ତର କରାଯାଇଥିଲା। ଏହି ଖାତାଗୁଡ଼ିକ ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟର ଏକାଧିକ ସାଇବର ଠକେଇ ମାମଲା ସହ ସମ୍ପୃକ୍ତ ଥିବାରୁ ଏହା ପଛରେ ଏକ ସଂଗଠିତ ଆନ୍ତଃରାଜ୍ୟ ସାଇବର ଅପରାଧୀ ରାକେଟ ସକ୍ରିୟ ଥିବା ସନ୍ଦେହ କରି ତଦନ୍ତ ଆରମ୍ଭ ହୋଇଥିଲା। ପ୍ରମାଣ ଓ ଟଙ୍କା ଗ୍ରହଣ କରିଥିବା ବ୍ୟାଙ୍କ ଖାତାଗୁଡ଼ିକର ବୈଷୟିକ ବିଶ୍ଳେଷଣ ପରେ ଅଭିଯୁକ୍ତ ଦ୍ୱୟଙ୍କ ଚିହ୍ନଟ କରାଯାଇଥିଲା। ଏହାପରେ ରାଉରକେଲା ପୁଲିସର ଦୁଇଟି ସ୍ୱତନ୍ତ୍ର ଟିମ୍ ମୁମ୍ବାଇ ଯାଇ ଦୁଇ ଜଣ ସଦସ୍ୟଙ୍କୁ ଗିରଫ କରିଥିଲେ। ରାକେଟର ଅନ୍ୟ ସଦସ୍ୟଙ୍କୁ ଚିହ୍ନଟ ପାଇଁ ଓ ଆର୍ଥିକ କାରବାରର

## ଠକି ନେଇଥିଲେ ୧୪.୩୬ ଲକ୍ଷ ଟଙ୍କା

ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ପାଇଁ ତଦନ୍ତ ଜାରି ରହିଛି। ରାଉରକେଲା ପୁଲିସ ସାଧାରଣ ଲୋକଙ୍କୁ "ଡିଜିଟାଲ୍ ଆରେଷ୍ଟ' ନାମରେ ହେଉଥିବା ସାଇବର ଠକେଇ ପ୍ରତି ସତର୍କ ରହିବାକୁ ସେ ଅନୁରୋଧ କରିଥିଲେ। ଏଭଳି କୌଣସି ଘଟଣାର ସମ୍ମୁଖୀନ ହେଲେ ତୁରନ୍ତ ୧୯୩୦ ହେଲ୍ପଲାଇନ୍‌କୁ କଲ୍ କରିବାକୁ କିମ୍ବା ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ୍ ମାଧ୍ୟମରେ ଅଭିଯୋଗ କରିବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି।

● ରାଉରକେଲା ପୁଲିସ ଜିଲ୍ଲା

# ଇନ୍ସପେକ୍ଟରସ୍ତରରେ ବଡ଼ ଅଦଳବଦଳ

ରାଉରକେଲା,୩୦।୬(ସମିସ): ରାଉରକେଲା ପୁଲିସ ଜିଲ୍ଲାରେ ଇନ୍ସପେକ୍ଟର ପାହ୍ୟାର ଅଧିକାରୀମାନଙ୍କ ମଧ୍ୟରେ ବଡ଼ ଧରଣର ଅଦଳବଦଳ କରାଯାଇଛି। ଇନ୍ସପେକ୍ଟର ପ୍ରଭା ସିମରନ ସିଂହଙ୍କୁ ରଘୁନାଥପାଲି ଥାନାର ଅତିରିକ୍ତ ଆଇଆଇସି ପଦରୁ ଉଦିତନଗର ଥାନାର ଆଇଆଇସି ଭାବେ ନିଯୁକ୍ତ କରାଯାଇଥିବା ବେଳେ ଇନ୍ସପେକ୍ଟର ଜ୍ଞାନେନ୍ଦ୍ର କୁମାର ସାହୁଙ୍କୁ ଉଦିତନଗର ଥାନାରୁ ଟ୍ରାଫିକ୍ ଆଉଟ୍‌ପୋଷ୍ଟକୁ ବଦଳି କରାଯାଇଛି। ସେହିପରି ଇନ୍ସପେକ୍ଟର ବିଜୟ କୁମାର ସିଂହଙ୍କୁ ଛେଣ୍ଡ ଥାନାରୁ ଗୁରୁଣ୍ଡିଆ ଥାନାର ଆଇଆଇସି, ଇନ୍ସପେକ୍ଟର ପ୍ରତିଭା ମଞ୍ଜରୀ ସାହୁଙ୍କୁ ସିସି ଆଣ୍ଡ ଇଓ ପିଏସ୍‌ରୁ ଝିରପାଣି ଥାନାର ଆଇଆଇସି, ଇନ୍ସପେକ୍ଟର ସବିତା ପାତ୍ରଙ୍କୁ ଲହୁଣୀପଡ଼ା ଥାନାର ଆଇଆଇସି, ଇନ୍ସପେକ୍ଟର ପ୍ରଶାନ୍ତ ପ୍ରଧାନଙ୍କୁ ଲାଠିକଟା ଥାନାର ଆଇଆଇସି ଏବଂ ଇନ୍ସପେକ୍ଟର ରାମେଶ୍ୱର ସିଂହଙ୍କୁ ଟିକାୟତପଲ୍ଲୀ ଥାନାର ଆଇଆଇସି ଭାବେ ନିଯୁକ୍ତି ମିଳିଛି। ସେହିପରି ଇନ୍ସପେକ୍ଟର ପ୍ରଦୀପ କୁମାର ନାୟକଙ୍କୁ ଝିରପାଣି ଥାନାରୁ ସେକ୍ଟର-୩ ଥାନାର ଆଇଆଇସି, ଇନ୍ସପେକ୍ଟର ଖିତିଶ ଚନ୍ଦ୍ର ପାତ୍ରଙ୍କୁ ଟ୍ରାଫିକ୍ ଆଉଟ୍‌ପୋଷ୍ଟରୁ ଛେଣ୍ଡ ଥାନାର ଆଇଆଇସି ଏବଂ ଇନ୍ସପେକ୍ଟର ବିକ୍ରମ କୁମାର ଭୂୟାଁଙ୍କୁ ସେକ୍ଟର-୩ ଥାନାରୁ ସିସି ଆଣ୍ଡ ଇଓ ପିଏସ୍‌କୁ ବଦଳି କରାଯାଇଛି। ଏହାଛଡ଼ା ଇନ୍ସପେକ୍ଟର ଜ୍ୟୋତି ରଞ୍ଜନ ପତିଙ୍କୁ ମୁଖ୍ୟାଳୟରୁ ସିସି ଆଣ୍ଡ ଇଓ ପିଏସ୍‌କୁ ଏବଂ ଇନ୍ସପେକ୍ଟର ସୁଜାତା ମଲ୍ଲିକଙ୍କୁ ଗୁରୁଣ୍ଡିଆ ଥାନାରୁ ଆର୍. ଏନ୍. ପଲ୍ଲୀ ଥାନାର ଅତିରିକ୍ତ ଆଇଆଇସି ଭାବେ ବଦଳି କରାଯାଇଛି।

■ ମରାମତି ବେଳେ ଅଘଟଣ

# ଡିଜେଲ ଟାଙ୍କିରେ ବିସ୍ଫୋରଣ ପରେ ଜଳିଗଲା ଟ୍ରକ୍

ରାଉରକେଲା,୩୦।୬(ସମିସ): ରାଉରକେଲାର ବେଦବ୍ୟାସ ଅଞ୍ଚଳରେ ସୋମବାର ଏକ ଟ୍ରକ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସୁନୟନା ମେଟାଲ୍ ନିକଟରେ ମରାମତି ଚାଲିଥିବା ବେଳେ ଟ୍ରକ୍‌ର ଡିଜେଲ୍ ଟାଙ୍କି ବିସ୍ଫୋରଣ ହେବାରୁ ଟ୍ରକ୍‌ଟି ହୁ ହୁ ହୋଇ ଜଳି ଯାଇଥିଲା। ସର୍ଟସର୍କିଟ୍ ଯୋଗୁଁ ଡିଜେଲ୍ ଟାଙ୍କିରେ ପ୍ରଚଣ୍ଡ ବିସ୍ଫୋରଣ ଘଟିଥିବା ଜଣାପଡ଼ିଛି। ରାସ୍ତାରେ ଯାଉଥିବା ଗାଡ଼ି ଚାଳକ ଓ ପଥଚାରୀମାନେ ଜୀବନ ବଞ୍ଚାଇବା ପାଇଁ ନିରାପଦ ସ୍ଥାନକୁ ଦୌଡ଼ି ପଳାଇଥିଲେ।



ଅଗ୍ନିଶମ ବିଭାଗର ଏକାଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିଥିଲେ। ଫଳରେ ନିଆଁ ନିକଟସ୍ଥ ଗାଡ଼ି ଓ ବ୍ୟବସାୟିକ ପ୍ରତିଷ୍ଠାନକୁ ବ୍ୟାପିବା ପୂର୍ବରୁ ରୋକା ଯାଇପାରିଥିଲା। ଘଟଣା ପରେ ବେଦବ୍ୟାସ ଛକରେ ବହୁ ସଂଖ୍ୟାରେ ଲୋକ ଏକତ୍ରିତ ହୋଇଥିବାରୁ ଜାତୀୟ ରାଜପଥରେ କିଛି ସମୟ ପାଇଁ ଯାତାୟାତ ବ୍ୟାହତ ହୋଇଥିଲା। ସୌଭାଗ୍ୟବଶତଃ ଏହି ଅଗ୍ନିକାଣ୍ଡରେ କୌଣସି ମୃତାହତ ହୋଇନାହିଁ।

# ଛେଣ୍ଡ କଲୋନୀରେ ଜବରଦଖଲ ଉଚ୍ଛେଦ ଜୋର୍‌ଦାର

ରାଉରକେଲା,୩୦।୬(ସମିସ): ବର୍ଷା ଋତୁରେ ବାରମ୍ବାର ଜଳବନ୍ଦୀ ସମସ୍ୟାକୁ ଦୂର କରିବା ଲକ୍ଷ୍ୟରେ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ମଙ୍ଗଳବାର ଛେଣ୍ଡ କଲୋନୀ ଅଞ୍ଚଳରେ ଡ୍ରେନ୍ ଉପରେ ହୋଇଥିବା ଜବରଦଖଲ ଉଚ୍ଛେଦ ଅଭିଯାନକୁ ଜୋରଦାର କରାଯାଇଛି।



୧୭ଟି ସ୍ଥାନରୁ ଡ୍ରେନ୍ ଉପରେ ହୋଇଥିବା ବେଆଇନ ଜବରଦଖଲ ହଟାଯାଇଛି। ଏହାପୂର୍ବରୁ ସିଭିଲ୍ ଟାଉନସିପ୍ ଅଞ୍ଚଳର ପ୍ରମୁଖ ଡ୍ରେନ୍ ଉପରେ ହୋଇଥିବା ବେଆଇନ ନିର୍ମାଣକୁ ଉଚ୍ଛେଦ କରି ଡ୍ରେନେଜ୍ ବ୍ୟବସ୍ଥାକୁ ସ୍ୱାଭାବିକ କରିବାକୁ ମଧ୍ୟ ସମାନ ଅଭିଯାନ ଚଳାଯାଇଥିଲା। ସହରର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ପର୍ଯ୍ୟାୟକ୍ରମେ ଏଭଳି ଉଚ୍ଛେଦ ଅଭିଯାନ ଜାରି ରହିବ ବୋଲି ମହାନଗର ନିଗମ କହିଛି। ଏହାଦ୍ୱାରା ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆସିବା ସହ ବର୍ଷା ଦିନରେ ସହରାଞ୍ଚଳରେ ଜଳବନ୍ଦୀ ସମସ୍ୟାକୁ ଅନେକାଂଶରେ ରୋକାଯାଇପାରିବ।

# ପ୍ଲାଷ୍ଟିକ୍ ବର୍ଜ୍ୟ ଏସ୍‌ଓପି ଉପରେ ପ୍ରଶିକ୍ଷଣ

ରାଉରକେଲା, ୩୦।୬(ସମିସ): ରାଉରକେଲା ମହାନଗର ନିଗମ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡିଶା, ରାଉରକେଲାର ମିଳିତ ଆନୁକୂଲ୍ୟରେ ଆଜି ବାଲୁଘାଟ ସ୍ଥିତ ମ୍ୟାଟେରିଆଲ୍ ରିକଭରୀ ଫେସିଲିଟି ସେଣ୍ଟରରେ ପ୍ଲାଷ୍ଟିକ୍ ବର୍ଜ୍ୟର ମୂଲ୍ୟାଙ୍କନ ଓ ପୃଥକୀକରଣ ନିର୍ଦ୍ଧାରଣ ପାଇଁ ମାନକ ପରିଚାଳନା ପ୍ରକ୍ରିୟା (ଏସଓପି) ଉପରେ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଆରଏମସିର ଡେପୁଟି କମିଶନର ଅନିତା ନାୟକ ଯୋଗ ଦେଇ ସ୍ଥିତି ଅନୁଧ୍ୟାନ କରିଥିଲେ।



ଏସପିସିବିର ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ଡ. ଅନୁପ ମଲ୍ଲିକ କହିଛନ୍ତି ଯେ, ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ନିୟମ ଅନୁଯାୟୀ ପ୍ରତି ବର୍ଜ୍ୟ ପ୍ରକ୍ରିୟାକରଣକୁ ଆସୁଥିବା ପ୍ଲାଷ୍ଟିକର ବୈଜ୍ଞାନିକ ମୂଲ୍ୟାଙ୍କନ ଓ ପୃଥକୀକରଣ ବାଧ୍ୟତାମୂଳକ। ଏହି ଏସଓପି ଦ୍ୱାରା ସହରର ପ୍ଲାଷ୍ଟିକ୍ ବର୍ଜ୍ୟର ପ୍ରକାର, ପରିମାଣ ଓ ଉତ୍ସ ବିଷୟରେ ସଠିକ୍ ଡାଟା ମିଳି ମିଳିବ।

ପ୍ରଶିକ୍ଷଣର ମୁଖ୍ୟ ଦିଗ ହେଲା କ୍ୱାର୍ଟରିଂ ପଦ୍ଧତିରେ ୧୨୦ କେଜି ନମୂନା ନେବା ଓ ତାହାକୁ ପୃଥକୀକରଣ କରିବା ଓ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକକୁ ଅଲଗା କରିବା, ପ୍ରତି ଶ୍ରେଣୀର ଓଜନ ପ୍ରତିଶତ ବାହାର କରି ଡାଟାସିଟ୍‌ରେ ଲିପିବଦ୍ଧ କରିବା। ଯାହାଦ୍ୱାରା କେନ୍ଦ୍ରର କର୍ମଚାରୀମାନେ ବ୍ୟବହାରିକ ଅଭ୍ୟାସ ଜାରି ରଖି ପାରିବେ। ଏହି ଡାଟା ମାସିକ ରିପୋର୍ଟ ଆକାରରେ ଏସପିସିବି ଏବଂ ଇପିଆର ପୋର୍ଟାଲକୁ ଯାଇପାରିବ। ଏହାଦ୍ୱାରା ରାଉରକେଲାରେ ପ୍ଲାଷ୍ଟିକ୍ ରିସାଇକ୍ଲିଂ ଓ କୋ-ପ୍ରୋସେସିଂ ପାଇଁ ଠିକ୍ ଯୋଜନା ହୋଇପାରିବ।

ଏସପିସିବିର ଉପ ପରିବେଶ ଯନ୍ତ୍ରୀ ଇଂ ବିଜୟ କୁମାର ଭୋଇ ଏହି ତାଲିମ ଶିବିରର ଉଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ଅନ୍ୟତମ ଉପ ପରିବେଶ ଯନ୍ତ୍ରୀ ଇଂ ଚନ୍ଦ୍ରଶେଖର ଚୌହ୍ୱାନ ଓ ସହକାରୀ ପରିବେଶ ବୈଜ୍ଞାନିକ ପ୍ରଜ୍ଞାଜ୍ୟୋତି ସେନାପତି ଉପସ୍ଥିତ ରହି ପ୍ରକ୍ରିୟାକରଣ ଓ ଡାଟା ନର୍ଦ୍ଧାରଣ କରିଥିଲେ। ଶିବିରରେ ୨୫ ଜଣ ସ୍ୱଚ୍ଛତା କର୍ମୀ, ସୁପରଭାଇଜର ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଅଂଶଗ୍ରହଣ କରିଥିଲେ।

# ସ୍ପ୍ରେ ନୋଜଲ୍ ଯୋଗାଣ ପାଇଁ ଆର୍‌ଏସ୍‌ପି ଓ ଲେକ୍ଲର ଇଣ୍ଡିଆ ମଧ୍ୟରେ ଏମଓୟୁ




ରାଉରକେଲା,୩୦।୬(ସମିସ): ରାଉରକେଲା ଇସ୍ପାତ କାରଖାନା ଏବଂ ଲେକ୍ଲର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ କାରଖାନାର ପ୍ରମୁଖ ଉତ୍ପାଦନ ୟୁନିଟ୍ ଗୁଡ଼ିକରେ ଶୀତଳୀକରଣ ପ୍ରକ୍ରିୟାରେ ବ୍ୟବହୃତ ଗୁରୁତ୍ୱପୂର୍ଣ୍ଣ ସ୍ପ୍ରେ ନୋଜଲ୍ ଯୋଗାଣ ପାଇଁ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପ୍ରବନ୍ଧନ)ଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପ୍ରବନ୍ଧନ) ଅନିଲ କୁମାର ଏବଂ ଭାରପ୍ରାପ୍ତ ମୁଖ୍ୟ ମହା ପ୍ରବନ୍ଧକ (ରକ୍ଷଣାବେକ୍ଷଣ) ଏସ୍. ଏସ୍. ରୟ ଚୌଧୁରୀ ଉପସ୍ଥିତରେ ଏହା ସ୍ୱାକ୍ଷରିତ ହୋଇଥିଲା। ଆରଏସପି ପକ୍ଷରୁ ମୁଖ୍ୟ ମହା ପ୍ରବନ୍ଧକ (ଏମ୍‌ଏମ୍) ଟି. ବିନୋଦ ଏବଂ ଲେକ୍ଲର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଆସିଷ୍ଟାଣ୍ଟ ଭାଇସ୍ ପ୍ରେସିଡେଣ୍ଟ ଏସ୍. ପଟ୍ଟନାୟକ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ବୁଝାମଣାପତ୍ରର ଉଦ୍ଦେଶ୍ୟ ହେଉଛି ଉକ୍ତ ଅତ୍ୟାବଶ୍ୟକ ସ୍ପେୟାର୍ ପାର୍ଟସ୍‌ର ନିରବଚ୍ଛିନ୍ନ ଉପଲବ୍ଧତା ସୁନିଶ୍ଚିତ କରି କାର୍ଯ୍ୟ ପରିଚାଳନାର ଦକ୍ଷତା ବୃଦ୍ଧି, ଉତ୍ପାଦନରେ ଉନ୍ନତି ଏବଂ ବ୍ୟୟ-ଦକ୍ଷ କାର୍ଯ୍ୟ ପରିଚାଳନାକୁ ସମର୍ଥନ କରିବା। ତିନି ବର୍ଷ ଅବଧି ପାଇଁ ବୈଧ ଏହି ଚୁକ୍ତି ଅନୁଯାୟୀ ଆରଏସପିର ଷ୍ଟିଲ୍ ମେଲ୍ଟିଂ ଶପ୍-୨, ହଟ୍ ଷ୍ଟ୍ରିପ୍ ମିଲ୍, ନ୍ୟୁ ପ୍ଲେଟ୍ ମିଲ୍, ବ୍ଲାଷ୍ଟ ଫର୍ନେସ୍ ଏବଂ କୋକ୍ ଓଭେନ୍ ସମେତ ବିଭିନ୍ନ ୟୁନିଟ୍‌କୁ ଲେକ୍ଲରର ବିଭିନ୍ନ ପ୍ରକାରର ସ୍ପ୍ରେ ନୋଜଲ୍ ଯୋଗାଇ ଦିଆଯିବ।

● ଏନ୍‌ଆଇଟି ରାଉରକେଲାର ଗବେଷକଙ୍କ ସଫଳତା

# କ୍ଷତ ଚିକିତ୍ସା ପାଇଁ ସ୍ମାର୍ଟ ଉଣ୍ଡ ଡ୍ରେସିଂ ବିକଶିତ





ରାଉରକେଲା,୩୦।୬(ସମିସ): ରକ୍ତସ୍ରାବ ଓ କ୍ଷତର ଯତ୍ନ ନେବା କ୍ଷେତ୍ରରେ ଏକ ବଡ଼ ସଫଳତା ହାସଲ କରିଛନ୍ତି ଏନ୍‌ଆଇଟି ରାଉରକେଲାର ଗବେଷକମାନେ। ସଂସ୍ଥାର ଜୈବ ପ୍ରଯୁକ୍ତି ଓ ଚିକିତ୍ସା ଯାନ୍ତ୍ରିକ ବିଭାଗର ସହକାରୀ ପ୍ରଫେସର ପ୍ରସୂନ କୁମାରଙ୍କ ନେତୃତ୍ୱରେ ଏକ ସ୍ମାର୍ଟ ଉଣ୍ଡ ଡ୍ରେସିଂ ବିକଶିତ କରାଯାଇଛି।

ସୂଚନାଯୋଗ୍ୟ ଯେ, ସାଧାରଣତଃ କପାର ଗଜ୍ ବ୍ୟାଣ୍ଡେଜ୍ କ୍ଷତ ଡ୍ରେସିଂ ପାଇଁ ବ୍ୟବହୃତ ହୋଇଥାଏ। ଯାହାକି ରକ୍ତ ଓ କ୍ଷତରୁ ବାହାରୁଥିବା ତରଳ ପଦାର୍ଥ ଶୋଷଣ କରିଥିଲେ ମଧ୍ୟ ସଂକ୍ରମଣ ରୋକିବା କିମ୍ବା ଡ୍ରେସିଂ ବଦଳ ସମୟରେ ହେଉଥିବା ଯନ୍ତ୍ରଣାକୁ କମାଇ ପାରି ନଥାଏ। ଏନଆଇଟି ରାଉରକେଲାର ଗବେଷକମାନେ ଚିଟୋସାନ୍ ଆବରଣଯୁକ୍ତ କପା ଗଜ୍ ସହ ଇଲେକ୍ଟ୍ରୋସ୍ପନ୍ ନାନୋଫାଇବର୍ ସ୍ତରକୁ ସଂଯୋଜନ କରି ଏହି ସ୍ମାର୍ଟ ଡ୍ରେସିଂ ପ୍ରସ୍ତୁତ କରିଛନ୍ତି। ଏହି ନାନୋଫାଇବର୍ ସ୍ତରରେ ପ୍ରାକୃତିକ ଜୀବାଣୁନାଶକ ଗୁଣସମ୍ପନ୍ନ କର୍କୁମିନ୍ ଭର୍ତ୍ତି କରାଯାଇଛି। ଏହା କ୍ଷତ ଓ ଗଜ୍ ମଧ୍ୟରେ ଏକ ସୁରକ୍ଷା ସ୍ତର ସୃଷ୍ଟି କରିଥାଏ, ଫଳରେ ଡ୍ରେସିଂ ବଦଳ ସମୟରେ କ୍ଷତସ୍ଥାନରେ ଲାଗି ରହିବାର ସମ୍ଭାବନା କମିଯାଏ ଓ ନୂଆ ଟିସୁ କ୍ଷତିଗ୍ରସ୍ତ ହୁଏନାହିଁ। ଏହା ସହିତ ନାନୋଫାଇବର୍‌ରୁ କର୍କୁମିନ୍ ଧୀରେ ଧୀରେ କ୍ଷତସ୍ଥାନକୁ ପହଞ୍ଚି ଦୀର୍ଘ ସମୟ ପର୍ଯ୍ୟନ୍ତ ଔଷଧ ଯୋଗାଇଥାଏ। ଏହା କ୍ଷତ ସ୍ଥାନକୁ ସଂକ୍ରମଣମୁକ୍ତ ରଖିବା ସହ ବାରମ୍ବାର ଡ୍ରେସିଂ ପରିବର୍ତ୍ତନ ଓ ଅତିରିକ୍ତ ଔଷଧର ଆବଶ୍ୟକତାକୁ ମଧ୍ୟ କମାଇଥାଏ। ଏନେଇ ପ୍ରଫେସର ପ୍ରସୂନ କୁମାର କହିଛନ୍ତି ଯେ, ବିକଶିତ ଡ୍ରେସିଂ ପ୍ରଚଳିତ କପା ଗଜ୍ ତୁଳନାରେ କ୍ଷତସ୍ଥାନରେ କମ୍ ଲାଗି ରହୁଥିବା ଦେଖାଯାଇଛି। ନାନୋଫାଇବର୍ ସ୍ତରରୁ ଧୀରେ ଧୀରେ ନିର୍ଗତ ହେଉଥିବା କର୍କୁମିନ୍ ଜୀବାଣୁ ବିରୋଧୀ ସୁରକ୍ଷା ଦେବା ସହ କୋଷ ବୃଦ୍ଧି ଓ ନୂତନ ଟିସୁ ଗଠନକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ। ଗବେଷଣାରେ ପ୍ରଫେସର ଦେବେନ୍ଦ୍ର ବର୍ମା, ପ୍ରଫେସର ଇଆରୁ ବାନୋଥ୍ ଏବଂ ଗବେଷକ ସ୍ୱାଗତିକା ବାରିକ, ରିକା ରାଣୀ ପ୍ରଧାନ, ଶିଖା ତ୍ରିପାଠୀ ଓ ସମାଦୃତା ରାୟ ସହଯୋଗ କରିଥିବା ଜଣାପଡିଛି।

# ଆଇଜିଏଚ୍‌ରେ ପଲ୍‌ସ ପୋଲିଓ କାର୍ଯ୍ୟକ୍ରମର ଶୁଭାରମ୍ଭ




ରାଉରକେଲା,୩୦।୬(ସମିସ): ରାଉରକେଲା ଇସ୍ପାତ କାରଖାନା ଅନ୍ତର୍ଗତ ଇସ୍ପାତ ଜେନେରାଲ ହସ୍ପିଟାଲ ଠାରେ ପଲ୍‌ସ ପୋଲିଓ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଇଜିଏଚ ମୁଖ୍ୟ ଚିକିତ୍ସା ଅଧିକାରୀ (ମେଡିକାଲ) ଡାକ୍ତର ପ୍ରତିଭା ଷଡ଼ଙ୍ଗୀ ଏହି ଅଭିଯାନକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସହ ମୁଖ୍ୟ ଚିକିତ୍ସା ଅଧିକାରୀ (ମେଡିକାଲ) ଡାକ୍ତର ମେଘରାୟ ମାଝୀ, ଏସିଏମଓ (ମେଡିକାଲ) ଡାକ୍ତର ସୁଶୀଲ କୁମାର, ଏସିଏମଓ ଡାକ୍ତର ଅର୍ଚ୍ଚନା ବେହେରା, ରୋଟାରିଆନ୍ ଡାକ୍ତର ଆର. ଏନ୍. ଶତପଥୀ, ଆଇଜିଏଚ୍ ର ଡାକ୍ତର, ନର୍ସ ଓ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀ ଏବଂ ଶିଶୁମାନଙ୍କର ପିତାମାତା ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଇସ୍ପାତ ସହରାଞ୍ଚଳରେ ସ୍ଥାପନ କରାଯାଇଥିବା ବିଭିନ୍ନ ବୁଥ୍‌ରେ ପଲ୍ସ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଥିଲା। କେବଳ ଆଇ.ଜି.ଏଚ୍ ରେ ହିଁ ୨୯୭ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଥିଲା।



# ବସ୍-ହାଇୱା ଧକ୍କା; ଜଣେ ଗୁରୁତର

ବଣାଇଁ,୩୦।୬(ସମିସ): ବଣାଇଁ ଥାନା ବାରକୋଟ ରାଜାମୁଣ୍ଡା ୧୪୩ ନମ୍ବର ଜାତୀୟ ରାଜପଥର ଇନ୍ଦ୍ରପୁର କ୍ରସର ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଯାତ୍ରୀବାହୀ ବସ୍ ଓ ହାଇୱା ମଧ୍ୟରେ ଧକ୍କା ହେବାରୁ ୪ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି।ସୂଚନା ଅନୁଯାୟୀ, ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳରୁ ବାବା ଚନ୍ଦ୍ରଶେଖର (ଓଡି-୧୯ଏ-ଏ୪୬୨୧୯) ନାମକ ଯାତ୍ରୀବାହୀ ବସ୍‌ରେ ପ୍ରାୟ ୩୮ ଜଣ ଯାତ୍ରୀ ନେପାଳ ଭ୍ରମଣ ସାରି ଫେରୁଥିଲେ। ସନ୍ଧ୍ୟାରେ ଇନ୍ଦ୍ରପୁର ନିକଟରେ ଥିବା ଏକ କ୍ରସରରୁ ବାହାରୁଥିବା ଏକ ହାଇୱା (ସିଜି-୧୦ଏ-ଏସ-୮୯୪୮) ରାସ୍ତାକୁ ଆସି ବସ୍‌ଟିକୁ ଧକ୍କା ଦେଇଥିଲା। ବସରେ ଥିବା ୪ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ବାଇକ୍ ଦୁର୍ଘଟଣାରେ ଅଧ୍ୟାପକ ଗୁରୁତର

ଲହୁଣୀପଡ଼ା,୩୦।୬(ସମିସ): କେ.ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ନନ୍ଦାପଡା ନିକଟରେ ଏକ ବାଇକ ଦୁର୍ଘଟଣାରେ ଲହୁଣୀପଡ଼ା କଲେଜର +୩ କଳାର ଶିକ୍ଷା ବିଭାଗ ଅଧ୍ୟାପକ ନିହାର ରଞ୍ଜନ ମାହାନ୍ତ ଗୁରୁତର ହୋଇଛନ୍ତି। ସେ ନିଜ ବାଇକରେ ଘରକୁ ଫେରୁଥିବା ବେଳେ ନନ୍ଦାପଡା ନିକଟରେ ପଛପଟରୁ ଆସୁଥିବା ଅନ୍ୟ ଏକ ବାଇକ ଧକ୍କା ଦେବାରୁ ଡିଭାଇଡରରେ ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ରାଉରକେଲାକୁ ସ୍ଥାନାନ୍ତର କରାଯାଇଛି।

# ଯୁବବର୍ଗଙ୍କ ନିଯୁକ୍ତି ସାମର୍ଥ୍ୟକୁ ସୁଦୃଢ଼ କରିଛି ବେଦାନ୍ତ ଆଲୁମିନିୟମ

ରାଉରକେଲା,୩୦।୬(ସମିସ):

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଦକ୍ଷତା ବିକାଶ ପଦକ୍ଷେପ ଗ୍ରହଣ ସ୍ୱରୂପ ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲ୍ଲାରେ ଯୁବବର୍ଗଙ୍କ ନିଯୁକ୍ତି ସୁଯୋଗକୁ ସୁଦୃଢ଼ କରିଛି। ସାମାଜିକ ସଶକ୍ତିକରଣ ଏବଂ ଅର୍ଥନୈତିକ ବିକାଶ ସୋସାଇଟି (ଏସ୍‌ଇଇଡିଏସ୍) ସହିତ ଭାଗିଦାରୀରେ କାର୍ଯ୍ୟକାରୀ ହୋଇଥିବା, ବେଦକ୍ଷତା ହେଉଛି ଏକ ଆବାସିକ ଦକ୍ଷତା ବିକାଶ ପଦକ୍ଷେପ ଯାହା ଗ୍ରାମୀଣ ଯୁବବର୍ଗଙ୍କ ମଧ୍ୟରେ ବୈଷୟିକ ଦକ୍ଷତା, କାର୍ଯ୍ୟସ୍ଥଳୀ ପ୍ରସ୍ତୁତି ଏବଂ ଆତ୍ମବିଶ୍ୱାସ ସୃଷ୍ଟି କରିବାକୁ ପରିକଳ୍ପନା କରାଯାଇଛି।

ସଂରଚିତ ତାଲିମ, ଶିଳ୍ପ ସଂସ୍ଥା ପରିଦର୍ଶନ ଏବଂ ନିଯୁକ୍ତି ସହାୟତା ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀମାନଙ୍କୁ ଶିଳ୍ପ ଆବଶ୍ୟକତା ଅନୁଯାୟୀ କୌଶଳ ସହିତ ସଜ୍ଜିତ କରେ। ଏହି ଅଞ୍ଚଳର ପ୍ରଥମ ଉତ୍ସର୍ଗୀକୃତ ଆବାସିକ କୌଶଳ କେନ୍ଦ୍ରଗୁଡ଼ିକ ମଧ୍ୟରୁ ଗୋଟିଏ ଭାବେ, ଏହା ଖାଦ୍ୟ ଏବଂ ପାନୀୟ ସେବା, ସିଲେଇ ମେସିନ୍ ଚଳାଇବା ଏବଂ ସହକାରୀ ବିଦ୍ୟୁତ କାରିଗରଙ୍କ କ୍ଷେତ୍ରରେ ବ୍ୟାପକ ତାଲିମ ପ୍ରଦାନ କରିଥାଏ, ଯାହାଦ୍ୱାରା ଆତିଥ୍ୟ, ଉତ୍ପାଦନ ଏବଂ ବୈଷୟିକ




କ୍ଷେତ୍ରରେ ନିଯୁକ୍ତି ସୁଯୋଗ ଉପଲବ୍ଧ ହୋଇଥାଏ।

ଏହା ଆରମ୍ଭ ପରଠାରୁ, ଏହି ପଦକ୍ଷେପ ବିଭିନ୍ନ ବ୍ୟବସାୟରେ ୩୧୮ ଜଣଙ୍କ ନାମଲେଖା ରେକର୍ଡ କରିଛି। ଯେଉଁଥିରେ ୧୩୧ ଜଣ ବିଭିନ୍ନ ସଂଗଠନରେ ନିଯୁକ୍ତି ସୁଯୋଗ ହାସଲ କରିଛନ୍ତି, ଯାହା ନିଯୁକ୍ତି ପ୍ରସ୍ତୁତି ବୃଦ୍ଧି ଏବଂ ସ୍ଥାନୀୟ ପ୍ରତିଭାମାନଙ୍କୁ ନିଯୁକ୍ତି ସୁଯୋଗ ସହିତ ଯୋଡିବାରେ ଏହାର ବର୍ଦ୍ଧିତ ପ୍ରଭାବକୁ ଦର୍ଶାଉଛି।

ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ସିଇଓ ଅମରେଶ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ଆମେ ଦକ୍ଷତା ବିକାଶକୁ ସମାବେଶୀ ଅଭିବୃଦ୍ଧିର ଏକ ପ୍ରମୁଖ ବାହକ ଭାବେ ଦେଖୁଛୁ। 'ବେଦକ୍ଷତା' ଜରିଆରେ, ଆମେ ଗ୍ରାମାଞ୍ଚଳର ଯୁବବର୍ଗଙ୍କୁ ପ୍ରାସଙ୍ଗିକ କୌଶଳ, ଉଦ୍ୟୋଗ ଜଗତକୁ ପରିଚିତ କରାଇବା ଏବଂ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ କରି ଅର୍ଥପୂର୍ଣ୍ଣ କ୍ୟାରିଅର ଗଢ଼ିବା ପାଇଁ ମାର୍ଗ ପ୍ରସ୍ତୁତ ଉପରେ ଧ୍ୟାନ ଦେଉଛୁ।

ସୁନ୍ଦରଗଡର ଟପାରିଆ ଗାଁର ବାସିନ୍ଦା ଗୀତା ବେହେରା ତାଙ୍କ ଅଭିଜ୍ଞତା ସେୟାର କରି କହିଛନ୍ତି, ତାଲିମ କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ, କ୍ୟାରିୟର ଗଢ଼ିବା ପାଇଁ ମୋର ସୀମିତ ସୁଯୋଗ ଥିଲା। ବେଦକ୍ଷତାର ଦକ୍ଷତା କେନ୍ଦ୍ରରେ ସିଲାଇ ମେସିନ୍ ଅପରେଟର କୋର୍ସ ମୋତେ ନୂତନ କୌଶଳ ଶିଖିବା ଏବଂ ଆତ୍ମବିଶ୍ୱାସ ହାସଲ କରିବାରେ ସାହାଯ୍ୟ କରିଥିଲା। ଆଜି, ମୁଁ ମୋର ଭବିଷ୍ୟତ ବିଷୟରେ ଅଧିକ ସ୍ୱାଧୀନ ଏବଂ ଆଶାବାଦୀ।

ବେଦାନ୍ତ ଆଲୁମିନିୟମ କୋଇଲା ଖଣି ସ୍ଥାୟୀ ଜୀବିକା, ମହିଳା ସଶକ୍ତିକରଣ, ଶିକ୍ଷା, ସ୍ୱାସ୍ଥ୍ୟସେବା, କ୍ରୀଡା ଏବଂ ଗ୍ରାମୀଣ ଭିତ୍ତିଭୂମି ମାଧ୍ୟମରେ ଏହାର କାର୍ଯ୍ୟକ୍ଷେତ୍ର ଆଖପାଖ ଅଞ୍ଚଳରେ ଗୋଷ୍ଠୀ ବିକାଶକୁ ଆଗେଇ ନେଉଛି। ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲ୍ଲାରେ ଏହାର ହସ୍ତକ୍ଷେପ ୨ ଲକ୍ଷରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଛି, ଯାହା ସମାବେଶୀ ଏବଂ ଦୀର୍ଘକାଳୀନ ସାମାଜିକ-ଅର୍ଥନୈତିକ ବିକାଶରେ ଯୋଗଦାନ ଦେଇଥିବା ଜଣାପଡିଛି।



# ଭୁବନେଶ୍ୱର ସିଟି

# ରାସ୍ତା ସମ୍ପ୍ରସାରଣ ପାଇଁ ବଳି ପଡ଼ିବେ ହଜାରେ ଉଠାଦୋକାନୀ

ଭୁବନେଶ୍ୱର, ୩୦।୬(ସମିସ)

ଲୋକଙ୍କ ସରକାର କୁହାଯାଉଥିବା ରାଜ୍ୟ ସରକାର ସାରା ଓଡ଼ିଶାରେ ଗରିବଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଧନୀମାନଙ୍କ ଗାଡ଼ି ଗଡ଼ିବା ପାଇଁ ରାସ୍ତାଗୁଡ଼ିକର ସମ୍ପ୍ରସାରଣ କରାଯାଉଥିବା ବେଳେ ଏବେ ସରକାର ଜୟଦେବ ବିହାରରୁ ନନ୍ଦନ କାନନ ଏବଂ ନନ୍ଦନ କାନନରୁ

## ଆନ୍ଦୋଳନ ଡାକରା ଦେଲା ମହାସଂଘ

ଜୟଦେବ ବିହାର ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ରାସ୍ତା ସମ୍ପ୍ରସାରଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ରାସ୍ତା ସମ୍ପ୍ରସାରଣ ଫଳରେ ଦୁଇପାର୍ଶ୍ୱରେ ଥିବା ହଜାର ହଜାର ବୃକ୍ଷ ବଳି ପଡ଼ିବା ସହ ଉଭୟ ପାର୍ଶ୍ୱରେ ଉଠାଦୋକାନୀ ଆଇନ ଅନୁଯାୟୀ ଦୋକାନ କରିଥିବା ପାଖାପାଖି ୧ ହଜାରରୁ ଅଧିକ ଉଠାଦୋକାନୀ ବଳି ପଡ଼ିବେ। ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରିବା ପାଇଁ ବିଏମ୍‌ସି, ବିଡ଼ିଏ ଏବଂ ଜିଏ ଯୋଜନା କରିଥିବା ବେଳେ ପୂର୍ବତନ କମିଶନର ଅପରାଜିତା ଷଡ଼ଙ୍ଗୀଙ୍କ ସମୟରେ ତିଆରି ହୋଇଥିବା ୬ଟି ଭେଣ୍ଡିଂଜୋନ ଏବଂ ଦୁଇକାଜାରରେ ୧୦୦ରୁ ଅଧିକ କିଓସ୍କ ଏବଂ ବହୁ ଓପେଲଫେଡ ଓମ୍‌ଫେଡ଼ ଭାଙ୍ଗି ସେମାନଙ୍କ ପରିବାରକୁ ବୋରୋଜଗାର କରିଦେବା ସହ ସେମାନଙ୍କୁ ଆର୍ଥିକ ଅନଟନକୁ ଠେଲି ଦେବାକୁ ଚକ୍ରାନ୍ତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ଓ ନିଖିଳ ଉତ୍କଳ ସୁରକ୍ଷା କ୍ଷୁଦ୍ର ବ୍ୟବସାୟ ଓ ଭେଣ୍ଡିଂଜୋନ ତରଫରୁ ଏହି ଦୁଇପାର୍ଶ୍ୱରେ ଥିବା ପାଖାପାଖି ୪୦ଟି ସଂଘର ସଭାପତି, ସମ୍ପାଦକ ଓ ସଦସ୍ୟମାନଙ୍କୁ ନେଇ ଚନ୍ଦ୍ରଶେଖରପୁର କଲ୍ୟାଣ ମଣ୍ଡପଠାରେ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଅଶୋଭାର ସଭାପତି ପ୍ରତାପ କୁମାର ସାହୁ କହିଛନ୍ତି, ଯଦି ରାଜ୍ୟ ସରକାର ଉଠାଦୋକାନୀ ଆଇନ ଅନୁଯାୟୀ ଦୋକାନୀମାନଙ୍କୁ ଥଇଥାନ ନକରି ବିନା କାରଣରେ ଉଚ୍ଛେଦ କରନ୍ତି, ତେବେ ବାଧ ହୋଇ ମହାସଂଘ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ଏହି ବୈଠକରେ କାର୍ଯ୍ୟକାରୀ ସମ୍ପାଦକ ଦୀପକ ମହାପାତ୍ର, ସଭାପତି ଜଗବନ୍ଧୁ ବେହେରା, ସୂର୍ଯ୍ୟକାନ୍ତ ପଣ୍ଡା, ସୂର୍ଯ୍ୟମଣି ସାହୁ, ସସ୍ମିତା ସାହୁଙ୍କ ପ୍ରମୁଖ ଯୋଗଦେଇ ଥିଲେ।




## ପୁରୁଣା ଫଟୋ : ପୁରୁଣା ସ୍ମୃତି



ଭୁବନେଶ୍ୱର, ୩୦।୬(ସମିସ): କେମିତି ଦିଶୁଥିଲା ସେଦିନର ଭୁବନେଶ୍ୱର। ଆଜି ଭଳି କୋଳାହଳ ନା ଭରପୂର ଜଙ୍ଗଲ ନା ଅଗଣା କିଛି। ସେଦିନର କଥା କୁ ଯିଏ ଦେଖିଛି ସିଏ କହିବ। ଆଉ ଯିଏ ଦେଖି ନାହିଁ ସେ କେମିତି ଫେରିପାରିବ ସେ ପୁରୁଣା ଦିନ ପାଖକୁ। ସାଇତା ସ୍ମୃତି, ସ୍ୱର୍ଣ୍ଣିତ ଐତିହ୍ୟର ତାଳକୁ କେମିତି ଶୁଣି ପାରିବ ଏ ନୂଆ ପିଢ଼ିର ମଣିଷ। ତା ପାଇଁ ତ ମାଧ୍ୟମ କେବଳ ଆଉ କେବଳ ସେ ସମୟର ସ୍ଥିର ଚିତ୍ର। ସେହିପରି ଏକ ପୁରୁଣା ଫଟୋ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଛି। ଯାହା ଅନେକ ଲୋକଙ୍କ ସ୍ମୃତି ସହ ଜଡ଼ିତ ହୋଇ ରହିଛି।

ଏହି ଦୃଶ୍ୟଟି ନୟାପଲ୍ଲୀ ଅଞ୍ଚଳର ବୋଲି ଜଣାପଡ଼ିଛି, ଯାହା ପାଖାପାଖି ୪୦ ବର୍ଷ ପୁରୁଣା ଅଟେ। ବର୍ତ୍ତମାନ ସମୟରେ ଯେଉଁଠି ଇସ୍କନ ମନ୍ଦିର ଅଛି ପୂର୍ବରୁ ସେହି ସ୍ଥାନର ଏହି ଚିତ୍ର ବୋଲି କିଛି ଜଣ ମତ ଦେଉଛନ୍ତି। ଯେଉଁ ସମୟରେ ଲୋକ ଗାଡ଼ି ମଟର, ଆଜିଭଳି ବହୁଳ ଭାବରେ ବ୍ୟବହାର କରୁନଥିଲେ। ଏଥି ସହିତ ଚାରିପାଖ ନାଲିମାଟି ଗୋଡ଼ି ଏବଂ ସବୁଜିମା ଭରି ହୋଇଥିଲା। କୋଠାବାଡ଼ିର ସଂଖ୍ୟା ମଧ୍ୟ ସେତେଟା ଦେଖିବାକୁ ମିଳୁନଥିଲା। ଯାହା ସମୟ ସ୍ରୋତରେ ପରିବର୍ତ୍ତନ ହୋଇ ଏବେ ଖାଲି ଚାରିପଟେ କଂକ୍ରିଟ୍ ଜଙ୍ଗଲ ଏବଂ ବଡ ବଡ କୋଠା ହିଁ ପରିଲକ୍ଷିତ ହେଉଛି।

# ଅବସରଗ୍ରହଣ କଲେ ରୁଦ୍ର ନାରାୟଣ ପଲାଇ



ଭୁବନେଶ୍ୱର, ୩୦।୬(ସମିସ): ରୁଦ୍ର ନାରାୟଣ ପଲାଇ ନୂଆଦିଲୀସ୍ଥିତ ଡିଜିଟାଲ୍ କମ୍ୟୁନିକେସନ୍ କମିଶନର ସଦସ୍ୟ (ପ୍ରଯୁକ୍ତି) ପଦରୁ ଅବସର ଗ୍ରହଣ କରିଛନ୍ତି। ଭାରତୀୟ ଦୂରସଞ୍ଚାର ସେବାର ଜଣେ ଅଧିକାରୀ ଭାବେ ଶ୍ରୀ ପଲାଇ ୨୩ ଅକ୍ଟୋବର ୧୯୮୯ରେ କ୍ୟାରିୟର ଆରମ୍ଭ କରିଥିଲେ। ୩୭ ବର୍ଷରୁ ଅଧିକ ସମୟର ଦୀର୍ଘ ସେବା କାଳ ମଧ୍ୟରେ ସେ ଦୂରସଞ୍ଚାର, ସୂଚନା ପ୍ରଯୁକ୍ତି, ସାଇବର ସୁରକ୍ଷା, ସାର୍ବଜନୀନ ନୀତି ଓ ଇ-ଗଭର୍ନାନ୍ସ କ୍ଷେତ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱମୂଳକ ପଦବୀରେ କାର୍ଯ୍ୟ କରିଥିଲେ।

ତାଙ୍କ ସେବା କାଳରେ ସେ ଟେଲିକମ୍ ନେଟୱର୍କ ଯୋଜନା, ଉଦ୍‌ଯୋଗିକ ବ୍ୟବସାୟ ସମାଧାନ, ରାଜ୍ୟ ଆଇଟି ନୀତି, ଇ-ଗଭର୍ନାନ୍ସ ପ୍ରୟାସ, ବିପର୍ଯ୍ୟୟ ପରିଚାଳନା ଓ ପୂର୍ବ ସତର୍କତା ପ୍ରଣାଳୀ, ସ୍ପେକ୍ଟ୍ରମ୍ ନୀତି, ଦୂରସଞ୍ଚାର କ୍ଷେତ୍ରରେ ନବୀନତା ଓ ମାନକ ନିର୍ଦ୍ଧାରଣ, ଲାଇସେନ୍ସିଂ ବ୍ୟବସ୍ଥା, ଗବେଷଣା ଓ ବିକାଶ ଯୋଜନା, ପାଇଲଟ୍ ପ୍ରକଳ୍ପ ଏବଂ ବିପର୍ଯ୍ୟୟ ପରିଚାଳନା ମାନଦଣ୍ଡ ଭଳି ବିଭିନ୍ନ କ୍ଷେତ୍ରରେ ଅବଦାନ ଉଲ୍ଲେଖଯୋଗ୍ୟ। ସେ ଆନ୍ତର୍ଜାତୀୟ ଦୂରସଞ୍ଚାର ସଂଘ, ଏସିଆ-ପ୍ୟାସିଫିକ୍ ଟେଲିକମ୍ୟୁନିଟି ଏବଂ ଅନ୍ୟାନ୍ୟ ବହୁପକ୍ଷୀୟ ସଂଗଠନ ସହିତ ସବମେରିନ୍ କେବଲ୍ ବ୍ୟବସ୍ଥା, ଉପଗ୍ରହ ଯୋଗାଯୋଗ ଓ ସ୍ପେକ୍ଟ୍ରମ୍ ସମନ୍ୱୟ ସମ୍ପର୍କିତ ବିଷୟରେ ସମନ୍ୱୟ କାର୍ଯ୍ୟରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଓଡ଼ିଶାର ଭଦ୍ରକ ଜିଲ୍ଲାର ଚାନ୍ଦବାଲିର ମୂଳ ବାସିନ୍ଦା ଶ୍ରୀ ପଲାଇ ସ୍ୱର୍ଗତ ଶ୍ରୀ ଧନଞ୍ଜୟ ପଲାଇଙ୍କ ଦ୍ୱିତୀୟ ପୁତ୍ର।

# ଦେବସ୍ନାନ ପୂର୍ଣ୍ଣିମାରେ ଧଉଳିରେ ବୋଧିଦ୍ରୁମ ଆଳତି

ଭୁବନେଶ୍ୱର, ୨୯।୬(ସମିସ): ଦେବସ୍ନାନ ପୂର୍ଣ୍ଣିମାରେ ଧଉଳିଗିରି ପାଦଦେଶରେ ଥିବା ବୋଧିଦ୍ରୁମ ମୂଳରେ ଓଡ଼ିଶା ଇଣ୍ଟରନେସନାଲ ସେଣ୍ଟର ପକ୍ଷରୁ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଆଳତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜସେବୀ ଦୁର୍ଗା ସାମନ୍ତରାୟ, ଭାଜପା ମଣ୍ଡଳ ସଭାପତି ତଥା ସମାଜସେବୀ ଅରୁଣ ଭାଇ, ସମାଜ ସେବୀ ଅନୁଜ କୁମାର ସାମନ୍ତରାୟ ଏବଂ କଲ୍ୟାଣୀ ସାମନ୍ତରାୟ ଯୋଗଦେଇଥିଲେ। ଅନୁଷ୍ଠାନର ମ୍ୟାନେଜିଙ୍ଗ ଟ୍ରଷ୍ଟି ଭାବଗ୍ରାହି ଶାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଟ୍ରଷ୍ଟି କୁମୁଦିନୀ ପଣ୍ଡା, ଟ୍ରଷ୍ଟି ଉଦୟକୁମାର ଶାନ୍ତି ପ୍ରମୁଖ ଯୋଗଦେଇ ଆସନ୍ତା ୧୯ ତାରିଖରେ ସ୍ୱର୍ଗତଃ ପରେଶ ଭାଇଙ୍କ ୬୭ତମ ଜନ୍ମଦିନ ତଥା ଅନୁଷ୍ଠାନର ବାର୍ଷିକ ଉତ୍ସବ ଗୀତଗୋବିନ୍ଦ ସଦନରେ ପାଳିତ ହେବା ସହ ଆସନ୍ତା ରଥଯାତ୍ରା ସମୟରେ ଓଆଇସି ଆନୁକୂଲ୍ୟରେ ପୁରୀ ବଡଦାଣ୍ଡରେ ଭକ୍ତ ମାନଙ୍କ ପାଇଁ ନିଃଶୁଳ୍କ ଅନ୍ନ ପ୍ରସାଦ ସେବା ଯୋଗାଇ ଦେବା ବିଷୟରେ ଆଲୋଚନା କରାଯାଇଛି। ଶେଷରେ ସଦସ୍ୟା ସଞ୍ଜୁକ୍ତା ମହଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର, ୩୦।୬(ସମିସ): ୪୩ ବର୍ଷ ପୂର୍ବେ ଖଣ୍ଡଗିରିଠାରେ ଗଢ଼ି ଉଠିଥିବା ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟର ୪୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଉତ୍କଳ ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଦାଶରଥି ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ଡ. ପ୍ରିୟବ୍ରତ ଦାସ, ଭୁବନେଶ୍ୱର ଏମ୍ସ ହସ୍ପିଟାଲର କାର୍ଯ୍ୟରତ ଡ. ଦିବ୍ୟ ସୁନ୍ଦର ମହନ୍ତ ପ୍ରମୁଖ ବିଦ୍ୟାଳୟରେ ଅଧ୍ୟୟନ କରିଛନ୍ତି। ବିଦ୍ୟାଳୟର ସମ୍ପାଦକ ଜୟଚନ୍ଦ୍ର ନାୟକ ଭଲ ହୁଅ ଓ ଭଲ କାର୍ଯ୍ୟ କର ବୋଲି ପିଲାମାନଙ୍କୁ ଉପଦେଶ ଦେଇଥିଲେ। ୨୦୨୫ ଓ ୨୦୨୬ ଶିକ୍ଷା ବର୍ଷରେ ସିବିଏସଇ ଦଶମ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଓ ଅନ୍ୟ ଶ୍ରେଣୀ ମାନଙ୍କରେ ଅଧିକ ନମ୍ବର ରଖିଥିବା ଛାତ୍ରମାନଙ୍କୁ ଓ ବିଦ୍ୟାଳୟର ଅନ୍ତର୍ଜାତୀୟ ଖେଳାଳି ମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ସତ୍ୟବିହାର ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

-ଭୁବନେଶ୍ୱର, ୩୦।୬(ସମିସ): ସତ୍ୟବିହାର ସ୍ଥିତ ଫ୍ରାଙ୍କଲିନ ଶିକ୍ଷାନୁଷ୍ଠାନ ସଭା ଗୃହରେ ସତ୍ୟବିହାର ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଂସଦର ଅଧ୍ୟକ୍ଷ ଡା. ଅଭୟ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାହିତ୍ୟକ ଜଗନ୍ନାଥ ସଂସ୍କୃତି ଗବେଷିକ, ବାଗ୍ମୀ ପ୍ରଫେସର ହରିହର କାନୁନଗୋ କହିଲେ ଯେ ଶ୍ରୀଜଗନ୍ନାଥ ସଂସ୍କୃତି ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ଏହି ସଭାରେ ସମ୍ମାନିତ ଅତିଥିରୂପେ ଓଡିଆ ପତ୍ରିକା ଆଭାର ସମ୍ପାଦିକା ଗୌରପ୍ରିୟା ଦାଶ ଉପସ୍ଥିତ ରହିଥିଲେ। ଏହି ସାରସ୍ୱତ ସଭାରେ ବିଶିଷ୍ଟ ସାହିତ୍ୟକ, ବଗ୍ମୀ ତଥା ପରିବେଶବିତ୍ ଡ ମିହିର ପଟ୍ଟନାୟକଙ୍କୁ 'ସାହିତ୍ୟ ପ୍ରତିଭା ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ କବୟିତ୍ରୀ




## ଡା. ମିହିର ପଟ୍ଟନାୟକ ପାଇଲେ ସାହିତ୍ୟ ପ୍ରତିଭା ସମ୍ମାନ

ଜୟନ୍ତୀ ରାଉତରାୟଙ୍କ କବିତା ସଂକଳନ 'ଭାବ କଳସୀ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସଭାର ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ଭଜନ ପରିବେଷଣ କରାଯାଇଥିଲା। ଏହି ସଭାରେ ସଂସଦର ଉପାଧ୍ୟକ୍ଷ ଡା. ସୁରେନ୍ଦ୍ର କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ପରେ ପରେ ଭକ୍ତିଧାରାର କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବୟିତ୍ରୀ ମଧୁସ୍ମିତା ସ୍ୱାଇଁ ଓ ସସ୍ମିତା ହୋତା ଏହାକୁ ସଞ୍ଚାଳନ କରିଥିଲେ। ଶେଷରେ ସଂସଦର ସହସମ୍ପାଦକ ଡ ସୁଶୀଲ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀଜଗନ୍ନାଥ ଆଶ୍ରିତ ମଣ୍ଡଳୀ ପକ୍ଷରୁ ତୁଳସୀ ଚାରା ରୋପଣ



ଭୁବନେଶ୍ୱର, ୩୦।୬(ସମିସ):ଶ୍ରୀଜଗନ୍ନାଥ ଆଶ୍ରିତ ମଣ୍ଡଳୀ ପକ୍ଷରୁ ପିପିଲି ବ୍ଲକ ବାଲିଗାଁ ଅନ୍ତର୍ଗତ ଭକ୍ତ ଦାସିଆ ପୀଠ ସ୍ଥିତ ତୁଳସୀ ବଗିଚାରେ ତୁଳସୀ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତୁଳସୀ ପୂଜନ, ହୋମ, ନାମ ସଂକୀର୍ତ୍ତନ ଓ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଶ୍ରୀ ବାଳକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସୁକାନ୍ତ ପ୍ରଧାନ, ଦୀପ୍ତି ରଞ୍ଜନ ମହାନ୍ତି, ଆରତି କର, ଧରଣୀଧର ବେହେରା, ଜୟନ୍ତ ପଣ୍ଡା, ସନ୍ୟାସୀ ଆନନ୍ଦ ରାଜା, ସ୍ୱାମୀ ପରିପୂର୍ଣ୍ଣାନନ୍ଦ ସରସ୍ୱତୀ ପ୍ରମୁଖ ଅଂଶଗ୍ରହଣ କରି ତୁଳସୀ ବୃକ୍ଷର ଉପକାରିତା ଓ ଶ୍ରୀଜଗନ୍ନାଥ କିପରି ତୁଳସୀ ପ୍ରିୟ ସେ ବିଷୟରେ ଆଲୋଚନା କରିଥିଲେ। ତେବେ ସାଗର ବଳ, କବୀନ୍ଦ୍ର ବେହେରା ଓ ଅନ୍ୟ ଗ୍ରାମବାସୀଙ୍କ ସହଯୋଗରେ ତୁଳସୀ ବଗିଚାର ରକ୍ଷଣା ବେକ୍ଷଣ କରାଯାଇ ପ୍ରତିଦିନ ଶ୍ରୀକ୍ଷେତ୍ରକୁ ଶ୍ରୀଜୀଉଙ୍କ ସେବାରେ ତୁଳସୀ ପଠାଯାଇ ପାରୁଥିବାରୁ ସେମାନଙ୍କୁ ଅତିଥିମାନେ କୃତଜ୍ଞତା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମକୁ ଇଂ ଗଣେଶ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିଲାବେଳେ ଅଧ୍ୟାପକ ଚିଦାନନ୍ଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସମବାୟ ମନ୍ତ୍ରଣାଳୟର ୫ମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର, ୩୦।୬(ସମିସ): ଭାରତ ସରକାରଙ୍କ ସମବାୟ ମନ୍ତ୍ରଣାଳୟର ୫ମ ପ୍ରତିଷ୍ଠା ଦିବସ ଅବସରରେ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ ଆନୁକୂଲ୍ୟରେ ସମବାୟ ଭବନ ପରିସରରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମବାୟ ସମିତି ସମୂହର ନିବନ୍ଧକ ମନୀଷ ଅଗ୍ରୱାଲ ଏବଂ କୃଷି ବିପଣନ ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସମବାୟ ଅନୁଷ୍ଠାନଗୁଡ଼ିକର ସୁଦୃଢ଼ୀକରଣ ଓ ଭିତ୍ତିଭୂମି ବିକାଶ ଉପରେ ମତ ରଖିଥିଲେ। ଏହି ଅବସରରେ 'ସମବାୟ ସମାଚାର'ର ସ୍ୱତନ୍ତ୍ର ସଂଖ୍ୟା ଓ 'ସମବାୟ ସର୍କୁଲାର' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଶେଷରେ ଓଡ଼ିଶା ରାଜ୍ୟ ସମବାୟ ୟୁନିଅନର ସମ୍ପାଦକ ସୁନୀତା ପତି ଧନ୍ୟବାଦ ଅର୍ପଣ କରିଥିଲେ।

# 'ଓଡ଼ିଆ ଚମ୍ପୂ ସାହିତ୍ୟ'ଶୀର୍ଷକ ଆଲୋଚନାଚକ୍ର



ଭୁବନେଶ୍ୱର, ୩୦।୬(ସମିସ): ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଲକ୍ଷ୍ମୀସାଗର ଆନୁକୂଲ୍ୟରେ 'ଓଡ଼ିଆ ଚମ୍ପୂ ସାହିତ୍ୟ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଗବେଷିକା ଡ.ହିମାଦ୍ରି ତନୟା ମିଶ୍ର ଓଡ଼ିଆ ଚମ୍ପୂ ସାହିତ୍ୟ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଡ. ସଞ୍ଜୟ କୁମାର ବାଗ ସଭାପତିତ୍ୱ କରିଥିବା ବେଳେ ଉତ୍କର୍ଷ କେନ୍ଦ୍ରର ବରିଷ୍ଠ ଗବେଷକ ଡ. ଗୋବିନ୍ଦ ଚନ୍ଦ୍ର ପେଣ୍ଠେଠାଇ, ଡ.ମିତାଲି ମଧୁସ୍ମିତା ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ପ୍ରଫେସର ଶରତ୍ ଚନ୍ଦ୍ର ପାଣିଗ୍ରାହୀଙ୍କ ପରଲୋକ



ଭୁବନେଶ୍ୱର, ୩୦।୬(ସମିସ): ଗବେଷକ ତଥା ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ଶରତ୍ ଚନ୍ଦ୍ର ପାଣିଗ୍ରାହୀଙ୍କ ପରଲୋକରେ ଉତ୍କଳ ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗ ଗଭୀର ଶୋକ ପ୍ରକାଶ କରିଛି। ଜୁନ୍ ୨୮ ତାରିଖରେ ତାଙ୍କ ପରଲୋକ ହୋଇଯାଇଛି। ସେ ୧୯୭୫ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଦର୍ଶନ ବିଭାଗରେ ଏମ୍ଏ ପରୀକ୍ଷାରେ ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନ ଲାଭ କରିଥିଲେ। ପରବର୍ତ୍ତୀ ସମୟରେ ୧୯୮୪ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗରେ ଯୋଗଦେଇ ପ୍ରଫେସର ପାଣିଗ୍ରାହୀ ଦୀର୍ଘଦିନ ଧରି ସେବା କରିଛନ୍ତି।

# ଡ. ପ୍ରସନ୍ନଜିତ ମିଶ୍ର କୃଷି ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ

ଭୁବନେଶ୍ୱର, ୩୦।୬(ସମିସ): କୃଷି ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଡ. ପ୍ରସନ୍ନଜିତ ମିଶ୍ର ନିଯୁକ୍ତ ହୋଇଛନ୍ତି। ଏନେଇ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ସେ କୃଷି ସମ୍ପ୍ରସାରଣ ବିଭାଗର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଛନ୍ତି। ଗବେଷଣାରେ ତାଙ୍କ ଦୀର୍ଘ ଦିନର ଅଭିଜ୍ଞତା ରହିଛି। ଯାହା ଶିକ୍ଷା କ୍ଷେତ୍ରରେ ପ୍ରତିଫଳିତ ହେବ ବୋଲି ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ ଆଶାବ୍ୟକ୍ତ କରିଛନ୍ତି। ଡ. ମିଶ୍ର ବର୍ତ୍ତମାନ ଓୟୁଏଟିରେ ଆଗ୍ରୋନୋମି ବିଭାଗର ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। କାର୍ଯ୍ୟଭାର ଗ୍ରହଣ ଠାରୁ ୩ ବର୍ଷ ପର୍ଯ୍ୟନ୍ତ କିମ୍ବା ଅବସର ବୟସ ପର୍ଯ୍ୟନ୍ତ (ଯେଉଁଟି ପ୍ରଥମେ ହେବ) ତାଙ୍କ କାର୍ଯ୍ୟକାଳ ରହିବ। ଏହି ଆଦେଶ ଅନୁସାରେ ବର୍ତ୍ତମାନର ଡିନ୍ ଡ. ବିଜୟ କୁମାର ମହାପାତ୍ରଙ୍କୁ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିବାକୁ କୁହାଯାଇଛି। ଡ. ମିଶ୍ରଙ୍କ ନିଯୁକ୍ତି ପରେ ତାଙ୍କୁ ବିଭିନ୍ନ ମହଲରୁ ସୁଭେଚ୍ଛାର ସୁଅ ଛୁଟିଛି।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୩୦।୬(ସମିସ): ପାତ୍ରପଡ଼ା-ଭଗବାନପୁର ସରକାରୀ ଉଚ୍ଚ ବିଦ୍ୟାଳୟ ର ବରିଷ୍ଠ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସେଠ୍ ମାଝୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ସଭ୍ୟା ଗୃହରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥିଭାବେ ପାତ୍ରପଡ଼ା ଭଗବାନପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଜଗବନ୍ଧୁ ସାହୁ, ସିଆରସିସି ପ୍ରସନ୍ନ କୁମାର ରାଉତ, ପୂର୍ବତନ ଶିକ୍ଷକ ଦେବରାଜ ପ୍ରଧାନ, ବରମୁଣ୍ଡା ବିଏମସି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ରାୟ, ପଞ୍ଚସଖା ଶିକ୍ଷ୍ୟା ସେତୁ ଅଧ୍ୟକ୍ଷ ରବୀନ୍ଦ୍ର ନାଥ ସାହୁ, ଉପସଭାପତି ବ୍ରଜ କିଶୋର ଖୁଣ୍ଟିଆ ଓ ପୂର୍ଣ୍ଣିମା ପଟ୍ଟନାୟକ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ମାନିନୀ ଆଚାର୍ଯ୍ୟ ସଭ୍ୟା ପରିଚାଳନା କରିଥିଲେ।

# ଅବସର ଗ୍ରହଣ କଲେ ୧୧ ଶିକ୍ଷକ ଶିକ୍ଷୟିତ୍ରୀ



ଭୁବନେଶ୍ୱର, ୩୦।୬(ସମିସ): ଭୁବନେଶ୍ୱର ବ୍ଲକ ଓ ବିଏମ୍‌ସିର ୧୧ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଆଜି ସରକାରୀ ଚାକିରିରୁ ଅବସର ନେଇଛନ୍ତି। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ସମସ୍ତଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସ୍ୱତନ୍ତ୍ର ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ନିରବଚ୍ଛିନ୍ନ ଉତ୍ତମ ସେବା ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହାସହ ଅବସର ନେଇଥିବା ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ପୂର୍ଣ୍ଣ ପେନସନ ଓ ରିଲିଭ୍ ଅର୍ଡର ପ୍ରଦାନ କରି ସମ୍ମାନୀତ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଏବିଇଓ ପ୍ରଣତି ବେହେରା ଓ ତପନ କୁମାର ଚମ୍ପତିରାୟଙ୍କ ସହ ଭୁବନେଶ୍ୱର ବ୍ଲକ ଓ ବିଏମସି ସମନ୍ୱୟ ସଂଘର ସଭାପତି ପ୍ରଭାତ କୁମାର ସେନାପତି, ସମ୍ପାଦକ କିଶୋର ଚନ୍ଦ୍ର ନାୟକ ଓ ସାଂଗଠନିକ ସମ୍ପାଦକ ମନୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଗାନ୍ଧୀମାର୍ଗରେ ଗର୍ଜିଲେ ୪୮୮ ବର୍ଗ ଅନୁଦାନପ୍ରାପ୍ତ କଲେଜ ଅଧ୍ୟାପକ

ଭୁବନେଶ୍ୱର, ୩୦।୬(ସମିସ): ୪୮୮ ବର୍ଗ (୨୫୫ ସ୍ନାତକ ଓ ୨୩୩ କନିଷ୍ଠ) ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଅଧ୍ୟାପକ-କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଡ. ପ୍ରଶାନ୍ତ

## ପେନସନ୍ ଓ ଚାକିରି ସର୍ତ୍ତାବଳୀ ଦାବି

ପ୍ରଧାନଙ୍କ ନେତୃତ୍ୱରେ ରାଜ୍ୟର ବିଭିର୍ଣ୍ଣ ଜିଲ୍ଲାରୁ ପ୍ରାୟ ତିନି ହଜାର ଅଧ୍ୟାପକ, କର୍ମଚାରୀ ନିଜ ହକ୍ ଦାବୀ କରିଛନ୍ତି। ସୂଚନା ଅନୁସାରେ, ଏହି ସବୁ ଅନୁଷ୍ଠାନ ଗୁଡିକୁ ବ୍ଲକଗ୍ରାଣ୍ଟ ଅନୁଷ୍ଠାନ ଆଖ୍ୟା ଦିଆଯାଇପାରିବ ନାହିଁ, କାରଣ ଏଗୁଡିକର ଶିକ୍ଷକ ଓ କର୍ମଚାରୀ କେନ୍ଦ୍ରୀୟ ଅନୁଦାନ ଆୟୋଗ (ୟୁଜିସି) ଏବଂ ରାଜ୍ୟ ବେତନଭୋଗୀ। ଏଗୁଡିକ ସର୍ବପୁରାତନ ଅନୁଷ୍ଠାନ ହିସାବରେ ପାଞ୍ଚ ଦଶକ ଧରି ଏକକ ଭାବେ ରାଜ୍ୟର ଉଚ୍ଚଶିକ୍ଷା ବିଭାଗର ଦାୟିତ୍ୱ ସମ୍ପାଦନ କରିଆସିଥିଲେ ବି ଏହିସବୁ ଅନୁଷ୍ଠାନ ଗୁଡିକରେ ସେହି ଏକା ଆଧାରରେ ୧୯୯୦ ପରଠାରୁ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ୨୦୦୯ ମସିହାରେ ପ୍ରାକ୍ତନ ସରକାର ବ୍ଲକଗ୍ରାଣ୍ଟ ପରିସର କରି ପେନସନ ଓ ଚାକିରୀ ସର୍ତ୍ତାବଳୀ ବିହୀନ ଅନୁଦାନ ପ୍ରଦାନ କରିଦେଲେ। ୨୦୨୨ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବ୍ଲକଗ୍ରାଣ୍ଟ ଉଚ୍ଛେଦ କରି ପୂର୍ଣ୍ଣ ଅନୁଦାନ ଘୋଷଣା କରିଥିବା ବେଳେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ତଥା ସେତବେଳର ବିରୋଧୀ ଦଳ ନେତା ଦଳ ସରକାରକୁ ଆସିଲେ ତୁରନ୍ତ ଏହି ସମସ୍ୟାର ସମାଧାନ କରି ଦାବି ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସରକାରକୁ ଆସିବା ପରେ ଶିକ୍ଷାମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ସଚିବ ମାନଙ୍କ ସହ ଆଲୋଚନା କରି କେବଳ ନିରାଶ ହୋଇନାହାନ୍ତି ବରଂ ଅର୍ଦ୍ଧାଧିକ ମୃତ୍ୟୁବରଣ ଓ ଅବସରପ୍ରାପ୍ତ ହୋଇଯାଇଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ଅମଲାତାନ୍ତ୍ରିକ ଚକ୍ରାନ୍ତରେ ସମସ୍ତ ସ୍କୁଲ ଓ କଲେଜ ପାଇଁ ଆବଶ୍ୟକ ଅର୍ଥ ମାତ୍ର ପାଞ୍ଚଶହ କୋଟି ବଦଳରେ ଅଠର ହଜାର କୋଟି ଦର୍ଶାଇବା ଓ ଏହାକୁ ନେଇ ଦାବି ପୂରଣ ନକରିବା ଏକ ଷଡଯନ୍ତ୍ର ବୋଲି ସଂଘ ଅଭିଯୋଗ କରିଛି। ତେଣୁ ସଂଗଠନ ତରଫରୁ କରାଯାଇଥିବା ଦାବି ତୁରନ୍ତ ପୂରଣ କରି କଥାରେ ନୁହେଁ କାମରେ ମଧ୍ୟ 'ଲୋକଙ୍କ ସରକାର' ବୋଲି ପ୍ରମାଣ କରନ୍ତୁ ବୋଲି ଆହ୍ୱାନ ଦିଆଯାଇଛି। ନଚେତ ଆଗାମୀ ଦିନରେ ରାଜ୍ୟରେ ଶିକ୍ଷକ ମାନଙ୍କର ସମୂହ ଆତ୍ମହୁତି ଦେଖିବା ନିଶ୍ଚିତ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏଥିରେ ଡ. ପ୍ରଶାନ୍ତ ପ୍ରଧାନ, ବନମାଳୀ ବାରିକ, ପ୍ରିୟ ରଞ୍ଜନ ରଥ, ଅଟଳ ବଳ, ସତ୍ୟନାରାୟଣ ସାହୁ ପ୍ରମୁଖ ସାମିଲ ହୋଇଥିଲେ।



ପ୍ରଶାସନର ଅଣଦେଖା

# ପଟୁଆ-ସିକିଡ଼ିଆ ରାସ୍ତା ଶୋଚନୀୟ

କୁଆମରା, ୩୦।୬(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ପଞ୍ଚାୟତର ପଟୁଆରୁ ସିକିଡ଼ିଆକୁ ସଂଯୋଗ କରୁଥିବା ୨ କିଲୋମିଟର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଉପରେ ତିନୋଟି ଗ୍ରାମର ପ୍ରାୟ ଦୁଇଶହରୁ ଅଧିକ ପରିବାର ନିର୍ଭର କରନ୍ତି। ମାତ୍ର ଉକ୍ତ ରାସ୍ତା ପ୍ରତି ପ୍ରଶାସନ ନିଘା ନାହିଁ। ପ୍ରଶାସନ ଅଣଦେଖା କରୁଥିବାରୁ ତିନୋଟି ଗ୍ରାମର ଲୋକେ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ଉକ୍ତ ରାସ୍ତାର ମରାମତି କରାଯିବାକୁ ଦାବି ହେଉଛି।

୧୦ ବର୍ଷ ହେବ ଏହି ଗ୍ରାମ୍ୟ ରାସ୍ତା ମରାମତି ଅଭାବରୁ ମରଣଯନ୍ତା ପାଲଟିଛି। ସାମାନ୍ୟ ବର୍ଷା ହେଲେ ସୃଷ୍ଟି ହୋଇଥିବା ଗର୍ତ୍ତରେ ଫୁଟେରୁ ଅଧିକ ପାଣି ଜମି ରହୁଛି। ଉକ୍ତ ଦୁଇ କିଲୋମିଟର ରାସ୍ତାରେ ୫୦ରୁ ଅଧିକ ଖାଲ ସୃଷ୍ଟି ହୋଇଛି। ଚାରିଚକିଆ



ଯାନ ଯିବା ତ ଦୂରର କଥା, ବାଇକ୍ ଯିବା କଷ୍ଟକର। ଅଞ୍ଚଳବାସୀଙ୍କ ପାଇଁ ଏହା ଏକମାତ୍ର ରାସ୍ତା। ଏହି ରାସ୍ତାରେ ସ୍କୁଲକୁ ଛୋଟ ପିଲା ଯାଉଛନ୍ତି। ଯାହା ଅଭିଭାବକ ମହଲରେ ଚିନ୍ତାର ବିଷୟ ପାଲଟିଛି। ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାକୁ ଏହା ସଂଯୋଗ କରୁଥିବାରୁ ଏହାର ଯଥେଷ୍ଟ ଗୁରୁତ୍ୱ ରହିଛି। ତେବେ ଆଗକୁ ବର୍ଷାଋତୁ ଆସୁଥିବାରୁ ରାସ୍ତାର ଅବସ୍ଥା ଦୁଇଗୁଣ ଖରାପ ହେବ, ଏଥିରେ ସନ୍ଦେହ ନାହିଁ। ଏଣୁ ଜରୁରିକାଳୀନ ଭିତ୍ତିରେ ଏହି ରାସ୍ତାକୁ ମରାମତି କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଏ ନେଇ ୱାର୍ଡ ମେମ୍ବର ବିରେଶ ଦାସଙ୍କୁ ପଚାରିବାରୁ ପଞ୍ଚାୟତ ବୈଠକରେ ଏହି ରାସ୍ତା ମରାମତି ପାଇଁ ବାରମ୍ବାର ଦାବି ଉଠାଇଛି। ମାତ୍ର ଏ ଦିଗରେ ଆଜି ପର୍ଯ୍ୟନ୍ତ ଦୃଷ୍ଟି ନ ଦେବା ପରିତାପର ବିଷୟ ବୋଲି କହିଛନ୍ତି।

## ସାରସକଣା ନିର୍ବାଚନମଣ୍ଡଳୀରେ ବିକଶିତ ଭାରତ ସଂକଳ୍ପ ସମ୍ମିଳନୀ

ବିଶୋଇ, ୩୦।୬ (ସମିସ): ବିଜେପି ପକ୍ଷରୁ ବୁଦ୍ଧିଜୀବୀ ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ସାରସକଣା ନିର୍ବାଚନମଣ୍ଡଳୀ ସ୍ତରୀୟ ବିକଶିତ ଭାରତ ସଂକଳ୍ପ ସମ୍ମିଳନୀ ସ୍ଥାନୀୟ ବିଶୋଇ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଜେପି ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ଜୁରିଲାଲ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ସାରସକଣା ନିର୍ବାଚନମଣ୍ଡଳୀର ବିଶୋଇ, ବିଜାତଳା, ସାରସକଣା ପ୍ରମୁଖ ବ୍ଲକର ବିଭିନ୍ନ ଗ୍ରାମରୁ ଶତାଧିକ ବୁଦ୍ଧିଜୀବୀ, ବ୍ୟୟଜ୍ୟେଷ୍ଠ ବ୍ୟକ୍ତି ବିଶେଷ ଓ ଅଙ୍ଗନାବାଡ଼ି କର୍ମୀ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ସାରସକଣା ବିଧାୟକ ଭାଦବ ହାଁସଦା ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ରାଜ୍ୟରେ ସୁଶାସନ ବ୍ୟବସ୍ଥା କରି ଲୋକ ଓ ରାଜ୍ୟର ହିତ ସାଧନ ପାଇଁ ବୁଦ୍ଧିଜୀବୀଙ୍କ ମୂଲ୍ୟବାନ ପରାମର୍ଶ ନେବା ଉକ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଜିଲ୍ଲା ସଭାପତି ଜୁରିଲାଲ ମହାନ୍ତ କହିଥିଲେ। ଅବସରପ୍ରାପ୍ତ ଏବିଡିଓ ରବୀନ୍ଦ୍ର ନାଥ ଗିରି, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ କୁଞ୍ଜବିହାରି ବେହେରା, ଅବସରପ୍ରାପ୍ତ ବିଇଓ ଜୟହରି ଘୋଷ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିକ୍ଷକ ନିଯୁକ୍ତି, ଭତ୍ତା ପ୍ରଦାନରେ ସ୍ୱଚ୍ଛତା, କଳା ବଜାରୀଠାରୁ ଦୂରେଇ ରହି ଚାଷୀ କିପରି ମଣ୍ଡିରେ ଅଧିକରୁ ଅଧିକ ଧାନ ବିକ୍ରୟ କରିବେ, ସେନେଇ ସରକାର ସୁଯୋଗ ସୃଷ୍ଟି କରିବା ପାଇଁ ମତାମତ ଦେଇଥିଲେ। ଜିଲ୍ଲା ସହସମ୍ପାଦକ ସ୍ୱରୋଜ ମହାନ୍ତ, ଜିଲ୍ଲା ଉପସଭାପତି ସତ୍ୟରଞ୍ଜନ ମଣ୍ଡଳ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଅମଦ ମହାନ୍ତ, ସାଂସଦ ପ୍ରତିନିଧି ଉମାକାନ୍ତ ନନ୍ଦ, ବିଶୋଇ ସରପଞ୍ଚ କରୁଣା ସାଗର ମାରାଣ୍ଡି, ବିଶୋଇ ମଣ୍ଡଳ ସଭାପତି ବନମାଳୀ ଗିରି, ବିଶୋଇ ଶକ୍ତି କେନ୍ଦ୍ର ପ୍ରମୁଖ ବିମ୍ବାଧର ଧୀର, ଖନ୍ତ ମଣ୍ଡଳ ସଭାପତି ଲିଙ୍କନ ମହାନ୍ତ, ବିଜାତଳା ମଣ୍ଡଳ ସଭାପତି ଯୁଗଳକିଶୋର ଧୀର, ମଣଦା ମଣ୍ଡଳ ସଭାପତି ପ୍ରଭାତ ରଞ୍ଜନ ଗିରି, କୁସୁମୀ ମଣ୍ଡଳ ସଭାପତି ଜଗନ୍ନାଥ ରଣା ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ଅମୀୟ ଦ୍ୱାରି, କୈଳାସ ବସା, ସିନିୟର ସିଟିଜେନ ସମ୍ପାଦକ ଭରତ ମହାନ୍ତ, ବ୍ରଜମୋହନ ଗିରି, ବିଶିଷ୍ଟ ଚାଷୀ ଟିମା ମହାକୁଡ଼, ଭରତ ଚନ୍ଦ୍ର ସେଠୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବମୋର୍ଚ୍ଚା ସଭାପତି ଆନନ୍ଦ ରାମ ମଞ୍ଚ ପରିଚାଳନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।



## ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା ସମାବେଶ




କରଞ୍ଜିଆ, ୩୦।୬(ସମିସ): କରଞ୍ଜିଆ ବ୍ଲକସ୍ତରୀୟ ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା ସମାବେଶ କରଞ୍ଜିଆ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଳ୍ପ ତାଲିମ କେନ୍ଦ୍ର, ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି ସମାବେଶରେ କରଞ୍ଜିଆ ଶିଳ୍ପ କାର୍ଯ୍ୟକ୍ରମ ଅଧିକାରିଣୀ ଚିତ୍ରାଞ୍ଜଳି ସୋରେନ ସଭାପତିତ୍ୱ କରିଥିବାବେଳେ କରଞ୍ଜିଆ ବିଡିଓ ପ୍ରଦ୍ୟୁମ୍ନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବବର୍ଗଙ୍କୁ ସ୍ୱାବଲମ୍ବୀ ହେବା ସହ ସରକାରଙ୍କ ବିଭିନ୍ନ ସ୍ୱରୋଜଗାର ଓ ଦକ୍ଷତା ବିକାଶ ଯୋଜନାର ସୁଯୋଗ ନେବାକୁ ଆହ୍ୱାନ କରିଥିଲେ। ଏ ଅବସରରେ ଏବିଡିଓ ଦଳେଇ ସିଂ, କରଞ୍ଜିଆ ଶିଳ୍ପ ତାଲିମ କେନ୍ଦ୍ରର ଡେପୁଟି ଟ୍ରେନିଂ ଅଫିସର ବିମଳ ଚନ୍ଦ୍ର ମହାନ୍ତ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଅନ୍ତର୍ଯ୍ୟାମୀ ସେଠୀ ଉପସ୍ଥିତ ରହି ଯୁବମାନଙ୍କ ପାଇଁ ଉପଲବ୍ଧ ସରକାରୀ ଯୋଜନା, ଦକ୍ଷତା ବିକାଶ ପ୍ରଶିକ୍ଷଣ ଓ ଉଦ୍ୟୋଗ ସ୍ଥାପନ ସମ୍ବନ୍ଧୀୟ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ। ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଅନ୍ତର୍ଯ୍ୟାମୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମୟୂରଭଞ୍ଜ ପାଟରା ସମାଜ ସ୍ଥାପନା ଦିବସ



ବାରିପଦା, ୩୦।୬(ସମିସ): ସ୍ଥାନୀୟ କଲ୍ୟାଣୀ ମହିଳା ସମିତି ସମ୍ମିଳନୀ କକ୍ଷରେ ମୟୂରଭଞ୍ଜ ପାଟରା ସମାଜର ସ୍ଥାପନା ଦିବସ ପାଳିତ ହୋଇଯାଇଛି। ଜୟନ୍ତ କୁମାର ସେନାପତି, ସମରେନ୍ଦ୍ର କୁମାର ବସା, ମାନସ ରଞ୍ଜନ ମହାପାତ୍ର, ଚିତ୍ତରଞ୍ଜନ ସାହୁ, ସ୍ୱରୂପ କୁମାର ବସା, ବୀରେନ୍ଦ୍ର ନାଥ ବସା, କିଶୋର କୁମାର ବସା, ଆଶିଷ କୁମାର ବସା, ଅରୁଣ କୁମାର ମହାପାତ୍ର, ଜ୍ୟୋତିପ୍ରକାଶ ବସା, ସଞ୍ଜୟ କୁମାର ନାୟକ ଓ ଅନ୍ୟ ସଭ୍ୟଙ୍କ ଉପସ୍ଥିତିରେ ସଂଗଠନର ପଞ୍ଜୀକରଣ କରାଯିବା ସହ ଉପବିଧି ପ୍ରସ୍ତୁତି ଓ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ କମିଟି ଗଠନ, ସଂଗଠନର ପ୍ରତୀକ ସ୍ଥିରୀକୃତ କରିବା, ସଂଗଠନର ପ୍ରାଥମିକ ପାଣ୍ଠି ଗଠନ କରିବା ଓ ମୟୂରଭଞ୍ଜ ଜିଲ୍ଲା ଅଧୀନରେ ଥିବା ସମସ୍ତ ବ୍ଲକ ଓ ଉପଖଣ୍ଡରେ ସଭା ମାଧ୍ୟମରେ ସଂଗଠନର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ମୟୂରଭଞ୍ଜ ପାଟରା ସମାଜ ଗଠନର ମୂଳ ଉଦ୍ଦେଶ୍ୟ ହେଉଛି ମୟୂରଭଞ୍ଜ ଜିଲ୍ଲାର ସମସ୍ତ ପାଟରା ପରିବାରର ସଦସ୍ୟଙ୍କ ଭିତରେ ସମନ୍ୱୟ ରକ୍ଷା କରିବା, ସହାୟତାର ହାତ ବଢ଼ାଇବା ଓ ସମାଜରେ କଲ୍ୟାଣମୂଳକ କାର୍ଯ୍ୟ କରିବା ଓ ଏହି ସଂଗଠନକୁ ଏକ ବଳିଷ୍ଠ ଓ ପୂର୍ଣ୍ଣାଙ୍ଗ ରୂପରେ ପ୍ରତିଷ୍ଠା କରିବାକୁ ଆସନ୍ତା ଜୁଲାଇ ୧୨ ତାରିଖ ବୈଠକରେ ଏହାର ରୂପରେଖ ପ୍ରସ୍ତୁତ କରାଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି।

## ରାଣୀପାଳରେ ସାନ୍ତାଳ ବିଦ୍ରୋହ ଦିବସ



ରାଇରଙ୍ଗପୁର, ୩୦।୬(ସମିସ): ରାଣୀପାଳ ଗ୍ରାମରେ ବୀର ସିଧୁ-କାହ୍ନୁ ମେମୋରିଆଲ କ୍ଲବ ପକ୍ଷରୁ ଆଦିବାସୀ ସାନ୍ତାଳ ବିଦ୍ରୋହ ହୁଲ ମାହା ପାଳିତ ହୋଇଛି। ଗ୍ରାମର ମାଝୀ ବାବା କନ୍ଦନ ମାରାଣ୍ଡିଙ୍କ ନେତୃତ୍ୱରେ ମାଝୀ ବାବା ଘରୁ ଶୋଭାଯାତ୍ରା ବାହାରି ବାଜା ବଜାଇ ଆଦିବାସୀ ପାରମ୍ପରିକ ନୃତ୍ୟ ଓ ଗୀତରେ ଆସି ବୀର ସିଧୁ-କାହ୍ନୁ ମେମୋରିଆଲ କ୍ଲବ ଘର ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ଏହି ଶୋଭାଯାତ୍ରାରେ ମୁଖ୍ୟଅତିଥି ଭାବେ ପୂର୍ବତନ ପୁଲିସ ଡିଏସପି ରାଇସେନ ମୁର୍ମୁ ଓ ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତିଙ୍କ ସହିତ ସଂଖ୍ୟାଧିକ ମହିଳା/ପୁରୁଷ ସାମିଲ ହୋଇ ହୁଲ ମାହାରେ ଯୋଗ ଦେଇଥିଲେ। ବୀର ସିଧୁ-କାହ୍ନୁ ମେମୋରିଆଲ କ୍ଲବଠାରେ ପ୍ରଥମେ ଆଦିବାସୀ ସବୁଜ ପତାକା/ଝଣ୍ଡା ମୁଖ୍ୟଅତିଥି ରାଇସେନ ମୁର୍ମୁଙ୍କ ଦ୍ୱାରା ଉଡାଇ ଶୁଭାରମ୍ଭ ଥିଲେ। ପରେ ମାଝୀ ବାବାଙ୍କ ସହିତ ଗ୍ରାମର ପୂଜାରୀ ଛୋଟରାଇ ହେମ୍ବ୍ରମ, ଚୈତନ୍ୟ ମାରାଣ୍ଡି ବୀର ସିଧୁ-କାହ୍ନୁ, ଚାନ୍ଦ-ଭୈରବ ଓ ଫୁଲ-ଝାନ, ବିର୍ସା ମୁଣ୍ଡା, ପଣ୍ଡିତ ରଘୁନାଥ ମୁର୍ମୁ, ସମ୍ବିଧାନ ନିର୍ମାତା ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ଫଟୋଚିତ୍ରରେ ଫୁଲମାଲ୍ୟ ଦେଇ ଆଦିବାସୀ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଆଦିବାସୀ ସାରନା-ଧର୍ମର ହିତାଲ ଗୀତ ଗାଇ ସମସ୍ତ ସହିଦଙ୍କ ଉଦ୍ଦେଶ୍ୟରେ ବନ୍ଦନା ଗାନ କରାଯାଇଥିଲା। କ୍ଲବ୍‌ର ସଭାପତି ବିକ୍ରମ ଟୁଡୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରାଇସେନ ମୁର୍ମୁ ସହିଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଦିବାସୀ ଅଧିକାର ବଞ୍ଚାଇ ରଖିବା ପାଇଁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ହୁଲ ମାହା କ୍ରାନ୍ତି ଦିବସରେ ଯୁବପିଢ଼ିଙ୍କୁ ଆଦିବାସୀ ଅଧିକାର ଜଳ, ଜଙ୍ଗଲ ଓ ଜମିର ସୁରକ୍ଷା ଓ ସମ୍ବିଧାନିକ ଅଧିକାରକୁ ବଞ୍ଚାଇବାକୁ ଆହ୍ୱାନ କରିଥିଲେ। ରାଣୀପାଳ ଗ୍ରାମରେ ଦୁଇଦିନିଆ ଉତ୍ସବ ପାଳନ କରାଯାଉଛି। ଆଜି ପିଲାଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଏସିପି ଓ ମନରେଗା ସହାୟକଙ୍କ ହେଉନି ବଦଳି

## ମିଳିତ ବିରୋଧୀ ଦଳ ଆଣିଲେ ଅରାଜକତା ବୃଦ୍ଧି ଅଭିଯୋଗ

ବାରିପଦା, ୩୦।୬(ସମିସ): ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବ୍ଲକରେ ଏସିପି ଓ ମନରେଗା ସହାୟକଙ୍କ ବର୍ଷ ବର୍ଷ ଧରି ବଦଳି ନ ହେବା ଯୋଗୁଁ ଅରାଜକତା ସମ୍ବନ୍ଧରେ ମିଳିତ ବିରୋଧୀ ଦଳ କଂଗ୍ରେସ, ସିପିଆଇ, ସିପିଏମ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାପାଳ ହେମକାନ୍ତ ସଏ ଜିଲ୍ଲା ମନରେଗା ପ୍ରକଳ୍ପ ସଂଯୋଜକ ଭାବେ କାର୍ଯ୍ୟ କରୁଥିବାବେଳେ ସେ ସମ୍ପୂର୍ଣ୍ଣ ଅବଗତ ଯେ, ଉକ୍ତ ଯୋଜନାରେ ବ୍ଲକରେ କାର୍ଯ୍ୟରତ ଏସିପି ଓ ମନରେଗା ସହାୟକ ଗୋଟିଏ ଗୋଟିଏ ବ୍ଲକରେ ୧୫ରୁ ୨୦ ବର୍ଷ ଧରି ରହି ଆସିଥିବା ଦେଖାଯାଇଛି। ସେମାନଙ୍କ ନିଯୁକ୍ତି ଏଜେନ୍ସି ଦ୍ୱାରା ହୋଇଥିଲେ ସୁଦ୍ଧା ଗୋଟିଏ ସ୍ଥାନରେ ଦୀର୍ଘ ବର୍ଷ ରହିବା ଫଳରେ ସରକାରୀ କାମରେ ସ୍ୱଚ୍ଛତା ରହୁନାହିଁ ଓ ହିତାଧିକାରୀ ବିଭିନ୍ନ ସମୟରେ ଅସନ୍ତୋଷ ପ୍ରକାଶ କରୁଥିବାର ଦେଖିବାକୁ ମିଳୁଛି।



କିଛି କର୍ମଚାରୀ ଯୋଜନାର ବ୍ଲକସ୍ତରୀୟ ଅଧିକାରୀଙ୍କୁ କାମରେ ସହଯୋଗ କରିବା ପରିବର୍ତ୍ତେ ବେପରୁଆ ମନୋଭାବ ଓ ଖରାପ ଆଚରଣ ପ୍ରଦର୍ଶନ କରୁଥିବା ଅଭିଯୋଗ ସାଧାରଣରେ ଆଲୋଚନା ହେଉଛି। ଗୋଟିଏ ସ୍ଥାନରେ ଦୀର୍ଘ ବର୍ଷ ରହିବା ଦ୍ୱାରା ପରୋକ୍ଷ ଦୁର୍ନୀତିରେ କିଛି ଅଧିକାରୀ ନିୟୋଜିତ କରିବା ମନେ ହେଉଛି। କେତେକ କର୍ମଚାରୀ ନିଜ ବ୍ଲକରେ ରହି ଠିକାଦାରୀ ଓ ରାଜନୈତିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ସତ୍ତ୍ୱେ ପ୍ରଶାସନିକ ଅଧିକାରୀ ନିରବ ରହିବା ସହିତ ଲୋକଙ୍କ ସରକାରର କାର୍ଯ୍ୟଶୈଳୀ ଓ ସ୍ୱଚ୍ଛତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ଲକରେ ସମସ୍ତ କର୍ମଚାରୀଙ୍କ ବଦଳି ପ୍ରକ୍ରିୟା ନିର୍ଦ୍ଧାରିତ ସମୟ ମଧ୍ୟରେ ହେଉଥିଲେ ହେଁ ଏସିପି ଓ ମନରେଗା ସହାୟକଙ୍କ ବଦଳି ନ ହେବା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିରବତାକୁ ପ୍ରଶ୍ନ କରୁଛି। ଏଜେନ୍ସି ସହ ହେଉଥିବା ଚୁକ୍ତି ପ୍ରକ୍ରିୟାରେ କୌଣସି ଅସ୍ୱଚ୍ଛତା ହେଉଛି କି ନାହିଁ ତାହାର ନିରପେକ୍ଷ ତଦନ୍ତ କରାଯିବାକୁ ବୁଦ୍ଧିଜୀବୀ ଓ ସର୍ବସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି। କଂଗ୍ରେସ ପକ୍ଷରୁ ଶାନ୍ତନୁ ପାଲ, ସୁସ୍ମିତା ଘୋଷାଲ, ଦେବରାଜ ମିଶ୍ର, ବନମାଳୀ ବାରିକ, ନିହାର ରଞ୍ଜନ ମଢୁଆଳ, ଭବାନୀ ଶଙ୍କର ସାହୁ, ଗୋସାଇଁ ଚରଣ ମହାନ୍ତ, ରତିକାନ୍ତ ଚୌଧୁରୀ, ସିପିଆଇ ପକ୍ଷରୁ ଜଗବନ୍ଧୁ ମିଶ୍ର, ଶ୍ରୀକାନ୍ତ ସାମଲ, ମଦନମୋହନ ଦାସ ଓ ସିପିଏମର ରବି ଗୋସ୍ୱାମୀ ପ୍ରମୁଖ ପ୍ରଦାନ କରିଥିଲେ।

## ନୂଆସାହି ମହାବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



କପ୍ତିପଦା, ୩୦।୬ (ସମିସ): ନୂଆସାହି ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ସର୍ବେଶ୍ୱର ବିଶ୍ୱାଳ ଆଜି ଚାକିରି ଜୀବନରୁ ଅବ୍ୟାହତି ନେଇଛନ୍ତି। ଏ ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶଙ୍କର୍ଷଣ ମିଶ୍ର ସଭାପତିତ୍ୱ କରିବା ସହ ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଯୋଗ ଦେଇଥିଲେ। ଶ୍ରୀ ବିଶ୍ୱାଳଙ୍କୁ ମଞ୍ଚ ପର୍ଯ୍ୟନ୍ତ ପାଛୋଟି ନିଆଯିବା ସହ ଅଧ୍ୟାପକ ମନମୋହନ ମହାପାତ୍ର ସ୍ୱାଗତ କରିଥିଲେ। ଅଧ୍ୟାପକ ବିଜୟ କେତନ, ନିରଞ୍ଜନ, ସନ୍ତୋଷ ମହାନ୍ତି ଓ ଡ ଶ୍ରୀହରି ପଣ୍ଡା ଶ୍ରୀ ବିଶ୍ୱାଳଙ୍କ ଏହି ମହାବିଦ୍ୟାଳୟ ଗଠନରେ ଭୂମିକା, ସଚ୍ଚୋଟତା, କାର୍ଯ୍ୟଦକ୍ଷତା, ସମୟାନୁବର୍ତ୍ତିତା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିବ ବୋଲି କହିଥିଲେ। ଶ୍ରୀ ବିଶ୍ୱାଳଙ୍କ ଅନୁପସ୍ଥିତ ଅପୂରଣୀୟ ବୋଲି ଅଧ୍ୟକ୍ଷ କହିବା ସହ ଡ. ପଣ୍ଡା ବିନା ପେନସନରେ ଅବସର ଏକ ବୋଝ ବୋଲି ମତ ରଖିଥିଲେ। ବିଦାୟୀ ଅଧ୍ୟାପକ ଶ୍ରୀ ବିଶ୍ୱାଳ ନିଜର ନିଷ୍ଠା କଲେଜ ପ୍ରତି ଥିଲା, ଅଛି ଓ ରହିବ ବୋଲି କହିଥିଲେ। ଆବଶ୍ୟକ ସମୟରେ ସେ ଉପସ୍ଥିତ ହେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରଭାସିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶକ୍ତିଶ୍ରୀ ଶକ୍ତିକରଣ କେନ୍ଦ୍ର ପକ୍ଷରୁ ଛାତ୍ରୀ ଆତ୍ମସୁରକ୍ଷା ଶିବିର

କପ୍ତିପଦା, ୩୦।୬(ସମିସ): କପ୍ତିପଦା ମହାବିଦ୍ୟାଳୟ ଶକ୍ତିଶ୍ରୀ ଶକ୍ତିକରଣ କେନ୍ଦ୍ର ଆନୁକୂଲ୍ୟରେ ଛାତ୍ରୀ ଆତ୍ମସୁରକ୍ଷା କୌଶଳ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ନିରୋଜ କୁମାର ଖୁଣ୍ଟିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କପ୍ତିପଦା ବିଇଓ ପାନମଣି ବେଶ୍ରା ଯୋଗଦେଇ ଛାତ୍ରୀମାନେ ନିଜେ ଦୃଢ଼ ହେଲେ ଏହି ଆତ୍ମକୌଶଳ ଶିଖିବାର ମୂଲ୍ୟ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପିକା ନିବେଦିତା ପଣ୍ଡା, ପ୍ରୀତିନନ୍ଦା ପଣ୍ଡା ଆତ୍ମରକ୍ଷା କୌଶଳ ଶିକ୍ଷାର ଉପକାରିତା ଉପରେ ଆଲୋକପାତ କରିଥିଲେ। ଯୋଗ ପ୍ରଶିକ୍ଷିକା ସୁପ୍ରିୟା ବେହେରା ଛାତ୍ରୀଙ୍କୁ ଯୋଗ ଶିକ୍ଷା ଦେଇଥିଲେ। ଅଧ୍ୟାପିକା ଅବନ୍ତୀ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ତପସ୍ୱିନୀ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।




## ସାନ୍ତାଳ ବିଦ୍ରୋହ ଦିବସକୁ ସରକାରୀ ଛୁଟି ଘୋଷଣା ଦାବି



ବାରିପଦା, ୩୦।୬(ସମିସ): ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ଆହ୍ୱାନକ୍ରମେ ଗାଁ ଗାଁରେ ଚାଲିଛି ସାମାଜିକ ଓ ଧାର୍ମିକ ଲଢ଼େଇ। ଏହି ଆନ୍ଦୋଳନରେ ଲୋକଙ୍କୁ ଜାଗ୍ରତ, ସଚେତନ ଓ ସଂଗଠିତ କରିବା ପାଇଁ ମୟୂରଭଞ୍ଜର ବିଭିନ୍ନ ଧର୍ମୀୟ ସ୍ଥାନରେ ପୂଜାର୍ଚ୍ଚନା କରାଯାଉଛି। ଏ ପରିପ୍ରେକ୍ଷୀରେ ୧୮୫୫ ମସିହା ଜୁନ୍ ୩୦ରେ ମହାନ ଆଦିବାସୀ ନାୟକ ସିଧୁ ମୁର୍ମୁ ଓ କାହ୍ନୁ ମୁର୍ମୁଙ୍କ ନେତୃତ୍ୱରେ ମହାନ ହୁଲ୍ (ସାନ୍ତାଳ ବିଦ୍ରୋହ)ଙ୍କ ସ୍ମୃତିରେ ଓଡ଼ିଶା ସରକାର ଜୁନ୍ ୩୦ ତାରିଖକୁ ରାଜ୍ୟ ଛୁଟି ଭାବେ ଘୋଷଣା କରିବା ପାଇଁ ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା)ର ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ଦାବି କରିଛନ୍ତି। ଏହା ଐତିହାସିକ ସତ୍ୟ ଯେ, ପ୍ରାୟ ୧୦୦ ବର୍ଷ ପୂର୍ବେ ଭାରତର ସ୍ୱାଧୀନତାପ୍ରାପ୍ତି ପୂର୍ବରୁ ୧୮୮୫ ମସିହା ଜୁନ୍ ୩୦ ତାରିଖରେ ଦୁଇ ଆଦିବାସୀ ନାୟକ ସିଧୁ ମୁର୍ମୁ ଓ କାହ୍ନୁ ମୁର୍ମୁ ପ୍ରାୟ ୬୦ ହଜାର ସାନ୍ତାଳଙ୍କୁ ଏକାଠି କରି ଭାରତରେ ଶକ୍ତିଶାଳୀ ବ୍ରିଟିଶ ପ୍ରଶାସନ ବିରୁଦ୍ଧରେ ଅସ୍ତ୍ର ଉଠାଇଥିଲେ। ଯେଉଁଥିରେ ହଜାର ହଜାର ସାନ୍ତାଳ ଲୋକ ସିଧୁ ଏବଂ କାହ୍ନୁ ମୁର୍ମୁଙ୍କ ସମେତ ନିଜ ଜୀବନ ବଳିଦାନ ଦେଇଥିଲେ। ଯଦିଓ କିଛି ଅଜ୍ଞାତ କାରଣ ଯୋଗୁଁ ଭାରତୀୟ ଇତିହାସ ଏହି ମହାନ ସାନ୍ତାଳ ହୁଲ୍ କିମ୍ବା ସାନ୍ତାଳ ବିଦ୍ରୋହ ବିଷୟରେ ନିରବ, କିନ୍ତୁ ମହାନ ରାଜନୈତିକ ଦାର୍ଶନିକ କାର୍ଲ ମାର୍କ୍ସ ତାଙ୍କ କୃତି 'ଦାସ କ୍ୟାପିଟାଲ'ରେ ଏହି ସତ୍ୟକୁ ଭାରତୀୟ ଇତିହାସ ପ୍ରତି ସମର୍ପିତ ଏକ ଅଧ୍ୟାୟରେ ବର୍ଣ୍ଣନା କରିଛନ୍ତି। ଏହି ମହାନ ସାନ୍ତାଳ ହୁଲର ଗୁରୁତ୍ୱକୁ ପ୍ରତିଷ୍ଠିତ କରେ। ଆନନ୍ଦର ବିଷୟ ପଶ୍ଚିମବଙ୍ଗ ସରକାର ଓ ଆସାମ ସରକାର ସେମାନଙ୍କ ନିଜ ନିଜ ରାଜ୍ୟରେ ଜୁନ୍ ୩୦କୁ ସରକାରୀ ଛୁଟି ଘୋଷଣା କରିଛନ୍ତି। ଓଡ଼ିଶାରେ ଏକ ବଡ ଆଦିବାସୀ ଜନସଂଖ୍ୟା ରହିଛି ଓ ଓଡ଼ିଶାର ଆଦିବାସୀ ଲୋକ ବର୍ତ୍ତମାନ ଜୁନ୍ ୩୦କୁ ମହାନ ସାନ୍ତାଳ ହୁଲ୍ ବା ହୁଲ୍ ମାହାଁ ସ୍ମୃତିରେ ପାଳନ କରୁଛନ୍ତି। ତେଣୁ ଓଡ଼ିଶା ସରକାର ଜୁନ୍ ୩୦କୁ ସରକାରୀ ଛୁଟି ଘୋଷଣା କରିବାକୁ ମାରିସା ରାଜ୍ୟ ସଭାପତି ଅର୍ଜୁନ୍ ମୁର୍ମୁ ଦୃଢ ଦାବି ଉପସ୍ଥାପନ କରିଛନ୍ତି।

## ଶାଳଗାଁ ବିଦ୍ୟାଳୟରେ ବିଦ୍ୟୁତ୍ ସୁରକ୍ଷା ସପ୍ତାହ

ବଡ଼ସାହି, ୩୦।୬(ସମିସ): ବଡ଼ସାହି ବ୍ଲକ ଅଧୀନ ଶାଳଗାଁ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଶକ୍ତି କ୍ଲବ ପକ୍ଷରୁ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଶକ୍ତି କ୍ଲବର ସଂଯୋଜକ ସନ୍ତୋଷ ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ସନ୍ତୋଷ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଟିପିଏନ୍‌ଓଡିଏଲ ବିଭାଗ ପକ୍ଷରୁ ସୁରେଶ ଚନ୍ଦ୍ର ରଣା, କାର୍ଯ୍ୟକ୍ରମ ସଂଯୋଜ ରାକେଶ ବଳ, କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀକାନ୍ତ ବେହେରା, ବିଦ୍ୟୁତ୍ ନିରାପତ୍ତା ଅଧିକାରୀ ସୂର୍ଯ୍ୟକାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟୁତକୁ କିଭଳି ସଠିକ୍ ବିନିଯୋଗ କରି ଆଗାମୀ ଭବିଷ୍ୟତକୁ ସୁରକ୍ଷା କରିପାରିବା, ଘରେ ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନଙ୍କ ଦ୍ୱାରା କରାଇବା ଓ ବିଦ୍ୟୁତ ଦାଉରୁ କିଭଳି ରକ୍ଷା ପାଇପାରିବା, ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା। ଏଥିସହିତ ଭିଡିଓ ମାଧ୍ୟମରେ ବିଭିନ୍ନ ପ୍ରକାର ଚିତ୍ର ପ୍ରଦର୍ଶିତ କରାଯାଇ ସଚେତନତା କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ଲାକାର୍ଡ ଧରି ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କୁ ବିଦ୍ୟୁତ୍ ବିଷୟରେ ସଚେତନ କରାଇବା ପାଇଁ ଟିପିଏନ୍‌ଓଡିଏଲ ଅଧିକାରୀଙ୍କୁ ବିଦ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଥିବାବେଳେ ଛାତ୍ରଛାତ୍ରୀଙ୍କୁ ବିଦ୍ୟୁତ୍ ସତର୍କତା ଉପରେ ଶପଥ ପାଠ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ବୃନ୍ଦ ସହଯୋଗ କରିଥିବାବେଳେ ଉମାକାନ୍ତ ସାସମଲ ଧନ୍ୟବାଦ ଅର୍ପଣ କରିଥିଲେ।

ପୋତି ହୋଇପଡ଼ିଛି ଡ୍ରେନ୍

## କପ୍ତିପଦା ବଜାରରେ ଲହଡ଼ି ଭାଙ୍ଗୁଛି ବର୍ଷା ପାଣି

କପ୍ତିପଦା, ୩୦।୬ (ସମିସ): କପ୍ତିପଦା ବଜାରରେ ବେହାଲ ସ୍ଥିତି। ମୌସୁମୀ ବର୍ଷାରେ ଲହଡ଼ି ମାରୁଛି ବର୍ଷା ପାଣି। ଡ୍ରେନ୍ ପୋତି ହୋଇପଡ଼ିଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଡ୍ରେନ୍ ସଫା କରି ବର୍ଷା ପାଣି ନିଷ୍କାସନ କରାଯିବାକୁ ସାଧାରଣରେ ଦାବି ହେଉଛି।

କପ୍ତିପଦା ଏନଏସି ଘୋଷଣା ପରେ ରାସ୍ତାର ପ୍ରଶସ୍ତୀକରଣ ନାମରେ ବଜାରରେ ଥିବା ଜବରଦଖଲ ଉଚ୍ଛେଦ କାମ ଆରମ୍ଭ ହୋଇଥିଲା। କେତେକ ଦୋକାନ, ବଜାର ଭାଙ୍ଗାଯାଇଥିଲା। ଭଙ୍ଗାଯାଇଥିବା ପର୍ଯ୍ୟବସ୍ତୁ ପଡ଼ି ଡ୍ରେନେଜ ପୋତି ହୋଇଗଲା। ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ କିଛି ଜବରଦଖଲ ଉଚ୍ଛେଦ ହୋଇଥିଲେ ମଧ୍ୟ ଆଉକିଛି ଉଚ୍ଛେଦ ହୋଇପାରିନାହିଁ। ଫଳରେ ବଜାରରେ ସ୍ୱଚ୍ଛତା ଆସିପାରୁନାହିଁ। ଅଧାପନ୍ତରିଆ ଅବସ୍ଥାରେ ରହିଥିବା ଯୋଗୁଁ ଦୋକାନୀ ଆଗକୁ ବଢ଼ି ପାରୁନାହାନ୍ତି। ଏପଟେ ପରିବାର ପ୍ରତିପୋଷଣ ପାଇଁ ଭଙ୍ଗା ଦୋକାନ ସାମ୍ନାରେ



ପସରା ମେଲାଇବାକୁ ବାଧ୍ୟ ହେଉଛନ୍ତି। ବର୍ତ୍ତମାନ ସୁଦ୍ଧା ଏନଏସିର ନିର୍ବାଚନ ହୋଇ ନ ଥିବା ଓ କର୍ମକର୍ତ୍ତା ନ ଥିବା କାରଣରୁ ଏନଏସି କୌଣସି କାର୍ଯ୍ୟାନୁଷ୍ଠାନ କରିପାରୁ ନ ଥିବାବେଳେ ବ୍ଲକ କିମ୍ବା ପଞ୍ଚାୟତ କୌଣସି ହସ୍ତକ୍ଷେପ ଗ୍ରହଣ କରୁନାହିଁ। କପ୍ତିପଦା ବ୍ଲକରେ ୨୬ଟି ପଞ୍ଚାୟତ ଥିବାବେଳେ ବ୍ଲକ ତହସିଲ, ଥାନା, ଡାକ୍ତରଖାନା ଭଳି କାର୍ଯ୍ୟାଳୟକୁ ପ୍ରତିଦିନ ଶହଶହ ଲୋକ ଆସୁଥିବାବେଳେ ବଜାରର ମୁଖ୍ୟରାସ୍ତାରେ ଲହଡ଼ି ଭାଙ୍ଗୁଛି ବର୍ଷାଜଳ। ଏପଟେ ବସଷ୍ଟାଣ୍ଡରେ ମଧ୍ୟ ଯାତ୍ରୀ ଯାତାୟତ କରିବାକୁ ଅସୁବିଧା ଭୋଗୁଛନ୍ତି। ବର୍ତ୍ତମାନ ବର୍ଷାଋତୁ ଆରମ୍ଭ ହୋଇଥିବାବେଳେ କୌଣସି ପ୍ରଶାସକ ଏହାକୁ ଆଡ ନଜରରେ ଦେଖୁ ନ ଥିବା ଜଣାପଡ଼ିଛି। ଉକ୍ତ ରାସ୍ତା ଦେଇ ବିଡିଓ, ତହସିଲଦାର ଯା'ଆସ କରୁଥିବାବେଳେ ରାସ୍ତାରେ କିଛିବି ସୁବିଧା ହୋଇପାରୁନାହିଁ। ବର୍ଷାଦିନ ପୂର୍ବରୁ ଏହି କାମ ସରିବାକୁ ଥିବାବେଳେ ଆଷାଢ଼ ବର୍ଷାରେ ଲହଡ଼ି ଖେଳୁଛି ପାଣି। ଏନଏସି ଦାୟିତ୍ୱରେ ଥିବା ବିଡିଓଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି। ତେବେ ତହସିଲଦାରଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ତେବେ କେଉଁ କାରଣ ପାଇଁ କାମ ଆଗେଇ ପାରିନାହିଁ, ସେ ନେଇ କପ୍ତିପଦା ଜନସାଧାରଣ ପ୍ରଶ୍ନ ଉଠାଇଛନ୍ତି।

### ହାଇଦ୍ରାବାଦରେ ଦାଦନ ଖଟୁଥିବା ପୁଅର ଅକାଳ ମୃତ୍ୟୁ

# ବେସାହାରା ମା', ଡୋରି ବାନ୍ଧି ଦିନ କାଟୁଛନ୍ତି ପୁତୁରା-ଝିଆରୀ

ଚନ୍ଦନେଶ୍ୱର, ୩୦।୬ (ସମିସ)



ଦାରିଦ୍ର୍ୟ, ଅଭାବ, ଅସହାୟତା ଓ ଭାଗ୍ୟର ନିଷ୍ଠୁର ପରିହାସ ମଣିଷ ଜୀବନକୁ କେତେ ଦୁଃଖଦ କରିପାରେ, ତାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଶଙ୍ଖାରୀ ପଞ୍ଚାୟତ ଅନ୍ତର୍ଗତ ଚକନାଫରାଇ ଗ୍ରାମରେ। ଜଣେ ବୃଦ୍ଧା ମା'ଙ୍କ ଜୀବନରେ ଗୋଟିଏ ପରେ ଗୋଟିଏ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। ମାନସିକ ବିକାରଗ୍ରସ୍ତ ବଡ଼ପୁଅ ତିନି ବର୍ଷ ହେଲା ନିଖୋଜ। ବୋହୂ ଦୁଇ ନାବାଳକ ସନ୍ତାନଙ୍କୁ ଛାଡ଼ି ଅନ୍ୟତ୍ର ଚାଲିଯାଇଛନ୍ତି। ଆଉ ଏବେ ପରିବାରର ଏକମାତ୍ର ଆଶା ଓ ସହାରା ଥିବା ସାନପୁଅ ହାଇଦ୍ରାବାଦରେ ଦାଦନ ଖଟୁଥିବା ବେଳେ ଅକାଳରେ ପ୍ରାଣ ହରାଇଛନ୍ତି। ଏହା ପରେ ସମ୍ପୂର୍ଣ୍ଣ ପରିବାର ଯେପରି ଅନ୍ଧକାରରେ ବୁଡ଼ିଯାଇଛି।

ଚକନାଫରାଇ ଗ୍ରାମର ବାସିନ୍ଦା ବାସନ୍ତୀ ଜେନା (୬୮)ଙ୍କ ବଡ଼ପୁଅ ଗଣେଶ ଜେନା (୪୫) ମାନସିକ ବିକାରଗ୍ରସ୍ତ ଥିଲେ। ପ୍ରାୟ ତିନି ବର୍ଷ ପୂର୍ବରୁ ସେ ଘରୁ କୁଆଡ଼େ ଚାଲିଯାଇଥିଲେ। ଆଜି ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ମିଳିନାହିଁ। ଏହି ଘଟଣା ପରେ ତାଙ୍କ ବୋହୂ ମଧ୍ୟ ଦୁଇ ନାବାଳକ ପୁଅ-ଝିଅଙ୍କୁ ଛାଡ଼ି ଅନ୍ୟ ଜଣଙ୍କ ସହ ଚାଲିଯାଇଥିଲେ। ସେହି ଦୁଇ ଅବୋଧ ଶିଶୁଙ୍କ ଲାଳନ-ପାଳନର ଦାୟିତ୍ୱ ନେଇଥିଲେ ବାସନ୍ତୀଙ୍କ ସାନପୁଅ କାର୍ତ୍ତିକ ଚନ୍ଦ୍ର ଜେନା (୩୮)। ପରିବାରର ଭବିଷ୍ୟତକୁ ଆଖି ଆଗରେ ରଖି ସେ ନିଜେ ବିବାହ ନ କରି ଘରର ଦାୟିତ୍ୱ ବହନ କରୁଥିଲେ। ଘରର ଆର୍ଥିକ ଅବସ୍ଥା ସମ୍ପୂର୍ଣ୍ଣ ଦୟନୀୟ ଥିବାରୁ କାର୍ତ୍ତିକ ରୋଜଗାର ଆଶାରେ ଦାଦନ ଶ୍ରମିକ ଭାବେ ହାଇଦ୍ରାବାଦ ଯାଇଥିଲେ। ସେଠାରେ କାମ କରି ଯାହା ରୋଜଗାର କରୁଥିଲେ, ସେହି ଟଙ୍କାରେ ବୃଦ୍ଧା ମା' ଓ ଭାଇଙ୍କ ଅନାଥ ପୁଅ-ଝିଅଙ୍କ ପେଟ ପୋଷୁଥିଲେ। କିନ୍ତୁ ନିୟତିର ଖେଳ ଥିଲା କିଛି ଅଲଗା। ଗତ ୨୮ ତାରିଖ ରବିବାର ପ୍ରାୟ ଦିନ ୧୧ଟା ୪୦ ମିନିଟ୍ ସମୟରେ ହାଇଦ୍ରାବାଦର ଏକ ରାସ୍ତାରେ କାର୍ତ୍ତିକଙ୍କ ମୃତ୍ୟୁ ହୋଇଥିବା ଖବର ଗାଁରେ ପହଞ୍ଚିଥିଲା। ଏହି ଦୁଃଖଦ ସୂଚନା ପାଇବା ପରେ ବାସନ୍ତୀ ଜେନାଙ୍କ ପାଦ ତଳୁ ମାଟି ଖସିଯାଇଥିଲା। କାନ୍ଦି କାନ୍ଦି ସେ କହୁଛନ୍ତି, "ମୋ ପୁଅକୁ କିଏ ମାରିଦେଇଛି। ସେ ମୋତେ ଛାଡ଼ି କେବେ ଯିବାର ନଥିଲା। ପରିବାରର ଅତ୍ୟନ୍ତ ଦୟନୀୟ ଆର୍ଥିକ ସ୍ଥିତି ଯୋଗୁଁ ହାଇଦ୍ରାବାଦରୁ ଶବକୁ ଗାଁକୁ ଆଣିବା ସମ୍ଭବ ହୋଇନଥିଲା। ଫଳରେ ସେଠାରେ ହିଁ କାର୍ତ୍ତିକଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏବେ ଘରେ ପୁଅର ଶୁଦ୍ଧିକ୍ରିୟା କିପରି ସମ୍ପନ୍ନ ହେବ, ତାହାକୁ ନେଇ ବୃଦ୍ଧା ମା' ଗଭୀର ଚିନ୍ତାରେ ରହିଛନ୍ତି। ଘରେ ରୋଜଗାର କରିବାକୁ କେହି ନାହାନ୍ତି। ମିଳୁଥିବା ରେସନ ଚାଉଳ ମଧ୍ୟ ବନ୍ଦ ହୋଇଯାଇଛି। କେବଳ ମାସକୁ ମିଳୁଥିବା ଏକ ହଜାର ଟଙ୍କା ବାର୍ଦ୍ଧକ୍ୟ ଭତ୍ତାରେ କଷ୍ଟେମଷ୍ଟେ ଜୀବନ ଚାଲୁଛି। ଏବେ ବାସନ୍ତୀଙ୍କ କୋଳରେ ରହିଛନ୍ତି କେବଳ ନିଖୋଜ ବଡ଼ପୁଅଙ୍କ ଅନାଥ ପୁଅ-ଝିଅ। ସେମାନଙ୍କ ଭବିଷ୍ୟତ ଅନିଶ୍ଚିତ ହୋଇପଡ଼ିଛି। ପରିବାରର ସମସ୍ତ ଭରସା ଭାଙ୍ଗିପଡ଼ିଥିବା ବେଳେ କିପରି ଦୁଇ ଶିଶୁଙ୍କ ଲାଳନ-ପାଳନ କରିବେ ଓ ପୁଅର ଶୁଦ୍ଧିକ୍ରିୟା ସମ୍ପନ୍ନ କରିବେ, ସେହି ଚିନ୍ତାରେ ଦିନରାତି ଭାଙ୍ଗିପଡ଼ିଛନ୍ତି ଏହି ବୃଦ୍ଧା ମା'। ଏହି କରୁଣ ଘଟଣା ଗାଁରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି। ସ୍ଥାନୀୟ ଅଧିବାସୀ, ପଡ଼ୋଶୀ ଓ ଗ୍ରାମବାସୀ ବାସନ୍ତୀଙ୍କ ପରିବାରକୁ ସମବେଦନା ଜଣାଇବା ସହ ସରକାର ଓ ପ୍ରଶାସନ ତୁରନ୍ତ ଏହି ଅସହାୟ ପରିବାରକୁ ଆର୍ଥିକ ସହାୟତା, ରେସନ ସୁବିଧା ପୁନଃ ଯୋଗାଇ ଦେବା ସହିତ ଅନାଥ ଶିଶୁମାନଙ୍କ ଭବିଷ୍ୟତ ପାଇଁ ସ୍ଥାୟୀ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ସମାଜର ବଦାନ୍ୟ ବ୍ୟକ୍ତିମାନେ ମଧ୍ୟ ଏହି ଦୁଃଖୀ ପରିବାରକୁ ସହାୟତାର ହାତ ବଢ଼ାଇବାକୁ ଆଗେଇ ଆସିବାକୁ ସାଧାରଣରେ ଆହ୍ୱାନ କରାଯାଇଛି।

## ଅନ୍ଧବିଶ୍ୱାସ ଦୂରୀକରଣ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ

ନୀଳଗିରି, ୩୦।୬ (ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ନୀଳଗିରି ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଅନ୍ଧବିଶ୍ୱାସ ଦୂରୀକରଣ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ନୀଳଗିରି ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତର ଗ୍ରାମାଞ୍ଚଳ ମାନଙ୍କରେ ଯଥା ଧୋବ ଶିଳା, ମହିଷା ପଟା, ଅଯୋଧ୍ୟା ଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଆଭିମୁଖ୍ୟ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକ ମାନଙ୍କ ମଧ୍ୟରେ ଅନ୍ଧ ବିଶ୍ୱାସ, କୁସଂସ୍କାରରେ ବଶବର୍ତ୍ତୀ ହୋଇ ବିଭିନ୍ନ ପ୍ରକାର ଅପରାଧ ଘଟାଉଥିବାରୁ ତାହା ସାମାଜିକ ବ୍ୟାଧି ଏବଂ ତାହାକୁ ଦୂର କରିବା ବିଜ୍ଞାନ ଓ ଡ଼ାକ୍ତରୀ ଚିକିତ୍ସା ଦ୍ୱାରା ବିଭିନ୍ନ ରୋଗ ବ୍ୟାଧିକୁ ନିରାକରଣ ଉପରେ ଗୁରୁତ୍ୱ ଦେବାକୁ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହାକୁ ଗ୍ରାମାଞ୍ଚଳରେ ପ୍ରଚାର ପ୍ରସାର ମାଧ୍ୟମରେ ଦୂରୀକରଣ ନିମନ୍ତେ ପ୍ରଶାସନ ପକ୍ଷରୁ ଦୁଇ ଭାଇ ପାଲା। ଟୁପଡ ଗାୟକ ଚନ୍ଦ୍ର ମୋହନ ରାଉଳ ଏବଂ ସାଥୀଙ୍କ ଦ୍ୱାରା ପଥପ୍ରାନ୍ତ ପାଲା ପରିବେଷଣ କରାଯାଇଛି। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ଓଏସଡି ପୁରୁଷୋତ୍ତମ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି।

## ମା'ପୁଅଙ୍କୁ ବାଲି ମାଫିଆଙ୍କ ଆକ୍ରମଣ ଅଭିଯୋଗ

କାଳିପଦା, ୩୦।୬ (ସମିସ): ବାଲିଆପାଳ ଥାନା ଅନ୍ତର୍ଗତ ପାଳପଡ଼ା ଗ୍ରାମରେ ମଙ୍ଗଳବାର ପୂର୍ବାହ୍ନ ଦଶ ଘଟିକା ସମୟରେ ପାଳପଡ଼ା ଗ୍ରାମର ସାଧବ ଦାସ ଓ ଜିତୁ ଦାସ ବାଲି ଚୋରା ଚାଲାଣକୁ କେନ୍ଦ୍ର କରି ସୁବର୍ଣ୍ଣରେଖା ନଦୀ ବନ୍ଧ ଉପରେ ସେହି ଗ୍ରାମର ଏକ ନାବାଳକକୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣ ସମୟରେ ନାବାଳକର ମାଆ ଲତାମଣି ଦାସ ନିଜ ପୁଅକୁ ବଞ୍ଚାଇବାକୁ ଯାଇଥିବାରୁ ତାଙ୍କୁ ମଧ୍ୟ ସେମାନେ ଅପମାନିତ କରିବା ସହିତ ଶାରୀରିକ ନିର୍ଯାତନାର ଶିକାର ହୋଇଥିବା ନେଇ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପାଳପଡ଼ା ଗ୍ରାମର ସାଧବ ଦାସ ଓ ଜିତୁ ଦାସ ଦୀର୍ଘ ଦିନ ଧରି ସୁବର୍ଣ୍ଣରେଖା ନଦୀରୁ ବାଲି ଚୋରା ଚାଲାଣ କରି ଆସୁଥିଲେ। ବାରମ୍ବାର ପ୍ରଶାସନ ସେଠାରେ ଚଡ଼ାଉ କରି ଫେଲ ମାରିଥିବା ବେଳେ ଅଳ୍ପ ଦିନ ତାଳେ ବାଲିଆପାଳ ପୁଲିସ ଓ ଖଣି ବିଭାଗ ପକ୍ଷରୁ ବାଲି ଚୋରା ଚାଲାଣ ରାସ୍ତାକୁ ତାଡ଼ି ଦେବାରୁ ବାଲି ଚୋରା ଚାଲାଣ ବନ୍ଦ ହୋଇଛି। ଏହି ବାଲି ଚୋରା ଚାଲାଣର ବାବଦରେ ଉକ୍ତ ନାବାଳକ ମେଣ୍ଟୁ ଦାସର ସମ୍ପୃକ୍ତି ଥିବା ସନ୍ଦେହ କରି ଉଭୟ ଜିତି ଓ ସାଧବ ଦାସ ମେଣ୍ଟୁକୁ ଆକ୍ରମଣ କରି ଥିଲେ। ଏହି ଖବର ପାଇ ମାଆ ଲତାମଣି ପୁଅକୁ ଉଦ୍ଧାର କରିବାକୁ ଯାଇଥିବା ବେଳେ ଅସଦାଚରଣର ଶିକାର ହେବା ସହିତ ବହୁତ ମାଡ଼ ଖାଇ ଥିବା ନେଇ ଲିଖିତ ଅଭିଯୋଗରେ ପ୍ରକାଶ କରିଛନ୍ତି।

## ୩୦୦ ସାନିଟାରୀ ପ୍ୟାଡ୍ ବାଣ୍ଟିଲେ ବିଜେପି ନେତ୍ରୀ



ଜଳେଶ୍ୱର, ୩୦।୬ (ସମିସ) : ମହିଳା ସୁସ୍ଥ ସବଳ ରହିଲେ ସମାଜ ସମୃଦ୍ଧ ହେବ। ଏହି ଉକ୍ତିକୁ ପାଥେୟ କରି ଜଳେଶ୍ୱର ବ୍ଲକ କୋଟସାହି ପଞ୍ଚାୟତ, ବଙ୍ଗା ଆଦିବାସୀ ସାହିରେ ସାନିଟାରୀ ପ୍ୟାଡ୍ ବାଣ୍ଟିଲେ ଉତ୍ତର ବାଲେଶ୍ୱର ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ଅଳକା ଜେନା। ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ବୈଠକରେ ରାଜ୍ୟ କେନ୍ଦ୍ର ସରକାରଙ୍କ ନାରୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ମହିଳା ମାନେ ସ୍ୱାବଲମ୍ବୀ ହେବା ସହିତ, ସଚେତନ, ପରିଷ୍କାର ପରିଚ୍ଛନ୍ନ ଏବଂ ଆଖପାଖର ପରିବେଶ କୁ ସୁରକ୍ଷିତ ରଖିବା ଲାଗି ଆହ୍ୱାନ ଦେଇଥିଲେ। ୩ ଶହ ମାଁ ଭଉଣୀ ମାନଙ୍କୁ ସାନିଟାରୀ ପ୍ୟାଡ୍ ବଣ୍ଟନ ସହିତ ସଚେତନ କରିଥିଲେ। ପ୍ରଭାକର ନାଥ, ବିଶ୍ୱନାଥ ମହାନ୍ତି, ବଳରାମ ହେମ୍ବ୍ରମ, ବାବଲା ହେମ୍ବ୍ରମ, ଜିତାଂଶୁ ନାଥ, ଧରଣୀ ଜେନା, ଡିବରୁ ଟୁଡୁ, ଶଙ୍କର ଟୁଡୁ, କାର୍ତ୍ତିକ ମାରାଣ୍ଡି, ସତ୍ୟ ସାଧନ ନାଥ, ଶିଶିର ଜେନା, ନରୋତ୍ତମ ନାଥ, ବିବେକ ଜେନା, ସନ୍ତୋଷ ଜେନା, ସାଗର ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବଙ୍ଗୀୟ ମହିଳାଙ୍କୁ ଯୁବକଙ୍କ ଦୁର୍ବ୍ୟବହାର ଅଭିଯୋଗ

ଚନ୍ଦନେଶ୍ୱର, ୩୦।୬ (ସମିସ) : ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ଚନ୍ଦନେଶ୍ୱର -ଜଳେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥ ନେଗୁଆଁ ଛକଠାରେ ଜଣେ ବଙ୍ଗୀୟ ମହିଳା ସ୍କୁଟିରେ ଯାଉଥିବା ବେଳେ ପଛପଟୁ ଜଣେ ଯୁବକ ବାଇକରେ ଗୋଡ଼ାଇ ଗୋଡ଼ାଇ ନିଛାଟିଆ ଜାଗାରେ ମହିଳାଙ୍କ ଇଲେକ୍ଟ୍ରି ସ୍କୁଟିକୁ ପଛ ପଟୁ ଧକ୍କା ଦେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମହିଳାଙ୍କ ବେକରୁ ଓଢ଼ଣୀ ଟାଣି ଜୀବନରୁ ମାରିଦେବାକୁ ଧମକ ଦେବା ଘଟଣା ବିଷୟରେ ବଙ୍ଗୀୟ ମହିଳା ଜଣକ ସ୍ଥାନୀୟ ଚନ୍ଦନେଶ୍ୱର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ଅଭିଯୋଗକୁ ୧୫ ଦିନ ବିତିଯିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ପୁଲିସ ଗ୍ରହଣ କରି ନ ଥିବା ଦେଖିବାକୁ ମିଳିଛି। ପ୍ରାପ୍ତ ବିବରଣୀରୁ ପ୍ରକାଶ, ପଡ଼ୋଶୀ ପଶ୍ଚିମବଙ୍ଗ ରାମ ନଗର ଥାନା ଅଞ୍ଚଳର ନାରଦଣ୍ଡା ଗାଁର ଚନ୍ଦନ କର ଓ ତାଙ୍କ ପତ୍ନୀ ଅନୁଶ୍ରୀ କର (୩୦) ଭୋଗରାଇ ଥାନା ଅଧୀନ ସୋହରିଆ ଗାଁରେ ଘର ଭଡ଼ା ନେଇ ବିଗତ ଦୁଇ ବର୍ଷ ଧରି ରହନ୍ତି। ଚଳିତ ମାସ ଗତ ୧୫ତାରିଖରେ ଅନୁଶ୍ରୀ ଚନ୍ଦନେଶ୍ୱର ବଜାରରୁ ଘରକୁ ଫେରୁଥିବା ବେଳେ କଖଡ଼ା ପଞ୍ଚାୟତ ଅନ୍ତର୍ଗତ ତଲାଡି ଗାଁର ସ୍ୱର୍ଗତଃ କାଳିଚରଣ ଦାସଙ୍କ ପୁଅ ପ୍ରଶାନ୍ତ ଦାସ(୩୫) ତାଙ୍କୁ ଏକ ବାଇକ ଯୋଗେ ଗୋଡ଼ାଇ ଯାଇ ନେଗୁଆଁ ଛକରୁ ଅନତି ଦୂରରେ ରାସ୍ତାରେ ମହିଳାଙ୍କ ଇଲେକ୍ଟ୍ରି ସ୍କୁଟିକୁ ପଛପଟୁ ଧକ୍କା ଦେଇଥିଲେ। ଫଳରେ ମହିଳା ଜଣକ ଇତସ୍ତତଃ ହୋଇ ଗାଡ଼ି ଅଟକାଇବା ପରେ ସ୍କୁଟିର ଚାବି ଓ ମହିଳାଙ୍କ ବେକରୁ ଓଢ଼ଣି ଖୋଲି ନେଇ ଅଶ୍ଳୀଳ କଥା କହି ଦୁର୍ବ୍ୟବହାର କରିବା ସହିତ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ମହିଳା ଜଣକ ଭୟଭୀତ ହୋଇ ସାହାଯ୍ୟ ପାଇଁ ଚିତ୍କାର କରିବାରୁ ପଥଚାରି ଓ ବ୍ୟବସାୟୀ ଘଟଣାସ୍ଥଳରେ ପହଞ୍ଚିବା ପରେ ପ୍ରଶାନ୍ତ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା । ମାତ୍ର ପୁଲିସ ଅଭିଯୁକ୍ତ ଯୁବକ ନାମରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ପରିବାର ଲୋକେ ବାରମ୍ବାର ଫାଣ୍ଡିକୁ ଦୌଡ଼ି ନିରାଶ ହେବା ପରେ ଆଜି ସକାଳେ ସ୍ଥାନୀୟ ଭଦ୍ର ବ୍ୟକ୍ତି ଓ ପରିବାର ସହିତ ଅଭିଯୋଗକାରିଣୀ ଅନୁଶ୍ରୀ ଚନ୍ଦନେଶ୍ୱର ଫାଣ୍ଡିକୁ ଆସି ଅପେକ୍ଷା କରିଥିଲେ ମଧ୍ୟ ଅଭିଯୁକ୍ତ ପ୍ରଶାନ୍ତ ଦାସ ନ ଆସିବାରୁ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ଫାଣ୍ଡି ଅଧିକାରୀ ବନ ବିହାରୀ ଶତପଥୀ ପ୍ରକାଶ କରିଛନ୍ତି।

## ବିନା ବିକଳ୍ପରେ ଶିକ୍ଷକ ବଦଳି, ଅଭିଭାବକଙ୍କ ଆନ୍ଦୋଳନ ଚେତାବନୀ

ଖଇରା, ୩୦।୬ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପ୍ରାଥମିକ ବିଦ୍ୟାଳୟରେ କୌଣସି ଶିକ୍ଷକ ନିଯୁକ୍ତି ନ ଦେଇ ଜଣେ ଶିକ୍ଷୟିତ୍ରୀଙ୍କୁ ବଦଳି କରିବାପାଇଁ ପ୍ରକ୍ରିୟା ଚାଲିଥିବାରୁ ପରିଚାଳନା କମିଟି ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯଦି ଶିକ୍ଷାବିଭାଗ ଏଭଳି ନିଷ୍ପତ୍ତିରୁ କ୍ଷାନ୍ତ ନହୁଏ ତେବେ ପରିଚାଳନା କମିଟି ସଭାପତି ଦିପକ ମହାରଣାଙ୍କ ନେତୃତ୍ୱରେ ପରିଚାଳନା କମିଟିର ସମସ୍ତ ସଦସ୍ୟ ତଥା ଶହଶହ ସଂଖ୍ୟାର ଅଭିଭାବକ ତଥା ଗ୍ରାମବାସୀ ଆନ୍ଦୋଳନରେ ସାମିଲ ହେବାକୁ ଚେତାବନୀ ଦେବା ସହ ଖଇରା ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ବିଦ୍ୟାଳୟରେ ଏବେ ୫ଟି ଶ୍ରେଣୀରେ ୧୩୦ଜଣ ପିଲା ଅଧ୍ୟୟନ କରୁଥିବା ବେଳେ ଏବେ ମାତ୍ର ୩ଜଣ ଶିକ୍ଷକ ଦାୟିତ୍ୱରେ ଅଛନ୍ତି। ଏବେ ଏଠାରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ରୋଜାଲୀ ଦିବ୍ୟଜ୍ୟୋତି ପଣ୍ଡାଙ୍କୁ ଅନ୍ୟତ୍ର ବଦଳୀ ପାଇଁ ଶିକ୍ଷାବିଭାଗ ପ୍ରସ୍ତୁତି ଚଳାଇଥିବା ଖବର ପରିଚାଳନା କମିଟି ପାଇବା ପରେ ଏଥିନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଚିନ୍ତା ରେ ପକାଇଛି। ଏ ସମ୍ପର୍କରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂଙ୍କୁ ଯୋଗାଯୋଗ କରିବାରେ ଏହି ବଦଳୀ ଜିଲା କାର୍ଯ୍ୟାଳୟ ମାଧ୍ୟମରେ କରାଯାଉଥିବାରୁ ଏଥିରେ ତାଙ୍କର କିଛି କରିବାର ନାହିଁ ବୋଲି କହିଛନ୍ତି।

## ହାଇଦ୍ରାବାଦରୁ ନାବାଳିକାକୁ ଉଦ୍ଧାର କଲା ନୀଳଗିରି ପୁଲିସ

ନୀଳଗିରି, ୩୦।୬ (ସମିସ): ନୀଳଗିରି ଥାନା ଇଶ୍ୱରପୁର ଫାଣ୍ଡି ଅଞ୍ଚଳରେ ଏକ ନାବାଳିକା ନିଖୋଜ ନେଇ ଗତ ୩/୩/୨୬ରେ ନାବାଳିକାର ବାପା ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ନୀଳଗିରି ପୁଲିସ ଘଟଣାର ଅନୁସନ୍ଧାନ ଚଳାଇଥିଲା। ଏହା ଭିତରେ ନାବାଳିକାର ଭାଇ ପୁଲିସ ବିରୁଦ୍ଧରେ ସୋସିଆଲ ମିଡିଆରେ ଭାଇରାଲ କୁ ନୀଳଗିରି ପୁଲିସ ଖାତିର ନ କରି ଶେଷରେ ମୋବାଇଲ ଟ୍ରାପ୍ କରି ହାଇଦ୍ରାବାଦ ଚେଲାପଲ୍ଲି ଥାନା ନିକଟସ୍ଥ ଚେଲ୍ଲା ପଲ୍ଲୀ ରେଳ ଷ୍ଟେସନ ନିକଟରେ ଏକ ଫ୍ୟାନ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ନୀଳଗିରି ପୁଲିସ ନାବାଳିକାକୁ ଉଦ୍ଧାର କରି ନୀଳଗିରି ଆଣିଛନ୍ତି। ଥାନରେ ପହଞ୍ଚିବା ପରେ ନାବାଳିକାର ମେଡିକାଲ ଟେଷ୍ଟ, ୧୬୧ଧାରାର ବୟାନ ପରେ ମାନ୍ୟବର କୋର୍ଟରେ ୧୬୪ବୟାନ ରେକର୍ଡ ପରେ ନାବାଳିକାକୁ ବାଲେଶ୍ୱର ସି.ଡବ୍ଲୁ.ସି କୁ ପଠାଇ ଦିଆଯାଇଛି।

## ତିନି ପଟିଦିଅଁ ୮ ଜଗନ୍ନାଥ ମନ୍ଦିରକୁ ବିଜେ



ବାଲେଶ୍ୱର, ୩୦।୬ (ସମିସ): ନୋସି କଲଚରାଲ ଏକାଡ଼େମୀ ଓ ବାଲେଶ୍ୱରୀ କଳା କେନ୍ଦ୍ରର ମିଳିତ ସହଯୋଗରେ ବାମପଦାସ୍ଥ ନୋସି ଉତ୍କଳାରେ ଆୟୋଜିତ ୬ ଦିନିଆ ୧୨ତମ ପଟିଦିଅଁ ଅଙ୍କନ ଉତ୍ସବର ଅନ୍ତିମ ଦିବସରେ ଅନନ୍ତ ନାରାୟଣ, ଅନନ୍ତ ବାସୁଦେବ ଓ ମା' ଭୁବନେଶ୍ୱରୀ ପଟିଦିଅଁ ଆଠଟି ଜଗନ୍ନାଥ ମନ୍ଦିରକୁ ବିଜେ କଲେ। ନୀଳଗିରି, ଶାସଙ୍ଗ, ଜୟଦେବ କସବା, ଗଣେଶ୍ୱର ପୁର, ମଧୀପୁର, ବେତନଟି, ଛଣପୁର, ଦୁବଲାଗଡି ଜଗନ୍ନାଥ ମନ୍ଦିରରୁ ଜଗନ୍ନାଥଙ୍କ ଆଜ୍ଞା ମାଳ ଧରି ପଣ୍ଡା ପୂଜକ ଓ ମନ୍ଦିରର କର୍ମକର୍ତ୍ତା ସହ ତୁରୀ, ଭେରି, ଘଣ୍ଟ, ଖୋଳ, କରତାଳର ସଂକୀର୍ତ୍ତନ ମଣ୍ଡଳୀ ଜଗନ୍ନାଥଙ୍କ ଭଜନ କୀର୍ତ୍ତନ କରି ପଟିଦିଅଁ ଅଙ୍କନ ସ୍ଥଳୀରେ ପହଞ୍ଚିଥିଲେ ସନ୍ଧ୍ୟା ୬ ଘଟିକାରେ। ଅପରାହ୍ନ ୪ ଘଟିକାରେ ଶିଳ୍ପୀ କେଶୁ ଦାସ, ଅରୁଣ ବାରିକ, ଦେବାଶିଷ ପତି, ରୂପକ ଦାସ, ଗଦାଧର ମହାନ୍ତି, ପପୁନ ପ୍ରଧାନ, ପ୍ରଦୀପ ବାଡ଼ି, ଶୁଭମ୍ ରାଉତ, ସମୀର ବେହେରା, ବୀରେନ ଦାସ ପ୍ରମୁଖ ସମସ୍ତ ଚିତ୍ରକର ମାନେ ଉପସ୍ଥିତ ରହି ପଟିଦିଅଁଙ୍କୁ ଯଥାବିଧି କରିଥିଲେ। ତୂରୀ, ଭେରି, ଘଣ୍ଟ ଖୋଳ କରତାଳ, ଶଙ୍ଖ ଧ୍ୱନିର ନାମ ସଂକୀର୍ତ୍ତନ ସହ ଜୟ ଜଗନ୍ନାଥ, ଜୟ ପଟିଦିଅଁ ଧ୍ୱନିରେ ପ୍ରକମ୍ପିତ ହୋଇ ଥିଲା ସମ୍ପୂର୍ଣ୍ଣ ପରିସର। ଚାନ୍ଦିପୁର ପିକ୍ସଇର ଡାଇରେକ୍ଟର ଡ ସୁବୋଧ କୁମାର ନାୟକ ସହ ବହୁ କର୍ମଚାରୀ, ନୋସି ସମସ୍ତ କର୍ମକର୍ତ୍ତା, ଜଗନ୍ନାଥ ପ୍ରେମୀ ଯୋଗ ଦେଇ ଦିବ୍ୟ ଭବ୍ୟ ଓ ଆକର୍ଷଣୀୟ ପଟିଦିଅଁ ବିଜେ ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ଏହି ଅବକାଶରେ ଜଉକଣ୍ଢେଇ ପାଇଁ କଳା ଉତ୍ସବରେ ଜାତୀୟ ପୁରସ୍କାର ପ୍ରାପ୍ତ ଶିଳ୍ପୀ ସମୀର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୬ ଦିନ ଧରି ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ପ୍ରଶାନ୍ତ ବେହେରା, ରାଘବ ବିଶ୍ୱାଳ, ଶୁଭ୍ରାଂଶୁ ଶେଖର ସାହୁ, ଶଶାଙ୍କ ଶେଖର ସାହୁ, ସୁନାରାମ ସିଂ ପ୍ରମୁଖ ଆନ୍ତରିକ ସହଯୋଗ କରିଥିଲେ।

## ନିୟମିତ ମିଳୁନି ଭତ୍ତା; ଆଧାର ଲିଙ୍କ୍ ପାଇଁ ଚେତାବନୀ

ଖଇରା, ୩୦।୬ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକରେ ଏପର୍ଯ୍ୟନ୍ତ ବୁଢାବୁଢୀ ଓ ଦିବ୍ୟାଙ୍ଗଙ୍କୁ ସାମାଜିକ ସୁରକ୍ଷାରେ ଭତ୍ତା ଠିକରେ ମିଳିନଥିବାରୁ ସେମାନେ ବାରଦୁଆର ହେଉଛନ୍ତି। ହେଲେ ଏମିତି ଅବସ୍ଥାରେ ଡିବିଟି ପାଇଁ ଜମାଖାତାକୁ ଆଧାର ସହ ଲିଙ୍କ କରିବାକୁ ଚିଠି ମାଧ୍ୟମରେ ସଚିବ ତଥା ଜିଲାପାଳଙ୍କ ଚେତାବନୀ ଭତ୍ତାଧାରୀଙ୍କ ପାଇଁ ବୋଝ ଉପରେ ନଳିତାବିଡା ସାଜିଛି। ସମସ୍ତଙ୍କୁ ନିୟମିତ ଭତ୍ତା ନ ମିଳିବା ପର୍ଯ୍ୟନ୍ତ ପ୍ରଶାସନର ଏଭଳି ନିର୍ଦ୍ଦେଶକୁ ସ୍ଥଗିତ ରଖିବାକୁ ଭତ୍ତାଧାରୀ ଦାବି କରିଛନ୍ତି। ଖଇରା ବ୍ଲକରେ ମୋଟ ୧୭ହଜାର୨୩୧ଜଣଙ୍କୁ ମଧୁବାବୁ ଯୋଜନାରେ ଭତ୍ତା ନେଉଥିବା ବେଳେ ଇନ୍ଦିରାଗାନ୍ଧୀ ଜାତୀୟ ପେନସନ ଯୋଜନାରେ ୭ହଜାର ୯୯୨ଜଣଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ସଫ୍ଟଓ୍ୟାର ଅପଡେଟ ନାମରେ ଇନ୍ଦିରାଗାନ୍ଧୀ ଯୋଜନାରେ ହିତାଧିକାରୀ ମାନଙ୍କୁ ୩ମାସ ଧରି ଭତ୍ତାରୁ ବଞ୍ଚିତ କରି ରଖାଯାଇଥିଲା। ଏବେ ଧାରଣା ଆନ୍ଦୋଳନ ପରେ ୭ହଜାର୮୮୪ଜଣଙ୍କ ୨ମାସର ଭତ୍ତା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ଏବଂ ଏ ପର୍ଯ୍ୟନ୍ତ ୧୦୮ଜଣଙ୍କୁ ୩ ମାସ ଭତ୍ତା ମିଳିପାରିନାହିଁ। ଏଭଳି ପରିସ୍ଥିତିରେ ଜିଲାପାଳ ଓ ସଚୀବଙ୍କ ଚିଠି ବିଧବା, ବୁଢା, ବୁଢୀ ଓ ଦିବ୍ୟାଙ୍ଗଙ୍କୁ ମାନସିକ ସ୍ତରରେ ଭାରାକ୍ରାନ୍ତ କରିଛି। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ସଚିବଙ୍କ ତରଫରୁ ସମସ୍ତ ଜିଲାପାଳଙ୍କୁ ରାଜ୍ୟର ୩ଲକ୍ଷ ୩୫ହଜାର ୮୫୦ ଆଧାରକୁ ଆକାଉଣ୍ଟ ସହ ଲିଙ୍କ କରିବାକୁ ଚିଠି ନଂ ୬୫୩୩/ଏସଏସଇପିଡି-ଏସଏସ୨-ଏସଏସ-୦୦୦୩-୨୦୨୬ ରେ କୁହାଯାଇଛି। ସେହିଭଳି ସଚୀବଙ୍କ ଚିଠି ଆଧାରରେ ଜିଲା ର ୧୭ ହଜାର ୩୫୪ଜଣ ଏବଂ ଖଇରା ବ୍ଲକରେ ୮ଶହ ଭତ୍ତାଧାରୀଙ୍କ ଆଧାର ଲିଙ୍କ ପାଇଁ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟଣାରେ ଅଭିଯୁକ୍ତକୁ ଗିରଫ ଦାବି

ଖଇରା, ୩୦।୬ (ସମିସ): ଖଇରା ଥାନା ତେନ୍ତୁଳିଆପଡା ଗ୍ରାମର ଯଦୁନାଥ ମାଝୀଙ୍କ ପୁତୁରା ଚିନ୍ମୟ ମାଝୀ(୨୮) ଅଜଣା ବାଇକ ଧକ୍କାରେ ମୃତ୍ୟୁ ବରଣ କରିଛନ୍ତି। ଦୁର୍ଘଟଣା ଘଟାଇ ଫେରାର ହୋଇ ଯାଇଥିବା ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାଦା ଉମାକାନ୍ତ ମାଝୀ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ୨୮ ତାରିଖ ଦିନ ତାଙ୍କ ଶଳା ରମେଶ ବିହାରୀ ତାଙ୍କ ପୁତୁରାକୁ ବାଇକ ବସାଇ କୁପାରୀ-ସୋର ରାସ୍ତାରେ ବାଲେଶ୍ୱର ଯାଉଥିଲେ। ରାସ୍ତାର ପିତାକାଳିଆ ନିକଟରେ ବିପରିତ ଦିଗରୁ ଆସୁଥିବା ଏକ ବାଇକ ମାମୁଁଭାଣଜାଙ୍କୁ ଧକ୍କା ଦେଇ ଦ୍ରୁତ ଗତିରେ ପଳାଇଥିଲା। ସୋର ଥାନାର ପିସିଆର ଭ୍ୟାନ ଅତିକ୍ରମ କରୁଥିବା ବେଳେ ଗୁରୁତର ଚିନ୍ମୟଙ୍କୁ ନେଇ ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସୋରରୁ ସ୍ଥାନାନ୍ତର କରାଯାଇ ବାଲେଶ୍ୱର ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

## ମନ୍ଦିରରୁ ମହିଳାଙ୍କ ମୃତଦେହ ଉଦ୍ଧାର

ବାଲେଶ୍ୱର, ୩୦।୬ (ସମିସ): ସହଦେବଖୁଣ୍ଟାସ୍ଥିତ ଲୋକନାଥ ମନ୍ଦିର ପରିସରରୁ ଆଜି ଜଣେ ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ସ୍ଥାନୀୟ ପୂଜକ ମନ୍ଦିର ପରିସରରେ ମହିଳାଙ୍କ ମୃତଦେହ ପଡିଥିବା ଦେଖି ତୁରନ୍ତ ୧୧୨କୁ ଫୋନ କରି ସୂଚନା ଦେଇଥିଲେ। ଖବର ପାଇ ସହଦେବଖୁଣ୍ଟା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମୃତ ମହିଳାଙ୍କ ପରିଚୟ ମିଳିପାରିନାହିଁ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମହିଳାଙ୍କ ପରିଚୟ ଜାଣିବା ପାଇଁ ଆଖପାଖ ଅଞ୍ଚଳରେ ପଚରାଉଚରା ଚାଲିଛି।

## ପୂର୍ବତନ ପ୍ରଧାନଶିକ୍ଷକ ଆଶୁତୋଷ ଦାସଙ୍କ ବିୟୋଗରେ ଶୋକ

ବାଲେଶ୍ୱର, ୩୦।୬ (ସମିସ): ରାଣୀପାଟଣା ବ୍ୟାଙ୍କ କଲୋନୀ ନିବାସୀ ତଥା ହଳଦୀପଦା ଅଗ୍ରୱାଲା ବିଦ୍ୟାପୀଠର ପୂର୍ବତନ ପ୍ରଧାନଶିକ୍ଷକ ଆଶୁତୋଷ ଦାସଙ୍କ ପବିତ୍ର ସ୍ନାନପୂର୍ଣ୍ଣିମାରେ ୮୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ବିଭିନ୍ନ ହାଇସ୍କୁଲରୁ ପ୍ରଧାନଶିକ୍ଷକ ରୂପେ ସୁଚାରୁ ରୂପେ କାର୍ଯ୍ୟ କରି ୨୦୦୧ରେ ଅବସର ଗ୍ରହଣ କରି ରାଣୀପାଟଣାରେ ଘର କରି ରହିଆସୁଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ଆଜି ସକାଳେ ସମାଜସେବୀ ଦିଲ୍ଲୀପ କୁମାର ସାହୁ, ହଳଦୀପଦା ପୁରାତନ ଛାତ୍ରସଂସଦର ସଭାପତି ଉପେନ୍ଦ୍ରନାଥ ସାହୁ, ସଂପାଦକ କ୍ଷିତୀଶ ଚନ୍ଦ୍ର ଜେନା, ବରିଷ୍ଠ ଛାତ୍ର ତ୍ଥା ଉପଦେଷ୍ଟା ତାପସ କୁମାର ନନ୍ଦ, ଅକ୍ଷୟ କୁମାର ତ୍ରିପାଠୀ, ପୁରାତନ ଅବସରପ୍ରାପ୍ତ ଶିକ୍ଷକ ଡ. କୁମାର ଚନ୍ଦ୍ର ମିଶ୍ର, ଛାତ୍ର ଅକ୍ଷୟ କୁମାର ଦାସ, ସ୍ନେହଲତା ପତି ଏବଂ ବହୁ ଛାତ୍ରଛାତ୍ରୀ, ସମାଜସେବୀ, ବୁଦ୍ଧିଜୀବୀ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ରହି ଶେଷଦର୍ଶନ କରିଥିଲେ। ଇତ୍ୟବସରରେ ତାଙ୍କର ପ୍ରଥମ କର୍ମସ୍ଥଳୀ ହଳଦୀପଦା ଅଗ୍ରୱାଲା ବିଦ୍ୟାପୀଠରେ ବର୍ତ୍ତମାନ ପ୍ରଧାନଶିକ୍ଷକଙ୍କ ସଭାପତିତ୍ୱରେ ସବୁ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସତ୍କାର କରାଯାଇଛି।

## କବିତା ପୁସ୍ତକ 'ପ୍ରକୃତି ମାଧୁରୀ' ଏବଂ 'ଅନ୍ତର୍ବୋଧ' ଉନ୍ମୋଚିତ



ବାଲେଶ୍ୱର, ୩୦।୬ (ସମିସ): 'ସୁବର୍ଣ୍ଣଶ୍ରୀ' ପ୍ରକାଶିନୀ ପକ୍ଷରୁ ପ୍ରକାଶିତ କେନ୍ଦ୍ରୀୟ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଆଦର୍ଶ ଶିକ୍ଷକ ସୁଶାନ୍ତ କୁମାର ମହାପାତ୍ରଙ୍କ ଦୁଇଟି କବିତା ପୁସ୍ତକର ଶୁଭ ଉନ୍ମୋଚନ ଉତ୍ସବ ଷ୍ଟେସନ କ୍ଲବ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣଶ୍ରୀ ପ୍ରକାଶିନୀର ପ୍ରତିଷ୍ଠାତା ଡ଼କ୍ଟର କାଳୀପଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଅମୃତବାଣୀ ସେବା ପ୍ରତିଷ୍ଠାନର ପ୍ରତିଷ୍ଠାତା ଡ଼କ୍ଟର କୁମାର ଚନ୍ଦ୍ର ମିଶ୍ର, ଧ୍ୱନି ପ୍ରତିଧ୍ୱନିର ସମ୍ପାଦିକା କବି ସୈରିନ୍ଧ୍ରୀ ସାହୁ, ସୃଜନାକ୍ଷରର ସମ୍ପାଦକ କବି ଡକ୍ଟର ରାଧାରଞ୍ଜନ ପଟ୍ଟନାୟକ ପୁସ୍ତକ ପ୍ରକୃତି ମାଧୁରୀ ଏବଂ ଅନ୍ତର୍ବୋଧକୁ ଉନ୍ମୋଚନ କରି ପୁସ୍ତକ ଦୁଇଖଣ୍ଡ ପାଠକଙ୍କ ପାଇଁ ବେଶ୍ ସୁଖପାଠ୍ୟ ଓ ସଙ୍ଗ୍ରହଣୀୟ ବୋଲି ମତବ୍ୟକ୍ତ କରିଥିଲେ। ଲେଖକ ସୁଶାନ୍ତ କୁମାର ମହାପାତ୍ର ଦୀର୍ଘ ବର୍ଷର ତାଙ୍କ କବିତା ରଚନା ମଧ୍ୟରେ ତାଙ୍କ ଚିନ୍ତା ଓ ପରିକଳ୍ପନାର ଅନ୍ତର୍କଥା ଉପସ୍ଥାପନ କରିଥିଲେ। ଲେଖକଙ୍କ ପତ୍ନୀ ତଥା କେନ୍ଦ୍ରୀୟ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଅର୍ଚ୍ଚନା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ତାନଶ୍ରୀ ପାଣିଗ୍ରାହୀ ମଞ୍ଚ ସଞ୍ଚାଳନା କରିଥିଲେ ଓ ଶାଶ୍ୱତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମୌସୁମୀ ମୁକାବିଲା ପାଇଁ ଟିପିଏନ୍‌ଓଡିଏଲର ପ୍ରସ୍ତୁତି

ବାଲେଶ୍ୱର, ୩୦।୬ (ସମିସ)



ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ମୌସୁମୀ ବର୍ଷା ପ୍ରସ୍ତୁତି ଅଭିଯାନର ପଦକ୍ଷେପ ସ୍ୱରୂପ ବିଭିନ୍ନ ବୈଦ୍ୟୁତିକ ସୁରକ୍ଷା ପଦକ୍ଷେପ ପ୍ରତି ଗୁରୁତ୍ୱ ଦିଆଯାଇଛି। ମୌସୁମୀ ଋତୁରେ ଉପଭୋକ୍ତାଙ୍କ ପାଇଁ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବାକୁ ଟିପିଏନ୍‌ଓଡିଏଲ୍ ଲକ୍ଷ୍ୟ ରଖିଥିବା ବେଳେ ଉପଭୋକ୍ତା, କର୍ମଚାରୀଙ୍କ ପାଇଁ ସମସ୍ତ ସୁରକ୍ଷା ପଦକ୍ଷେପ ଗ୍ରହଣ କରିଛି। ସଚେତନ ଓ ଦାୟିତ୍ୱବାନ ଆଭିମୁଖ୍ୟ ଗ୍ରହଣ କରିବା ଲାଗି କମ୍ପାନି ପକ୍ଷରୁ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି। ମୌସୁମୀ ଋତୁରେ ଦେଖାଦେଉଥିବା ବିଦ୍ୟୁତ୍ ଜନିତ ଘଟଣାଗୁଡ଼ିକୁ ନଜରରେ ରଖି କେତେକ ସରଳ ପ୍ରତିଷେଧମୂଳକ ପଦକ୍ଷେପ ଘୋଷଣା ମଧ୍ୟ କରାଯାଇଛି। ଏହା ଦ୍ୱାରା ବର୍ଷା ଋତୁରେ ବିଦ୍ୟୁତ୍ ସୁରକ୍ଷା ସୁନିଶ୍ଚିତ ହୋଇପାରିବ ଓ ଧନଜୀବନ ସୁରକ୍ଷିତ ରହି ପାରିବ। ଜଳମଗ୍ନ କିମ୍ବା ମିଟର କ୍ୟାବିନ୍‌ରେ ଲିକେଜ୍ ଭଳି ଘଟଣାରେ ମେନ୍ ସ୍ୱିଚକୁ ବନ୍ଦ କରିବା, ଓ୍ୟାରିଂରେ କିଛି ପରିବର୍ତ୍ତନ ହୋଇଥିଲେ ତାକୁ ଭଲ ଭାବେ ଯାଞ୍ଚ କରିବା, ଜଣେ ଲାଇସେନ୍ସପ୍ରାପ୍ତ ଇଲେକ୍ଟ୍ରିସିଆନଙ୍କ ଦ୍ୱାରା ତାହା ପରୀକ୍ଷା କରିବାକୁ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି। କୌଣସି ବିଦ୍ୟୁତ୍ ଭିତ୍ତିଭୂମିକୁ ଓଦା ହାତରେ ସ୍ପର୍ଶ ନ କରିବା, ଅନୁମୋଦିତ ଲୋଡ୍‌ଠାରୁ ଅଧିକ ବିଦ୍ୟୁତ୍ ବ୍ୟବହାର ନ କରିବାକୁ ମଧ୍ୟ କୁହାଯାଇଛି। ମୌସୁମୀ ଋତୁରେ ତଳେ ପଡ଼ିଥିବା ବିଦ୍ୟୁତ୍ ତାର ଉପରେ ଗାଡ଼ି ନ ଚଳାଇବା, ଷ୍ଟ୍ରିଟ୍‌ଲାଇଟ୍ ଖୁଣ୍ଟ କିମ୍ବା ବଣ୍ଟନ ସ୍ତମ୍ଭରେ ଯଦି କୌଣସି ସ୍ପାର୍କ ଦେଖାଯାଉଛି; ତେବେ ତାକୁ ସ୍ପର୍ଶ ନ କରି ତୁରନ୍ତ ଉପଭୋକ୍ତା ସହାୟତା ନମ୍ବରରେ ଯୋଗାଯୋଗ ଯୋଗାଯୋଗ କରିବା, ଟ୍ରାନ୍ସଫର୍ମର ଓ ବିଦ୍ୟୁତ ଖୁଣ୍ଟି ନିକଟରେ ଅଳିଆ ନ ପକାଇବା, ବିଶେଷତଃ ପିଲାଙ୍କୁ ବିଦ୍ୟୁତ ଭିତ୍ତିଭୂମି ନିକଟକୁ ନଛାଡିବା ପାଇଁ ଟିପିଏନଓଡିଏଲ ପକ୍ଷରୁ ଦର୍ଶାଯାଇଛି। ବିଦ୍ୟୁତ ସେବା ସମ୍ପର୍କିତ ଯେ କୌଣସି ସହାୟତା ପାଇଁ ଉପଭୋକ୍ତା ସହାୟତା ନମ୍ବର ୧୮୦୦-୩୪୫-୬୭୧୮ କିମ୍ବା ୧୯୧୨କୁ କଲ୍ କରିବାକୁ ଟିପିଏନ୍‌ଓଡିଏଲ୍ ପକ୍ଷରୁ ଦର୍ଶାଯାଇଛି। ଏ ସମ୍ପର୍କରେ ଟିପିଏନଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଦୁଷ୍ୟନ୍ତ କୁମାର ତ୍ୟାଗୀ କହିଛନ୍ତି ଯେ, ସୁରକ୍ଷା ହେଉଛି ଟିପିଏନଓଡିଏଲର ସର୍ବୋଚ୍ଚ ପ୍ରାଥମିକତା। ବର୍ଷା ଋତୁରେ ଧନଜୀବନ ସୁରକ୍ଷା ସହିତ ଗୁଣାତ୍ମକ ବିଦ୍ୟୁତ୍ ସରବରାହ ନିଶ୍ଚିତ କରିବାକୁ କମ୍ପାନୀ ପ୍ରତିବଦ୍ଧ ରହିଛି। ଏହା ସହ ସମସ୍ତ ଉପଭୋକ୍ତାଙ୍କୁ ସଚେତନ ରହିବା ତଥା ବୈଦ୍ୟୁତିକ ସୁରକ୍ଷା ପଦ୍ଧତିକୁ ଅନୁସରଣ କରିବାକୁ ଶ୍ରୀ ତ୍ୟାଗୀ ପରାମର୍ଶ ଦେଇଛନ୍ତି। ମୌସୁମୀ ଋତୁକୁ ଦୃଷ୍ଟିରେ ରଖି ଟିପିଏନଓଡିଏଲ ଗତ କିଛିବର୍ଷ ମଧ୍ୟରେ ଅନେକ ପଦକ୍ଷେପ ନେବା ସହ ଏହି ଦିଗରେ ପ୍ରୟାସକୁ ଦ୍ୱିଗୁଣିତ କରିଛି। ଭିତ୍ତିଭୂମି ସୁଦୃଢ଼ୀକରଣ ଏବଂ ତ୍ୱରିତ ସମାଧାନ ଦିଗରେ ଗୁରୁତ୍ୱ ଦେଇ କମ୍ପାନୀ ମୌସୁମୀ ଋତୁରେ ପ୍ରତିକୂଳ ସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତ ଅଛି। ସୁରକ୍ଷା ପଦ୍ଧତିକୁ ଗୁରୁତ୍ୱ ଦେବା ସହ କ୍ଷେତ୍ର କର୍ମଚାରୀଙ୍କ ପାଇଁ ପିପିଇ ଓ ସୁରକ୍ଷା ଉପକରଣ ଯୋଗାଣ ତଥା ଏହାର ବ୍ୟବହାର ବାଧ୍ୟତାମୂଳକ କରାଯାଇଛି। ପରିଚାଳନା ସାମର୍ଥ୍ୟକୁ ବୃଦ୍ଧି କରିବା ସହ ଭିତ୍ତିଭୂମି ସୁଦୃଢ଼ୀକରଣ କରିବା ଦିଗରେ ମଧ୍ୟ ଟିପିଏନଓଡିଏଲ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି।

### ଉପଭୋକ୍ତାଙ୍କୁ ସୁରକ୍ଷା ପରାମର୍ଶ ଜାରି

# ଓଡ଼ିଶାର ଦ୍ୱାରଦେଶରେ ବିକାଶର ବ୍ରେକ୍

ବ୍ରହ୍ମପୁର,୩୦।୬(ସମିସ)



- ସୁରଳ ଜଙ୍କ୍ସନରେ ରେଳ ଓଭରବ୍ରିଜ କେବେ?
- ଗେଟ୍ ବନ୍ଦ ହେଲେ ଯାତାୟାତରେ ବାଧା
- ସମସ୍ୟା ଭୋଗୁଛନ୍ତି ଚିକିଟିବାସୀ

ଆନ୍ଧ୍ର ପ୍ରଦେଶ ଦେଇ ଓଡ଼ିଶା ଆସିଲେ ଗଞ୍ଜାମ ଜିଲ୍ଲାର ସୁରଳ ଜଙ୍ଗସନକୁ ଦକ୍ଷିଣ ଓଡ଼ିଶାର ପ୍ରବେଶଦ୍ୱାର ବୋଲି କୁହାଯାଏ। ବ୍ରହ୍ମପୁରରୁ ଚିକିଟି, ପାତ୍ରପୁର ଓ ସୀମାନ୍ତବର୍ତ୍ତୀ ଅଞ୍ଚଳକୁ ସଡ଼କପଥରେ ଯାତାୟାତ କରୁଥିବା ପ୍ରାୟ ସମସ୍ତ ଯାନବାହନ ପାଇଁ ସୁରଳ ହେଉଛି ମୁଖ୍ୟ ସଂଯୋଗସ୍ଥଳ। କିନ୍ତୁ ଏହି ଗୁରୁତ୍ୱପୂର୍ଣ୍ଣ ଜଙ୍ଗସନରେ ଆଜି ପର୍ଯ୍ୟନ୍ତ ଏକ ରେଳ ଓଭରବ୍ରିଜ ନିର୍ମାଣ ହୋଇନାହିଁ। ଫଳରେ ପ୍ରତିଦିନ ଶତାଧିକ ରେଳ ଚଳାଚଳ ସମୟରେ ରେଳ ଗେଟ୍ ବନ୍ଦ ହେଲେ ଘଣ୍ଟା ଘଣ୍ଟା ଧରି ଠପ୍ ହେଉଛି ଯାତାୟାତ। ହଜାର ହଜାର ଲୋକଙ୍କ ଦୈନନ୍ଦିନ ଜୀବନ ବ୍ୟାହତ ହେଉଥିଲେ ମଧ୍ୟ ଏହି ସମସ୍ୟାର ସ୍ଥାୟୀ ସମାଧାନ ପ୍ରତି ସରକାରୀ ଉଦାସୀନତାକୁ ନେଇ ପ୍ରଶ୍ନ ଉଠିଛି। ସୁରଳ ରେଳ ଗେଟ୍ ଦେଇ ପ୍ରତିଦିନ ଚିକିଟି, ପାତ୍ରପୁର, କେ.ନୂଆଗାଁ, ସୀମାନ୍ତବର୍ତ୍ତୀ ବହୁ ଗ୍ରାମ ଓ ବ୍ରହ୍ମପୁର ମଧ୍ୟରେ ହଜାର ହଜାର ଲୋକ ଯାତାୟାତ କରୁଛନ୍ତି। ସରକାରୀ କର୍ମଚାରୀ, ଛାତ୍ରଛାତ୍ରୀ, ବ୍ୟବସାୟୀ, ଶ୍ରମିକ ଓ ରୋଗୀ ପରିବହନ କରୁଥିବା ଆମ୍ବୁଲାନ୍ସ ମଧ୍ୟ ଏହି ରାସ୍ତା ଉପରେ ନିର୍ଭରଶୀଳ। କିନ୍ତୁ ପୂର୍ବତଟ ରେଳପଥର ବ୍ୟସ୍ତତମ ଲାଇନ୍ ହୋଇଥିବାରୁ ଦିନର ଅଧିକାଂଶ ସମୟ ଗେଟ୍ ବାରମ୍ବାର ବନ୍ଦ ରହୁଛି। ଏକ ଟ୍ରେନ୍ ଯିବା ପରେ ଆଉ ଏକ ଟ୍ରେନ୍ ଆସୁଥିବାରୁ ଅନେକ ସମୟରେ ୧୫ରୁ ୩୦ ମିନିଟ୍ ପର୍ଯ୍ୟନ୍ତ ଗେଟ୍ ଖୋଲୁନାହିଁ।

ଏହି ସମୟରେ ଉଭୟ ପାର୍ଶ୍ୱରେ ଲମ୍ବା ଯାନବାହନ ଧାଡ଼ି ଲାଗିଯାଉଛି। ସବୁଠୁ ଚିନ୍ତାଜନକ ବିଷୟ ହେଉଛି ଜରୁରୀକାଳୀନ ସେବା। ଗୁରୁତର ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ମଧ୍ୟ ରେଳ ଗେଟ୍ ସାମ୍ନାରେ ଅସହାୟ ଭାବେ ଅଟକି ରହୁଛି। ସୁବିଧା ଅଭାବରୁ ଗତ କିଛି ବର୍ଷ ହେଲା ଆମ୍ବୁଲାନ୍ସଗୁଡ଼ିକୁ ଟାମଣା ଘାଟି ଦେଇ ବିକଳ୍ପ ରାସ୍ତାରେ ଚଳାଚଳ କରାଯାଉଛି। ତେବେ ଏହି ରାସ୍ତା ଘାଟି ଅଞ୍ଚଳ ହୋଇଥିବାରୁ ବର୍ଷା ଦିନରେ ଅଧିକ ବିପଦପୂର୍ଣ୍ଣ ହୋଇପଡୁଛି। ସାଧାରଣ ଯାତ୍ରୀମାନେ ମଧ୍ୟ ଏହି ରୁଟ୍‌ରେ ଯିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ପାତ୍ରପୁରକୁ ଇଚ୍ଛାପୁର ଦେଇ ଅନ୍ୟ ଏକ ବିକଳ୍ପ ରାସ୍ତା ଥିଲେ ମଧ୍ୟ ଏହା ଆନ୍ଧ୍ରପ୍ରଦେଶ ଦେଇ ଯାଇଥିବାରୁ ଅଧିକାଂଶ ଲୋକ ଏହି ମାର୍ଗକୁ ଏଡ଼ାଇଥାନ୍ତି। ବିଶେଷକରି ଚିକିଟି ଅଞ୍ଚଳର ଲୋକଙ୍କ ପାଇଁ ସୁରଳ ହିଁ ସବୁଠାରୁ ସହଜ ଓ ସିଧାସଳଖ ରାସ୍ତା। ଏହି କାରଣରୁ ସୁରଳ ରେଳ ଗେଟ୍‌ର ବିକଳ୍ପ ନଥିବାରୁ ଲୋକଙ୍କୁ ବାଧ୍ୟ ହୋଇ ଅପେକ୍ଷା କରିବାକୁ ପଡୁଛି। ପ୍ରଶ୍ନ ଉଠୁଛି, ଗଞ୍ଜାମ ଜିଲ୍ଲାର ଏତେ ଗୁରୁତ୍ୱପୂର୍ଣ୍ଣ ଜଙ୍ଗସନରେ ଆଜି ପର୍ଯ୍ୟନ୍ତ ରେଳ ଓଭରବ୍ରିଜ କାହିଁକି ନିର୍ମାଣ ହୋଇନାହିଁ। ବର୍ଷ ବର୍ଷ ଧରି ସ୍ଥାନୀୟ ଲୋକ, ବ୍ୟବସାୟୀ ସଂଘ, ସାମାଜିକ ସଂଗଠନ ଓ ବିଭିନ୍ନ ମହଲରୁ ଦାବି ହୋଇଆସୁଛି। ନିର୍ବାଚନ ସମୟରେ ମଧ୍ୟ ଏହି ପ୍ରସଙ୍ଗ ଚର୍ଚ୍ଚାକୁ ଆସୁଛି। କିନ୍ତୁ ଦାବି କେବଳ ଦାବିରେ ସୀମିତ ରହିଯାଉଛି। ନା ପ୍ରକଳ୍ପ ଘୋଷଣା ହେଉଛି, ନା ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ଏନେଇ ବୁଦ୍ଧିଜିବୀ କହିଛନ୍ତି ଯେ, ସୁରଳରେ ଏକ ରେଳ ଓଭରବ୍ରିଜ ନିର୍ମାଣ ହେଲେ କେବଳ ଯାତାୟାତ ସମସ୍ୟାର ସମାଧାନ ହେବ ନାହିଁ, ବରଂ ଏହା ଦକ୍ଷିଣ ଓଡ଼ିଶାର ସଡ଼କ ସଂଯୋଗକୁ ଅଧିକ ସୁଦୃଢ଼ କରିବ। ବ୍ରହ୍ମପୁରରୁ ଚିକିଟି ଓ ପାତ୍ରପୁର ଅଞ୍ଚଳକୁ ବାଣିଜ୍ୟିକ ପରିବହନ ତ୍ୱରାନ୍ୱିତ ହେବ। ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ବାଧାମୁକ୍ତ ହେବା ସହ ଦୁର୍ଘଟଣାର ଆଶଙ୍କା ମଧ୍ୟ କମିବ। ରେଳ ଗେଟ୍ ବନ୍ଦ ହେଲେ କେବଳ ସମୟ ନଷ୍ଟ ହେଉନାହିଁ, ଇନ୍ଧନର ଅପଚୟ, ବାୟୁ ପ୍ରଦୂଷଣ ଓ ଯାତ୍ରୀଙ୍କ ମାନସିକ ଚାପ ମଧ୍ୟ ବଢ଼ୁଛି। ଦୈନିକ ଯାତ୍ରୀଙ୍କ ପାଇଁ ଏହା ଏକ ନିତିଦିନିଆ ସମସ୍ୟାରେ ପରିଣତ ହୋଇଛି। ବିକାଶର ବଡ଼ ବଡ଼ ଦାବି କରାଯାଉଥିବା ବେଳେ ସୁରଳ ଭଳି ଗୁରତ୍ୱପୂର୍ଣ୍ଣ ଜଙ୍ଗସନରେ ଆଜି ମଧ୍ୟ ଓଭରବ୍ରିଜ ନିର୍ମାଣ ହୋଇପାରିନଥିବା ସରକାରୀ ଯୋଜନା ଓ କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ଲୋକଙ୍କ ଦାବି, କେନ୍ଦ୍ର ସରକାର, ରେଳ ମନ୍ତ୍ରଣାଳୟ ଓ ରାଜ୍ୟ ସରକାର ଏହି ପ୍ରସଙ୍ଗକୁ ଆଉ ଅଣଦେଖା ନକରି ତୁରନ୍ତ ସୁରଳ ଜଙ୍ଗସନରେ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ପ୍ରକଳ୍ପ ଅନୁମୋଦନ କରନ୍ତୁ।

■ ପ୍ରକାଶ ପାଇଲା ଖଲ୍ଲୀକୋଟ ବିଶ୍ୱବିଦ୍ୟାଳୟ ପିଜି ପରୀକ୍ଷାଫଳ

# ୪୩୧ ଛାତ୍ରଛାତ୍ରୀରୁ ୪୧୦ ଜଣ କୃତକାର୍ଯ୍ୟ



ବ୍ରହ୍ମପୁର,୩୦।୬(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପିଜି ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। କକୁଳପତି ପ୍ରଫେସର ଅସୀମା ସାହୁ, କୁଳସଚିବ ପାର୍ବତୀ ମଞ୍ଜରୀ ମହାଲିକ, ପରୀକ୍ଷା ନିୟନ୍ତ୍ରକ ତଥା ପିଜିସି ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଓ ଉପକୁଳସଚିବ ପିକେ. ନରେନ୍ଦ୍ର ପରୀକ୍ଷାଫଳ ଉନ୍ମୋଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟରେ ମୋଟ ୪୩୧ ଜଣ ପରୀକ୍ଷା ଦେଇଥିବା ବେଳେ ୪୧୦ ଜଣ କୃତକାର୍ଯ୍ୟ ହୋଇଥିବା ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି ଚଳିତବର୍ଷ ମୋଟ ୧୦ଟି ବିଭାଗରେ ପାସ୍‌ହାର ଶତପ୍ରତିଶତ ରହିଛି। ସେହିପରି ୧୪ଟି ବିଭାଗରେ ଛାତ୍ରୀମାନେ ସର୍ବାଧିକ ମାର୍କ ରଖି ଟପର ହୋଇଛନ୍ତି। ଚଳିତ ଶିକ୍ଷାବର୍ଷରେ ବିଶ୍ୱବିଦ୍ୟାଳୟର ପିଜି କଳାର ବିଭିନ୍ନ ବିଭାଗରେ ୨୧୩ ଜଣ ପରୀକ୍ଷା ଦେଇଥିବା ବେଳେ ୨୦୪ ଜଣ ପାସ୍ ହୋଇଛନ୍ତି। ସେହିପରି ବାଣିଜ୍ୟରେ ୪୪ଜଣରୁ ୪୩ଜଣ ଓ ବିଜ୍ଞାନରେ ୧୭୪ଜଣଙ୍କ ମଧ୍ୟରୁ ୧୬୩ଜଣ ପାସ୍ କରିଛନ୍ତି। କଳାସ୍ରୋତର ନୃତତ୍ତ୍ୱ ବିଭାଗରେ ପି. ଧନପ୍ରିୟା ରେଡ୍ଡୀ, ବାୟୋଟେକ୍ନୋଲୋଜିରେ ଉପାସନା ବସ୍ତିଆ, ଗଣିତରେ ରାଣୀ ପ୍ରଧାନ, ଉଦ୍ଭିଦ ବିଜ୍ଞାନରେ ଖିତିଜ ମିଶ୍ର, ହିନ୍ଦୀରେ ଜସ୍ମିନ ରାଉତ, ଓଡ଼ିଆରେ ବିଷ୍ଣୁପ୍ରିୟା ପ୍ରିୟଦର୍ଶିନୀ ପ୍ରଧାନ, ବାଣିଜ୍ୟରେ ଏ. ଶାନ୍ତିଲତା ଆଚାରୀ, ଇତିହାସରେ ବିଷ୍ଣୁପ୍ରିୟା ସାହୁ, କମ୍ପ୍ୟୁଟର ସାଇନ୍ସରେ ଶୁଭମ ସାହୁ, ଅର୍ଥନୀତିରେ କୁମୁଦୁନି ମଲ୍ଲିକ, ଶିକ୍ଷାରେ ଲିଜା ସାହୁ, ଇଂରାଜୀରେ ରେବତୀ ସେଠୀ, ରସାୟନ ବିଜ୍ଞାନରେ ଡି. କରୁଣାମୟ ଦୋରା, ଭୂତତ୍ତ୍ୱ ବିଜ୍ଞାନରେ ଆକାଂକ୍ଷା ସାହୁ, ପଦାର୍ଥ ବିଜ୍ଞାନରେ ଶର୍ମିଷ୍ଠା ତ୍ରିପାଠୀ, ଦର୍ଶନ ଶାସ୍ତ୍ରରେ ସୋନାଲି ସ୍ୱାଇଁ, ରାଜନୀତି ବିଜ୍ଞାନରେ ଏ. ଶ୍ରୀତମ ସରାବ ଓ ପ୍ରାଣୀବିଜ୍ଞାନରେ ପ୍ରଜ୍ଞା ପରିମିତା ନାୟକ ସର୍ବାଧିକ ନମ୍ବର ରଖି ଟପର୍ ହୋଇଥିବା ଜଣାଯାଇଛି। କୁଳପତି ପ୍ରଫେସର ସାହୁ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଆକ୍ରମଣ ମାମଲାରେ ଜଣେ ଗିରଫ

ବ୍ରହ୍ମପୁର,୩୦।୬(ସମିସ): ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରିବା ଅଭିଯୋଗରେ ଗୋସାଇଁନୂଆଗାଁ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଉତ୍ତରେଶ୍ୱର ହାଡି ସାହିର ବାସୁଦେବ ବେହେରା ଓରଫ ଗଉରା। ଗତକାଲି ଦିନ ୨ଟା ବେଳେ ଏହି ସାହିର ବସନ୍ତ କୁମାର ବେହେରାଙ୍କୁ ଅଭିଯୁକ୍ତ ବାସୁଦେବ ନିଜ ଘରକୁ ଡାକିଥିଲେ। ସେ ପହଞ୍ଚିବା ପରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଅଭିଯୁକ୍ତ ବାସୁଦେବ ତାଙ୍କ ଉପରକୁ ବୋମା ମାଡ କରିବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ। ବସନ୍ତ ଗୁରୁତର ଆହତ ହୋଇ ମେଡିକାଲକୁ ଚିକିତ୍ସା ପାଇଁ ଯାଇଥିଲେ। ଏ ନେଇ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଦନ୍ତ କରିଥିଲା। ଆଜି ଅଭିଯୁକ୍ତ ବାସୁଦେବଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

# ଏ ବର୍ଷ ୩ ଲକ୍ଷ ୫୦ ହଜାର ଚାରା ଯୋଗାଇବ ବୁଗୁଡ଼ା ବନ ବିଭାଗ

ବୁଗୁଡ଼ା,୩୦।୬(ସମିସ): ଚଳିତ ବର୍ଷ ବୁଗୁଡ଼ା ବନବିଭାଗ ତରଫରୁ ୩ ଲକ୍ଷ ୫୯ ହଜାର ଚାରା ଯୋଗାଣ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁ ସୂଚନା ଦେଇଛନ୍ତି। ଏଥିନିମନ୍ତେ ବୁଗୁଡା ବନାଞ୍ଚଳ ଅନ୍ତର୍ଗତ ୧୦ଟି ନର୍ସରୀ ମଧ୍ୟରୁ ବାଘୁଆରେ ୪୦ ହଜାର , କଦମ୍ବମଠରେ ୩୦ ହଜାର, କଣ୍ଟାବଣିରେ ୩୫ ହଜାର , ମାଣିତରାରେ ୪୦ ହଜାର , ପଞ୍ଚଭୂତିରେ ୩୦ ହଜାର, ବୁଗୁଡ଼ା ବନ ବିଭାଗ କାର୍ଯ୍ୟାଳୟରେ ୨୦ ହଜାର , ଶାଙ୍କୁଳାଇରେ ୭୦ ହଜାର, ଶଳିଆପଲ୍ଲୀରେ ୩୫ ହଜାର, ଠଣାପଲ୍ଲୀରେ ୨୦ ହଜାର ଓ କୁମୁଣ୍ଡାରେ ୩୦ ହଜାର ଚାରା ପ୍ରସ୍ତୁତ କରାଯାଇ ବଣ୍ଟନର ବ୍ୟବସ୍ଥା କରାଯାଇଛି। ଉକ୍ତ ନର୍ସରୀ ଗୁଡିକରେ ଶାଗୁଆନ, ପିଆଶାଳ, କାଜୁ, ଅଁଳା,ବାହାଡା, ଚନ୍ଦନ, ନିମ୍ବ, ଅମୃତ ଭଣ୍ଡା, ସଜନା, ରକ୍ତ ଚନ୍ଦନ, ପିଜୁଳି, ବାଉଁଶ, ଫାସି, ଗମ୍ଭାରି, ସୀତାଫଳ, ଡାଳିମ୍ବ, କଇଠ, ଫଣପଣା, କରଞ୍ଜ, ଶିଶୁ, ବରଗଛ, ଓସ୍ତଗଛ, ତେନ୍ତୁଳି, ଜାମୁ, ମେହେଗାନି, ଧୌରାଞ୍ଜ ସମେତ ପ୍ରାୟ ୪୦ ପ୍ରକାରର ଚାରା ଉପଲବ୍ଧ ରହିଛି। ଜୁଲାଇ ପହିଲାରୁ ଚାରା ଯୋଗାଣର ଶୁଭାରମ୍ଭ ହେବାକୁ ଥିବାବେଳେ ଯେକୌଣସି ଅନୁଷ୍ଠାନ ବ୍ୟତୀତ ଅନ୍ୟମାନଙ୍କୁ ପ୍ରତି ଚାରା ଏକ ଟଙ୍କା ଦରରେ ବିକ୍ରି କରାଯିବାର ବ୍ୟବସ୍ଥା ରହିଥିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।




ଅନ୍ୟପକ୍ଷରେ ଏ ବର୍ଷ କରଚୁଲି ସଂରକ୍ଷିତ ଜଙ୍ଗଲରେ ୨୫ ହଜାର, ପଞ୍ଚଭୂତି ସଂରକ୍ଷିତ ଜଙ୍ଗଲରେ ୮ ହଜାର ଏବଂ ଜେଏକଠାରେ ପଥପାର୍ଶ୍ୱ ବନୀକରଣରେ ୧ ହଜାର ବୃକ୍ଷ ବୁଗୁଡା ବନ ବିଭାଗ ପକ୍ଷରୁ ଲଗାଯିବ ବୋଲି ଜଣାଯାଇଛି।

# ଅବସର ଦିନ ହିଁ ୬ ଶିକ୍ଷକଙ୍କୁ ଫାଇନାଲ ପେନ୍‌ସନ୍ ପେପର୍



ଭଞ୍ଜନଗର,୩୦।୬(ସମିସ): ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଲୋପାମୁଦ୍ରା ରଥଙ୍କ ତ୍ୱରିତ ପଦକ୍ଷେପ ଯୋଗୁ ମଙ୍ଗଳବାର ଚାକିରିରୁ ଅବସର ନେଇଥିବା ୬ ଜଣ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅବସର ଦିନ ହିଁ ସେମାନଙ୍କ ଫାଇନାଲ ପେନସନ ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରାଯାଇଛି। ଏନେଇ ମଙ୍ଗଳବାର ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ତାହା ପ୍ରଦାନ କରାଯାଇଛି। ଏହି ଅବସରରେ ଏବିଇଓ ସୂର୍ଯ୍ୟ ନାୟକ, ଗଜେନ୍ଦ୍ର ସେଠୀ, ସୁଭାଷିନୀ ତ୍ରିପାଠୀ, କିରାଣୀ ପବିତ୍ର କୁମାର ପାତ୍ର, ଚିରଞ୍ଜିବୀ ଦାସ, ଶିବ ପ୍ରସାଦ ସ୍ୱାଇଁ, ଜ୍ୟୋତିର୍ମୟୀ ନାୟକ, ସୁଶୀଲ କୁମାର ସାହୁ, ଚିନ୍ମୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜୁନ୍ ମାସରେ ଅବସର ନେଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ହେଲେ କଇଁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜ୍ଞାନୀ କୁମାରୀ ମହାପାତ୍ର, କୁଲାଡ଼ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ପଟ୍ଟନାୟକ,ଟାଙ୍ଗଣ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମ ପ୍ରସାଦ ମିଶ୍ର, ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋସ୍ନା ରାଣୀ ନାୟକ, ବଡକୋଦଣ୍ଡା ଜବାହର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ନୀଳାଚଳ ପ୍ରଧାନ ଓ ବଦାଙ୍ଗି ଗାନ୍ଧିନଗର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁଶାନ୍ତ କୁମାର ସାମନ୍ତରାୟ।

## ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାର ୬ ବର୍ଷ ପୂର୍ତ୍ତି

# ଗଞ୍ଜାମରେ ଜିଲ୍ଲାସ୍ତରୀୟ ସ୍ୱନିଧି ମହୋତ୍ସବ

ଛତ୍ରପୁର, ୩୦।୬(ସମିସ)




ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାର ୬ ବର୍ଷ ପୂର୍ତ୍ତି ଅବସରରେ ମଙ୍ଗଳବାର ଗଞ୍ଜାମ ଜିଲ୍ଲା ପରିଷଦର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସ୍ୱନିଧି ମହୋତ୍ସବ ମହାସମାରୋହରେ ପାଳନ କରାଯାଇଛି। ଗଞ୍ଜାମ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ସେଠି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଓ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଯୋଗ ଦେଇ ତାଙ୍କ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା ଦ୍ୱାରା କ୍ଷୁଦ୍ର ବ୍ୟବସାୟୀ ମାନେ କିପରି ଲାଭାନ୍ୱିତ ହୋଇ ନିଜ ନିଜର ପରିବାର ପ୍ରତିପୋଷଣ କରିପାରୁଛନ୍ତି ତାହା ବର୍ଣ୍ଣନା କରିଥିଲେ। ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଥିଲେ ଯେ କୋଭିଡ ପରେ ପରେ ଜୀବନ ଜୀବିକା ପାଇଁ ରାସ୍ତାକଡ଼ର ବିକ୍ରେତା ମାନଙ୍କୁ ଋଣ ଦେବା ଆରମ୍ଭ କରାଯାଇଥିଲା। ଆଗାମୀ ଦୁଇରୁ ତିନି ମାସ ମଧ୍ୟରେ ୨୫ରୁ ୩୦ ଜଣଙ୍କୁ ନେଇ ମଡ଼ର୍ଣ୍ଣ ଷ୍ଟ୍ରିଟ ଭେଣ୍ଡିଙ୍ଗ ଜୋନ ତିଆରି କରିବା ପାଇଁ ଯୋଜନା କରାଯାଉଛି ବୋଲି ସେ କହିଥିଲେ। ଏହି ଅବସରରେ ଯୋଜନାର ମୋଟ ୩୪ଜଣ ସଫଳ ହିତାଧିକାରୀମାନଙ୍କୁ ଋଣ ପ୍ରଦାନ କରାଯାଇଥିଲା। ସେଥି ମଧ୍ୟରୁ ୧୮ ଜଣଙ୍କୁ ପ୍ରଥମ କିସ୍ତି ଋଣ ହିସାବରେ ୧୫ ହଜାର ଟଙ୍କା ଲେଖାଏଁ, ଦ୍ୱିତୀୟ କିସ୍ତି ଋଣ ହିସାବରେ ୧୪ ଜଣଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ଓ ତୃତୀୟ କିସ୍ତି ଋଣ ୨ ଜଣଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବା ସହିତ ଗୋଟିଏ ମହିଳା ଷ୍ଟ୍ରିଟ୍ ଭେଣ୍ଡରଙ୍କୁ କ୍ରେଡିଟ୍ କାର୍ଡର ସୁବିଧା ମଧ୍ୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା ଉପସ୍ଥିତ ଥିଲେ। ଛତ୍ରପୁର ପୌରାଞ୍ଚଳର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଏମ୍‌ସିର ସହକାରୀ ନିର୍ବାହୀ ଯନ୍ତ୍ରୀ ବିରୋଧରେ ତଦନ୍ତ ଆରମ୍ଭ

ବ୍ରହ୍ମପୁର,୩୦।୬(ସମିସ): ଶୃଙ୍ଖଳାଭଙ୍ଗ, ସରକାରୀ କାର୍ଯ୍ୟରେ ଅବହେଳା ଓ ନିମ୍ନମାନର ବିକାଶ କାର୍ଯ୍ୟ ସମ୍ପାଦନ ଅଭିଯୋଗରେ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ସହକାରୀ ନିର୍ବାହୀ ଯନ୍ତ୍ରୀ(ଏଇଇ) ସଞ୍ଜୀବ କୁମାର ପ୍ରଧାନଙ୍କ ବିରୋଧରେ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ଶେଷ ନହେବା ପର୍ଯ୍ୟନ୍ତ ତାଙ୍କୁ ସମସ୍ତ ବିକାଶମୂଳକ କାର୍ଯ୍ୟରୁ ପ୍ରତ୍ୟାହାର କରାଯାଇ ସାନିଟେସନ୍ ବିଭାଗର ଡି-ସିଲ୍ଟିଂ କାର୍ଯ୍ୟ ତଦାରଖ ଦାୟିତ୍ୱ ଦିଆଯାଇଛି। ସେହିପରି ତାଙ୍କର ସମସ୍ତ କାର୍ଯ୍ୟଭାର ଏଇଇ ମୈଥିଲେଶ ରଞ୍ଜନ ରଥଙ୍କୁ ତୁରନ୍ତ ହସ୍ତାନ୍ତର କରାଯାଇଛି। ଏନେଇ ବିଇଏମସି କମିସନରଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ପୂର୍ବରୁ ମଧ୍ୟ ଅନୁରୂପ ଭାବେ ନିର୍ବାହୀ ଯନ୍ତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଫଳରେ ଲୋକଙ୍କୁ ସେବା ଓ ନିଗମର ଉନ୍ନୟନ ମୂଳକ କାର୍ଯ୍ୟରେ ଅବହେଳା ଏବଂ ବାଧା ସୃଷ୍ଟି କରୁଥିବା ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଏକ ରକମର କୋକୁଆ ଭୟ ସୃଷ୍ଟି ହୋଇଥିବା ପରିଲକ୍ଷିତ ହୋଇଛି।

# ଅଟୋକୁ ପିଟିଲା ଟ୍ରକ୍; ଯାତ୍ରୀଙ୍କ କଟିଲା ହାତ, ୬ ଗୁରୁତର

ଧରାକୋଟ,୩୦।୬(ସମିସ): ଜାତୀୟ ରାଜପଥ ୫୯ର ଆସିକା - ସୋରଡ଼ା ରାସ୍ତାର ଧରାକୋଟ ଥାନା ଅନ୍ତର୍ଗତ ରେଡି ଦାମୋଦରପଲ୍ଲୀ ଛକରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୬ ଜଣ ଗୁରୁତର ହୋଇଛନ୍ତି। ବ୍ରହ୍ମପୁରରୁ ସୋରଡ଼ା ନିକଟସ୍ଥ ନୂଆଗଡକୁ ଓଡି ୦୨ ଟି ୪୭୮୬ ନମ୍ବର ଅଟୋରେ ଡ୍ରାଇଭର ବିଦ୍ୟାଧର ଲେଙ୍କାଙ୍କ ସହ ମାମାଲି ପଟନାୟକ, ହରିହର ପଟନାୟକ, ସବିତା ପଟନାୟକ, ସୁନି (ସୁପ୍ରିୟା) ପଟନାୟକ ଓ ସୋମନାଥ ପଟନାୟକ ପ୍ରମୁଖ ଯାଉଥିବା ବେଳେ ବିପରୀତ ଦିଗରୁ ଡ଼ବ୍ଲୁ ବି ୩୩ ଏଫ ୧୨୧୫ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଅଟୋରେ ଥିବା ସୁନି (ସୁପ୍ରିୟା) ପଟନାୟକଙ୍କ ହାତ ସମ୍ପୂର୍ଣ୍ଣ କଟିଯାଇଥିବା ବେଳେ ଅନ୍ୟ ମାନଙ୍କ ଅବସ୍ଥା ସଂକଟକ୍ଷପର୍ଣ୍ଣ ରହିଛି। ସମସ୍ତଙ୍କୁ ପ୍ରଥମେ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ଗୁରୁତର ହେବାରୁ ସମସ୍ତଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି।

# ଖେମୁଣ୍ଡି ଲୋକ ମହୋତ୍ସବରେ କଳା ପ୍ରଦର୍ଶନୀ ମଣ୍ଡପ

ଦିଗପହଣ୍ଡି, ୩୦।୬(ସମିସ): ଦିଗପହଣ୍ଡି ଠାରେ ଖେମୁଣ୍ଡି ଲୋକ ମହୋତ୍ସବ ଆୟୋଜନ କରାଯିବା ନିମନ୍ତେ ସ୍ଥାନୀୟ ରାଜସ୍ୱ ଡାକବଙ୍ଗଳା ଠାରେ ଏକ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ବିଧାୟକ ଡ଼. ସିଦ୍ଧାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆସନ୍ତା ଜୁଲାଇ ୨୦ ଏବଂ ୨୧ ଦୁଇଦିନ ଧରି ଦିଗପହଣ୍ଡି ବଜାର ଛକରେ ଏହି ମହୋତ୍ସବ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଖେମୁଣ୍ଡି ଲୋକକଳାର ପ୍ରଚାର ପ୍ରସାର ସହ ଖେମୁଣ୍ଡି ମାଟିର ଐତିହ୍ୟକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ ନିମନ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ଆଲୋଚନାଚକ୍ର, କଳା ପ୍ରଦର୍ଶନୀ ମଣ୍ଡପ ଆଦି ଆୟୋଜନ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା। ମହୋତ୍ସବକୁ କେନ୍ଦ୍ର ମନ୍ତ୍ରୀ, ରାଜ୍ୟ ସଂସ୍କୃତି ମନ୍ତ୍ରୀଙ୍କ ସମେତ ଗଞ୍ଜାମ



ଜିଲ୍ଲର ସମସ୍ତ ବିଧାୟକ ଏବଂ ବିଧାୟିକାଙ୍କୁ ନିମନ୍ତ୍ରଣ କରାଯିବା ସହ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ମଧ୍ୟ ଜଣାପଡିଛି। ମହୋତ୍ସବ ପରିଚାଳନା ପାଇଁ ଏକ ଅଭ୍ୟର୍ଥନା କମିଟି ଗଠନ କରାଯାଇ ବିଧାୟକ ଙ୍କୁ ଏହାର ଅଧ୍ୟକ୍ଷ ରଖାଯାଇଥିବା ଜଣାପଡିଛି। ସଭାରେ ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ତହସିଲଦାର ସନ୍ତୋଷ କୁମାର ସାହୁ, ବିଡ଼ିଓ ଅନାମିକା ପାଣ୍ଡେ, ଏଏସଆଇ ଦୀଲ୍ଲିପ ଗରଡ଼ା, ବିଚିତ୍ର ବର୍ଣ୍ଣାଳି ନାଟ୍ୟ ସଂସଦ ସଭାପତି ବିଶ୍ୱନାଥ ସାହୁ, ସମ୍ପାଦକ ଆଲୋକ ବିଷୋୟୀ, କାଉନସିଲର ସୁନିଲ ପଣ୍ଡା, ସନ୍ତୋଷିନୀ ବେହେରା, ଲୋକକଳା ବିଶେଷଜ୍ଞ ବିପିନ ବିହାରୀ ଦାଶ, ନାଟ୍ୟ କଳା ନିର୍ଦ୍ଦେଶକ ରବୀନ୍ଦ୍ର ଡାକୁଆ, ଆଇନଜୀବି ହରପ୍ରସାଦ ରଥ, କୁରେଶ୍ୱ ପଣ୍ଡା, କଳାକାର ରଘୁନାଥ ପାଣିଗ୍ରାହୀ, ଅରୁଣ କୁମାର ସାହୁ, ପ୍ରଭାତ ପାଢ଼ୀ, ବିଧାୟକଙ୍କ ପ୍ରତିନିଧି ନଳିନୀ ବିଷୋୟୀଙ୍କ ସମେତ ପୂର୍ତ୍ତ ଓ ବିଦ୍ୟୁତ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ଥିଲେ।

## ଏମ୍‌କେସିଜି ହସ୍ପିଟାଲ୍ ଔଷଧ ଭଣ୍ଡାରରୁ ଦାମୀ ଇଞ୍ଜେକ୍ସନ୍ ହେରଫେର ଘଟଣାରେ କାର୍ଯ୍ୟାନୁଷ୍ଠାନ

# ହଟିଲେ ଏସ୍‌ଏମ୍‌ଓ, ନଷ୍ଟ ଇଞ୍ଜେକ୍ସନ୍ ବାବଦରେ ଆଦାୟ ହେବ ଟଙ୍କା

ବ୍ରହ୍ମପୁର,୩୦।୬(ସମିସ)

- ଷ୍ଟୋର ଦାୟିତ୍ୱରୁ ହଟିବେ ଫାର୍ମାସିଷ୍ଟ, ବହିଷ୍କାର ହେବେ ଆଟେଣ୍ଡାଣ୍ଟ
- ଫାର୍ମାସିଷ୍ଟ ଓ ନର୍ସିଂ ଅଫିସରଙ୍କ ବିରୋଧରେ ହେବ ବିଭାଗୀୟ ତଦନ୍ତ




ଏମକେସିଜି ମେଡିକାଲ ଔଷଧ ଭଣ୍ଡାରରୁ ଦାମୀ ଇଞ୍ଜେକ୍ସନ ହେରଫେର ଘଟଣାରେ ୪ଜଣିଆ କମିଟର ତଦନ୍ତ ପରେ କ୍ରମଶଃ ସମସ୍ତ ତଥ୍ୟ ପଦାକୁ ଆସିଛି। ଘଟଣାର ତଦନ୍ତ ପାଇଁ ମେଡ଼ିକାଲ କର୍ତ୍ତୃପକ୍ଷ ୪ଜଣିଆ ତଦନ୍ତ କମିଟି ଗଠନ କରିଥିଲେ। ଗଠିତ କମିଟିରେ ହସ୍ପିଟାଲର ମାନସିକ ରୋଗ ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼ା. ଚନ୍ଦ୍ରଶେଖର ତ୍ରିପାଠୀ ଅଧ୍ୟକ୍ଷତା କରିଥିବା ବେଳେ ମେଡ଼ିସିନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼ା. ସରିତା ବେହେରା, ରେଜିଷ୍ଟ୍ରାର ଡ. ଶ୍ୱେତ କୁମାର ଦାଶ ଓ ଡ୍ରଗ୍ସ ଇନ୍ସପେକ୍ଟର(ଗଞ୍ଜାମ-୧) ଅଞ୍ଜନ କୁମାର ସାହୁ ସାମିଲ ଥିଲେ। ତଦନ୍ତ ବେଳେ ଘଟଣାରେ ସମ୍ପୃକ୍ତ କର୍ମଚାରୀମାନେ କାର୍ଯ୍ୟରେ ଅବହେଳା କରିଥିବା ସ୍ପଷ୍ଟ ହୋଇଥିଲା। କମିଟିର ସୁପାରିସ ଆଧାରରେ ଷ୍ଟୋର ପରିଚାଳନା ଦାୟିତ୍ୱରୁ ଷ୍ଟୋର ମେଡିକାଲ ଅଫିସର(ଏସଏମଓ) ଡ଼ା. ଚିନ୍ମୟ ଦେବାଶିଷ ପଣ୍ଡାଙ୍କୁ ପଦବୀରୁ ହଟାଯାଇଛି। ସେହିପରି ଷ୍ଟୋରରେ କାର୍ଯ୍ୟରତ ତଥା ଘଟଣାରେ ସମ୍ପୃକ୍ତ ଫାର୍ମାସି ଅଫିସର ନିର୍ମଳ ଚନ୍ଦ୍ର ସାହଙ୍କୁ ମଧ୍ୟ ଷ୍ଟୋର ଫାର୍ମାସିଷ୍ଟ ଦାୟିତ୍ୱରୁ ହଟାଯିବାକୁ ସୁପାରିଶ ହୋଇଥିବା ଜଣାପଡିଛି। ଏହାସହ କାର୍ଯ୍ୟରେ ଅବହେଳା ପାଇଁ ସମ୍ପୃକ୍ତ ଆଉଟସୋର୍ସିଂ ଆଟେଣ୍ଡାଣ୍ଟ ଜଗା ସେଠୀଙ୍କୁ ବହିଷ୍କାର କରିବାକୁ ମଧ୍ୟ ସୁପାରିସ କରାଯାଇଛି। ନଷ୍ଟ ହୋଇଥିବା ଇଞ୍ଜେକ୍ସନର ମୂଲ୍ୟ ସମ୍ପୃକ୍ତ ଫାର୍ମାସିଷ୍ଟ ନିର୍ମଳ ଚନ୍ଦ୍ର ସାହୁ ଓ ମେଡ଼ିସିନ ବିଭାଗର ଫିମେଲ ମେଡ଼ିସିନ ୫ମ ୟୁନିଟର ଇନଚାର୍ଜ ନର୍ସିଂ ଅଫିସର ସୁଜାତା ମଲ୍ଲିକଙ୍କ ଠାରୁ ଶତକଡ଼ା ୫୦ଭାଗ ଲେଖାଏଁ ଟଙ୍କା ଆଦାୟ କରାଯିବ ବୋଲି ସୂଚନା ମିଳିଛି। ଏହା ବ୍ୟତୀତ ଉଭୟଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଆରମ୍ଭ କରିବାକୁ ମଧ୍ୟ କମିଟି ସୁପାରିସ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଘଟଣାର ତଦନ୍ତ ପାଇଁ ଜିଲ୍ଲାପାଳ ମଧ୍ୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ୪ଜଣିଆ ତଦନ୍ତ କମିଟି ସମଗ୍ର ଘଟଣାର ଅନୁସନ୍ଧାନ କରି ନିଜ ରିପୋର୍ଟ ଦାଖଲ କରିଛି। ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟରେ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏମକେସିଜି ମେଡ଼ିକାଲର ରେଜିଷ୍ଟ୍ରାର ଡ. ଶ୍ୱେତ କୁମାର ଦାଶ କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ୨୨ତାରିଖରେ ଏମକେସିଜି ମେଡ଼ିକାଲର ପିଏମଆର କୋଠାରେ ଥିବା ମେଡ଼ିକାଲ ଷ୍ଟୋରର ଏକ ଡଷ୍ଟବିନରେ ମୋଟ ୨୧ଟି ଇଞ୍ଜେକ୍ସନ ଲୁଚାଇ ରଖାଯାଇଥିବା ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ଇଞ୍ଜେକ୍ସନର ମୂଲ୍ୟ ୭୬୯ ଟଙ୍କା ରହିଥିବା ଦେଖିବାକୁ ମିଳିଥିଲା। ମେଡ଼ିକାଲ ପକ୍ଷରୁ ମଧୁମେହ ରୋଗୀଙ୍କ ଚିକିତ୍ସା ନିମନ୍ତେ ଇନସୁଲିନ୍ ଗ୍ଲାର୍ଜିନ୍ ଇଞ୍ଜେକ୍ସନ୍ ୧୦୦ଏମଏଲ ଲୋକାଲ ପର୍ଚ୍ଚେଜ କରାଯାଇଥିଲା। ଡାକ୍ତରଙ୍କ ପରାମର୍ଶ କ୍ରମେ ଟାଇପ୍-୧ ମଧୁମେହରେ ପୀଡିତ ବୟସ୍କ ଓ ପିଲାଙ୍କୁ ଏବଂ ଟାଇପ୍-୨ ମଧୁମେହରେ ପୀଡିତ ବୟସ୍କମାନଙ୍କ ଚିକିତ୍ସା କ୍ଷେତ୍ରରେ ଏହି ଇଞ୍ଜେକ୍ସନ ବ୍ୟବହାର କରାଯାଇଥାଏ।

# ତୁଳସୀକ୍ଷେତ୍ର ସ୍ନାନଯାତ୍ରା ମହୋତ୍ସବ

କେନ୍ଦ୍ରାପଡ଼ା,୩୦।୬(ସମିସ): ଭକ୍ତ ଦାସିଆ ଡ୍ୟାନ୍ସ ଏକାଡେମୀ ଓ ଭକ୍ତ ଦାସିଆ ସେବା ମହାସଂଘର ମିଳିତ ଆନୁକୂଲ୍ୟରେ ବଳଦେବଜୀଉଙ୍କ ଦୋଳ ମଣ୍ଡପରେ ତୁଳସୀକ୍ଷେତ୍ର ସ୍ନାନଯାତ୍ରା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ଆବାହକ ଅଭୟ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଜିଲ୍ଲାପାଳ ରଘୁରାମ ଆର୍. ଆୟର ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ସମାଜସେବୀ ଡଃ ତ୍ରିଲୋଚନ ବରାଳ, ବିଶିଷ୍ଟ ବକ୍ତା ଭାବେ ଜିଲ୍ଲା



ସମଗ୍ର ଶିକ୍ଷା ଯୋଜନା ସଂଯୋଜକ ପ୍ରଶାନ୍ତ ସେଠୀ, ସମ୍ମାନିତ ଅତିଥି ଭାବେ ବଳଦେବଜୀଉ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ କଳଦ୍ ପତ୍ରୀ ଯୋଗଦେଇ ତୁଳସୀକ୍ଷେତ୍ରର ଐତିହ୍ୟ, ସଂସ୍କୃତି ଓ ସାମାଜିକ ମୂଲ୍ୟବୋଧ ଉପରେ ମତ ରଖିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ବସନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ରଖିଥିଲେ। ଏ ଅବସରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ବିଶିଷ୍ଟ ବ୍ୟକ୍ତିତ୍ୱ ଓ ପ୍ରତିଭାଧାରୀଙ୍କୁ "ତୁଳସୀକ୍ଷେତ୍ର ସମ୍ମାନ" ଓ "ଭକ୍ତ ଦାସିଆ ସେବା ସମ୍ମାନ" ପ୍ରଦାନ କରାଯାଇଥିଲା। ଓଡ଼ିଶା ହାଇକୋର୍ଟର ଆଇନଜୀବୀ ପ୍ରମୋଦ ଦାସ, ସରୋଜ ସାମଲ, ଅଶିଷା ପ୍ରିୟଦର୍ଶିନୀ ଦାସ ଓ ଏସଏସ ଭାଗବତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରବଚକ ସିଦ୍ଧେଶ୍ୱର ନାୟକ ତୁଳସୀ ମାହାତ୍ମ୍ୟ ଓ ଭକ୍ତ ଦାସିଆ ବାଉରୀଙ୍କ ଆଦର୍ଶ ସମ୍ପର୍କରେ ପ୍ରବଚନ ପ୍ରଦାନ କରିଥିବାବେଳେ "ମୂର୍ଚ୍ଛନା" ଅନୁଷ୍ଠାନ ପକ୍ଷରୁ ଭଜନ ପରିବେଷଣ ଓ ଓଡ଼ିଶା କଳାଚର୍ ଆର୍ଟ ଏକାଡେମୀ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ବିଜୟ ସାହୁ, ଗାୟତ୍ରୀ ଗୀତାଞ୍ଜଳି ଦାସ, ନିରାକାର ମହାରଣା, ଅନାଦି ବାରିକ, ସୁଶାନ୍ତ ଦାସ, ଜୟରାମ ଦାସ ଓ ସୌରୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅଧ୍ୟାପକ ଦୀପକ ଓଝାଙ୍କୁ 'ତୁଳସୀକ୍ଷେତ୍ର ସମ୍ମାନ'

କେନ୍ଦ୍ରାପଡ଼ା/ଡେରାବିଶ,୩୦।୬(ସମିସ): ସ୍ନାନ ପୂର୍ଣ୍ଣିମା ଅବସରରେ ଭକ୍ତ ଦାସିଆ ସେବା ସଂଗଠନ ପକ୍ଷରୁ ଇଛାପୁର ତଥାବାରେ ଆୟୋଜିତ ସ୍ନାନଯାତ୍ରା ମହୋତ୍ସବରେ କେନ୍ଦ୍ରାପଡ଼ା ଜିଲ୍ଲାର ବାଗିଲୋ



ବାବନପୁର ଗ୍ରାମର ଶିକ୍ଷାବିତ୍ ତଥା ସାହିତ୍ୟିକ ଅଧ୍ୟାପକ ଦୀପକ ଓଝାଙ୍କୁ 'ତୁଳସୀକ୍ଷେତ୍ର ସମ୍ମାନ' ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ରଘୁରାମ ଆର୍. ଆୟର ଯୋଗଦେଇ ଶ୍ରୀ ଓଝାଙ୍କୁ ସମ୍ମାନିତ କରିଥିଲେ। ଶିକ୍ଷା, ସାହିତ୍ୟ ଓ ସାମାଜିକ କ୍ଷେତ୍ରରେ ତାଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦାନ କରାଯାଇଥିବା ଆୟୋଜକ କହିଥିଲେ। ଶ୍ରୀ ଓଝା କହିଥିଲେ, ତୁଳସୀକ୍ଷେତ୍ରର ଗୌରବ ଓ ସାଂସ୍କୃତିକ ପରମ୍ପରାକୁ ନିଜ କର୍ମ ଓ ସୃଜନଶୀଳତା ମାଧ୍ୟମରେ ଆହୁରି ସମୃଦ୍ଧ କରିବା ପାଇଁ ସେ ପ୍ରୟାସ ଜାରି ରଖିବେ। ଅଧ୍ୟାପକ ଶ୍ରୀ ଓଝା ଜଣେ ଦକ୍ଷ ଶିକ୍ଷକ ହେବା ସହିତ କବି, ଲେଖକ ଓ ପ୍ରକୃତିପ୍ରେମୀ ଭାବେ ମଧ୍ୟ ପରିଚିତ। ତାଙ୍କର ଏହି ସମ୍ମାନ ପ୍ରାପ୍ତିକୁ ନେଇ ଅଞ୍ଚଳରେ ଆନନ୍ଦର ପରିବେଶ ସୃଷ୍ଟି ହୋଇଛି।

# ଦୁଇ ଶିକ୍ଷା କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମାର୍ଶାଘାଇ,୩୦।୬(ସମିସ): ମାର୍ଶାଘାଇ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧ୍ୟାପକ-କର୍ମଚାରୀ ସଂଘ ପକ୍ଷରୁ ରସାୟନ ବିଜ୍ଞାନ ବିଭାଗ ବିଜ୍ଞାନାଗାର ସହାୟକ ମହେନ୍ଦ୍ର ପରିଡ଼ା ଓ କାର୍ଯ୍ୟାଳୟ କନିଷ୍ଠ କିରାଣି ବିଜୟ ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।



ଅଧ୍ୟକ୍ଷ ପ୍ରଫେସର ବିପିନ ବିହାରୀ ନାଥଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରାଧ୍ୟାପକ ଦୀପକ ଦାସ, ବିଜୟ ପାତ୍ର, ଉମେଶ ଦାଶ, ଅଧ୍ୟାପକ ବସନ୍ତ ମିଶ୍ର, ଦୀପକ ମହାନ୍ତି, ଧୀରେନ୍ ଚୌଧୁରୀ, ବିଭୁସେନ ପତି, ଡ ବିନୋଦ ବିହାରୀ ରଥ ପ୍ରମୁଖ ଯୋଗଦେଇ ଶ୍ରୀ ପରିଡ଼ାଙ୍କ ୪୨ ବର୍ଷ ଓ ଶ୍ରୀ ଜେନାଙ୍କ ୩୫ ବର୍ଷର ବୃତ୍ତିଗତ ଜୀବନର କୃତି, କୀର୍ତ୍ତି, କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା, ଅନୁଷ୍ଠାନ ପ୍ରତି ଅଙ୍ଗୀକାରବଦ୍ଧତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏ ଅବସରରେ ଦୁଇଜଣଙ୍କୁ ଅଙ୍ଗାଭରଣ, ଉପହାର, ମାନପତ୍ର, ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ସମ୍ପାଦକ ଅଧ୍ୟାପକ ସୁକାନ୍ତ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଉପସଭାପତି ଅଧ୍ୟାପକ ଶାଶ୍ୱତ ଚନ୍ଦନ ସାମନ୍ତରାୟ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ମନୋଜ ରାଉତ, ଡ ସତ୍ୟବ୍ରତ ମଲ୍ଲିକ, କ୍ରୀଡ଼ା ଶିକ୍ଷକ ଯତୀନ ମହାନ୍ତି, କର୍ମଚାରୀ ସନ୍ତୋଷ ଜେନା, ସାଧୁଚରଣ ଗୋଛାୟତ ପ୍ରମୁଖ ଯୋଗ ଦେଇଥିଲେ।

# ଲଛମନଜୀଉଙ୍କ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ

ଡେରାବିଶ, ୩୦।୬(ସମିସ): ଡେରାବିଶ ବ୍ଲକ୍ କୁଶିଆପାଳ ପଞ୍ଚାୟତ ଅନ୍ତର୍ଗତ ବାଲିପାଟଣାସ୍ଥ ଶ୍ରୀଲଛମନଜୀଉଙ୍କ ମନ୍ଦିରରେ ଗତ ଶୁକ୍ରବାର ଦିନ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ



ଶେଷ ହୋଇଛି। ବାଲିପାଟଣା ଗ୍ରାମବାସୀଙ୍କ ଦ୍ୱାରା ଅନୁଷ୍ଠିତ ଏହି ଯଜ୍ଞ ପାଇଁ ଶୁକ୍ରବାର ଅଙ୍କୁରାରୋପଣ ଓ ଅଧିବାସ ହୋଇଥିବାବେଳେ ଶନିବାର ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୁରୁପୂଜା, ସୂର୍ଯ୍ୟପୂଜା, ଗୋପୂଜା ସହ ଅଗ୍ନି ସ୍ଥାପନ କରାଯାଇଥିଲା। ସେହିପରି ରବିବାର ଗୁରୁପୂଜା, ସୂର୍ଯ୍ୟ ପୂଜା ସହ ସପ୍ତସତୀ ଚଣ୍ଡି ପାଠ ଓ ଶେଷ ଦିବସରେ ଗୁରୁ ପୂଜା, ସୂର୍ଯ୍ୟ ପୂଜା ଓ ଗୋପୂଜା ପରେ ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏ ଅବସରରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସମାରୋହ ଓ ବିଶିଷ୍ଟ ପଣ୍ଡିତଙ୍କ ଦ୍ୱାରା ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଏହି ଯଜ୍ଞରେ କର୍ତ୍ତା ଭାବେ ପ୍ରାଧ୍ୟାପକ ଅଜୟ ରାଉତ ଓ କର୍ତ୍ତୀ ଭାବେ ସ୍ୱର୍ଣ୍ଣଲତା ରାଉତ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଯଜ୍ଞାନୁଷ୍ଠାନରେ ପୁରୋଧା ଭାବେ ପଣ୍ଡିତ ସୁରେଶ ଦାଶ, ଗୋପାଳ ଦାଶ, ସିଦ୍ଧାର୍ଥ ପଣ୍ଡା, ପ୍ରସନ୍ନଜିତ ପଣ୍ଡା, ବିଘ୍ନେଶ୍ୱର ଆଚାର୍ଯ୍ୟ ଓ ସ୍ମୃତିପ୍ରକାଶ ଦାସ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା ଟ୍ରଷ୍ଟି ତଥା କୁଶିଆପାଳ ସରପଞ୍ଚ ଦୟାନିଧି ଦାସ, ନଟବର ବାରିକ ଓ ସରଳରେଖା ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ପରିଚାଳନା କରିଥିଲେ।

## ଦାମୋଦରଜୀଉ ବିଦ୍ୟାପୀଠରୁ ନୋଳସାହି କେନାଲ ବନ୍ଧ ଶୋଚନୀୟ

# ଖାଲରେ ପରିପୂର୍ଣ୍ଣ, ଯାତାୟାତରେ ହେଉଛି ସମସ୍ୟା

ପଞ୍ଚୁପାଣ୍ଡବ,୩୦।୬(ସମିସ)

ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରେ ଥିବା ଦାମୋଦରଜୀଉ ବିଦ୍ୟାପୀଠଠାରୁ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ନୋଳସାହି ରାଇସ ମିଲ ପର୍ଯ୍ୟନ୍ତ ୮ ନଂ କେନାଲ ବନ୍ଧ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଦୀର୍ଘଦିନ ହେଲା ମରାମତି ହୋଇ ନ ଥିବାରୁ ରାସ୍ତାରେ ଗୋଡ଼ି, ମେଟାଲ ଉଠିଯାଇ ଖାଲଖାମା ପରିପୂର୍ଣ୍ଣ ହୋଇଛି। ଫଳରେ ଲୋକେ ଯାତାୟାତରେ ସମସ୍ୟା ଭୋଗୁଥିବା ଅଭିଯୋଗ ହେଉଛି। ସରକାର ହେଉ କି ପ୍ରଶାସନିକ ଅଧିକାରୀ ଭଲ ରାସ୍ତାକୁ ମରାମତି କରୁଥିବାବେଳେ ମରଣଯନ୍ତା ପାଲଟିଥିବା କେତେକ ଆରଡି ରାସ୍ତା ମରାମତି କରିବା ପାଇଁ ଖାମଖିଆଲି ମନୋଭାବ ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି। ନୂତନ ସରକାର ଆସିବା ପରେ ଆଖିଦୃଷ୍ଟିଆ ରାସ୍ତା କାମ ହୋଇ ନ ଥିବାବେଳେ ଯେଉଁଠି ରାସ୍ତା କାମ ହୋଇଛି, ନିମ୍ନମାନର ରାସ୍ତା କାମ କରି ଠିକାଦାର ଓ ପ୍ରଶାସନିକ ଅଧିକାରୀ ମାଲେମାଲ ହେଉଥିବା ଅଭିଯୋଗ ହେଉଛି। ଗତବର୍ଷ ଏହି ରାସ୍ତା ମରାମତି



କରିବା ପାଇଁ ଠିକାଦାର ଜଣକ ଅଳ୍ପ କିଛି ପିଚୁ କାମ ଆରମ୍ଭ କରି ପରେ ଛୁ ମାରିଛି। ସେହି ଦିନଠୁ ରାସ୍ତାରେ ମୁଠାଏ ବାଲି କି ଗୋଡ଼ି ପଡ଼ି ନଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଦେଇ ବିଭିନ୍ନ ସ୍କୁଲ କଲେଜ, ଡାକ୍ତରଖାନାକୁ ବିଭିନ୍ନ ପ୍ରକାରର ଗାଡ଼ି ଚଳାଚଳ କରୁଥିବାବେଳେ ଏହି ରାସ୍ତାରେ ଲକ୍ଷ୍ମୀବସ୍ ଚଳାଚଳ କରୁଛି। ଉକ୍ତ ରାସ୍ତାରେ ବାଲି ଚୋରାଚାଲାଣ ହେଉଥିବା ଦେଖିବାକୁ ମିଳୁଛି। ଏହି ରାସ୍ତାରେ ବେଣୀପୁର, ଛୋଟି, ମଙ୍ଗଳପୁର ଓ ରଘୁଦେଇପୁର ପଞ୍ଚାୟତର ଲୋକ ମଧ୍ୟ ଯାତାୟାତ କରୁଛନ୍ତି। ଏହାର ତଦନ୍ତ କରାଯାଇ ଶୀଘ୍ର ରାସ୍ତା ମରାମତି କରାଯିବାକୁ ଗିରିଶ ପ୍ରସାଦ ବେହୁରା, ବିଜୟ ସାହୁ, ନିହାର ସାମଲ, ବିଭୂତି ଭୂଷଣ ସାମଲ ଓ ବିଜୟ ଦାସ ପ୍ରମୁଖ ଦାବି କରିଛନ୍ତି।

## ● ଠକିଦେଲା ମହାକାଳପଡ଼ା ବ୍ଲକ୍ ପ୍ରଶାସନ

# କୁନି ଏବେବି ହରିଶ୍ଚନ୍ଦ୍ର ସହାୟତାରୁ ବଞ୍ଚିତ

ମହାକାଳପଡ଼ା,୩୦।୬(ସମିସ): ଅଭିଯୋଗର ସମାଧାନ ପାଇଁ ସରକାର କଡ଼ା ନିର୍ଦ୍ଦେଶ ଦେଉଥିବାବେଳେ ମହାକାଳପଡ଼ା ବ୍ଲକର ଏକ ଘଟଣା ସେହି ବ୍ୟବସ୍ଥାର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଣେ ବିଧବା ଅସହାୟ ମହିଳା ବ୍ଲକ୍ ପ୍ରଶାସନର ଅପାରଗତା କାରଣରୁ ହରିଶ୍ଚନ୍ଦ୍ର ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସମସ୍ୟା ସମାଧାନ ଆଳରେ ପ୍ରଶାସନ ମିଛ ଚିଠି ଲେଖି ମହିଳାଙ୍କ ପ୍ରତି ଉପହାସ କରିଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ମହାକାଳପଡ଼ା ବ୍ଲକ୍ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ବନ୍ଧପଡ଼ା ଗ୍ରାମର କୁନି ଲେଙ୍କାଙ୍କ ସ୍ୱାମୀ ନରେନ୍ଦ୍ର ଲେଙ୍କାଙ୍କ ଗତବର୍ଷ ଜୁଲାଇ ୨ ତାରିଖରେ ଦେହାନ୍ତ ହୋଇଥିଲା। ସେତେବେଳେ ତାଙ୍କୁ ମିଳିବାକୁ ଥିବା



ହରିଶ୍ଚନ୍ଦ୍ର ସହାୟତା ପ୍ରଦାନ କରାଯାଇ ନ ଥିଲା। ଏହି ଘଟଣା ୨୦୨୫ ନଭେମ୍ବର ୫ ତାରିଖରେ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମଧ୍ୟ ସମସ୍ୟାର ସମାଧାନ ହୋଇ ନ ଥିଲା। ପରବର୍ତ୍ତୀ ସମୟରେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଅଭିଯୋଗ ଦାଖଲ କରାଯାଇଥିଲା। ପରେ ଚଳିତ ବର୍ଷ ଫେବୃଆରୀ ୬ ତାରିଖରେ ମହାକାଳପଡ଼ା ବ୍ଲକ ପ୍ରଶାସନ ଜିଲ୍ଲାପାଳଙ୍କୁ ଚିଠି ଲେଖି ଜଣାଇଥିଲେ ଯେ, ହିତାଧିକାରୀଙ୍କୁ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ଅବଗତ କରାଯାଇଛି ଓ କାଗଜପତ୍ର ଦାଖଲ ପରେ ସହାୟତା ପ୍ରଦାନ କରାଯିବ। ଏହି ଚିଠିର ପ୍ରାୟ ଚାରିମାସ ପରେ ମଧ୍ୟ କୁନି ଲେଙ୍କାଙ୍କୁ କୌଣସି ସହାୟତା ପ୍ରଦାନ କରାଯାଇନି। କୁନି କହିଛନ୍ତି, ପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନର କୌଣସି ଅଧିକାରୀ ତାଙ୍କୁ ଯୋଗାଯୋଗ କରିନାହାନ୍ତି କିମ୍ବା କାଗଜପତ୍ର ଦାଖଲ ପାଇଁ ଅବଗତ କରାଇନାହାନ୍ତି। ଫଳରେ ସେ ଏପର୍ଯ୍ୟନ୍ତ ହରିଶ୍ଚନ୍ଦ୍ର ସହାୟତା ପାଇନାହାନ୍ତି। ଏହାକୁ ନେଇ ପ୍ରଶାସନର ଚିଠିରେ ଉଲ୍ଲେଖ କରିଥିବା ସୂଚନା ଓ ହିତାଧିକାରୀଙ୍କ ବୟାନ ମଧ୍ୟରେ ସାଂଘାତିକ ବିରୋଧାଭାସ ସାମ୍ନାକୁ ଆସିଛି। ଏଠି ପ୍ରଶ୍ନ ଉଠୁଛି ଅଭିଯୋଗର ସମାଧାନ ପାଇଁ ପ୍ରକୃତରେ ପଦକ୍ଷେପ ନିଆଯାଇଥିଲା, ନା କେବଳ କାଗଜପତ୍ରରେ ସମାଧାନ ଦର୍ଶାଇ ମାମଲାକୁ ବନ୍ଦ କରିବାର ଉଦ୍ୟମ କରାଯାଇଥିଲା? ମୁଖ୍ୟମନ୍ତ୍ରୀ କହୁଥିବା ଲୋକଙ୍କ ସମସ୍ୟାର ସମାଧାନ ଏମିତି କରୁଛି କି ମହାକାଳପଡ଼ା ପ୍ରଶାସନ। ବାସ୍ତବରେ ସତ କହୁଛି କିଏ। ବ୍ଲକ୍ ପ୍ରଶାସନ, ପଞ୍ଚାୟତ କର୍ତ୍ତୃପକ୍ଷ ନା ନିଜେ କୁନି ଲେଙ୍କା? ଜଣେ ଅସହାୟ ବିଧବା ମହିଳା ଦୀର୍ଘ ଏକବର୍ଷ ଧରି ସରକାରୀ ସହାୟତାରୁ ବଞ୍ଚିତ ରହିଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି କରିଛି। ଜିଲ୍ଲାପାଳ ଏହି ଘଟଣାର ନିରପେକ୍ଷ ତଦନ୍ତ କରି ପ୍ରକୃତ ସ୍ଥିତି ସାମ୍ନାକୁ ଆଣିବା ସହ କୁନି ଲେଙ୍କାଙ୍କୁ ତୁରନ୍ତ ପ୍ରାପ୍ୟ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି।

# +୨ ବିଜ୍ଞାନ ଶ୍ରେଣୀ ଅନୁମୋଦନ ନିମିତ୍ତ ଅଞ୍ଚଳବାସୀଙ୍କ କୃତଜ୍ଞତା


ରାଜନଗର,୩୦।୬(ସମିସ): ରାଜନଗର ବ୍ଲକ୍‌ରେ +୨ ବିଜ୍ଞାନ ଶ୍ରେଣୀ କେବଳ ବ୍ଲକ ସଦର ମହକୁମାସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ରହିଛି। ଫଳରେ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ ଦୂରଦୂରାନ୍ତରୁ ଆସି ପଢିବାକୁ ବାଧ୍ୟ ହେଉଥିଲେ। ଚଳିତବର୍ଷ ରାଜନଗରଠାରୁ ୧୭ କିମି ଦୂର ଗୁପ୍ତି ପଞ୍ଚାୟତର ଗୋପାଳପୁରଠାରେ ଥିବା ବନବିହାରୀ ଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟରେ +୨ ବିଜ୍ଞାନ ଶ୍ରେଣୀ ଖୋଲିବାକୁ କେନ୍ଦ୍ର ସରକାର ଅନୁମୋଦନ କରିଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏ ଅବସରରେ ସ୍କୁଲ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସାଗରବେଳା ସାଂସ୍କୃତିକ ପରିଷଦ ସଭାପତି ଡାକ୍ତର ଅଭୟ ପାତ୍ରଙ୍କ ଅଧ୍ୟକ୍ଷତାରେ



ଅନୁଷ୍ଠିତ ସଭାରେ ପ୍ରାଧ୍ୟାପକ ସତ୍ୟବାଦୀ ଜେନା, ପ୍ରାକ୍ତନ ପ୍ରଧାନଶିକ୍ଷକ ମହେଶ୍ୱର ରାଉତ, ଉପକୂଳ ଶିକ୍ଷା ଉନ୍ନୟନ ପରିଷଦ ସଭାପତି ଡକ୍ଟର ଧରଣୀଧର ରାଉତ, ପ୍ରଧାନଶିକ୍ଷକ କୈଳାସ କୁଣ୍ଡ, ଶିକ୍ଷାବିତ ଫକୀରମୋହନ ପ୍ରଧାନ, ରମାକାନ୍ତ ପ୍ରଧାନ, ସମାଜସେବୀ ମହେଶ୍ୱର ବେହେରା, ଗିରିଶ ନାୟକ ପ୍ରମୁଖ +୨ ବିଜ୍ଞାନ ଶ୍ରେଣୀ ଖୋଲିବା ଅଞ୍ଚଳ ପାଇଁ ଯୁଗାନ୍ତକାରୀ ପଦକ୍ଷେପ କହି କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ସ୍କୁଲରେ ବିଜ୍ଞାନ ଶ୍ରେଣୀ ଖୋଲିବାରେ ସହଯୋଗ କରିଥିବା କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର, ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ବାରିକ, ଓଡ଼ିଶା ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିୟତି ପଟ୍ଟନାୟକ, ଶିକ୍ଷା ସଚିବ ଏନ ତିରୁମାଲା ନାୟକ, ସାଂସଦ ବୈଜୟନ୍ତ ପଣ୍ଡା, ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟମନ୍ତ୍ରୀ ମୋହନ ମାଝି, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ପ୍ରାକ୍ତନ ସମିତି ସଭ୍ୟ ତ୍ରୈଲୋଚନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ମାୟାଧର ସାମଲ, ନବକୃଷ୍ଣ ରାଉତ, ଅକ୍ଷୟ ରାଉତ, ଧନେଶ୍ୱର ବେହେରାଙ୍କ ସହ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗ ଦେଇଥିଲେ।

# ଫିଟ୍‌ନେସ୍ ଗ୍ୟାରେଜ୍‌ରେ ପାୱାରଲିଫ୍ଟିଂ ପ୍ରତିଯୋଗିତା

ଡେରାବିଶ, ୩୦।୬(ସମିସ): ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଓଲଡ଼ିସ୍ଥ ଫିଟ୍‌ନେସ୍ ଗ୍ୟାରେଜ୍ ଜିମ୍ ସେଣ୍ଟରରେ ପାୱାରଲିଫ୍ଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅବିନାଶ ନାୟକଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଜିଲ୍ଲା



ତଥା ଜିଲ୍ଲା ବାହାରୁ ୪୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ଲାଲମୋହନ ମହାପାତ୍ର, ମୁଖ୍ୟବକ୍ତା ଭାବେ ଅକ୍ଷୟ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ କେ ହ୍ୱନୁଲ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରଥମ କରି ପାୱାରଲିଫ୍ଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାରୁ ଏହି ଅନୁଷ୍ଠାନକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ଜିଲ୍ଲାର ବହୁ ପାୱାରଲିଫ୍ଟର ପ୍ରଶଂସା କରିଛନ୍ତି।

# ଯୋର ଜମିରୁ ହୋଇପାରୁନି ପାଣି ନିଷ୍କାସନ, ଡ୍ରେନ ନିର୍ମାଣ ଦାବି

ପଞ୍ଚୁପାଣ୍ଡବ,୩୦।୬(ସମିସ): ଡେରାବିଶ ତହସିଲ ଅଧୀନରେ ଥିବା ଛୋଟି ପଞ୍ଚାୟତ ଅନ୍ତର୍ଗତ ଛୋଟି ଗ୍ରାମରେ ଏକ ଯୋର ଜମିରୁ ପାଣି ନିଷ୍କାସନ ବାଟ ବନ୍ଦ ରହିଥିବା ଦେଖିବାକୁ ମିଳୁଛି। ବର୍ଷେ ହେବ ଏହି ଯୋର ଜମିକୁ ଲଗାଇ ଜଣେ ବ୍ୟକ୍ତି ମାର୍କେଟ କମ୍ପ୍ଲେକ୍ସ କରିଥିବାବେଳେ ଯୋର ଜମିକୁ ବାଲି ପକାଇ ରାସ୍ତା କରିଥିଲେ। ପାଣି ନିଷ୍କାସନ ନ ହେବାରୁ ସ୍ଥାନୀୟ ଲୋକ ଡେରାବିଶ ତହସିଲରେ ଅଭିଯୋଗ କରିଥିଲେ। ଡେରାବିଶ ତହସିଲ ପକ୍ଷରୁ ଜବରଦଖଲ ହଟାଯାଇଥିଲା। ସେହି ଜାଗା ସେହିଭଳି ପଡ଼ିରହିଛି। ସୋଟ ମୁହଁରେ ବାଲି ମାଟି ରହି ପାଣି ନିଷ୍କାସନ ବାଟ ବନ୍ଦ ରହିଥିବା ଦେଖିବାକୁ ମିଳୁଛି। ରାସ୍ତା କଡ଼ରେ ଗଭୀର ଖାଲ କରାଯାଇଥିବାରୁ ରାସ୍ତାରେ ଯାତାୟାତ କରୁଥିବା ଲୋକ ହଇରାଣ ହେଉଥିବା ଅଭିଯୋଗ ହେଉଛି। ଏଥିସହ ଯୋର ଜମିକୁ ଲଗାଇ ଛୋଟି ଆର୍‌ଆଇ କାର୍ଯ୍ୟାଳୟ କରାଯାଉଥିବାରୁ ପାଣି ନିଷ୍କାସନ ବାଟ ବନ୍ଦ ହୋଇଥିବା ଅଭିଯୋଗ ହେଉଛି। ରାସ୍ତା କଡ଼କୁ ଲଗାଇ ଗଭୀର ଖାଲଥିବାରୁ ଏହି ନାଳିରେ ପଥଚାରୀଙ୍କ ଯାତାୟାତରେ ଅସୁବିଧା ହେଉଥିବାବେଳେ ଗାଈ ଗୋରୁ ପଡ଼ି ଆହତ ହେବା ଆଶଙ୍କା ରହିଛି। ପାଣି ନିଷ୍କାସନ ନ ହେଲେ କେତେକ ଚାଷ ଜମି ନଷ୍ଟ ହେବା ସହ କେତେକ ଘର ଭିତରେ ପାଣି ପଶିଯିବା ସମ୍ଭାବନା ରହିଛି। ଏହାର ତଦନ୍ତ କରାଯାଇ ଏହି ନାଳିରେ ଡ୍ରେନ କରିବା ଲାଗି ସହ ପାଣି ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ଅଞ୍ଚଳବାସୀ ଓ କେତେକ ଦୋକାନୀ ଦାବି କରିଛନ୍ତି।

# ମା' ରାମଚଣ୍ଡୀ ପୀଠରେ କଂଗ୍ରେସର ସାଂଗଠନିକ ବୈଠକ

ମହାକାଳପଡ଼ା,୩୦।୬(ସମିସ): ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସ ଦଳ ସାଂଗଠନିକ



କାର୍ଯ୍ୟକଳାପକୁ ଜୋରଦାର କରିଛି। ଦରିୟାପାରିସ୍ଥ ମା' ରାମଚଣ୍ଡୀ ପୀଠରେ କଂଗ୍ରେସର ରାଜ୍ୟ କୋଷାଧ୍ୟକ୍ଷ ତଥା ଯୁବ ନେତା ସିଦ୍ଧାର୍ଥ ସ୍ୱରୂପ ଦାସଙ୍କ ପିତା ଭକ୍ତ ଦାସଙ୍କ ଉପସ୍ଥିତିରେ ଦଳୀୟ କର୍ମୀ ଓ ସ୍ଥାନୀୟ ମୁରବିଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ପୂର୍ବରୁ ସିଦ୍ଧାର୍ଥ ଦାସ, ତାଙ୍କ ପିତା ଭକ୍ତ ଦାସ ଓ ବରିଷ୍ଠ ଶିକ୍ଷାବିତ୍ ବେଣୁଧର ଦାସ ମା' ରାମଚଣ୍ଡୀଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ବୈଠକରେ ମହାକାଳପଡ଼ା ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ଆସିଥିବା କଂଗ୍ରେସ କର୍ମୀ, ବ୍ଲକ ଓ ପଞ୍ଚାୟତ ସ୍ତରୀୟ ନେତାଙ୍କ ସହ ସ୍ଥାନୀୟ ମୁରବି ଉପସ୍ଥିତ ଥିଲେ। ଭକ୍ତ ଦାସ କର୍ମୀଙ୍କ ସହ ସାଂଗଠନିକ ସୁଦୃଢ଼ୀକରଣ, ତୃଣମୂଳ ସ୍ତରରେ ଦଳକୁ ସକ୍ରିୟ କରିବା ଓ ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟାକୁ ସରକାରଙ୍କ ଦୃଷ୍ଟିକୁ କିପରି ନିଆଯାଇପାରିବ, ସେନେଇ ଆଲୋଚନା କରିଥିଲେ। ଗତ ନିର୍ବାଚନରେ ସିଦ୍ଧାର୍ଥ ସ୍ୱରୂପ ଦାସ କଂଗ୍ରେସ ପକ୍ଷରୁ କେନ୍ଦ୍ରାପଡ଼ା ଲୋକସଭା ଆସନରେ ପ୍ରାର୍ଥୀ ହୋଇଥିଲେ। ନିର୍ବାଚନ ପରେ ମଧ୍ୟ ସେ ବିଭିନ୍ନ ପଞ୍ଚାୟତ, ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦେଇ ଜନସମ୍ପର୍କ ବଜାୟ ରଖିଆସୁଛନ୍ତି। ଏହି ବୈଠକକୁ ମହାକାଳପଡ଼ାରେ କଂଗ୍ରେସର ସାଂଗଠନିକ ପ୍ରସ୍ତୁତିର ଏକ ସଙ୍କେତ ଭାବେ ଗ୍ରହଣ କରାଯାଉଛି।

# ଅଣ୍ଡରା ମଦ ଦୋକାନ ସ୍ଥାନାନ୍ତର ଦାବିରେ ମହିଳାଙ୍କ ଧାରଣା

ପଟ୍ଟାମୁଣ୍ଡାଇ,୩୦।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଣ୍ଡରାଠାରେ ଥିବା ସରକାରୀ ମଦ ଦୋକାନ ସ୍ଥାନାନ୍ତର ଦାବି କରି ସ୍ଥାନୀୟ ଅଞ୍ଚଳର କିଛି ମହିଳା ମଦ ଦୋକାନ ସମ୍ମୁଖରେ ଧାରଣା ଦେଇଥିଲେ। କିଛି ଅଘଟଣ ଆଶଙ୍କା



କରି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରୀ ବନ୍ଦନା ପାତ୍ର ଓ ଚୌଦକୁଲାଟ ଫାଣ୍ଡି ଅଧିକାରୀ ନୃସିଂହ ମହାନ୍ତି ଘଟଣାସ୍ଥଳରେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। କେନ୍ଦ୍ରାପଡ଼ା ଅବକାରୀ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ମହିଳା ଓ ସ୍ଥାନୀୟ ବ୍ୟକ୍ତିଙ୍କ ସହ ଆଲୋଚନା କରି ଏହି ମଦ ଦୋକାନ ସ୍ଥାନାନ୍ତର କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ଜିଲ୍ଲାପାଳଙ୍କ ଡେରାବିଶ ବ୍ଲକ୍ ଗସ୍ତ

ଡେରାବିଶ, ୩୦।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟର ଆଜି ଡେରାବିଶ ବ୍ଲକ୍ ଗସ୍ତରେ କରିଥିଲେ। ଶ୍ରୀ ଆୟାର ପ୍ରଥମେ ଡେରାବିଶ ତହସିଲ ଅଧୀନ ହରିଅଙ୍କ ରାଜସ୍ୱ ସର୍କଲକୁ ଯାଇ ସେଠାରେ ସର୍କଲର



ବିଭିନ୍ନ କାର୍ଯ୍ୟ ତଦାରଖ କରିଥିଲେ। ପରେ ହରିଅଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ଯାଇ ସେଠାରେ ରୋଗୀଙ୍କ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନିର୍ମାଣାଧୀନ ଗୃହ କାର୍ଯ୍ୟକୁ ତଦାରଖ କରିଥିଲେ। ସେଠାରୁ ଦାନପୁର ପିୟୁଜିୟୁପି ବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଓ ମଧ୍ୟାହ୍ନଭୋଜନ ସମ୍ପର୍କରେ ପଚାରି ବୁଝିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ ଓ ପାଚିକାଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ଜିଲ୍ଲାପାଳଙ୍କ ଗ୍ରସ୍ତ ସମୟରେ ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ ଉପସ୍ଥିତ ଥିଲେ।

## ● ପୋଲ ନିର୍ମାଣରେ ଅହେତୁକ ବିଳମ୍ବ

# ୫ କିଲୋମିଟର ବୁଲି ଯାଉଛନ୍ତି ଅଞ୍ଚଳବାସୀ

ଡେରାବିଶ, ୩୦।୬(ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ଚଣ୍ଡିବଜାରଠାରୁ ବଡ଼ଫୋଗଲ ଭାୟା ଜହ୍ନିମୂଳ ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟରେ ଅହେତୁକ ବିଳମ୍ବକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତାକୁ ଅତିକ୍ରମ କରୁଥିବା ଡ୍ରେନେଜ୍‌କଟ୍ ଉପରେ ପୂର୍ବରୁ ଥିବା ପୋଲକୁ ଚଳିତ ବର୍ଷ ପ୍ରାରମ୍ଭରେ ଭାଙ୍ଗି ଦିଆଯାଇଥିଲା। ପ୍ରାୟ ୪୦ରୁ ୫୦ ଫୁଟ୍ ଲମ୍ବ ବିଶିଷ୍ଟ ଏହି ନୂତନ ପୋଲ ନିର୍ମାଣ କାର୍ଯ୍ୟ ଦୁଇବର୍ଷ ହେବ ମନ୍ଥର ଗତିରେ ଚାଲିଥିବାବେଳେ ଏବେ ତାହାର ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି । ଫଳରେ ସ୍ଥାନୀୟ ଗ୍ରାମବାସୀ ସାଧାରଣ କାମ ପାଇଁ ପାଖାପାଖି ୫ କିଲୋମିଟର ବୁଲି ଯିବାଆସିବା କରୁଛନ୍ତି। ଏଥିସହିତ ଏବେ କୃଷି କାର୍ଯ୍ୟ ଆରମ୍ଭ ହେବାକୁ ଥିବାରୁ ଟ୍ରାକ୍ଟର କିମ୍ବା ଅନ୍ୟକୌଣସି କୃଷି ଯନ୍ତ୍ରପାତି ଚାଷଜମିକୁ ଯିବାଆସିବାରେ ଅସୁବିଧା ଭୋଗ କରୁଛନ୍ତି। ଏହାର ପ୍ରତିବାଦରେ ସ୍ଥାନୀୟ ଗ୍ରାମବାସୀ ଆସନ୍ତା ଜୁଲାଇ ୬ ତାରିଖ ଦିନ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରିବା ପାଇଁ ଜିଲ୍ଲାପାଳଙ୍କ ଅନୁମତି ଲୋଡ଼ିଛନ୍ତି। ଏ ସମ୍ପର୍କର ଗ୍ରାମବାସୀ ଲିଖିତ ଭାବେ ଜିଲ୍ଲାପାଳଙ୍କୁ ଜଣାଇଥିବା ଶୁଣିବାକୁ ମିଳିଛି।

**ବିଭାଗୀୟ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରିବାକୁ ଜିଲ୍ଲାପାଳଙ୍କ ଅନୁମତି ଲୋଡ଼ିଲେ**

# ଦୁଇବର୍ଷ କାର୍ଯ୍ୟକାଳର ହିସାବଦେଲେ ବିଧାୟକ ଗଣେଶ୍ୱର ବେହେରା

କେନ୍ଦ୍ରାପଡ଼ା,୩୦।୬(ସମିସ)

କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହେବା ପରେ ଦୁଇବର୍ଷର କାର୍ଯ୍ୟକାଳ ପୂରଣ କରିଥିବା ବିଧାୟକ ଗଣେଶ୍ୱର ବେହେରା ନିଜ କାର୍ଯ୍ୟର ରିପୋର୍ଟ କାର୍ଡ ସର୍ବସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିଛନ୍ତି। ଗରାପୁରସ୍ଥ ରାଜୀବ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ସେତୁ, କ୍ରୀଡ଼ା ଭିତ୍ତିଭୂମି ଓ ସାଂସ୍କୃତିକ କ୍ଷେତ୍ରରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ବିସ୍ତୃତ ବିବରଣୀ ଦେଇଛନ୍ତି।

ବିଧାୟକ ଶ୍ରୀ ବେହେରା କହିଥିଲେ, ନିର୍ବାଚନ ସମୟରେ ଦେଇଥିବା "ଆପଣଙ୍କ କଥା କହିବି, ଆପଣଙ୍କ ପାଇଁ ଲଢ଼ିବି' ସ୍ଲୋଗାନକୁ ସେ ପାଳନ କରିଆସିଛନ୍ତି। ବିଧାନସଭାରେ ବାରମ୍ବାର କେନ୍ଦ୍ରାପଡ଼ାର ବିଭିନ୍ନ ସମସ୍ୟା ଉଠାଇବା ଫଳରେ ମୁଖ୍ୟମନ୍ତ୍ରୀଙ୍କ ବଜେଟ୍ ଭାଷଣରେ କେନ୍ଦ୍ରାପଡ଼ାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଘୋଷଣା କରାଯାଇଥିବା ସେ କହିଥିଲେ। ଶିକ୍ଷା କ୍ଷେତ୍ରରେ କେନ୍ଦ୍ରାପଡ଼ା କଲେଜରେ ଛାତ୍ରାବାସ ନିର୍ମାଣ ପାଇଁ ୭ କୋଟିରୁ ଅଧିକ ଟଙ୍କା ମଞ୍ଜୁର ହୋଇଥିବାବେଳେ ବିରୂପା, ବ୍ରାହ୍ମଣୀ ଓ ତୁଳସୀ ମହାବିଦ୍ୟାଳୟର ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ମଧ୍ୟ ଅର୍ଥ ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ପ୍ରୟାସ ଜାରି ରହିଥିବାବେଳେ ଅଣ୍ଡରା, ଚନ୍ଦନପୁର, ଆୟେବା ଓ ଭାଗବତପୁରରେ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କୋଠା ନିର୍ମାଣ ପାଇଁ ଦେଢ଼ କୋଟି ଟଙ୍କା ଲେଖାଏଁ ମଞ୍ଜୁର କରାଯାଇଛି। ଭିତ୍ତିଭୂମି ବିକାଶ କ୍ଷେତ୍ରରେ ବ୍ରାହ୍ମଣୀ ନଦୀ ଉପରେ ୧.୬୭ କୋଟି ଟଙ୍କା ବ୍ୟୟରେ ଅଳପୁଆ ସେତୁ ନିର୍ମାଣକୁ ମଞ୍ଜୁରି ମିଳିଥିବାବେଳେ ନୀଳକଣ୍ଠପୁର ସେତୁ ପାଇଁ ନିଷ୍ପତ୍ତି ଚୂଡ଼ାନ୍ତ ହୋଇଛି। ୪୧ କୋଟି ଟଙ୍କା ବ୍ୟୟରେ ଦାମୋଦରପାଟଣା-ବଲୁରିଆ ରାସ୍ତା ଓ ତନୁପୁର ଆପ୍ରୋଚ୍ ରାସ୍ତା ନିର୍ମାଣ ପାଇଁ ଚୁକ୍ତିନାମା ସ୍ୱାକ୍ଷର ହୋଇଥିବାବେଳେ ଅନ୍ୟ ବହୁ ରାସ୍ତା ଓ ପୋଲ କାମ ଚାଲିଛି କିମ୍ବା ପ୍ରସ୍ତାବ ରହିଛି। କ୍ରୀଡ଼ା କ୍ଷେତ୍ରରେ କୋରରେ ୧୨ କୋଟି ଟଙ୍କା ବ୍ୟୟରେ ବ୍ଲକସ୍ତରୀୟ ଷ୍ଟାଡିୟମ ଓ ପୌରାଞ୍ଚଳର ବଡ଼ବାରଙ୍ଗରେ ୨୬ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ସୁଇମିଂ ପୁଲ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିବା ସେ ସୂଚନା ଦେଇଥିଲେ। ସେହିପରି ରାଜ୍ୟର ପ୍ରଥମ କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟିର ନିଜସ୍ୱ କାର୍ଯ୍ୟାଳୟ ଭବନ ନିର୍ମାଣ ପାଇଁ ସାଢ଼େ ୫ କୋଟି ଟଙ୍କା ବ୍ୟୟରେ କାମ ଆରମ୍ଭ ହୋଇଥିବା କହିଥିଲେ। ସାଂସ୍କୃତିକ କ୍ଷେତ୍ରରେ ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମ, ବିଜୁ ପଟ୍ଟନାୟକ, ଭଜନ ସମ୍ରାଟ ଭିକାରୀ ବଳ ଓ ଗଣକବି ଗୋପାଳ ଦାସଙ୍କ ସମେତ ବହୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିବା ସେ ଉଲ୍ଲେଖ କରିଥିଲେ।

ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ସମ୍ପର୍କରେ ସୂଚନା ଦେଇ କହିଥିଲେ, ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ବିଭିନ୍ନ ପ୍ରକଳ୍ପ ପାଇଁ ୯ କୋଟି ୯ ଲକ୍ଷ ୮୫ ହଜାର ଟଙ୍କା ବରାଦ କରାଯାଇଛି। ଏହାଛଡ଼ା ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୧ କୋଟି ୨ ଲକ୍ଷ ଟଙ୍କା ମଧ୍ୟ ମିଳିଛି। ତେବେ କେତେକ କ୍ଷେତ୍ରରେ ସରକାରୀ ଅଧିକାରୀଙ୍କ ଅସହଯୋଗ ଯୋଗୁଁ ବିକାଶ କାର୍ଯ୍ୟ ଆଶାନୁରୂପ ଗତି ପାଇପାରିନଥିବା ସେ ସ୍ୱୀକାର କରିଥିଲେ। ଦୁଇବର୍ଷ ବିତିଛି, ଆହୁରି ତିନି ବର୍ଷ ବାକି ଅଛି। ଅବଶିଷ୍ଟ ସମୟରେ କେନ୍ଦ୍ରାପଡ଼ାର ବିକାଶକୁ ଆହୁରି ଗତିଶୀଳ କରିବା ପାଇଁ ମୋର ପ୍ରୟାସ ଜାରି ରହିବ। ଆଗକୁ କ'ଣ କରିବି, ତାହା କହିବି ନାହିଁ, ଲୋକେ କାମ ଦେଖି ଅନୁଭବ କରିବେ ବୋଲି ବିଧାୟକ ଶ୍ରୀ ବେହେରା କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଅଧ୍ୟକ୍ଷା ସରିତା ସାହୁ, ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭଳ, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, ପ୍ରିୟଦର୍ଶିନୀ ତରାଇ, କପାଳେଶ୍ୱର ସରପଞ୍ଚ କଳ୍ପନା ମହାନ୍ତି, ସଂଖ୍ୟାଲଘୁ ନେତା ସେକ୍ ଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

୩୦/୬/୨୦୨୬ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୨,୨୨,୨୬୭/- ସୁନା:୦୦.୮୫୦ ଗ୍ରାମ୍ ରୁପା: ୦୦.୫୦୦ ଗ୍ରାମ୍





## ହରିଶ୍ଚନ୍ଦ୍ର ସହାୟତା ରାଶି ୬୦୦ ଟଙ୍କା ବୃଦ୍ଧି

# ଏ ଯାଏଁ ସ୍ୱର୍ଗଦ୍ୱାରରେ ଲାଗୁ ହେଲାନି

ପୁରୀ,୩୦।୬(ସମିସ)



ଦୁଃଖରେ ପଡ଼ିଥିବା ଗରିବ ପରିବାର ପାଇଁ ସରକାରଙ୍କ ସହାୟତା ବଢ଼ିଲା, ହେଲେ ତାହା ଏଯାଏଁ ସ୍ୱର୍ଗଦ୍ୱାରରେ ପହଞ୍ଚି ପାରିଲାନି। ପ୍ରାୟ ଅଢ଼େଇ ମାସ ତଳେ ହରିଶ୍ଚନ୍ଦ୍ର ସହାୟତା ଯୋଜନାରେ ସ୍ୱର୍ଗଦ୍ୱାରରେ ଶବ ସତ୍କାର ପାଇଁ ୬୦୦ ଟଙ୍କା ବୃଦ୍ଧି କରି ସରକାର ନିର୍ଦ୍ଦେଶନାମା ଜାରି କଲେ। କିନ୍ତୁ ଏହି ବର୍ଦ୍ଧିତ ରାଶି ଆଜିପର୍ଯ୍ୟନ୍ତ ସ୍ୱର୍ଗଦ୍ୱାରରେ ଲାଗୁ ହୋଇପାରି ନାହିଁ। ତୁରନ୍ତ ଏହା ଲାଗୁ କରାଗଲେ ଏହି ଯୋଜନାରେ ଯେଉଁମାନେ ଶବଦାହ କରୁଛନ୍ତି ସେମାନଙ୍କ ପାଇଁ ଦାହ କାର୍ଯ୍ୟ ଆହୁରି ସହଜ ହୋଇପାରନ୍ତା ବୋଲି କୁହାଯାଉଛି।

ହରିଶ୍ଚନ୍ଦ୍ର ସହାୟତା ଯୋଜନା ହେଉଛି ରାଜ୍ୟ ସରକାରଙ୍କ ଏକ ଜନକଲ୍ୟାଣକାରୀ ଯୋଜନା। ଗରିବ, ଅସହାୟ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପରିବାରରେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ହେଲେ ତାଙ୍କ ଶବ ସତ୍କାର ପାଇଁ ଆର୍ଥିକ ସହାୟତା ଯୋଗାଇବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଏହି ଯୋଜନା ଅଗଷ୍ଟ ୨୦୧୩ରୁ ରାଜ୍ୟରେ ଲାଗୁ କରିଥିଲେ ପୂର୍ବ ବିଜେଡି ସରକାର। ଅନେକ ସମୟରେ ଅତି ଗରିବ ପରିବାର ପାଖରେ ନିଜ ପ୍ରିୟଜନଙ୍କ ଅନ୍ତିମ ସଂସ୍କାର ପାଇଁ ମଧ ଟଙ୍କା ନ ଥାଏ। ଏହି ଯୋଜନା ସେମାନଙ୍କୁ ସେହି ଦୁଃଖଦ ସମୟରେ ସମ୍ମାନର ସହ ଅନ୍ତିମ କ୍ରିୟା ସମ୍ପନ୍ନ କରିବାରେ ସାହାଯ୍ୟ କରେ। ରାଜା ହରିଶ୍ଚନ୍ଦ୍ରଙ୍କ ତ୍ୟାଗ ଓ ସତ୍ୟବାଦିତାକୁ ସ୍ମରଣ କରି ଏହି ଯୋଜନାର ନାମକରଣ କରାଯାଇଛି। ପୂର୍ବରୁ ଏହାର ନାମ "ହରିଶ୍ଚନ୍ଦ୍ର ସହାୟତା' ଥିଲା, ପରେ ଏହାକୁ ଯୋଜନା ରୂପ ଦିଆଯାଇଛି। ବିଶେଷକରି ଗରିବ ସୀମାରେଖା ତଳେ ଥିବା ପରିବାର, ନିରାଶ୍ରୟ, ଅପରିଚିତ ଶବ ଓ ଅନ୍ୟ ଆର୍ଥିକ ଦୁର୍ବଳ ପରିବାର ପାଇଁ ଏହି ସହାୟତା ଉଦ୍ଦିଷ୍ଟ।

ଆରମ୍ଭରୁ ଏହି ଯୋଜନାରେ ଗ୍ରାମାଞ୍ଚଳରେ ୨ ହଜାର ଏବଂ ସହରାଞ୍ଚଳ ଲାଗି ୩ ହଜାର ଟଙ୍କା ଦିଆଯାଉଥିଲା। କିନ୍ତୁ ୨୦୨୩ ଏପ୍ରିଲ୍ ୧୩ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ହରିଶ୍ଚନ୍ଦ୍ର ସହାୟତା ରାଶିର ପରିମାଣ ୧ହଜାର ଟଙ୍କା ବୃଦ୍ଧି କରାଯାଇଥିଲା। ଫଳରେ ଗ୍ରାମାଞ୍ଚଳ ପାଇଁ ୩ ହଜାର ଟଙ୍କା ଏବଂ ସହରାଞ୍ଚଳ ଓ ପୁରୀ ସ୍ୱର୍ଗଦ୍ୱାର ପାଇଁ ୪ ହଜାର ଟଙ୍କା ସହାୟତା ମିଳୁଥିଲା। ସ୍ୱର୍ଗଦ୍ୱାରରେ ଏହି ଯୋଜନାରେ ମିଳୁଥିବା ଅର୍ଥରାଶିକୁ କାଠ ବାବଦରେ ୧,୬୨୦ ଟଙ୍କା, ଦାହକ ୬୫୦ ଟଙ୍କା, ପୂଜାରୀ ୪୫୦ ଟଙ୍କା, ମୁଖାଗ୍ନି ସାମଗ୍ରୀ ୩୫୫ ଟଙ୍କା, ପଥଶ୍ରାଦ୍ଧ ସାମଗ୍ରୀ ୨୬୫ ଟଙ୍କା, କାଠବୁହା ୧୦୦ ଟଙ୍କା, ଡେଭଲପ୍‌ମେଣ୍ଟ ଫି' ୫୦୦ ଏବଂ ୱେଲ୍‌ଫେୟାର ଫି' ୬୦ ଟଙ୍କା ରହିଥିଲା। ବର୍ତ୍ତମାନ ଯେଉଁଭଳି ଭାବେ କାଠ ସଂକଟ ଦେଖାଦେଲାଣି ସେହି ପୁରୁଣା ମୂଲ୍ୟରେ କାଠ ଯୋଗାଇବା ସମ୍ଭବ ହେଉନି। ଏମିତିକି କିଛି ଶବ ରହିଛି ଯାହାଙ୍କ ଦାହ ପାଇଁ ଅଧିକ କାଠ ଆବଶ୍ୟକ ହୋଇଥାଏ। ସମ୍ପର୍କୀୟମାନେ ପୁଣି କାଠ କିଣିଥା'ନ୍ତି। ତେଣୁ ସ୍ୱର୍ଗଦ୍ୱାର ସେବା ସମିତି ହରିଶ୍ଚନ୍ଦ୍ର ସହାୟତା ଯୋଜନା ରାଶି ବୃଦ୍ଧି ପାଇଁ ଏକଧିକଥର ସରକାରଙ୍କୁ ଚିଠି କରିଥିଲେ। ଏହାର ବାସ୍ତବତାକୁ ବିଚାର କରି ସରକାର ଗତ ଏପ୍ରିଲ୍ ୧୩ ତାରିଖରେ ସ୍ୱର୍ଗଦ୍ୱାର ହରିଶ୍ଚନ୍ଦ୍ର ଯୋଜନା ସହାୟତା ରାଶି ୬୦୦ ଟଙ୍କା ବୃଦ୍ଧି କରିଛନ୍ତି। ରାଜ୍ୟପାଳଙ୍କ ଆଦେଶକ୍ରମେ ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ଦ୍ୱାରା ଏହି ଆଦେଶ ଜାରି କରାଯାଇଛି। ସଂଶୋଧିତ ନିୟମ ଅନୁସାରେ, "ପୁରୀ ସ୍ୱର୍ଗଦ୍ୱାରରେ ଜଣେ ମୃତ ବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର ପାଇଁ ନିର୍ଦ୍ଧାରିତ ସମ୍ପୂର୍ଣ୍ଣ ରାଶି ୪,୬୦୦ ଟଙ୍କା ଖର୍ଚ୍ଚ ହେବ। ଏପ୍ରିଲ୍ ୭ ତାରିଖରୁ ଏହାକୁ ଲାଗୁ କରିବାକୁ ନିର୍ଦ୍ଦେଶ ଥିଲେ ମଧ ଏ ପର୍ଯ୍ୟନ୍ତ ସ୍ୱର୍ଗଦ୍ୱାରେ ଏହା ଉପଲବ୍ଧ ହୋଇନାହିଁ।

ଉଲ୍ଲେଖଯୋଗ୍ୟ, ହରିଶ୍ଚନ୍ଦ୍ର ସହାୟତା ଯୋଜନା ମାଧ୍ୟମରେ ରାଜ୍ୟ ସରକାର ଗରିବ ଓ ଅସହାୟ ପରିବାରର ମୃତ ବ୍ୟକ୍ତିଙ୍କ ଶବ ସତ୍କାର ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇଥା'ନ୍ତି। ସ୍ୱର୍ଗଦ୍ୱାରରେ ସତ୍କାର ଖର୍ଚ୍ଚ ବୃଦ୍ଧି ପାଉଥିବାରୁ ସ୍ୱର୍ଗଦ୍ୱାର ସେବା ସମିତି ଏକାଧିକଥର ଚିଠି କରିଥିଲା। ସରକାର ମଧ ବାସ୍ତବତାକୁ ଉପଲବ୍ଧି କରି ଏହି ସହାୟତା ରାଶି ବଢ଼ାଇଛନ୍ତି। ଏହାଦ୍ୱାରା ଅସହାୟ ପରିବାର ଉପକୃତ ହେବେ ବୋଲି ଆଶା କରାଯାଉଛି। କିନ୍ତୁ ଅଢ଼େଇ ମାସ ହେବ ଲାଗୁ ନ ହେବା ପଛର କାରଣ କ'ଣ ତାହା ଜଣାପଡ଼ିନାହିଁ।

## ରଥଖଳାରୁ... ପ୍ରସ୍ତୁତ କରାଯାଉଛି ନୂଆ ଚାରମାଳ



**ପୁରୀ,୩୦।୬(ସମିସ):** ପାଖେଇ ଆସିଲାଣି ରଥଯାତ୍ରା। ରଥଖଳାରେ ତିନିରଥ ନିର୍ମାଣ ମଧ ସରି ସରି ଆସୁଛି। ମଙ୍ଗଳବାର ପ୍ରସ୍ତୁତ ଚାଲିଛି ମହାପ୍ରଭୁଙ୍କ ନୂଆ ଚାରମାଳ। ଶାଳ କାଠର ଗୋଟିଏ ୩୦ ଫୁଟିଆ ମାଲ କାଠର ଚଉପଟ ଶେଷ ହୋଇଥିଲା। ମଙ୍ଗଳବାର ଆଉ ଦୁଇଟି ଲେଖାଏଁ ମାଲ କାଠ ଚଉପଟ କାର୍ଯ୍ୟ ଜାରି ରହିଛି। ସେହିପରି ଶେଷ ହୋଇଛି ତାଳଧ୍ୱଜ ରଥର



ଧୂଳି ଦଣ୍ଡା ଫିଟିଙ୍ଗ୍ କାର୍ଯ୍ୟ। ସୋମବାର ତାଳଧ୍ୱଜ ରଥର ଗୋଟିଏ ଧୂଳି ଦଣ୍ଡା ପ୍ରଭା ଫିଟିଙ୍ଗ୍ ପାଇଁ ଚଉଦ ନାହାକାରେ ସଂଯୋଗ କରାଯାଇଥିଲା। ମଙ୍ଗଳବାର ଧୂଳି ଦଣ୍ଡାକୁ ତାଳଧ୍ୱଜ ରଥରେ ମହାରଣା ସେବକ ଫିଟିଙ୍ଗ୍ କରିଛନ୍ତି। ରୂପକାର ସେବକମାନେ ତିନିରଥର ପ୍ରଭାରେ ଖୋଦେଇ ରୂପରେ ଅଳଙ୍କାର ପକା କାର୍ଯ୍ୟର ଶେଷ ସ୍ପର୍ଶ ଦେଉଛନ୍ତି। ଏଥିସହ ରୂପ ଅଂଶଗୁଡ଼ିକର ପଲିସ୍ କାର୍ଯ୍ୟ ଜାରି ରଖିଛନ୍ତି। ଚିତ୍ରକାର ସେବକମାନେ ୨୪ଟି ରୂପ ଖୋଦେଇ, ନାଟ ଗୋଡ଼ରେ ରଙ୍ଗ କାର୍ଯ୍ୟ, ତିନିରଥ ପାର୍ଶ୍ୱ ଦେବଦେବୀ ପ୍ରତିମାଗୁଡ଼ିକର ରଙ୍ଗ, ରଥର କଳସ, ଠେକେରା ବାଡ଼ ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ଶେଷ କରିଛନ୍ତି। ତିନିରଥର ହଂସ ପଟା, କନ୍ୟା ପଟା ଏବଂ ରଥ ବାହ୍ୟ ଅଂଶଗୁଡ଼ିକର ରଙ୍ଗ କାର୍ଯ୍ୟ ଚାଲିଛି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା କମାର ସେବକମାନେ ତିନିରଥରେ ପ୍ରଭା ଫିଟିଙ୍ଗ୍ ପାଇଁ ପ୍ରଭା ବିଡ଼ିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ଅଣସର ସେବାରେ କମାର ସେବକ

**ପୁରୀ,୩୦।୬(ସମିସ):** ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡ଼ୁ ଜଳରେ ପ୍ରତ୍ୟକ୍ଷ ସ୍ନାନ କରି ଜ୍ୱରରେ ପଡ଼ିବା ପରେ ଚତୁର୍ଦ୍ଧାବିଗ୍ରହ ଏବେ ଅଣସର ପିଣ୍ଡିକୁ ବିଜେ କରିଛନ୍ତି। ଆରମ୍ଭ ହୋଇଛି ମହାପ୍ରଭୁଙ୍କ ଅଣସର ବିଧି। ଦଇତାପତି ସେବକମାନେ ବିଭିନ୍ନ ଉପଚାରରେ ଦାରୁଦିଅଁଙ୍କ ସେବା ଆରମ୍ଭ କରିଛନ୍ତି। ଏହି ସମୟରେ ଠାକୁରଙ୍କ ସେବାରେ କମାର ସେବକଙ୍କ ମଧ ଭୂମିକା ରହିଥାଏ। ତାଳଧ୍ୱଜ ରଥର କମାର ସେବକଙ୍କ ସୂଚନା ମୁତାବକ, ଶ୍ରୀବିଗ୍ରହଙ୍କ ଅଣସର ଗୁପ୍ତସେବା ପାଇଁ ଦୋଳବେଦୀ ପରିସରରେ ଏକ ଅସ୍ଥାୟୀ ଚାଞ୍ଚ ତିଆରି ଚାଳି ନିର୍ମାଣ କରାଯାଇଛି। ଏଥିରେ ସ୍ନାନ ପୂର୍ଣ୍ଣିମା ପରଦିନଠାରୁ ଚତୁର୍ଦ୍ଧାବିଗ୍ରହଙ୍କ ଗୁପ୍ତସେବା ଲାଗି ସହସ୍ର ଜିନିଷ ତିଆରି ହୁଏ। ଏହି ନିର୍ମାଣ ଖଳିଲାଗି ଏକାଦଶୀ ପୂର୍ବଦିନ ଶେଷ ହୁଏ। ଏହାପରେ ଖଳିଲାଗି ଏକାଦଶୀ ଦିନ ଏହି ସହସ୍ର ଜିନିଷ କମାର ସେବକ ଦଇତାପତିଙ୍କୁ ପ୍ରଦାନ କରିଥା'ନ୍ତି।

## ପୂଜା ପାଇଲେ ପଟି ଦିଅଁ

**ପୁରୀ,୩୦।୬(ସମିସ):** ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡ଼ୁ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ପିଣ୍ଡିରେ ଆରମ୍ଭ ହୋଇଛି ଅଣସର ନୀତି। ମହାପ୍ରଭୁ କିପରି ସୁସ୍ଥ ହେବେ ସେଥିଲାଗି ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଦାରୁବିଗ୍ରହଙ୍କ ଗୁପ୍ତ ସେବା ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିରରେ ପଟିଦିଅଁଙ୍କ ପୂଜା ମଧ ଆରମ୍ଭ ହୋଇଛି।



ସୋମବାର ରାତି ୧୧ଟା ୩୦ରେ ବାହୁଡ଼ା ପହଣ୍ଡି ଆରମ୍ଭ କରାଯାଇଥିଲା। ଗୋଟିପହଣ୍ଡିରେ ସ୍ନାନମଣ୍ଡପରୁ ଅଣସର ପିଣ୍ଡିକୁ ବିଜେ କରିଥିଲେ ଚତୁର୍ଦ୍ଧାବିଗ୍ରହ। ପ୍ରାୟ ସାଢ଼େ ୩ ଘଣ୍ଟା ଅର୍ଥାତ୍ ରାତି ୩ଟାରେ ପହଣ୍ଡି ଶେଷ ହୋଇଥିଲା। ୩ଟା ୫୦ରେ ରାହୁରେଖା ଓ ଚିତା ଓଲାଗି ହୋଇ ଠାକୁରଙ୍କ ଅଣସର ନୀତି ଆରମ୍ଭ କରାଯାଇଥିଲା। ଭୋର୍ ୪ଟା ୨୦ରେ କୋଠସୁଆଁସିଆମାନେ ଭିତରକୁ ଯାଇ ଭିତରକାଠ ନିକଟରେ ତାଟି ବାନ୍ଧିଥିଲେ। ମଙ୍ଗଳବାର ସକାଳ ୬ଟାରେ ପଟିଦିଅଁ ବିଜେ ହେବା ପରେ କୋଠସୁଆଁସିଆମାନେ ୭ଟା ୫୦ରେ ବାହାରିଥିଲେ। ସକାଳ ୮ଟା ସୁଦ୍ଧା ତାଟିରେ ପଟିଦିଅଁଙ୍କ ରୁନ୍ଧା ଶେଷ ହୋଇଥିଲା। ମହାଅଣସର ପଟିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଅନନ୍ତ ନାରାୟଣ ରୂପରେ, ଦେବୀ ସୁଭଦ୍ରା ଭୁବନେଶ୍ୱରୀ ରୂପେ ଏବଂ ଶ୍ରୀବଳଭଦ୍ର ଅନନ୍ତ ବାସୁଦେବ ଭାବେ ସ୍ଥାନିତ ହୋଇଥିଲେ। ସାଢ଼େ ୯ଟାରେ ମାଧବ ଏବଂ ୯ଟା ୩୫ରେ ଦଶ ଅବତାର ଠାକୁର ବିଜେ ପରେ ବେହେରଣ ଦ୍ୱାର ବନ୍ଦ କରାଯାଇ ୧୦ଟାରେ ମହାସ୍ନାନ ପୂଜା ବସିଥିଲା। ମହାସ୍ନାନ ନୀତି ସମ୍ପନ୍ନ କରାଯାଇ ଅନ୍ୟାନ୍ୟ ନୀତି ଆରମ୍ଭ ହୋଇଥିଲା।

## ପୁରୀ ପୁଲିସର ବଡ଼ ସାଇବର ଆକ୍ସନ

# ୪୦ ଫେକ୍ ହୋଟେଲ ୱେବ୍‌ସାଇଟ, ଇ-ମେଲ୍ ହଟାଇଲା

ପୁରୀ,୩୦।୬(ସମିସ)

ରଥଯାତ୍ରା ପୂର୍ବରୁ ଭକ୍ତ ଓ ପର୍ଯ୍ୟଟକଙ୍କୁ ସାଇବର ଠକଙ୍କ ଜାଲରୁ ରକ୍ଷା କରିବାକୁ ପୁରୀ ପୁଲିସ ଏକ ବଡ଼ ଅଭିଯାନ ଆରମ୍ଭ କରିଛି। ସହରର ବିଭିନ୍ନ ହୋଟେଲ ନାମରେ ଚାଲୁଥିବା ୪୦ଟି ନକଲି ୱେବ୍‌ସାଇଟ୍ ଓ ଫେକ୍ ଇ-ମେଲ୍ ଆଇଡିକୁ ପୁଲିସ ଚିହ୍ନଟ କରି ସଫଳତାର ସହ ଟେକ୍-ଡାଉନ୍ କରିଛି। ରଥଯାତ୍ରା ସମୟରେ ଲକ୍ଷ ଲକ୍ଷ ଭକ୍ତ ପୁରୀ ଆସୁଥିବାରୁ ହୋଟେଲ ବୁକିଂ ଚାହିଦା ବଢ଼େ। ଏହାର ସୁଯୋଗ ନେଇ ସାଇବର ଅପରାଧୀମାନେ ପୁରୀର ଜଣାଶୁଣା ହୋଟେଲ ନାମରେ ବହୁ ନକଲି ୱେବ୍‌ସାଇଟ୍ ତିଆରି କରିଥିଲେ। ସେହି ସାଇଟ୍‌ରେ ହୋଟେଲର ନାମ, ଫୋନ୍ ନମ୍ବର ଓ ଲୋଗୋକୁ ଅବୈଧ ଭାବରେ ବ୍ୟବହାର କରାଯାଉଥିଲା। ଭିନ୍ନ ଭିନ୍ନ ଫେକ୍ ଇ-ମେଲ୍ ଆଇଡି ଜରିଆରେ ଗ୍ରାହକଙ୍କ ସହ ଯୋଗାଯୋଗ କରି ଅଗ୍ରିମ ବୁକିଂ ନାମରେ ଟଙ୍କା ଠକି ନିଆଯାଉଥିଲା। ଅତ୍ୟଧିକ ଡିସ୍‌କାଉଣ୍ଟ(ରିଆତି) ଓ ଶସ୍ତା ଅଫର୍ ଦେଖାଇ ଭକ୍ତଙ୍କୁ ଜାଲରେ ଫସାଉଥିଲେ।

ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶରେ ସାଇବର ସେଲ ରଥଯାତ୍ରା ପୂର୍ବରୁ ସ୍ୱତନ୍ତ୍ର ନିରୀକ୍ଷଣ ଆରମ୍ଭ କରିଥିଲା। ଏହି ସମୟରେ ୪୦ଟି ଫେକ୍ ୱେବ୍‌ସାଇଟ୍ ଚିହ୍ନଟ ହୋଇଥିଲା। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମସ୍ତ ସାଇଟ୍‌କୁ ବନ୍ଦ କରାଯାଇଛି। ଏସ୍‌ପି ଶ୍ରୀ ସିଂ କହିଛନ୍ତି, "ଭକ୍ତଙ୍କ ସୁରକ୍ଷା ଆମର ପ୍ରଥମ ପ୍ରାଥମିକତା। ସାଇବର ଅପରାଧ ବିରୋଧରେ ପୁରୀ ପୋଲିସ ଶୂନ୍ୟ ସହନଶୀଳତା ନୀତି ଅନୁସରଣ କରୁଛି। ଏପରି ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଆଗକୁ ବି ଜାରି ରହିବ।' ଭକ୍ତଙ୍କ ପାଇଁ ପୁଲିସର ୫ଟି ସୁରକ୍ଷା ଟିପ୍ସ ଯେପରି କି, ବୁକିଂ ପୂର୍ବରୁ ୱେବ୍‌ସାଇଟ୍‌ର ସତ୍ୟତା ଯାଞ୍ଚ କରନ୍ତୁ, କେବଳ ହୋଟେଲର ଅଫିସିଆଲ ୱେବ୍‌ସାଇଟ୍ କିମ୍ବା ବିଶ୍ୱସ୍ତ ଟ୍ରାଭେଲ ପୋର୍ଟାଲରୁ ବୁକିଂ କରନ୍ତୁ। ଅତ୍ୟଧିକ ଶସ୍ତା ଅଫର୍ କିମ୍ବା ଅସ୍ୱାଭାବିକ ଡିସ୍‌କାଉଣ୍ଟ(ରିଆତି) ଦେଖି ପ୍ରଲୋଭିତ ହୁଅନ୍ତୁ ନାହିଁ। ବୁକିଂ ପୂର୍ବରୁ ହୋଟେଲର ଲ୍ୟାଣ୍ଡଲାଇନ୍ ନମ୍ବରରେ ସିଧାସଳଖ କଥା ହୋଇ ନିଶ୍ଚିତ କରନ୍ତୁ ଏବଂ କୌଣସି ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟ, ୟୁପିଆଇ କିମ୍ବା କ୍ୟୁଆର କୋଡ୍‌କୁ ଟଙ୍କା ପଠାନ୍ତୁ ନାହିଁ। ସାଇବର ଠକେଇର ଶିକାର ହେଲେ ତୁରନ୍ତ ୧୯୩୦ ହେଲ୍ପଲାଇନ୍ ନମ୍ବର କିମ୍ବା ନିକଟସ୍ଥ ଥାନାରେ ଅଭିଯୋଗ କରନ୍ତୁ ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି।

# ରଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି: ଜିଲ୍ଲାପାଳ

ପୁରୀ,୩୦।୬(ସମିସ)

ଚଳିତ ରଥଯାତ୍ରା ପାଇଁ ସମସ୍ତ ବ୍ୟବସ୍ଥା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଓ ସୁରକ୍ଷିତ ଦର୍ଶନ ସହ ଅତ୍ୟାବଶ୍ୟକ ବ୍ୟବସ୍ଥା ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଛି ବୋଲି ସୂଚନା ଦେଇଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ସ୍ନାନଯାତ୍ରା ଅତ୍ୟନ୍ତ ଶୃଙ୍ଖଳିତ ଭାବେ ସମାପନ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ଜିଲ୍ଲାପାଳ ଶ୍ରୀ ପରିଡ଼ା ଆଗାମୀ ରଥଯାତ୍ରାକୁ ମହାପ୍ରଭୁଙ୍କ ଆଶୀର୍ବାଦରେ, ସମସ୍ତଙ୍କ ସହଯୋଗରେ ସୁନ୍ଦର ଭାବେ ପରିଚାଳନା ପାଇଁ ଅନୁରୋଧ କରିଛନ୍ତି। ରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାସ୍ତାଘାଟ ମରାମତି, ଦର୍ଶନ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା, ଖରା ହେଲେ ଜଳ ସିଞ୍ଚନ ବ୍ୟବସ୍ଥା, ଅଧିକ ବର୍ଷା ହେଲେ ଜଳ ନିଷ୍କାସନ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ପାଇଁ ଅଧିକ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ସହ ଚିକିତ୍ସକ ଓ ପାରା ମେଡିକାଲ ଷ୍ଟାଫ୍‌ଙ୍କ ବ୍ୟବସ୍ଥା, ଅଧିକ ଆମ୍ବୁଲାନ୍ସ ବ୍ୟବସ୍ଥା, ଆମ୍ବୁଲାନ୍ସ ଗମନାଗମନ ପାଇଁ ବ୍ୟବସ୍ଥା, ଅଧିକ ସ୍ୱେଚ୍ଛାସେବୀ ନିୟୋଜନ, ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ବଣ୍ଟନ କରିବାକୁ ଥିବା ବିଭିନ୍ନ ସହାୟତା ପାଇଁ ସ୍ୱତନ୍ତ୍ର ସ୍ଥାନ ନିର୍ଦ୍ଧାରଣ, ପାନୀୟ ଜଳର ବ୍ୟାପକ ବ୍ୟବସ୍ଥା, ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା, ଅଧିକ ପାର୍କିଂ ସ୍ଥଳର ବ୍ୟବସ୍ଥା, ଟ୍ରାଫିକ୍ ପରିଚାଳନା ସହ ଅଧିକ ସୁରକ୍ଷା କର୍ମୀ ନିୟୋଜନ, ସମସ୍ତ କାର୍ଯ୍ୟକୁ ନିୟନ୍ତ୍ରଣ ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ, ଶ୍ରଦ୍ଧାଳୁମାନଙ୍କୁ ବିବିଧ ସୂଚନା ପ୍ରଦାନ ପାଇଁ ସୂଚନା କେନ୍ଦ୍ର ବ୍ୟବସ୍ଥା, ଏଲ୍‌ଇଡି ଟିଭିର ବ୍ୟବସ୍ଥା, ସହରକୁ ପରିଷ୍କାର ପରିଚ୍ଛନ୍ନତା ପାଇଁ ଅଧିକ ସଫେଇ କର୍ମଚାରୀ ନିୟୋଜନ, ବିଦ୍ୟୁତ୍ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ବ୍ୟବସ୍ଥା, ଗମନାଗମନ ପାଇଁ ଅଧିକ ଟ୍ରେନ୍, ବସ୍ ଚଳାଚଳ ଇତ୍ୟାଦି ସମସ୍ତ ବ୍ୟବସ୍ଥାକୁ ଚୂଡ଼ାନ୍ତ କରାଯାଇଛି। ସର୍ବୋପରି ଶ୍ରଦ୍ଧାଳୁମାନେ ଯେମିତି ଏକ ସୁଖଦ ଓ ସୁନ୍ଦର ଅନୁଭବ ନେଇ ମହାପ୍ରଭୁଙ୍କ ଦର୍ଶନ ଭଲ ଭାବରେ କରି ଫେରିବେ ସେଥିପାଇଁ ସରକାର ଓ ପ୍ରଶାସନ ସମସ୍ତ ବ୍ୟବସ୍ଥା କରିଛନ୍ତି ବୋଲି ଜିଲ୍ଲାପାଳ ଶ୍ରୀ ପରିଡ଼ା ସୂଚନା ଦେଇଛନ୍ତି।

## ସ୍ନାନଯାତ୍ରାରେ ଯାନବାହନ ଯାଞ୍ଚ କଡ଼ାକଡ଼ି

# ୯୫ ଚାଲାଣ, ୯.୮୫ ଲକ୍ଷ ଜରିମାନା

ପୁରୀ,୩୦।୬(ସମିସ)



ପବିତ୍ର ସ୍ନାନ ପୂର୍ଣ୍ଣିମାରେ ପୁରୀକୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଆସିଥା'ନ୍ତି। ଏହାକୁ ନଜରରେ ରଖି ଏ ବର୍ଷ ମଧ ଯାତ୍ରୀଙ୍କ ସୁରକ୍ଷା ଓ ସୁବ୍ୟବସ୍ଥିତ ଯାତାୟାତ ସୁନିଶ୍ଚିତ କରିବା ଲାଗି ପରିବହନ ବିଭାଗ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିଲା। ପୁରୀକୁ ସଂଯୋଗ କରୁଥିବା ସମସ୍ତ ପ୍ରମୁଖ ରାସ୍ତା ସହ ଜିଲ୍ଲାର ବିଭିନ୍ନ ସ୍ଥାନରେ ପରିବହନ ବିଭାଗର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଯାନବାହନ ଯାଞ୍ଚ ଅଭିଯାନ କରାଯାଇଛି। ମୋଟରଯାନ ଆଇନ ଉଲ୍ଲଂଘନ କରୁଥିବା ଯାନବାହନ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଅଭିଯାନରେ ଗୋଟିଏ ଦିନରେ ମୋଟ୍ ୯୫ଟି ଚାଲାଣ କଟାଯାଇଛି। ନିୟମ ଉଲ୍ଲଂଘନକାରୀ ଯାନ ଚାଳକ ଓ ମାଲିକଙ୍କୁ ୯ ଲକ୍ଷ ୮୫ ହଜାର ୯୧୫ ଟଙ୍କା ଜରିମାନା କରାଯାଇଛି। ନିର୍ଦ୍ଧାରିତ ସଂଖ୍ୟାଠାରୁ ଅଧିକ ଯାତ୍ରୀ ବୋହିବା, ନିର୍ଦ୍ଧାରିତ ଭଡ଼ାଠାରୁ ଅଧିକ ଟଙ୍କା ନେବା, ବିନା ଲାଇସେନ୍ସ, ବିନା ଫିଟ୍‌ନେସ୍, ବୀମା କିମ୍ବା ଅନ୍ୟାନ୍ୟ ବୈଧ କାଗଜପତ୍ରରେ ଯାନ ଚଳାଇବା, ମୋଟରଯାନ ଆଇନର ବିଭିନ୍ନ ଧାରା ଭଙ୍ଗ କରିବା ନେଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପରିବହନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ସ୍ନାନଯାତ୍ରା ତଥା ଆଗାମୀ ରଥଯାତ୍ରାକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁଙ୍କ ସୁରକ୍ଷା ଏବଂ ଶୃଙ୍ଖଳିତ ଯାତାୟାତକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି। ଏଭଳି ଯାଞ୍ଚ ଓ ପ୍ରବର୍ତ୍ତନ କାର୍ଯ୍ୟ ଆଗାମୀ ଦିନରେ ମଧ ଅଧିକ କଡ଼ାକଡ଼ି ଭାବେ ଜାରି ରହିବ। ବିଭାଗ ପକ୍ଷରୁ ସମସ୍ତ ଯାନ ଚାଳକ ଓ ମାଲିକମାନଙ୍କୁ ମୋଟରଯାନ ନିୟମ ପାଳନ କରିବାକୁ ଏବଂ ଶ୍ରଦ୍ଧାଳୁମାନଙ୍କୁ କେବଳ ବୈଧ କାଗଜପତ୍ର ଥିବା ଯାନରେ ଯାତ୍ରା କରିବାକୁ ଅନୁରୋଧ କରାଯାଇଛି।

## ● ଜିଲ୍ଲାସ୍ତରୀୟ ରେନ୍‌ବୋ ପ୍ରାଇଡ୍ ୱାକ୍

# ପ୍ରତ୍ୟେକ ମର୍ଯ୍ୟାଦା ଓ ଗର୍ବର ସହ ବଞ୍ଚିବାର ବାର୍ତ୍ତା ଦେଲେ

**ପୁରୀ,୩୦।୬(ସମିସ):** ପୁରୀ ସହରରେ ଚତୁର୍ଥ ଜିଲ୍ଲାସ୍ତରୀୟ ରେନ୍‌ବୋ ପ୍ରାଇଡ୍ ୱାକ୍ ସଫଳତାର ସହ ଆୟୋଜିତ ହୋଇଯାଇଛି। ସମାନତା, ମର୍ଯ୍ୟାଦା ଏବଂ ଏଲ୍‌ଜିବିଟିକ୍ୟୁଆଇଏ ସମ୍ପ୍ରଦାୟର ଅଧିକାରକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ସାଥୀ ଓ ପୁରୀ ଜିଲ୍ଲା କିନ୍ନର ସଂଘ ମିଳିତ ସହଯୋଗରେ ଏହି ପ୍ରାଇଡ୍ ୱାକ୍ ଆୟୋଜନ କରାଯାଇଥିଲା। ଗୁଣ୍ଡିଚା ମନ୍ଦିରଠାରେ ଏହି ପ୍ରାଇଡ୍ ୱାକ୍‌କୁ ପୁରୀର ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ନମିତା ଚାନ୍ଦ ନାୟକ, ଦ ବେଲ୍‌ର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ଏବଂ ପୁରୀର ବରିଷ୍ଠ ଟ୍ରାନ୍ସ ଅଧିକାର କର୍ମୀ ଦେବକୀ କିନ୍ନର ରେନ୍‌ବୋ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଲ୍‌ଜିବିଟିକ୍ୟୁଆଇଏ ସମ୍ପ୍ରଦାୟର



ସଦସ୍ୟ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଏବଂ ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇ ଲିଙ୍ଗଗତ ଓ ଯୌନଗତ ବିବିଧତାକୁ ଉତ୍ସବମୁଖର ଭାବେ ପାଳନ କରିବା ସହ ଏକ ଅନ୍ତର୍ଭୁକ୍ତିମୂଳକ ସମାଜ ଗଠନର ବାର୍ତ୍ତା ପ୍ରଦାନ କରିଥିଲେ। ଅଂଶଗ୍ରହଣକାରୀମାନେ ରଙ୍ଗିନ ରେନ୍‌ବୋ ପତାକା ଏବଂ ସମାନତା, ଗ୍ରହଣୀୟତା ଓ ପ୍ରତ୍ୟେକ ବ୍ୟକ୍ତିଙ୍କ ପ୍ରତି ସମ୍ମାନର ବାର୍ତ୍ତା ବହନ କରୁଥିବା ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ଲିଙ୍ଗଗତ ପରିଚୟ କିମ୍ବା ଯୌନ ଆଭିମୁଖ୍ୟତା ନିର୍ବିଶେଷରେ ସମସ୍ତଙ୍କ ପାଇଁ ସମାନ ଅଧିକାର ଓ ସମ୍ମାନ ନିଶ୍ଚିତ କରିବାକୁ ସେମାନେ ଆହ୍ୱାନ ଜଣାଇଥିଲେ। ଅବସରରେ ସମୁଦାୟର ନେତୃବୃନ୍ଦ ଏଲ୍‌ଜିବିଟିକ୍ୟୁଆଇଏ ବ୍ୟକ୍ତିମାନଙ୍କ ପ୍ରତି ରହିଥିବା ସାମାଜିକ କଳଙ୍କ ଓ ଭେଦଭାବ ଦୂର କରିବା ସହ ସ୍ୱାସ୍ଥ୍ୟସେବା, ଶିକ୍ଷା, ନିଯୁକ୍ତି ଏବଂ ନ୍ୟାୟ ପ୍ରାପ୍ତିରେ ସମାନ ସୁଯୋଗ ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ଶାନ୍ତିପୂର୍ଣ୍ଣ ଓ ସଫଳ କରିବାରେ ସହଯୋଗ କରିଥିବା ବିଭିନ୍ନ ସଂଗଠନ ଏବଂ ଅଂଶଗ୍ରହଣକାରୀଙ୍କୁ ସାଥୀ ଅନୁଷ୍ଠାନ ତରଫରୁ ଧନ୍ୟବାଦ ଦିଆଯାଇଥିଲା। ଶେଷରେ ପ୍ରତ୍ୟେକ ବ୍ୟକ୍ତି ଯେପରି ମର୍ଯ୍ୟାଦା, ସ୍ୱାଧୀନତା ଓ ଗର୍ବର ସହ ବଞ୍ଚିପାରିବେ, ସେଭଳି ଏକ ସମାଜ ଗଠନ ପାଇଁ ନିରନ୍ତର କାର୍ଯ୍ୟ କରିବାର ସାମୂହିକ ସଂକଳ୍ପ ସହ ପ୍ରାଇଡ୍ ୱାକ୍ ଭକ୍ତ ସାଲବେଗ ପୀଠଠାରେ ଶେଷ ହୋଇଥିଲା।

# ଦେବସ୍ନାନ ପୂର୍ଣ୍ଣିମା ଭଜନ ସମାରୋହ

**ପୁରୀ,୩୦।୬(ସମିସ):** ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଦେବସ୍ନାନ ପୂର୍ଣ୍ଣିମା ଭଜନ ସମାରୋହ ସିଂହଦ୍ୱାର ନିକଟରେ ଅନୁଷ୍ଠିତ ହୋଇଛି। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ ସେଠୀ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ନାନପୂର୍ଣ୍ଣିମା ଅବସରରେ ଶିଳ୍ପୀମାନେ ଭକ୍ତିସଂଗୀତରେ ଲୋକପ୍ରିୟ ଭଜନ ପରିବେଷଣ କରିଥିଲେ। ମହାପ୍ରସାଦ ଛୁଇଁ କହ ଚକାନୟନ.., ଦେରେ କାଳିଆ ମୋତେ.., ବରଗଛ ଓହଳ.., ବଡ଼ଦାଣ୍ଡେ ଭିଡ଼ ଲାଗିଥାଉ.., ବଡ଼ ଠାକୁର ହେ ନୀଳଚକ୍ରେ ବାନା ଉଡୁଥାଉ.., ନଈ ବହିବହି ଯାଉଛି.. ଭଳି ଭଜନ ପରିବେଷଣ କରିଥିଲେ ଶିଳ୍ପୀବୃନ୍ଦ। ଆଲୋକ ମହାପାତ୍ର, ଯଜ୍ଞଦତ୍ତ, ନଳିନୀକାନ୍ତ ନାୟକ, ଶାଶ୍ୱତୀ ଦାଶ, ଭାଗ୍ୟଶ୍ରୀ ମହାନ୍ତି, ଭବେଶ ବରାଳ, ସୁଭଦ୍ରା ସିଂହ, ଦେବସ୍ମିତା ହୋତା, ପ୍ରୀତିଶା ମହାପାତ୍ର, ସିଦ୍ଧିସ୍ମା ବିନ୍ଧାଣୀ, ଶୁଭମ୍ ରାଉତ, ସନତ ପାଣିଗ୍ରାହୀ, ଶୁଭ୍ରକାନ୍ତ ପାତ୍ର, ଅହନ ବିକ୍ରମ, ଡ. ଚନ୍ଦନ କୁମାର ଗନ୍ତାୟତ, ଶକ୍ତିପ୍ରସାଦ ନାୟକ, ଦିବ୍ୟାଂଶୀ ମହାପାତ୍ର, ଆଶ୍ରିତା ଚୌଧୁରୀ, ଋତୁପର୍ଣ୍ଣା ମହାନ୍ତି, ଅଶୋକ କୁମାର ଖଟେଇ ଭଜନ ପରିବେଷଣ କରିଥିଲେ। ଶ୍ୟାମପ୍ରକାଶ ସେନାପତି, ଶେଷଦେବ ସାହୁ ଓ ପ୍ରସନ୍ନ କୁମାର ସାହୁ ମଞ୍ଚ ସଞ୍ଚାଳନ କରିଥିଲେ। ଜିଲ୍ଲା ସଂସ୍କୃତି କଳାକାର ସଂଘ ଉପସଭାପତି ବସନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅକ୍ଷୟପାତ୍ର ରୋଷଶାଳା ପାଣିର ଉତ୍ସ କ'ଣ?

# ଆର୍‌ଟିଆଇରେ ତଥ୍ୟ ମିଳୁନି; ତଦନ୍ତ ଦାବି କଲା ଆପ୍

ପୁରୀ,୩୦।୬(ସମିସ)

ହଜାର ହଜାର ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରୁଥିବା ଅକ୍ଷୟପାତ୍ର ଫାଉଣ୍ଡେସନର ପୁରୀସ୍ଥିତ ରୋଷଶାଳାକୁ କେଉଁ ଉତ୍ସରୁ ପାଣି ଯୋଗାଣ ହେଉଛି, ସେ ସମ୍ପର୍କରେ ଏ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳୁନାହିଁ ବୋଲି ଅଭିଯୋଗ କରିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ସୂଚନା ଅଧିକାର କର୍ମୀ ସନ୍ତୋଷ ମହାନ୍ତି ସୂଚନା ଅଧିକାର ଆଇନ ବଳରେ ଏକାଧିକଥର ତଥ୍ୟ ମାଗିଥିଲେ ମଧ ଅଧିକାରୀମାନେ ଏପର୍ଯ୍ୟନ୍ତ ଆବଶ୍ୟକ ସୂଚନା ପ୍ରଦାନ କରିନାହାନ୍ତି। ଏଥିସହିତ ଅଭିଯୋଗ ହୋଇଛି ଯେ, ମଙ୍ଗଳା ନଦୀର ସ୍ୱଚ୍ଛତା ଓ ସୁରକ୍ଷା ପାଇଁ ସରକାରୀ ପାଣ୍ଠିରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ ଫାଉଣ୍ଡେସନର ବର୍ଜ୍ୟଜଳକୁ ଆବଶ୍ୟକ ଟ୍ରିଟ୍‌ମେଣ୍ଟ ବିନା ସିଧାସଳଖ ମଙ୍ଗଳା ନଦୀକୁ ନିଷ୍କାସନ କରାଯାଉଛି। ଏହି ଅଭିଯୋଗ ସମର୍ଥନରେ ଫଟୋ ଓ ଭିଡିଓ ଜାରି କରିଛନ୍ତି ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି। ସେ କହିଛନ୍ତି, ହଜାର ହଜାର ଛାତ୍ରଛାତ୍ରୀଙ୍କ



ସ୍ୱାସ୍ଥ୍ୟ ସୁରକ୍ଷା ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତୁରନ୍ତ ସ୍ପଷ୍ଟ କରନ୍ତୁ ଯେ, ଫାଉଣ୍ଡେସନକୁ କେଉଁ ଉତ୍ସରୁ ପାଣି ଯୋଗାଇ ଦିଆଯାଉଛି। ସେହିପରି ବର୍ଜ୍ୟଜଳ ନିଷ୍କାସନ ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ, ଯଦି ବିନା ଟ୍ରିଟ୍‌ମେଣ୍ଟରେ ମଙ୍ଗଳା ନଦୀକୁ ବର୍ଜ୍ୟଜଳ ଛଡ଼ାଯାଉଥିବା ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ, ତେବେ ସମ୍ପୃକ୍ତ ସଂସ୍ଥା ଓ ଦାୟୀ ଅଧିକାରୀଙ୍କ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଆପ୍ ଦାବି କରିଛି।

ଆପ୍ ପୁରୀ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କହିଛନ୍ତି ଯେ, ଜନସ୍ୱାର୍ଥ ଏବଂ ହଜାର ହଜାର ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସହ ଜଡ଼ିତ ଏହି ଗୁରୁତର ପ୍ରସଙ୍ଗରେ ସରକାର ଯଦି ଶୀଘ୍ର ପଦକ୍ଷେପ ନ ନିଅନ୍ତି, ତେବେ ଆପ୍ ପକ୍ଷରୁ ଆଗାମୀ ଦିନରେ ବ୍ୟାପକ ଗଣଆନ୍ଦୋଳନ କରାଯିବ। ମଙ୍ଗଳବାର ଆପ୍‌ର ପୁରୀ ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଅଧିକାର କର୍ମୀ ସନ୍ତୋଷ ମହାନ୍ତି, ପୁରୀ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟଜିତ୍ ମହାନ୍ତି, ନଗର ସଭାପତି ରମାକାନ୍ତ ସ୍ୱାଇଁ ଏବଂ ଯୁବନେତା ଲିପୁନ୍ ନାୟକ ଉପସ୍ଥିତ ଥିଲେ।

## ପାରାଦୀପ ବିଶ୍ୱକର୍ମା ପୂଜା ପ୍ରଥମ ପ୍ରସ୍ତୁତି ବୈଠକ

# ୧୭ ସେପ୍ଟେମ୍ବରରୁ ୭ ଦିନ ହେବ ପୂଜା

ପାରାଦୀପ,୩୦।୬(ସମିସ)

ପାରାଦୀପ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଚଳିତ ବର୍ଷ ଧୁମଧାମରେ ପାଳନ କରାଯିବା ନେଇ ଆଜି ଆୟୋଜିତ ପ୍ରଥମ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହା ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇ ୭ ଦିନ ଧରି ୨୩ ସେପ୍ଟେମ୍ବର ପର୍ଯ୍ୟନ୍ତ ବନ୍ଦର ସହରରେ ଆୟୋଜିତ ହେବ। ଏନେଇ ଆଜି ଅପରାହ୍ଣରେ ବନ୍ଦର ପ୍ରଶାସନିକ ଭବନରେ ଆୟୋଜିତ ପ୍ରଥମ ବୈଠକରେ ବନ୍ଦରର ସେକ୍ରେଟାରୀ କ୍ରୀଷ୍ଟା ବାପି ରାଜୁ ଅଧ୍ୟକ୍ଷତା କରିଥିବା ବେଳେ ବନ୍ଦର ପକ୍ଷରୁ ଇଷ୍ଟେଟ ଅଫିସର ବିଶ୍ୱଜିତ ମିଶ୍ର, ଇଲେକ୍ଟ୍ରିକାଲ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଆର୍‌ଏନ୍ ସାହୁ, ପାରାଦୀପ ଆଦର୍ଶ ଥାନା ଅଧିକାରୀ ବବିତା ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ପାରାଦୀପ ବିଶ୍ୱକର୍ମା ପୂଜାରେ ଭାଗ ନେଉଥିବା ବିଭିନ୍ନ ପୂଜା ଅନୁଷ୍ଠାନର କର୍ମକର୍ତ୍ତା ମାନେ ଯୋଗ ଦେବା ସହିତ ପୌର ପ୍ରଶାସନ, ବନ୍ଦର ପ୍ରଶାସନ ଓ ପୁଲିସ ପ୍ରଶାସନ ସହଯୋଗରେ ଚଳିତ



ବର୍ଷର ପୂଜା ଯେପରି ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହେବ ସେ ନେଇ ନିଜର ମତ ରଖିଥିଲେ। ପୂର୍ବ ବର୍ଷ ଭଳି ମେଢ଼, ଆଲୋକ ସଜ୍ଜା ଓ ତୋରଣ ଆଦି ଯେପରି ଉଚ୍ଚକୋଟିର କରାଯାଇ ପାରିବ ସେ ସମ୍ପର୍କରେ ଆୟୋଜକଙ୍କୁ ଉପସ୍ଥିତ କମିଟି କର୍ମକର୍ତ୍ତା କହିଥିଲେ। ବୈଠକରେ ସବୁ ସଂଗଠନ ପକ୍ଷରୁ କେତେଜଣ ଉପସ୍ଥିତ ଥିବା ବେଳେ କେତେକ ଆଗ ଧାଡିର ସଙ୍ଗଠନ ମୁଖିଆଙ୍କୁ ଦେଖିବାକୁ ମିଳି ନଥିଲା। ପ୍ରଥମ ବୈଠକ ହେବା ନେଇ ପୂର୍ବରୁ ସୂଚନା ଦିଆଯାଇଥିଲେ ମଧ୍ୟ ବହୁ ସଙ୍ଗଠନ ମୁଖିଆଙ୍କୁ ଦେଖିବାକୁ ମିଳି ନଥିବାରୁ ବିଭିନ୍ନ କଥା ଉଠିଥିଲା। ଉପସ୍ଥିତ ସମସ୍ତ ସଂଗଠର କର୍ମକର୍ତ୍ତା ବନ୍ଦର ପ୍ରଶାସନ ନିକଟରେ ପୂର୍ବଭଳି ବିଜୁଳି ଛାଡ଼ କରିବା ନେଇ କଥା ଉଠାଇଥିଲେ ମଧ୍ୟ କେହି ଶୁଣି ନଥିଲେ। ଏହି ଦାବି ସମ୍ପର୍କରେ ପୂର୍ବରୁ ଦୁଇ ତିନି ବର୍ଷ ହେବ ବୈଠକରେ ଉଠାଇଥିଲେ ମଧ୍ୟ ବନ୍ଦର ପକ୍ଷରୁ କୌଣସି ପଦକ୍ଷେପ ନିଆ ନଯିବାରୁ ଆୟୋଜକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପୂଜାରେ ଅଂଶଗ୍ରହଣ କରିବା ପାଇଁ ୧୫ ଦିନ ମଧ୍ୟରେ ଅର୍ଥାତ ଜୁଲାଇ ୨୧ ତାରିଖ ମଧ୍ୟରେ ବନ୍ଦର ପ୍ରଶାସନକୁ ଲିଖିତ ଆକାରରେ ଜଣାଇବା ପାଇଁ କୁହାଯିବା ସହ ତା' ପରେ ଆଉ କୌଣସି ଆବେଦନକୁ ଆଉ ବିଚାରକୁ ନିଆଯିବ ନାହିଁ ବୋଲି ସ୍ଥିର କରାଯାଇଥିଲା। ସାଇକଲ ଷ୍ଟାଣ୍ଡ ହେଉ କିମ୍ବା କାର୍ ଷ୍ଟାଣ୍ଡ ହେଉ ଚଳିତ ବର୍ଷ ଯେଉଁମାନେ ଷ୍ଟାଣ୍ଡ ଟେଣ୍ଡରରେ ପାଇବେ ସେମାନେ ପାଇଥିବା ଟେଣ୍ଡରର ଦୁଇ ଗୁଣା ସିକ୍ୟୁରିଟି ଜମା ଦେବେ। ଯଦି କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜେ ତେବେ ସେମାନଙ୍କ ଟଙ୍କା ଫେରସ୍ତ ଦିଆଯିବନାହିଁ ବୋଲି ନିଷ୍ପତ୍ତି ହୋଇଥିଲା।

■ ରାଜ୍ୟ ମହିଳା କମିଶନଙ୍କ ଶିବିର ଅଦାଲତ

## ୫ଟି ମାମଲାର ଆପୋଷ ସମାଧାନ




ଜଗତସିଂହପୁର,୩୦।୬(ସମିସ): ଆଜି ପୂର୍ବାହ୍ଣରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଓଡ଼ିଶା ରାଜ୍ୟ ମହିଳା କମିଶନଙ୍କ ଶିବିର ଅଦାଲତ ଅନୁଷ୍ଠିତ ହୋଇଯାଇଛି। କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ, ଡିଏସ୍‌ପି ପ୍ରଜ୍ଞା ମିଶ୍ରଙ୍କ ସମେତ କମିଶନର ସଦସ୍ୟ ସଦସ୍ୟା ପ୍ରତିଭା ଶତପଥୀ, କଳ୍ପନା ମଲ୍ଲିକ, ପିଓ ଜଗତସିଂହପୁର ସ୍ମିତାଞ୍ଜଳି ରାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ କହିଲେ ଯେ ମହିଳାମାନଙ୍କ ସ୍ୱାଭିମାନର ଲଢ଼ାଇରେ ମହିଳା କମିଶନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଧ୍ୟକ୍ଷା ଶୋଭନା ମହାନ୍ତି ମହିଳାମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ କମିଶନ ସର୍ବଦା ତତ୍ପର ବୋଲି କହିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଶିବିରରେ ମୋଟ ୨୪ଟି କେସ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିଲା। ସେଥି ମଧ୍ୟରୁ ୧୬ଟି କେସର ଆବେଦନକାରୀ ଉପସ୍ଥିତ ଥିଲେ। ସେଥିମଧ୍ୟରୁ ୫ଟି କେସର ଆପୋଷ ବୁଝାମଣା ସହ ସମାଧାନ ହୋଇଥିଲା। କମିଶନର ଅଧ୍ୟକ୍ଷା ଏବଂ ସଦସ୍ୟ ମାନଙ୍କ ସୁଚିନ୍ତିତ ପରାମର୍ଶ ଓ ଉପଦେଶ ସମସ୍ୟା ସମାଧାନ ଦିଗରେ ସାହାଯ୍ୟ କରିଥିଲା। ୨ଟି କେସ ଆରକ୍ଷୀ ଅଧିକ୍ଷକଙ୍କ ନିକଟକୁ, ୧ଟି ଉପଜିଲ୍ଲାପାଳଙ୍କ ନିକଟକୁ ଓ ୮ଟି କେସର କେବଳ ଆବେଦନକାରୀ ଉପସ୍ଥିତ ଥିବାରୁ ପୁନଃ ହାଜିରା ପାଇଁ ନୋଟିସ ହୋଇଥିଲା। ଏତଦବ୍ୟତୀତ ୧ଟି ନୂତନ କେସ ଗ୍ରହଣ କରାଯାଇଥିଲା।

## ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ



କୁଜଙ୍ଗ,୩୦।୬(ସମିସ): ରାଜ୍ୟ ସରକାରଙ୍କ ଦୁଇ ବର୍ଷର ପୂର୍ତ୍ତି ଉପଲକ୍ଷେ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରମୁଖ ଜନକଲ୍ୟାଣକାରୀ ଯୋଜନା ତଥା ବିକାଶମୂଳକ ଆଭିମୁଖ୍ୟ ବିଷୟରେ ଜନସାଧାରଣଙ୍କ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ପାଇଁ ପାରାଦୀପ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁଜଙ୍ଗ ବ୍ଲକ ପଡ଼ିଆରେ ବ୍ଲକସ୍ତରୀୟ ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପର ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ କୁଜଙ୍ଗ ବ୍ଲକର ପ୍ରାୟ ୭୪,୪୭୦ ଜଣ ହିତାଧିକାରୀ ସିଧାସଳଖ ଉପକୃତ ହୋଇପାରିଛନ୍ତି। ବ୍ଲକର ୩,୪୨୦ ପରିବାରର ୭,୬୮୦ ଜଣ ଯୋଗ୍ୟ ହିତାଧିକାରୀ ବର୍ତ୍ତମାନ ଏହି ଯୋଜନାରେ ସାମିଲ ହୋଇପାରିଛନ୍ତି। ଇଣ୍ଡିଆ ସ୍କିଲ୍ସ ୨୦୨୫-୨୬ର ଜାତୀୟ ଦକ୍ଷତା ଚାମ୍ପିଅନ୍ ଭାବେ ଓଡ଼ିଶା ସଫଳତା ହାସଲ କରିଛି। ଦକ୍ଷତା ବିକାଶ କ୍ଷେତ୍ରରେ ଯୁବବର୍ଗଙ୍କୁ ଆହୁରି ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଦକ୍ଷତା ପୁରସ୍କାର ଘୋଷଣା କରାଯାଇଛି। ଛାତ୍ରଛାତ୍ରୀ ମାନଙ୍କୁ ସ୍କିଲିଂ, ରି-ସ୍କିଲିଂ ଓ ଅପ୍-ସ୍କିଲିଂ କରାଇବା ପାଇଁ ଜିଲ୍ଲାସ୍ତରରେ ସେଣ୍ଟର୍ ଅଫ୍ ଏକ୍ସଲେନ୍ସ ପ୍ରତିଷ୍ଠା କରାଯାଉଛି। ପାରାଦୀପ ଏବଂ ବଲାଙ୍ଗିରରେ ଦୁଇଟି ନୂତନ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା କରାଯିବ। କୁଜଙ୍ଗ ବ୍ଲକର ପ୍ରାୟ ୮୨୪ ଜଣ ହିତାଧିକାରୀ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଉପକୃତ ହୋଇପାରିଛନ୍ତି। ଏହି ଅବସରରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଅନ୍ତ୍ୟୋଦୟ ଗୃହର କାର୍ଯ୍ୟାଦେଶ, ରାସନ କାର୍ଡ, ଭିନ୍ନକ୍ଷମ ଭତ୍ତା, ବିଧବା ଭତ୍ତା, ଏସ୍‌ଏଚ୍‌ଜି ମହିଳାମାନଙ୍କୁ ଋଣ, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ, ଅଙ୍ଗନବାଡି କର୍ମଚାରୀମାନଙ୍କୁ ମୋବାଇଲ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ଲୋକଙ୍କ ସହିତ ଜନ ପ୍ରତିନିଧି, ସମାଜସେବୀ, ଯୁବ ବର୍ଗ, ମହିଳା, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଏହି ଅବସରରେ କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ ଲୀନାରାଣୀ ସାହୁଙ୍କ ସମେତ ତହସିଲଦାର ସ୍ୱରୂପ ନନ୍ଦନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ତ୍ରୟମାସିକ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର,୩୦।୬(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜୁଲାଇଠାରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକ୍ କାର୍ଯ୍ୟାଳୟ ଓ ଜିଲ୍ଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ଜୁଲାଇ ୬ ତାରିଖ ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ, ଜୁଲାଇ ୧୩ ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ, ଜୁଲାଇ ୨୦ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜୁଲାଇ ୨୭ ତାରିଖ କୁଜଙ୍ଗ ବ୍ଲକ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ସେହିପରି ଅଗଷ୍ଟ ୩ ତାରିଖ ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟ, ଅଗଷ୍ଟ ୧୦ ନାଉଗାଁ ବ୍ଲକ୍ କାର୍ଯ୍ୟାଳୟ, ଅଗଷ୍ଟ ୧୭ ତାରିଖ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅଗଷ୍ଟ ୨୪ ତାରିଖ ବାଲିକୁଦା ବ୍ଲକ୍ କାର୍ଯ୍ୟାଳୟ ଓ ଅଗଷ୍ଟ ୩୧ ତାରିଖ ଏରସମା ବ୍ଲକ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ସେହିପରି ସେପ୍ଟେମ୍ବର ମାସ ୭ ତାରିଖ ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ, ସେପ୍ଟେମ୍ବର ୨୧ ତାରିଖ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ସେପ୍ଟେମ୍ବର୍ ୨୮ ତାରିଖ ତିର୍ତ୍ତୋଲ ବ୍ଲକ୍ କାର୍ଯ୍ୟାଳୟଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହିସବୁ ଶିବିରରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ-ତଥା-ନିର୍ବାହୀ ଅଧିକାରୀ, ଉପଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିବେ।

## ୨୨କେଜି ଗଞ୍ଜେଇ ଜବତ, ୩ ଗିରଫ

ନାଉଗାଁ,୩୦।୬(ସମିସ): ନାଉଗାଁ ପୁଲିସ ପକ୍ଷରୁ ପାଟ୍ରୋଲିଂ ସମୟରେ ୨୨ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ସହ ତିନି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦିଆଯାଇଛି। ତେବେ ୨୯ ତାରିଖ ରାତିରେ ନାଉଗାଁ ପୁଲିସ ପକ୍ଷରୁ ଥାନା ଅଧିକାରୀ ଦେବାଶିଷ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ନାଉଗାଁ ଥାନ ଅଧୀନ ବଛାଳ ଦେବୀନଦୀ ବନ୍ଧ ରାସ୍ତା ନିକଟରେ ନାକା ଚେକିଂ କରୁଥିଲେ। ଏହି ସମୟରେ ଶିଖରଘାଟ ଆରପଟୁ ଆସୁଥିବା ଏକ ଚାରିଚକିଆ ଗାଡିକୁ ପୁଲିସ ଅଟକାଇ ଯାଞ୍ଚ କରୁଥିବା ସମୟରେ ଗାଡି ମଧ୍ୟରୁ ୨୨ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହ, ଗୋଟେ ଲ୍ୟାପଟପ୍, ତିନୋଟି ମୋବାଇଲ ଫୋନ ଏବଂ ୩ ଅଭିଯୁକ୍ତ ତଥା ଜଗତସିଂହପୁର ଥାନା ଅଞ୍ଚଳର ଜୀବନରଞ୍ଜନ ରାୟ, ନିରଞ୍ଜନ ରାଉତ ଓ ଛେଣ୍ଡିପଦା ଥାନା ଅଞ୍ଚଳର ସନ୍ଦୀପ କୁମାର ରାଉତଙ୍କୁ ପୁଲିସ ଗିରଫ କରିବା ସହିତ ବ୍ୟବହୃତ ଗାଡିକୁ ମଧ୍ୟ ପୁଲିସ ଥାନାକୁ ଆଣିଥିଲା। ଏନେଇ ଉକ୍ତ ଅଭିଯୁକ୍ତମାନଙ୍କ ନାମରେ ଥାନାରେ ମାମଲା ରୁଜୁ କରାଯିବା ସହ ଏହି ତିନି ଅଭିଯୁକ୍ତ କନ୍ଧମାଳରୁ ଏହି ଗଞ୍ଜେଇ ଆଣି କେଉଁ ଅଞ୍ଚଳରେ ଏବଂ କାହାକୁ ଦେଉଥିଲେ ତାହା ମଧ୍ୟ ଖୁବଶୀଘ୍ର ସ୍ପଷ୍ଟ ହେବା ସହିତ ଏହି ଗଞ୍ଜେଇ କାରବାରରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତ ମାନଙ୍କୁ ମଧ୍ୟ ଯଥା ଧରାଯିବ ବୋଲି ଆଜି ଏସ୍‌ଡିପିଓ ଦିବ୍ୟରଞ୍ଜନ ନାଥ ଏହି ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ପ୍ରଦାନ କରିଛନ୍ତି।

## ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

ଜଗତସିଂହପୁର,୩୦।୬(ସମିସ): ଜଗତସିଂହପୁର ସହରର ବଡବଜାର ଶ୍ରୀକୃଷ୍ଣ ଏକାଡେମୀ, ବସ୍‌ଷ୍ଟାଣ୍ଡ ଏବଂ ହାଟବଜାର ନିକଟରେ ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ୧୩ ଲକ୍ଷ ୧୭ ଶହ ୧୮ ଟଙ୍କା ମୂଲ୍ୟ ବ୍ୟୟ ଅଟକଳରେ ୩ଟି ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂ, ପାରିଷଦ ଦେବାଶିଷ ସ୍ୱାଇଁ, ଗୋଲାମ ଅଲ୍ଲୀ ଖାଁ, ପ୍ରଭାତୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହା ସହ ଖୁବଶୀଘ୍ର ଜଗତସିଂହପୁର ଜିଲ୍ଲାପାଳଙ୍କ ଅଫିସ ପ୍ରାଙ୍ଗଣରେ ଏବଂ ଗାନ୍ଧିଛକ ନିକଟରେ ଏହି ପରି ପାନୀୟ ଜଳ ପ୍ରକଳ୍ପ ଶୁଭାରମ୍ଭ ହେବ ଏବଂ ସର୍ବ ସାଧାରଣଙ୍କ ପାଇଁ ଜଗତସିଂହପୁର ବିଭିନ୍ନ ବଜାରରେ ଗୋଷ୍ଠୀ ଶୌଚାଳୟ ହେବାକୁ ଯାଉଛି ବୋଲି ଜଗତସିଂହପୁର ବିଧାୟକ ପ୍ରକାଶ କରିଛନ୍ତି।



## ଛୁରା ମାଡ଼ ଘଟଣାରେ ଅଧିକ ତଦନ୍ତ ଜାରି

ବାଲିକୁଦା,୩୦।୬(ସମିସ): ବାଲିକୁଦା ଥାନା ଅଞ୍ଚଳରେ ବିବାହ ଭୋଜିକୁ କେନ୍ଦ୍ର କରି ଘଟିଥିବା ଛୁରାମାଡ଼ ଘଟଣାରେ ଅଭିଯୁକ୍ତ ନୃସିଂହ ଚରଣ ଦାସଙ୍କୁ ଜଗତସିଂହପୁର ଥାନାରୁ ବାଲିକୁଦା ଥାନାକୁ ଅଣାଯାଇ ଅଧିକ ତଦନ୍ତ କରାଯାଉଛି। ବାଲିକୁଦା ଥାନା ଅଧିକାରୀ କାବୁଲି ବାରିକ ସୂଚନା ଦେଇଛନ୍ତି ଯେ, ତଦନ୍ତ ସମୟରେ ଅଭିଯୁକ୍ତଙ୍କ ନିକଟରୁ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରୀକୁ ପୁଲିସ ଜବତ କରିଛି। ପଚରାଉଚରା ବେଳେ ଅଭିଯୁକ୍ତ ହତ୍ୟାକାଣ୍ଡ ଘଟାଇଥିବା କଥା ସ୍ୱୀକାର କରିଥିବା ସେ କହିଛନ୍ତି। ପୁଲିସ ସୂତ୍ରରୁ ପ୍ରକାଶ, ଆଜି ମାମଲା ସମ୍ପର୍କିତ ସମସ୍ତ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରାଯାଉଛି। ଆସନ୍ତାକାଲି ଅଭିଯୁକ୍ତଙ୍କର ଡାକ୍ତରୀ ପରୀକ୍ଷା କରାଯିବା ପରେ ତାଙ୍କୁ ସ୍ଥାନୀୟ ଅଦାଲତରେ ହାଜର କରାଯାଇ କୋର୍ଟଚାଲାଣ କରାଯିବ। ଉଲ୍ଲେଖଯୋଗ୍ୟ, ଗତ ୨୮ ଜୁନରେ ବାଲିକୁଦା ଥାନା ଅଧୀନ ଆମ୍ବଶାଳ ପଞ୍ଚାୟତର ନାନୀକିପଡ଼ା ଗ୍ରାମରେ ଏକ ବିବାହ ଭୋଜି ସମୟରେ ଦୁଇ ମହିଳାଙ୍କୁ ଟଣାଘୋଷରାକୁ ବିରୋଧ କରିବାରୁ ପ୍ରମୋଦ ଦାସଙ୍କୁ ଛୁରାମାଡ଼ କରାଯାଇଥିବା ଅଭିଯୋଗ ହୋଇଥିଲା। କଟକ ଏସ୍‌ସିବି ମେଡିକାଲରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତଦନ୍ତ ଆଧାରରେ ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## କଲେଜ ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା

ବାଲିକୁଦା,୩୦।୬(ସମିସ): ବାଲିକୁଦା କଲେଜର ଅଧ୍ୟକ୍ଷ କୃଷ୍ଣପ୍ରସାଦ ମହାନ୍ତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କଲେଜର ଓଡ଼ିଆ ବିଭାଗର ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଦାସ ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସମ୍ବର୍ଦ୍ଧନା ସଭାରେ ବିଭୂତି ଭୂଷଣ ରଥ ସଭାପତିତ୍ୱ କରିଥିବା ବେଳେ ମିହିର କୁମାର ଚୌଧୁରୀ ମାନପତ୍ର ପାଠ କରିଥିଲେ। ଡ. ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଗତ ମେ' ମାସରେ ଅବସର ଗ୍ରହଣ କରିଥିବା କଲେଜର ଅଧ୍ୟାପକ ନିମାଇଁ ଚରଣ ବିଶ୍ୱାଳ ଓ କନିଷ୍ଠ କିରାଣି କୃଷ୍ଣଚନ୍ଦ୍ର ବେହେରାଙ୍କୁ ମଧ୍ୟ ପୁଷ୍ପଗୁଚ୍ଛ, ଉପହାର ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନର ସହ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ଶତପଥୀ, ଶେଷଦେବ ମହାନ୍ତି, ପ୍ରକାଶ ଚନ୍ଦ୍ର ପତି, ଭରତ ଚନ୍ଦ୍ର ବାରିକ, ଅନିରୁଦ୍ଧ ସାହୁ, ଦିଲ୍ଲୀପ କୁମାର ସାହୁ, ରାଜଶ୍ରୀ ଦଳାଇ, କ୍ଷୀରାବ୍ଧି ତନୟା ନାୟକ, ଦୁର୍ଗେଶ ନନ୍ଦିନୀ ସ୍ୱାଇଁ, ଆର୍ତ୍ତବନ୍ଧୁ ସ୍ୱାଇଁ, ଶରତ କୁମାର ଦାସ, କାବୁଲି ରାଉତ, ଦିଲ୍ଲୀପ କୁମାର ବିଶ୍ୱାଳ, ସୁରେଶ ଚନ୍ଦ୍ର ଦାସ, ଉଲ୍ଲାସ ସାମନ୍ତରାୟ, ସ୍ୱର୍ଣ୍ଣମୁଦ୍ରା ରାଉତ ଓ ସ୍ମୃତି ସୌରଭ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



## ସ୍ୱାବଲମ୍ବୀ ଯୁବା ସମୃଦ୍ଧ ଓଡ଼ିଶା ସମାବେଶ

ନାଉଗାଁ,୩୦।୬(ସମିସ): ନାଉଗାଁ ବ୍ଲକ ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମରେ ଆୟୋଜିତ ବ୍ଲକ ସ୍ତରୀୟ ସ୍ୱାବଲମ୍ବୀ ଯୁବା ସମୃଦ୍ଧ ଓଡ଼ିଶା ସମାବେଶ ନାଉଗାଁହାଟ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନାଉଗାଁ ମଣ୍ଡଳ ଉନ୍ନୟନ ଅଧିକାରୀ ନିରଞ୍ଜନ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନାଉଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃପ୍ତା ଲେଙ୍କା, ସମ୍ମାନିତ ଅତିଥି ଭାବେ ନାଉଗାଁ କୃଷି ଅଧିକାରୀ ଯୁଗସ୍ମିତା ପାତ୍ର, ଉଦ୍ୟାନ କୃଷି କର୍ମଚାରୀ ଦେବାଶିଷ ମହାନ୍ତି, ସହକାରୀ ମତ୍ସ୍ୟ କର୍ମଚାରୀ ସୌମ୍ୟ ରଞ୍ଜନ ବାରିକ, ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ନିରୋଦ କୁମାର ସାହୁ ପ୍ରମୁଖ ଯୋଗଦେଇ ଏହି ବ୍ଲକରେ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷୁଦ୍ରଶିଳ୍ପ, ସ୍ୱୟଂସହାୟକ ଗୋଷ୍ଠୀର ମହିଳା, କାରିଗର ଓ ଯୁବକ, ଯୁବତୀ ମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ଲୋକାଭିମୁଖୀ ଯୋଜନା ଗୁଡିକ ସମ୍ବନ୍ଧରେ ଆଲୋକପାତ କରାଇଥିଲେ।

## ଜେଏସ୍‌ଡବ୍ଲୁ ଫାଟକରୁ ହରିଣ ଉଦ୍ଧାର

ପାରାଦୀପ,୩୦।୬(ସମିସ): ଜେଏସଡବ୍ଲୁ ଫାଟକରୁ ଆଜି ଏକ ହରିଣକୁ ମୃତ୍ୟୁ ମୁଖରୁ ଉଦ୍ଧାର କରାଯାଇଛି। ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଏହି ଜେଏସ୍‌ଡବ୍ଲୁ କମ୍ପାନୀ ଅଞ୍ଚଳରେ ଆଜି ଏହି ହରିଣ ଢିଙ୍କିଆ ବଡ଼ମଠ ନିକଟ ପାଚେରି ଫାଙ୍କା ସନ୍ଧିରେ ପ୍ରବଳ ବର୍ଷା ହେଉଥିବା ସମୟରେ ଫସିଯାଇଥିବାର ସ୍ଥାନୀୟ ଲୋକେ ଦେଖିଥିଲେ। ବହୁ ପରିଶ୍ରମ କରି ସ୍ଥାନୀୟ ଲୋକମାନେ ହରିଣଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ଛାଡ଼ି ଦେଇଛନ୍ତି। ତେବେ ଆଗରୁ ଅନେକ ହରିଣ ବନ ବିଭାଗ ଦ୍ୱାରା ଉଦ୍ଧାର ହୋଇ ଜଟାଧାର ଜଙ୍ଗଲରେ ଛଡ଼ା ଯାଇଥିବା ଓ ଅନେକ ହରିଣ ଯାଡେସ୍ୟାଡେ ଯାଇ କୁକୁର ବିଲୁଆ ହାବୁଡେ ପଡ଼ି ମୃତ୍ୟୁମୁଖରେ ପଡ଼ିଥିବା ନଜିର ରହିଛି। ଏସବୁ ନିତିଦିନିଆ ଘଟଣା ହେଉଥିବା ବେଳେ ସେମାନଙ୍କର ଗଣନା କିମ୍ବା ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଉ ନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ଆଜି ଉଦ୍ଧାର ହୋଇଥିବା ହରିଣଟିକୁ ଛାଡ଼ି ଦିଆଯାଇଥିଲେ ମଧ୍ୟ ତାର ସ୍ୱାସ୍ଥ୍ୟାବସ୍ଥା କିଭଳି ରହିଛି, ତାର ପ୍ରାଥମିକ ଚିକିତ୍ସା କରାଗଲା କି ନାହିଁ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



## କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଜଗତସିଂହପୁର,୩୦।୬(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଆଶ୍ରମପାଟଣା ସ୍ଥିତ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ନନ୍ଦକିଶୋର ସେଠୀ ଏବଂ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ପ୍ରଦୀପ୍ତ କୁମାର ନାୟକ ଆଜି କର୍ମକ୍ଷେତ୍ରରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଲୋଚନ କୁମାର ପତିଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ନନ୍ଦ କିଶୋର ସେଠୀ ଓ ପ୍ରଦୀପ୍ତ କୁମାର ନାୟକଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ଅଭିନନ୍ଦନିକା ପ୍ରଶସ୍ତିପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସଭାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।

### ନୂଆବଜାର ଅଧିକାଂଶ ରାସ୍ତା ଅନ୍ଧାରରେ

## ଅସରାଏ ବର୍ଷାରେ ବସ୍ତି ଭିତର ଜଳମଗ୍ନ

ପାରାଦୀପ,୩୦।୬(ସମିସ)

ପାରାଦୀପ ପୌର ପରିଷଦ ଅଧୀନ ୧୬ ନମ୍ବର ୱାର୍ଡ ନୂଆବଜାର ବସ୍ତିର ଅଧିକାଂଶ ଅଞ୍ଚଳ ଏବେ ଅନ୍ଧାରରେ ରହିଛି। ଏହି ଅନ୍ଧାର ସାଙ୍ଗକୁ ଆଜି ଅପରାହ୍ଣରେ ଅସରାଏ ବର୍ଷା ଅନ୍ତେବାସୀଙ୍କୁ ଆହୁରି ଅଧିକ ଦୁଃଖ ଆଣି ଦେଇଛି। ପୌର ପରିଷଦ ଅଧୀନ ନୂଆବଜାର ବସ୍ତିର ଅଧିକାଂଶ ଅଞ୍ଚଳ ଦୀର୍ଘ ଦିନ ହେବ ଅନ୍ଧାରରେ ରହୁଛି। ବାରମ୍ବାର ଅଭିଯୋଗ କଲା ପରେ ଯଦି ବା ସଜଡାଯାଉଛି, କିଛି ଦିନ ପରେ ପୁଣି ସମାନ ଅବସ୍ଥା ଦେଖିବାକୁ ମିଳୁଛି। ନୂଆବଜାର ପାର୍କ ରାସ୍ତାରୁ ସାଇମନ୍ଦିର ଓ ସାଇମନ୍ଦିର ରାସ୍ତାରୁ ଶିବ ମନ୍ଦିର ରାସ୍ତା ଆଜି ସନ୍ଧ୍ୟାରେ ପୂରାଅନ୍ଧାର। ତା' ସାଙ୍ଗକୁ ଅସରାଏ ବର୍ଷାରେ ବସ୍ତିରେ ଲୋକଙ୍କ ଘରେ ପାଣି ପଶି ଯାଇଛି। ଅନ୍ଧାର ରାସ୍ତାରେ କେହି କାହା ମୁହଁ ଦେଖି ପାରୁ ନଥିବା ବେଳେ ପିଲାମାନେ ଟିଉସନ ଯିବା ଆସିବା କରିବା, ହାଟକୁ ଯାତାୟାତ କରିବା ଓ ବିଭିନ୍ନ କାର୍ଯ୍ୟରେ ରାସ୍ତାରେ ଯିବା ଆସିବା ବହୁ କଷ୍ଟକର ହୋଇ ପଡିଛି। ଅନ୍ଧାରରେ ଚୋରି, ରାହାଜାନି ମଧ୍ୟ ବଢିବାର ବହୁ ଆଶଙ୍କା ରହିଛି। ବସ୍ତି ଭିତରେ ଥିବା ଷ୍ଟ୍ରିଟଲାଇଟ ଗୁଡିକ ଅଧିକାଂଶ ଜଳୁନାହିଁ। ଏ ଲାଇଟ୍ ବାବଦରେ ପୌରପାଳିକା ଲକ୍ଷାଧିକ ଟଙ୍କା ଗଣୁଥିବା ବେଳେ ବାରମ୍ବାର ଏଭଳି ଏହି ଲାଇଟ୍ ଖରାପ ହେବା ବସ୍ତି ବାସିନ୍ଦାଙ୍କ ମନରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରିଛି। ସଜାଡ଼ିବା ଦାୟିତ୍ୱରେ ଥିବା କଣ୍ଟ୍ରାକ୍ଟରଙ୍କର ଦାୟିତ୍ୱହୀନତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥାନୀୟ ବାସିନ୍ଦା ଏ ସମ୍ପର୍କରେ କାଉନସିଲରଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଲୋକେ ଅଭିଯୋଗ କରିଛନ୍ତି। ତେବେ କାଉନସିଲରଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି ଯେ ନୂଆବଜାର ବିଭିନ୍ନ ସମସ୍ୟା ସମ୍ପର୍କରେ ପୌର କାର୍ଯ୍ୟାଳୟରେ କୌଣସି ଅଫିସରଙ୍କୁ କହିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି।



ନୂଆବଜାର ଅଧୀନ ୧୬ ନମ୍ବର ୱାର୍ଡର ଲୋକଙ୍କ ସମସ୍ୟା ପ୍ରତି ପୌରପାଳିକା ଯେପରି ଆଖିବୁଜି ଦେଇଛି। ଜାଣିଶୁଣି ୱାର୍ଡର କୌଣସି କାମ କରାଯାଉନାହିଁ। ବର୍ଷା ଦିନ ଆସିଲାଣି କୌଣସି ଡ୍ରେନର ଅବସ୍ଥା ଠିକ ନାହିଁ, ଅସରାଏ ବର୍ଷାରେ ବସ୍ତି ଭିତରେ ଲୋକଙ୍କ ଘରେ ପାଣି ପଶିବା ସହ ରାସ୍ତାରେ ପାଣି ଲହଡି ମାରୁଛି। ଘରୁ ବାହାରିବା ଏକ ପ୍ରକାର ଠପ ହୋଇ ପଡିଛି ତେବେ ଏହି ଦୁଇ ମାସ ବସ୍ତି ଲୋକେ କିଭଳି ଚଳିବେ ତାକୁ ନେଇ ଚିନ୍ତିତ ଥିବା ୧୬ ନମ୍ବର ୱାର୍ଡ ର କାଉନସିଲର ମନୋଜ ନାୟକ କହିଛନ୍ତି। ଲୋକେ ଉତ୍ତେକ୍ତ ହୋଇ ତାଙ୍କୁ ଗାଳି ଗୁଲଜ କରୁଥିବା ଓ ବାରମ୍ବାର ଫୋନ କରି କହୁଥିବା ମଧ୍ୟ କାଉନସିଲର ସୂଚନା ଦେଇଛନ୍ତି।

## ଛାତ୍ରାବାସରେ ଯୁକ୍ତ ଦୁଇ ଛାତ୍ରଙ୍କ ଆତ୍ମହତ୍ୟା

ଜଗତସିଂହପୁର,୩୦।୬(ସମିସ): ଜଗତସିଂହପୁର ସହରର ଏସ୍‌ଭିଏମ୍ କଲେଜ ନିକଟରେ ଥିବା ଏକ ଘରୋଇ ଛାତ୍ରାବାସରେ ଜଣେ ଯୁକ୍ତ ୨ ଛାତ୍ର ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ଛାତ୍ରାବାସର ଶିଡ଼ି ଘରୁ ଝୁଲନ୍ତା ଅବସ୍ଥାରେ ଛାତ୍ରଙ୍କ ମୃତଦେହ ପୁଲିସ ଉଦ୍ଧାର କରିଛି। ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ମୃତ ଛାତ୍ର ଜଣକ ହେଉଛନ୍ତି ଏସ୍‌ଭିଏମ୍ କଲେଜର ଯୁକ୍ତ ୨ ଛାତ୍ର ଶୁଭମ ମଲ୍ଲିକ ଏବଂ ତାଙ୍କ ଘର ନାଉଗାଁ ଥାନା ଗଳଦାରୀ ଗ୍ରାମରେ ବୋଲି ଜଣାପଡିଛି। ଜଗତସିଂହପୁର ସଦର ଥାନା ପଚଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତହସିଲ୍‌ଦାରଙ୍କୁ ଦାବିପତ୍ର ପ୍ରଦାନ



ଧାମନଗର,୩୦।୬(ସମିସ): ପ୍ରଫେଟ ମହମ୍ମଦଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇଥିବା ଏକ ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଦୃଷ୍ଟିକୁ ଆସିଥିଲା। ଏହି ଘଟଣାକୁ ନେଇ ସାରା ଦେଶରେ ମୁସ୍‌ଲିମ ସମ୍ପ୍ରଦାୟର ଲୋକମାନଙ୍କ ମଧ୍ୟରେ ଗଭୀର ଦୁଃଖ ଓ କ୍ଷୋଭ ଏବଂ ଆକ୍ରୋଶ ସୃଷ୍ଟି କରିଛି। ଉକ୍ତ ଘଟଣାକୁ ନିନ୍ଦା କରିବା ସହ ଏଥିରେ ସମ୍ପୃକ୍ତ ଥିବା କୋଲକାତାର ବାସିନ୍ଦା ନାଜିଆ ଏଲାହି ଖାନ୍ ନାମକ ଜଣେ ମହିଳାଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି। ମଙ୍ଗଳବାର ଅପରାହ୍ଣ ୪ଟାରେ ଧାମନଗର ଖାନ୍‌କା ସରିଫ୍ ପୀରବାବାଙ୍କ ସାନ ନାତି ମୌଲାନା ଆଲହାଜ ସୟଦ ଗୋଲାମ ଅହେମ୍ମଦ ହବିବି (ମସ୍ତାନ-ଏ ମିଲ୍ଲାତ), ନାତୁଣୀ ଜ୍ୱାଇଁ ଏମ୍‌ଡି ଫଜଲେ ବାରିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ତହସିଲ୍ କାର୍ଯ୍ୟାଳୟରେ ପହଞ୍ଚି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତହସିଲ୍‌ଦାର ଜ୍ଞାନରଞ୍ଜନ ସାହୁଙ୍କୁ ଉକ୍ତ ମହିଳାଙ୍କ ଉପରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଧାମନଗର ମୁସ୍‌ଲିମ ଜମାତର କର୍ମକର୍ତ୍ତା ଓ ସଦସ୍ୟ, ସମାଜସେବୀ ବୁଦ୍ଧିଜୀବୀ, ଯୁବ ବନ୍ଧୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ।

# ପଡ଼ିଲାନି ଗୋଟିଏ ବି ଅଭିଯୋଗ; ପୁଣି ଥରେ ହେବ ଯାଞ୍ଚ




ଦୋଳସାହି,୩୦।୬(ସମିସ): ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ୍ ହେବାକୁ ହିତାଧିକାରୀଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିବାକୁ ନିର୍ଦ୍ଦେଶ ଦିଆଯିବା ସହ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା ପାଇଁ ପ୍ରତି ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ ବାକ୍ସ ପ୍ରଦାନ କରାଯାଇଥିଲା। ତେବେ ଏହି ଅଭିଯୋଗ ବାକ୍ସରେ ଗୋଟିଏ ହେଲେ ଅଭିଯୋଗ ପଡ଼ି ନ ଥିବାବେଳେ ସରକାରଙ୍କ ପକ୍ଷରୁ ଆଉ ଥରେ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜେଣାଯାଇଛି। ସୂଚନାନୁଯାୟୀ, ତିହିଡ଼ି ବ୍ଲକ୍‌ର ୩୧ ପଞ୍ଚାୟତରେ ୨୭ ହଜାର ୪୦୬ ଜଣ ଆବାସ ଯୋଜନାରେ ସାମିଲ୍ ହେବାକୁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିଛନ୍ତି। ଏହି ଆବେଦନକାରୀଙ୍କ ମଧ୍ୟରୁ ବହୁ ଅଯୋଗ୍ୟ ହିତାଧିକାରୀ ଆବେଦନ କରିଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ତିହିଡ଼ି ବ୍ଲକ୍ ପ୍ରଶାସନ ପକ୍ଷରୁ ପ୍ରତି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅଭିଯୋଗ ବାକ୍ସରେ ଏନେଇ ଅଭିଯୋଗ କରିବାକୁ ସୂଚନା ଦିଆଯାଇଥିଲା। ତେବେ ଏହି ଅଭିଯୋଗ ବାକ୍ସରେ ଗୋଟିଏ ଅଭିଯୋଗ ନ ପଡ଼ିବା ନେଇ ପୁଣିଥରେ ଯାଞ୍ଚ ହେବ ବୋଲି ଜଣାପଡ଼ିଛି।

# ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଆରଡ଼ି,୩୦।୬(ସମିସ): ଚାନ୍ଦବାଲି ବ୍ଲକ୍ ଅଧୀନସ୍ଥ ପହଣା କ୍ଲଷ୍ଟର ଅନ୍ତର୍ଗତ ସିଙ୍ଗିପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସୁବୋଧ ଶେଖର ଖୁଣ୍ଟିଆଙ୍କ ଅବସର ପରିପ୍ରେକ୍ଷୀରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସେ ୨୦୦୮ରୁ ଶିକ୍ଷକତା ଜୀବନ ଆରମ୍ଭ କରି ଏହି ଗୋଟିଏ ବିଦ୍ୟାଳୟରେ ୧୮ ବର୍ଷ ଧରି ଶିକ୍ଷାଦାନ ଦେବା ସହିତ ବିଦ୍ୟାଳୟର ଉନ୍ନତିରେ ନିଜକୁ ସାମିଲ୍ କରିପାରିଛନ୍ତି। ଜଣେ ସରଳ, ସଚ୍ଚୋଟ, ଛାତ୍ରବତ୍ସଳ ଶିକ୍ଷକ ଭାବେ କ୍ଲଷ୍ଟରରେ ନିଜର ସୁନାମ ମଧ୍ୟ ଆଣିଛନ୍ତି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ର ସଂଯୋଜକ ହୃଦାନନ୍ଦ ନାୟକ, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଗଦାଧର ନାୟକ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ସଭାରେ ଦୁଇ କ୍ଲଷ୍ଟରର ଶିକ୍ଷକଶିକ୍ଷୟିତ୍ରୀ ସମେତ ଅବସରପ୍ରାପ୍ତ ଶିକ୍ଷକ ଭରତ ସେଠୀ, ନରହରି ଦାସ, ଦୋଳଗୋବିନ୍ଦ ମଲ୍ଲିକ, ପ୍ରଧାନଶିକ୍ଷକ ଇନ୍ଦ୍ରଜିତ ସ୍ୱାଇଁ, ଜଗନ୍ନାଥ ଦାସ, ଶ୍ରୀଧର ବାରିକ, ପୀତବାସ ନାୟକ, ହିମାଂଶୁ ଶେଖର ସାହୁ, ଅଞ୍ଜୁଲତା ପୁହାଣ, ଗୟାଧର ପାତ୍ର, ଗଗନ ବିହାରୀ ଜେନା, ଶମ୍ଭୁନାଥ ମୁର୍ମୁ, ପ୍ରଭାକର ଜେନା, ମଙ୍ଗୁଳି ଚରଣ ସେଠୀ, ଅକ୍ଷୟ ଯେନା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ରଞ୍ଜୀବ ରାଉତ, ହରି ନାଥ, ବିଭୂଦତ ମିଶ୍ର, ସମାଜସେବୀ ସ୍ୱାଧୀନ ଦାସ, ବିଦ୍ୟାଳୟ ଶିକ୍ଷା କମିଟିର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମାନେ ସାମିଲ୍ ହୋଇଥିଲେ।

## ସରକାରୀ ଡାକ୍ତରଖାନାରେ ଚାଲିଛି ଫିଲ୍ମ ସୁଟିଂ

# ୪ ଘଣ୍ଟା ଚିକିତ୍ସା ସେବା ବନ୍ଦ; ନିରାଶ ହୋଇ ଫେରିଲେ ରୋଗୀ

ଭଦ୍ରକ/ବାସୁଦେବପୁର,୩୦।୬(ସମିସ)

ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ଅଧୀନ ଇରମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ବନ୍ଦ କରି ବେଆଇନ ଭାବେ ୪ ଘଣ୍ଟା ଧରି ଚଳଚ୍ଚିତ୍ର ସୁଟିଂ ଚାଲିଥିଲା। ଫଳରେ ଡାକ୍ତରଖାନାକୁ ଆସୁଥିବା ରୋଗୀ ନିରାଶ ହୋଇ ଫେରିବା ସହିତ ଅସନ୍ତୋଷ ପ୍ରକାଶ କରିଥିଲେ। ଡାକ୍ତରଖାନାର ଆଖପାଖକୁ ଏକ ଦଉଡ଼ି ସାହାଯ୍ୟରେ ଘେରଉ କରିବା ସହ ଭିତରକୁ କୌଣସି ରୋଗୀଙ୍କ ପ୍ରବେଶକୁ ବାରଣ କରୁଥିଲେ। ଫଳରେ ରୋଗୀ ସେବା ବନ୍ଦ ହୋଇ ପଡ଼ିଥିଲା। ଡାକ୍ତରଖାନାର ମୁଖ୍ୟ ଦ୍ୱାରକୁ ବଡ଼ ବଡ଼ ପରଦା ଦେଇ ସିଲ୍ କରିଦେଇଥିଲେ। ଏହି ଫିଲ୍ମ ସୁଟିଂ ସମୟରେ ଏକ ଇନୋଭା ଗାଡ଼ିରେ ଇଂରାଜୀ (ଓଡି-୦୨ ସିଡି ୭୯୫୯) ନମ୍ବର ଉପରେ ଗଭର୍ଣ୍ଣମେଣ୍ଟ ଅଫ୍ ଓଡ଼ିଶା ବୋଲି ଉଲ୍ଲେଖ ରହିଥିଲା। ଏହି ଗାଡ଼ିର ଚାଳକଙ୍କୁ ସରକାରଙ୍କ କେଉଁ ବିଭାଗର ଏହି ଗାଡ଼ି ବୋଲି ପଚାରିବାରୁ ଗାଡ଼ିରେ ପପୁ ପମ୍‌ପମ୍ ଓ ଅନ୍ୟ ଅଭିନେତାଙ୍କୁ ଧରି ସ୍ଥାନ ଛାଡ଼ି ଚମ୍ପଟ ମାରିଥିଲେ। ଚଳଚ୍ଚିତ୍ର ସୁଟିଂ ଦେଖିବା ପାଇଁ ସ୍ଥାନୀୟ ଦେଖଣାହାରୀଙ୍କ ବେଶ୍ ଭିଡ଼ ଜମିଥିଲା। ଏକ ସରକାରୀ ଡାକ୍ତରଖାନାରେ ରୋଗୀ ସେବାକୁ ବନ୍ଦ କରି ବେଆଇନ ଭାବେ ଚଳଚ୍ଚିତ୍ର ସୁଟିଂ କରିବାକୁ ଅନୁମତି କିଏ ଦେଲା।

- ସୁଟିଂ ପାଇଁ ଅନୁମତି ଦେଲା କିଏ ?
- ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ: ସିଡିଏମ୍‌ଓ

ଅପରାହ୍ଣ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସୁଟିଂ ଚାଲିଲା କେମିତି। ଡାକ୍ତରଖାନାର ମେଡିକାଲ ଅଫିସରଠାରୁ ଆରମ୍ଭ କରି କର୍ମଚାରୀଙ୍କ ପର୍ଯ୍ୟନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସୂଚନା କାହିଁକି ଦେଲେନାହିଁ। ସୂଚନା ପାଇ ଖବର ସଂଗ୍ରହ କରିବାକୁ ଗଣମାଧ୍ୟମର ପ୍ରତିନିଧିମାନେ ପହଞ୍ଚି ଭିଜୁଆଲ ଓ ଫଟୋ ଉତ୍ତୋଳନ କରୁଥିବାବେଳେ ବଳରାମ ପଣ୍ଡା ନାମକ ଦୋକାନୀ ଓ କେତେକ ଯୁବକ ଭିଜୁଆଲ ନେବାକୁ ବାରଣ କରିବା





ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ମେଡିକାଲ ଭିତରକୁ ଯିବାକୁ ଦେଇ ନ ଥିଲେ। ରୋଗୀ ନିରାଶ ହୋଇ ଫେରି ଗଣମାଧ୍ୟମର ପ୍ରତିନିଧିମାନଙ୍କ ନିକଟରେ ଅଭିଯୋଗ କରିଥିଲେ। ଡାକ୍ତରଖାନାରେ ରୋଗୀ ସେବା ପରି ଗୁରୁତ୍ୱପୂର୍ଣ୍ଣ ବିଭାଗ ବନ୍ଦ କରିବାକୁ ଏମାନଙ୍କୁ କିଏ ଅନୁମତି ଦେଲା ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରମୋଦ ପ୍ରହରାଜଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ଚଳଚ୍ଚିତ୍ର ସୁଟିଂ କରିବାକୁ କାହାକୁ ଅନୁମତି ଦିଆଯାଇନାହିଁ। ଡାକ୍ତରଖାନା କୌଣସି ଖେଳନା କିମ୍ବା ମନୋରଞ୍ଜନର ମାଧ୍ୟମ ନୁହେଁ। ରୋଗୀମାନଙ୍କ ଜୀବନ ରକ୍ଷାକାରୀ ସେବାର ମାଧ୍ୟମ ଅଟେ। ଯିଏ ବିନା ଅନୁମତିରେ ଏପରି କାର୍ଯ୍ୟ କରିଛି, ସେମାନଙ୍କ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

● ୨ ବର୍ଷ ହେଲା ଅପେକ୍ଷା; ତଥାପି ମିଳୁନି ଭତ୍ତା

# ଅସହାୟ ଦିବ୍ୟାଙ୍ଗଙ୍କ ଆଖିରୁ ଶୁଖୁନି ଲୁହ



କେବେ ପୋଛିବ ପ୍ରଶାସନ?

ବେତାଳିଗାଁ,୩୦।୬(ସମିସ): ଏବେ ବି ଅନେକ ଅସହାୟ, ଦୁଃଖୀ ଲୋକ ଅଛନ୍ତି, ଯେଉଁମାନଙ୍କ ପାଇଁ ସରକାରୀ ଯୋଜନା କାଗଜକଲମରେ ସୀମିତ ରହିଯାଇଛି। ସେମାନଙ୍କ ମଧ୍ୟରୁ ଜଣେ ହେଲେ ଧୂଷୁରୀ ଥାନା ଅଧୀନ ବେତାଳିଗାଁର ୬୮ ବର୍ଷୀୟ ହରିଜନ ସମ୍ପ୍ରଦାୟର ବ୍ୟକ୍ତି ବିପରା ଓରଫ ବିପ୍ରଚରଣ ମଳିକ। ବ୍ରେନ୍ ଟ୍ୟୁମର ଅପରେସନ ପରେ ସେ ହାତ ଓ ଗୋଡ଼ର ଶକ୍ତି ହରାଇ ଆଜି ସମ୍ପୂର୍ଣ୍ଣ ଦିବ୍ୟାଙ୍ଗ ଅବସ୍ଥାରେ ଜୀବନ ବିତାଉଛନ୍ତି। ନିଜେ ଭଲ ଭାବରେ ଚାଲିପାରୁ ନ ଥିବାରୁ ଦୈନନ୍ଦିନ କାମ ପାଇଁ ମଧ୍ୟ ଅନ୍ୟ ଉପରେ ନିର୍ଭରଶୀଳ। ତାଙ୍କ ପରିବାରର ଦୁଃଖ ଏତିକିରେ ସରିନି। ବଡ଼ ପୁଅ ଜନ୍ମରୁ ଦିବ୍ୟାଙ୍ଗ ଥିବାବେଳେ, ସାନ ପୁଅ ବିବାହ ପରେ ଅଲଗା ହୋଇଯାଇଛନ୍ତି। ଅସୁସ୍ଥ ସ୍ତ୍ରୀ ଘର ଘର ବୁଲି ପାଛିଆରେ ମାଛ-ଶୁଖୁଆ ବିକ୍ରି କରି ଯେତିକି ଆୟ କରନ୍ତି, ସେହି ଅଳ୍ପ ଟଙ୍କାରେ ଚଳେ ତାଙ୍କ ପରିବାର। ସବୁଠାରୁ ବଡ଼ ଦୁଃଖର କଥା ହେଲା, ୨ ବର୍ଷ ପୂର୍ବରୁ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଅନ୍‌ଲାଇନ୍ ଆବେଦନ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେ ଗୋଟିଏ ଟଙ୍କାର ଭତ୍ତା ମଧ୍ୟ ପାଇନାହାନ୍ତି। ପଞ୍ଚାୟତରୁ ବ୍ଲକ୍, ସରପଞ୍ଚଙ୍କଠାରୁ ବିଧାୟକ ଓ ମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇ ଅନେକଥର ଗୁହାରି କରିଛନ୍ତି। କିନ୍ତୁ କେବଳ ପ୍ରତିଶ୍ରୁତି ମିଳିଛି, ସହାୟତା ନୁହେଁ। ନିରକ୍ଷର ହୋଇଥିବାରୁ ସରକାରୀ କାର୍ଯ୍ୟାଳୟର ଜଟିଳ ପ୍ରକ୍ରିୟା ବୁଝିବା ତାଙ୍କ ପାଇଁ ଅସମ୍ଭବ। ଜଣେ ଅସହାୟ ଦିବ୍ୟାଙ୍ଗଙ୍କ ପାଇଁ ସରକାରୀ ସହାୟତା ପାଇବା ଯଦି ଏତେ କଷ୍ଟକର, ତେବେ ସାଧାରଣ ଗରିବ ଲୋକଙ୍କ ଅବସ୍ଥା କ'ଣ ବୋଲି ସମ୍ପୃକ୍ତ ଅଞ୍ଚଳବାସୀ ମତବ୍ୟକ୍ତ କରିଛନ୍ତି। ସରକାର ସବୁବେଳେ ଗରିବ, ବୃଦ୍ଧ ଓ ଦିବ୍ୟାଙ୍ଗଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନାର କଥା କହୁଛନ୍ତି। କିନ୍ତୁ ବେତାଳିଗାଁର ବିପରା ମଳିକଙ୍କ ଭଳି ଅସହାୟ ଲୋକଙ୍କ ପାଖରେ ସେହି ଯୋଜନା ଆଜି ବି ପହଞ୍ଚିପାରି ନାହିଁ। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ସରକାରଙ୍କ ଅସହାୟ ତଥା ଦୁର୍ଦ୍ଦଶାରେ ଜୀବନଯାପନ କରୁଥିବା ବିପରାଙ୍କ ଜୀବନରେ ନୂଆ ଆଶାର ଆଲୋକ ଆଣିବାକୁ ଦାବି ହୋଇଛି।

# ରେଲ୍‌ୱେ ଫାଟକ ରାସ୍ତା ଶୋଚନୀୟ

ବାରିକପୁର,୩୦।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମଞ୍ଜୁରୀରୋଡ୍ ରେଲ୍‌ୱେ ଫାଟକ ସଂଲଗ୍ନ ରାସ୍ତା ଏବେ ଅତ୍ୟନ୍ତ ଶୋଚନୀୟ ହୋଇଛି। ପାଖାପାଖି ୧୦୦ମିଟର ରାସ୍ତା ପଥଚାରୀଙ୍କୁ କଷ୍ଟ ଦେଉଛି। ସୂଚନା ମୁତାବକ, ରେଲ୍‌ୱେ ଫାଟକକୁ ଲାଗି ଏକ ନୂତନ ରାସ୍ତା ନିର୍ମାଣ ହେଉଥିବାବେଳେ ସେଠାରେ ଏବେ ମାଟି ପଡ଼ିଛି। ପୁରୁଣା ଓ ନୂଆ ରାସ୍ତା ମଝିରେ ଟ୍ରିପ୍ ଟ୍ରିପ୍ ମାଟି ବିସ୍ତୀର୍ଣ୍ଣ ଭାବେ ପଡ଼ିଥିବାବେଳେ ଏହା ଉପରେ ଡଷ୍ଟ କିମ୍ବା ମୋରମ୍ ପଡ଼ିନାହିଁ। ତେଣୁ ସାମାନ୍ୟ ବର୍ଷା ହେଲେ ଲୋକମାନେ ଯାତାୟାତ ପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦେଇ ଦୈନିକ ଶହଶହ ଗାଡ଼ିମୋଟର ଚଳାଚଳ କରୁଥିବାବେଳେ ନାଆମୀ କଲେଜ ଓ ମଞ୍ଜୁରୀରୋଡ୍ ବିଦ୍ୟାଳୟକୁ ମଧ୍ୟ ଛାତ୍ରଛାତ୍ରୀ ଯାତାୟାତ କରିଥା'ନ୍ତି। ଏହାଛଡ଼ା ସକାଳ ଓ ସନ୍ଧ୍ୟା ବେଳେ ଆଖପାଖ ୧୫/୨୦ ଖଣ୍ଡ ଗାଁର ଲୋକେ ବିଭିନ୍ନ କାର୍ଯ୍ୟରେ ବଜାରକୁ ଆସିଥା'ନ୍ତି। ପଡ଼ୋଶୀ କେନ୍ଦୁଝର ଜିଲ୍ଲାକୁ ମଧ୍ୟ ଏହା ସଂଯୋଗ କରୁଛି। ସବୁ ଦୃଷ୍ଟିରୁ ଉକ୍ତ



ପଥଟି ଜନସାଧାରଣଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ନିର୍ମାଣକାରୀ ସଂସ୍ଥା ଅତି ବେପରୁଆ ନିର୍ମାଣ କାର୍ଯ୍ୟ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମୁଖ୍ୟ ପୋଷ୍ଟ ଅଫିସ୍ ପାଖରୁ ଲକ୍ଷ୍ମୀବଜାର ଯାଏଁ ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ତେଣୁ ଏହା ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଟୋଲ୍ ପ୍ଲାଜା ନିକଟରୁ ଗଞ୍ଜେଇ ଜବତ

ବାରିକପୁର,୩୦।୬(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଛତାବର ନାରାୟଣପୁର ଟୋଲ୍ ପ୍ଲାଜା ନିକଟରୁ ମଙ୍ଗଳବାର ଗଞ୍ଜେଇ ଜବତ ହୋଇଥିବା ସୂଚନା ମିଳିଛି। ମିଳିଥିବା ସୂଚନା ମୁତାବକ, ମଙ୍ଗଳବାର ଦିନ ପ୍ରାୟ ୩ଟା ୩୦ ମିନିଟ୍ ସମୟରେ କେନ୍ଦ୍ରୀୟ ଅବକାରୀ ଗୁଇନ୍ଦା ସଂସ୍ଥା ଅଧିକାରୀମାନେ ଟୋଲ୍‌ଗେଟ୍‌ଠାରେ ଛକି ରହିଥିଲେ। ଏହି ସମୟରେ ଏକ ଧଳା ରଙ୍ଗର କାର୍ ଟୋଲ୍ ପ୍ଲାଜା ଅତିକ୍ରମ କରିବାକୁ ଯାଉଥିବାବେଳେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଗୁଇନ୍ଦା ବିଭାଗ ଅଧିକାରୀମାନେ ଗାଡ଼ିଟିକୁ ଅଟକାଇଥିଲେ। ପରେ ଅଧିକାରୀମାନେ କାର୍‌କୁ ଯାଞ୍ଚ କରିଥିବାବେଳେ ଡିକିରୁ ବ୍ୟାପକ ଗଞ୍ଜେଇ ବାହାରିଥିଲା। ଏନେଇ ୨ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଗଞ୍ଜେଇ ଭର୍ତ୍ତି ଗାଡ଼ିକୁ ବିଭାଗ ଭୁବନେଶ୍ୱର କାର୍ଯ୍ୟାଳୟକୁ ନେଇଥିବା



ଜଣାପଡ଼ିଛି। ଜବତ ଗଞ୍ଜେଇ ପ୍ରାୟ ୧ କ୍ୱିଣ୍ଟାଲ ହେବ ବୋଲି କୁହାଯାଉଛି। କାର୍‌ରେ ଅନୁଗୋଳରୁ ବାଲେଶ୍ୱର କିମ୍ବା ପଶ୍ଚିମବଙ୍ଗକୁ ଗଞ୍ଜେଇ ଚାଲାଣ ହେଉଥିବା ଅନୁମାନ କରାଯାଇଛି। ଘଟଣା ସମ୍ପର୍କରେ ବିଭାଗଠାରୁ ସବିଶେଷ ତଥ୍ୟ ମିଳିପାରିନାହିଁ।

## ଭଦ୍ରକ ପୌରପାଳିକା

# ୪ ବର୍ଷ ପରେ ୪ ନମ୍ବର ୱାର୍ଡରେ ହେବ ନିର୍ବାଚନ

ଭଦ୍ରକ,୩୦।୬(ସମିସ): ୨୦୨୨ ପୌର ନିର୍ବାଚନ ବେଳେ ହାଇକୋର୍ଟରେ ମାମଲା ବିଚାରାଧୀନ ଥିବାରୁ ଭଦ୍ରକ ପୌରପାଳିକାର ୪ ନମ୍ବର (ବରାଳପୋଖରୀ) ୱାର୍ଡରେ ନିର୍ବାଚନ ହୋଇ ନ ଥିଲା। ତେବେ ୪ ବର୍ଷ ପରେ ଚଳିତ ବର୍ଷ ଏହାର ନିର୍ବଚନ ଅନୁଷ୍ଠିତ ହେବ ବୋଲି ନିର୍ବାଚନ ଆୟୋଗଙ୍କ ଚିଠିରୁ ସ୍ପଷ୍ଟ ଜଣାପଡ଼ିଛି।

ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ

ସୂଚନାଯୋଗ୍ୟ, ଏହି ୱାର୍ଡଟି ପୂର୍ବ ନିର୍ବାଚନରେ ମହିଳା ବର୍ଗଙ୍କ ଲାଗି ସଂରକ୍ଷିତ ଥିବାବେଳେ ଗତ ୨୦୨୨ ନିର୍ବାଚନରେ ବି ମହିଳା ବର୍ଗଙ୍କ ଲାଗି ଉଦ୍ଦିଷ୍ଟ ଥିଲା। ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ସୁବ୍ରତ ଦାସ ଏକ ମାମଲା ଦାୟର କରିଥିଲେ। ଫଳରେ ଗତ ପୌର ନିର୍ବାଚନରେ ଭଦ୍ରକ ପୌରପାଳିକା ଅନ୍ୟ ୨୯ଟି ୱାର୍ଡରେ ନିର୍ବାଚନ ହୋଇଥିବାବେଳେ ଉକ୍ତ ୪ ନମ୍ବର ୱାର୍ଡରେ ନିର୍ବାଚନ ସ୍ଥଗିତ ରହିଥିଲା। ତେବେ ନିକଟରେ କୋର୍ଟଙ୍କ ଆଦେଶମତେ ଏହି ୱାର୍ଡରେ ନିର୍ବାଚନ କରିବାକୁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ସର୍ବସାଧାରଣଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ, ରାଜ୍ୟ ନିର୍ବାଚନ ଆୟୋଗ, ଓଡ଼ିଶାଙ୍କ ପତ୍ର ସଂଖ୍ୟା ୧୩୮୭/୧୦.୬.୨୦୨୬ ଅନୁଯାୟୀ, ଭଦ୍ରକ ପୌରପାଳିକାର ୱାର୍ଡ ନଂ-୪ର ନିର୍ବାଚନୀ ନାମାବଳୀ (ଇଲେକ୍ଟୋରାଲ୍ ରୋଲ୍) ନିର୍ଦ୍ଧାରିତ ନିୟମାନୁସାରେ ପ୍ରକାଶ କରାଯାଇଛି। ଉକ୍ତ ନିର୍ବାଚନୀ ନାମାବଳୀ ଭଦ୍ରକ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଓ ଭଦ୍ରକ ପୌରପାଳିକା କାର୍ଯ୍ୟାଳୟ ଏବଂ ସମ୍ପୃକ୍ତ ୱାର୍ଡରେ ଜନସାଧାରଣଙ୍କ ଅବଲୋକନ ନିମନ୍ତେ ଉପଲବ୍ଧ ଅଛି। ଯଦି କୌଣସି ବ୍ୟକ୍ତିଙ୍କର ନାମ ସଂଯୋଗ, ବିଲୋପ, ସଂଶୋଧନ କିମ୍ବା ଅନ୍ୟ କୌଣସି ଆପତି, ଅଭିଯୋଗ ତଥା ଦାବି ଥାଏ, ତେବେ ପ୍ରଚଳିତ ନିୟମ ଅନୁଯାୟୀ ଆସନ୍ତା ଜୁଲାଇ ୧ରୁ ୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପରିଷଦ, ଭଦ୍ରକ କାର୍ଯ୍ୟାଳୟରେ ଦାଖଲ କରିପାରିବେ। ଦାବି ଓ ଆପତିଗୁଡ଼ିକର ଶୁଣାଣି ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଜିଲ୍ଲା ପରିଷଦ, ଭଦ୍ରକରେ ଆସନ୍ତା ୭ ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କରାଯିବ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସୂତ୍ରରୁ ଜଣାଯାଇଛି।

# ଭଦ୍ରକରେ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ

ଭଦ୍ରକ,୩୦।୬(ସମିସ): ଭଦ୍ରକ ଜିଲ୍ଲାରେ ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ ଅବସରରେ ଏକ ଗରିମାମୟ କାର୍ଯ୍ୟକ୍ରମ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମଟିକୁ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ୟୁନିଟ୍ (ଡିଷ୍ଟ୍ରିକ୍ଟ ପ୍ଲାନିଂ ଆଣ୍ଡ ମନିଟରିଂ ୟୁନିଟ୍), ଭଦ୍ରକ ପକ୍ଷରୁ ଆୟୋଜନ କରାଯାଇଥିଲା। ଏହାର ମୂଳ ଉଦ୍ଦେଶ୍ୟ ଥିଲା ଉନ୍ନତ ଶାସନ ବ୍ୟବସ୍ଥା, ପ୍ରମାଣଭିତ୍ତିକ ନୀତି ପ୍ରଣୟନ ଏବଂ ସାମାଜିକ ଆର୍ଥିକ ବିକାଶରେ ପରିସଂଖ୍ୟାନର ଗୁରୁତ୍ୱକୁ ଉଜାଗର କରିବା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଉପନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ) ପ୍ରହ୍ଲାଦ ରଣା, ସହକାରୀ ନିର୍ଦ୍ଦେଶକ (ପରିସଂଖ୍ୟାନ) ସୌମ୍ୟରଞ୍ଜନ ନାୟକ, ଆର୍ଥିକ ବିଶେଷଜ୍ଞ(ଯୋଜନା) ଡ. ଭଗବାନ ବାରିକ, ଉଦ୍ୟାନ କୃଷି ଓ କୃଷି ବିଭାଗର ବରିଷ୍ଠ ଅଧିକାରୀମାନେ, କ୍ଷେତ୍ରସ୍ତରୀୟ ପରିସଂଖ୍ୟାନ କର୍ମଚାରୀ, ଯୋଜନା ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷର ଜାତୀୟ ପରିସଂଖ୍ୟାନ ଦିବସର




ବିଷୟବସ୍ତୁ "ପ୍ରଶାସନିକ ତଥ୍ୟର ସମ୍ଭାବନାକୁ ଉନ୍ମୋଚନ' (ଅନ୍‌ଲକିଂ ଦ ପୋଟେନ୍‌ସିଆଲ ଅଫ୍ ଆଡ୍‌ମିନ୍‌ଷ୍ଟ୍ରେଟିଭ୍ ଡାଟା) ଉପରେ ବିଶେଷ ଆଲୋଚନା ହୋଇଥିଲା। ବକ୍ତାମାନେ ପ୍ରଶାସନିକ ତଥ୍ୟର ସଠିକ୍ ବ୍ୟବହାର ମାଧ୍ୟମରେ ଗୁଣାତ୍ମକ, ବିଶ୍ୱସନୀୟ ଏବଂ ସମୟୋପଯୋଗୀ ପରିସଂଖ୍ୟାନ ପ୍ରସ୍ତୁତିର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଏହା ସହିତ ସୁଦୃଢ଼ ପରିସଂଖ୍ୟାନ ବ୍ୟବସ୍ଥା ଗଠନ, ଆଧୁନିକ ତଥ୍ୟ ପରିଚାଳନା ଏବଂ ନୀତି ନିର୍ଦ୍ଧାରଣରେ ପରିସଂଖ୍ୟାନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ଭାରତର ବିଶିଷ୍ଟ ପରିସଂଖ୍ୟାନବିତ୍, ଦୂରଦର୍ଶୀ ଅର୍ଥନୀତିବିଦ୍ ଏବଂ ଆଧୁନିକ ଭାରତୀୟ ପରିସଂଖ୍ୟାନ ବ୍ୟବସ୍ଥାର ରୂପକାର ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହାଲାନୋବିସ୍‌ଙ୍କ ଅମୂଲ୍ୟ ଅବଦାନକୁ ସ୍ମରଣ କରାଯାଇଥିଲା। ସର୍ବେକ୍ଷଣ ପ୍ରଣାଳୀ, ପରିସଂଖ୍ୟାନ ବିଜ୍ଞାନ ଏବଂ ଜାତୀୟ ଯୋଜନା ପ୍ରଣୟନ କ୍ଷେତ୍ରରେ ତାଙ୍କର ଅବିସ୍ମରଣୀୟ ଅବଦାନ ଭାରତର ବିକାଶ ଯାତ୍ରାକୁ ଦୃଢ଼ ଭିତି ପ୍ରଦାନ କରିଥିବା ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ।

ଉପସ୍ଥିତ ବକ୍ତାମାନେ କହିଥିଲେ ଯେ, ସଠିକ୍, ନିର୍ଭରଯୋଗ୍ୟ ଏବଂ ସମୟୋପଯୋଗୀ ତଥ୍ୟ ହେଉଛି ସୁଶାସନ, ସ୍ୱଚ୍ଛ ପ୍ରଶାସନ ଓ ଜନକଲ୍ୟାଣମୂଳକ ଯୋଜନାର ସଫଳ କାର୍ଯ୍ୟାନ୍ୱୟନର ମୂଳ ଆଧାର। ତେଣୁ ପରିସଂଖ୍ୟାନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହିତ ତଥ୍ୟ ସଂଗ୍ରହ, ବିଶ୍ଳେଷଣ ଓ ପରିଚାଳନାରେ ଆଧୁନିକ ପ୍ରଯୁକ୍ତିର ପ୍ରୟୋଗକୁ ପ୍ରାଧାନ୍ୟ ଦେବା ସମୟର ଆହ୍ୱାନ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଜାତୀୟ ପରିସଂଖ୍ୟାନ ଦିବସ ଅବସରରେ ଗତ ୨୮ ତାରିଖରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରଶଂସାପତ୍ର ଓ ପୁରସ୍କାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହା ମାଧ୍ୟମରେ ଯୁବପିଢ଼ିଙ୍କ ମଧ୍ୟରେ ପରିସଂଖ୍ୟାନ ବିଷୟ ପ୍ରତି ଆଗ୍ରହ, ସଚେତନତା ଓ ଜ୍ଞାନବୃଦ୍ଧିକୁ ପ୍ରୋତ୍ସାହିତ କରିବାର ପ୍ରୟାସ କରାଯାଇଥିଲା। ଏହି ଉତ୍ସବ ମାଧ୍ୟମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସୁଦୃଢ଼, ଆଧୁନିକ ଓ ବିଶ୍ୱସନୀୟ ପରିସଂଖ୍ୟାନ ବ୍ୟବସ୍ଥା ଗଠନ ସହ ଉନ୍ନୟନମୂଳକ ଯୋଜନାଗୁଡ଼ିକରେ ଗୁଣାତ୍ମକ ତଥ୍ୟର ଉପଯୋଗକୁ ଅଧିକ ସୁଦୃଢ଼ କରିବାର ସଂକଳ୍ପକୁ ପୁନର୍ବ୍ୟକ୍ତ କରାଯାଇଥିଲା।

■ ୟୁକୋ ବ୍ୟାଙ୍କ ସମ୍ମୁଖରୁ ବାଇକ୍ ଚୋରି; ଜଣେ ଅଟକ

# ୨ ଘଣ୍ଟାରେ ବାଇକ୍‌କୁ କାଟି ବିକିଦେଲା ଚୋର



ଧାମନଗର,୩୦।୬(ସମିସ): ଧାମନଗର ଥାନା ନିକଟରୁ ୧୦୦ ମିଟର ଦୂର ୟୁକୋ ବ୍ୟାଙ୍କ ସମ୍ମୁଖରୁ ଦିନଦ୍ୱିପହରରେ ଏକ ବାଇକ୍ ଚୋରି ହୋଇଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ଯେ, ଭଣ୍ଡାରିପୋଖରୀ ବ୍ଲକ୍ କୋରିଗାଁର ବିଜୟ ଶଙ୍ଖୁଆ ନିଜ ବାଇକ୍ (ନଂ- ଓଡି ୨୨ ଏଫ ୫୪୫୯) ଯୋଗେ ଦିନ ପ୍ରାୟ ୧୧ଟାରେ ଧାମନଗର ୟୁକୋ ବ୍ୟାଙ୍କକୁ କୌଣସି କାର୍ଯ୍ୟରେ ଯାଇଥିଲେ। ବ୍ୟାଙ୍କ କାମ ସାରି ବାହାରକୁ ଆସି ଦେଖିଲା ବେଳକୁ ଉକ୍ତ ସ୍ଥାନରେ ବାଇକ୍ ନାହିଁ। ବହୁ ଖୋଜାଖୋଜି କରିଥିଲେ ମଧ୍ୟ ନ ପାଇବାରୁ କିଏ ବାଇକ୍ ଚୋରି କରି ନେଇଥିବା ସନ୍ଦେହ ସୃଷ୍ଟି ହୋଇଥିଲା। ଏନେଇ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି କ୍ୟାମେରା ଯାଞ୍ଚ କରିବାରୁ ଚୋରିର ପର୍ଦ୍ଦାଫାଶ୍ ହୋଇଥିଲା। ତେବେ ଧାମନଗର ହବିବିନଗର ଗାଁର ସେକ୍ ଇସ୍‌ଲାମଙ୍କ ପୁଅ ସେକ୍ ରାଜା ବାଇକ୍‌ଟିକୁ ଚୋରି କରିଥିବା ଜଣାପଡ଼ିଥିଲା। ପୁଲିସ ତଦନ୍ତ କରି ଚୋରି ବାଇକ୍‌ର କିଛି ଅଂଶ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଅଟକ ରଖିଥିବା ଜଣାପଡ଼ିଛି। ଅଭିଯୁକ୍ତ ବାଇକ୍‌ଟିକୁ କାଟି ଖଣ୍ଡଖଣ୍ଡ କରି ଏହାର ବିଭିନ୍ନ ଯନ୍ତ୍ରାଂଶ ୨ ଘଣ୍ଟା ମଧ୍ୟରେ ବିକ୍ରି କରିଥିବା ଖବର ପାଇ ଥାନା ଏସ୍‌ଆଇ ନାରାୟଣ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଚୋରି ଗାଡ଼ିର ଟାଙ୍କି ଓ ଅନ୍ୟ କିଛି ଯନ୍ତ୍ରାଂଶ ଜବତ କରିଛନ୍ତି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଫେରାର୍ ଥିବାବେଳେ ଖବର ଲେଖାହେବା ସୁଦ୍ଧା କୌଣସି ମାମଲା ରୁଜୁ ହୋଇ ନ ଥିବା ସୂଚନା ଦିଆଯାଇଛି।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପରଜଙ୍ଗ,୩୦।୬(ସମିସ): ଗଡ଼ପରଜଙ୍ଗ ପିଏମ୍‌ଶ୍ରୀ ମହେଶ ଚନ୍ଦ୍ର ସୁବହୁସିଂହ ନୋଡାଲ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବିକ୍ରମ ସିଂହଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ କାନପୁର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରାମଚନ୍ଦ୍ର ରାଉତ ସଭାପତିତ୍ୱ



କରିଥିବାବେଳେ ମୁଖ୍ୟବକ୍ତା ଭାବେ ସତିଶ୍ କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ନାରାୟଣ ବିନାୟକ , ଅବସର ପ୍ରାପ୍ତ ଶିକ୍ଷକ ବୀରବର ସାହୁ, କ୍ରୀଡ଼ା ଶିକ୍ଷକ ଚୈତନ୍ୟ ନାୟକ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅନ୍ତର୍ଯ୍ୟାମୀ ନାୟକ ଉପସ୍ଥିତ ଥିଲେ। ଏହି ସଭାକୁ କୁମୁସି ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ମଳୟ କୁମାର ପଣ୍ଡା ପରିଚାଳନା କରିଥିବା ବେଳେ ହିନ୍ଦୋଳ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଚିନ୍ମୟ କର ପ୍ରମୁଖ ଯୋଗଦାନ କରିଥିଲେ। ପ୍ରଥମେ ପୁଷ୍ପ ଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରଜଙ୍ଗ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ପୁରାତନ ଶିକ୍ଷକ, ପୁରାତନ ଛାତ୍ର,ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

## ୨୨୫ ବର୍ଷର ଜଗନ୍ନାଥ ମନ୍ଦିରରେ ସ୍ନାନଯାତ୍ରା

ଢେଙ୍କାନାଳ,୩୦।୬(ସମିସ): ମୀନାବଜାରସ୍ଥ ୨୨୫ବର୍ଷର ପ୍ରାଚୀନ ପତିତପାବନଜିଉ ମନ୍ଦିରରେ ସ୍ନାନଯାତ୍ରା ପାଳିତ ହୋଇଯାଇଛି। ପୂଜକ ରବିନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ସମସ୍ତ ନୀତିକାନ୍ତି ପାଳନ କରାଯାଇଥିଲା। ପୂର୍ବ ଢେଙ୍କାନାଳ ଗଡ଼ଜାତର ରାଜଧାନୀ ଢେଙ୍କାନାଳ ସହର ସେତେବେଳେ ମୁଖ୍ୟତଃ ତିନୋଟି ଗଡ଼ରେ ବିଭକ୍ତ ଥିଲା ଯଥା ଉପରଗଡ, ମଝିଗଡ ଓ ତଳଗଡ। ସେତେବେଳେ ମଝିଗଡ଼ ବା ବର୍ତ୍ତମାନର



ମୀନାବଜାର ଅଞ୍ଚଳରେ ଥିବା ଆଜିର ପତିତପାବନଜିଉ ମନ୍ଦିର ସେତେବେଳେ ଗୁଣ୍ଡିଚା ମନ୍ଦିର ଥିଲା। ରାଜା ରାମଚନ୍ଦ୍ର ମହୀନ୍ଦ୍ର ବାହାଦୂରଙ୍କ ରାଜତ୍ୱକାଳ ୧୭୯୬ ଖ୍ରୀ. ରୁ ୧୮୦୭ଖ୍ରୀ. ମଧ୍ୟରେ ଢେଙ୍କାନାଳ ନିଜିଗଡ଼ରେ ରଥଯାତ୍ରାର ପ୍ରଚଳନ ଆରମ୍ଭ ହୋଇଥିବା କୁହାଯାଏ। ଢେଙ୍କାନାଳ ଜିଲ୍ଲା ଶ୍ରୀଜଗନ୍ନାଥ ସେବା ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ ମୀନାବଜାରସ୍ଥ ଏହି ପତିତପାବନଜିଉଙ୍କୁ ସ୍ନାନମଣ୍ଡପରେ ଦର୍ଶନ କରିବା ସହ ଚଳିତ ବର୍ଷ ଶ୍ରୀକ୍ଷେତ୍ର ନୀଳାଦ୍ରୀ ବିଜେ ଆସନ୍ତା ଜୁଲାଇ ୨୭ ତାରିଖ ସୋମବାର ଦିନ ସଂଧ୍ୟାରେ ବିଶ୍ୱ ରସଗୋଲା ଦିବସ ଏହି ମନ୍ଦିରରେ ପାଳନ କରାଯିବ ବୋଲି ସୂଚନା ଦେଇଥିଲେ। ସେହିଦିନ ଶ୍ରୀଜିଉଙ୍କ ନିକଟରେ ଭଜନ କୀର୍ତ୍ତନ ସହ ରସଗୋଲା ନୈବେଦ୍ୟ କରାଯାଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବଣ୍ଟନ କରାଯିବ।


## ହିନ୍ଦୋଳ କଲେଜରେ ଅବସରକାଳୀନ ସମ୍ବର୍ଦ୍ଧନା



ଖଜୁରିଆକଟା, ୩୦।୬(ସମିସ) : ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ସଭାଗୃହରେ ଇଂରାଜୀ ବିଭାଗର ମୁଖ୍ୟ ଅକ୍ଷୟ କୁମାର ପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ ପୌରୋହିତ୍ୟ କରି ଦୈନନ୍ଦିନ ଜୀବନରେ ବହୁ ଦୁଃଖକୁ ସହ୍ୟ କରି ଅଧ୍ୟାପକ ଶ୍ରୀ ପାତ୍ର ନିଜର ଅଧ୍ୟାପନା ସଠିକ୍ ଢଙ୍ଗରେ ପରିଚାଳିତ କରି ଛାତ୍ର ବତ୍ସଳ ହେବା ସହିତ ନିଜର ସାଧନା ବଳରେ ଜଣେ ଉତମ କବି ଭାବରେ ପରିଚିତ ହୋଇ ପାରିଛନ୍ତି ବୋଲି ଅଭିହିତ କରିଥିଲେ । ସମବେତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ମଧ୍ୟରୁ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ସୁକାନ୍ତ ପତି, ଗଣିତ ବିଭାଗର ମୁଖ୍ୟ କ୍ୟାପଟେନ ଡକ୍ଟର କିଶୋର ପୃଷ୍ଟି, ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଜୟନ୍ତ ନାରାୟଣ ପତି, ଇତିହାସ ବିଭାଗର ମୁଖ୍ୟ ଡକ୍ଟର ମହେନ୍ଦ୍ର ସ୍ୱାଇଁ ଓ କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ପ୍ରମୁଖ ଅବସର ନେଉଥିବା ଅଧ୍ୟାପକ ଶ୍ରୀ ପାତ୍ରଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଉଲ୍ଲେଖ କରିଥିଲେ । ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଅତିଥି ପରିଚୟ ଦେଇଥିବା ବେଳେ ଇଂରାଜୀ ବିଭାଗ ଅଧ୍ୟାପକ ଦିଲ୍ଲୀପ ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆବାସ ଯୋଜନାରୁ ବଞ୍ଚିତ ହିତାଧିକାରୀ ହନ୍ତସନ୍ତ

ଗଁଦିଆ,୩୦।୬(ସମିସ): ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଥିବା ଅସନ୍ତୋଷ ଏବେ ଉଗ୍ର ରୂପ ନେଇଛି। ଗଁଦିଆଠାରେ ଆୟୋଜିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆବାସ ଯୋଜନାରୁ ବାଦ୍ ପଡ଼ିଥିବା ଶତାଧିକ ହିତାଧିକାରୀଙ୍କ ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଗଁଦିଆଠାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେଉଥିଲା। ତେବେ ରେଜିଷ୍ଟ୍ରେସନ ପ୍ରକ୍ରିୟା ଚାଲିଥିବା ସ୍ଥାନରେ ଯୋଗ୍ୟ ଥାଇ ମଧ୍ୟ ଘର ଖଣ୍ଡିଏ ପାଇବାରୁ ବଞ୍ଚିତ ହୋଇଥିବା ହିତାଧିକାରୀ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ। ପରେ



ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏବିଡିଓ ଏସ. ନୈବେଦ୍ୟଙ୍କ ସହ ଲୋକଙ୍କର ଯୁକ୍ତିତର୍କ ହୋଇଥିଲା। ଆବାସ ଯୋଜନାରେ ଅ ମହିଷାପାଟ ପଲିଶ୍ରୀ ମେଳା ସମ୍ମୁଖ ରାସ୍ତାରେ ପାଣି ନିୟମିତତା ହୋଇଥିବା ଅଭିଯୋଗ ଆଣି ହିତାଧିକାରୀମାନେ ପ୍ରଶାସନିକ ଅଧିକାରୀଙ୍କୁ ଘେରିଥିଲେ। ପରିସ୍ଥିତି ଅଣାୟତ ହେବାରୁ ତୁରନ୍ତ ଗଁଦିଆ ପୋଲିସକୁ ଖବର ଦିଆଯାଇଥିଲା। ପୁଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା।

## କଣିହାଁ କୋଇଲା ଖଣିର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ

# ତେଲିସିଂହାରେ ୪୪ ଘର ଉଚ୍ଛେଦ

କଣିହାଁ,୩୦।୬(ସମିସ)



କଣିହାଁ କୋଇଲା ଖଣିର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ଏବଂ ବାର୍ଷିକ ୧୦ ମିଲିୟନ ଟନ୍ କୋଇଲା ଉତ୍ତୋଳନ ଲକ୍ଷ୍ୟରେ ୨୦୦୬ ମସିହାରେ କଣିହାଁ, ତେଲିସିଂହା, ପଥରମୁଣ୍ଡା, କଂସମୁଣ୍ଡା, ଜରଡ଼ା, ଗୁଣ୍ଡୁରୀନାଳି, ଜମାନିଆଁ ଓ ଛେଲିଆ ଗ୍ରାମର ବ୍ୟାପକ ଜମି ଅଧିଗ୍ରହଣ କରାଯାଇଥିଲା। ସେତେବେଳେ କିଛି କ୍ଷତିଗ୍ରସ୍ତ ପରିବାରଙ୍କୁ ନିଯୁକ୍ତି ଓ ଥଇଥାନ ସୁବିଧା ମିଳିଥିବା ବେଳେ ଅନେକ ପରିବାର ଏହି ସୁବିଧାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଆସୁଛି। ପରବର୍ତ୍ତୀ ସମୟରେ ଅନେକ ପରିବାର ଋଣ ଓ ସୁଧ ଆଣି ନିଜ ଅଧିଗ୍ରହୀତ ଜମିରେ ଘର ନିର୍ମାଣ କରି ବସବାସ କରୁଥିଲେ। ମଙ୍ଗଳବାର ସକାଳେ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ପ୍ରଶାସନ ଓ ପୋଲିସ ସହାୟତାରେ କଣିହାଁ ତହସିଲ ଅନ୍ତର୍ଗତ ତେଲିସିଂହା ଗ୍ରାମରେ ବ୍ୟାପକ ଉଚ୍ଛେଦ ଅଭିଯାନ ଚଳାଇଥିଲେ। ତାଳଚେର ଉପଜିଲ୍ଲାପାଳ ଓ ଉପଖଣ୍ଡ ଦଣ୍ଡାଧିକାରୀଙ୍କ ୨୯ ଜୁନ୍ ୨୦୨୬ ତାରିଖର ଆଦେଶ ଅନୁଯାୟୀ କଣିହାଁର ଅତିରିକ୍ତ ତହସିଲଦାର ପୁଷ୍ପିତା ମଧୁମତୀ ଦେହୁରୀଙ୍କୁ କାର୍ଯ୍ୟନିର୍ବାହୀ ଦଣ୍ଡାଧିକାରୀ ଭାବେ ମୁତୟନ କରାଯାଇଥିଲା। ଆଇନ-ଶୃଙ୍ଖଳା ବଜାୟ ରଖିବା ପାଇଁ ପାଲଲହଡା ଏସ୍‌ଡିପିଓ କୈଳାଶ ଚନ୍ଦ୍ର ସେଠୀ, କଣିହାଁ ଥାନା ଆଇଆଇସି ରମଣୀ ରଞ୍ଜନ ଦଳେଇଙ୍କ ସମେତ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଉଚ୍ଛେଦ ସମୟରେ ଜେସିବି ମେସିନ୍ ସହାୟତାରେ ବେଆଇନ ନିର୍ମାଣ ଦର୍ଶାଯାଇଥିବା ଘରଗୁଡ଼ିକୁ ଭଙ୍ଗାଯାଇଥିଲା। ସୂଚନା ଅନୁଯାୟୀ, ପ୍ରାୟ ୪୪ଟି ଘର ଭଙ୍ଗାଯାଇଛି। ଘର ଭଙ୍ଗାକୁ ନେଇ ସ୍ଥାନୀୟ ବାସିନ୍ଦା ଓ କ୍ଷତିଗ୍ରସ୍ତ ପରିବାର ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯାଇଥିଲା। ଫଳରେ କିଛି ସମୟ ପାଇଁ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସମ୍ପୃକ୍ତ ଅଞ୍ଚଳରେ ଥ୍ରୀ-ମ୍ୟାନ୍ କମିଟିର ତଦନ୍ତ ପରେ କୋଇଲା ଖଣି କର୍ତ୍ତୃପକ୍ଷ କେତେକ କ୍ଷତିଗ୍ରସ୍ତଙ୍କ ପାଇଁ କ୍ଷତିପୂରଣ ରାଶି ମଞ୍ଜୁର କରିଥିବା ସହ ଅନେକଙ୍କୁ ତାହା ପ୍ରଦାନ କରିଥିବା ସୂଚନା ମିଳିଛି। ତେବେ ପୁନର୍ବାସ ଓ ଅବଶିଷ୍ଟ କ୍ଷତିପୂରଣ ସମସ୍ୟାର ସମାଧାନ ପୂର୍ବରୁ ଉଚ୍ଛେଦ କରାଯାଇଥିବାରୁ ପ୍ରଭାବିତ ପରିବାରମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଦଣ୍ଡାଧିକାରୀ ପୁଷ୍ପିତା ମଧୁମତୀ ଦେହୁରୀଙ୍କ ପ୍ରତିକ୍ରିୟା ନେବା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନଥିଲା।

## ସୂଚନା ଅଧିକାର ଆଇନ ଉଲ୍ଲଙ୍ଘନ କରି ୨ ଅଧିକାରୀ ଦଣ୍ଡିତ

ଢେଙ୍କାନାଳ,୩୦।୬ (ସମିସ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଏନଏସି ଏବଂ ଭୁବନ ଏନଏସିକୁ ସୂଚନା ଅଧିକାର ଆଇନ ଅନୁସାରେ ନିର୍ଦ୍ଧାରିତ ତଥ୍ୟ ମଗାଯାଇଥିବା ବେଳେ ତଥ୍ୟ ପ୍ରଦାନ ନକରିବା ଏବଂ ସୂଚନା ଅଧିକାର ଆଇନକୁ ବେଖାତିର କରି କୌଣସି ତଥ୍ୟ ପ୍ରଦାନ ନକରିବାରୁ ନେଇ ରାଜ୍ୟ ସୂଚନା କମିଶନର ଏନଏସିର ପୂର୍ବତନ ପିଆଇଓ ଏବଂ ବର୍ତ୍ତମାନ ପିଆଇଓଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଜରିମନା ଆଦାୟ କରି ସରକାରୀ ଟ୍ରେଜେରୀରେ ଜମାଦେବାକୁ କାମାକ୍ଷାନଗର ଓ ଭୁବନ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁସାରେ ଢେଙ୍କାନାଳ ଦେଉଳସାହିର ପ୍ରିୟବ୍ରତ ଗଡନାୟକ ଜାଗାମିଶନ ସମ୍ପର୍କରେ ସୂଚନା ଅଧିକାରୀ ଆଇନ ଅନୁସାରେ ତଥ୍ୟ ମାଗିଥିଲେ। କିନ୍ତୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କୌଣସି ତଥ୍ୟ ପ୍ରଦାନ କରାନଯିବାରୁ ସେ ଓଡିଶା ସୂଚନା ଅଧିକାର ଆୟୋଗଙ୍କଦ୍ୱାରସ୍ଥ ହୋଇଥିଲେ। ଓଡିଶା ସୂଚନା କମିଶନର ପ୍ରଣବେନ୍ଦୁ ଆଚାର୍ଯ୍ୟ ଗତ ଫେବୃଆରୀ ୧୩ ଏବଂ ଏପ୍ରିଲ ୧୫ ତାରିଖରେ ଶୁଣାଣି କରିଥିବା ବେଳେ ଏନଏସିର ପିଆଓ ଉପସ୍ଥିତ ରହିବା ତ ଦୂରର କଥା ଲିଖିତ ଭାବରେ କୌଣସି ସୂଚନା ପ୍ରଦାନ କରିନଥିଲେ।ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରିକରାଯାଇଥିଲେମଧ୍ୟ ସେଥି ପ୍ରତି କର୍ଣ୍ଣପାତ କରିନଥିଲେ। ଏହାକୁ ନେଇ ସୂଚନା ଅଧିକାର ଆଇନ ୨୦୦୫ ଅନୁସାରେ ସୂଚନା ଅଧିକାରୀଏବଂ ତତ୍କାଳୀନ ସୂଚନା ଅଧିକାରୀଙ୍କ ଉପରେ ଜରିମାନା ଧାର୍ଯ୍ୟ କରିଛନ୍ତି। ସୂଚନା ଅଧିକାରଆଇନକୁ ଅମାନ୍ୟ କରିବାକୁ ନେଇ ସୂଚନା ଅଧିକାର ଆଇନର ଧାରା ୨୦(୧)ଅନୁସାରେ ଭୁବନ ଏନଏସିର ପିଆଇଓ ଏବଂ ସେ ସମୟରେ କାର୍ଯ୍ୟକରୁଥିବା ପିଆଇଓଙ୍କୁ ଦଶହଜାର ଟଙ୍କାଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଟଙ୍କାକୁ ଭୁବନ ଏନଏସି ନିର୍ବାହୀ ଅଧିକାରୀ ତାଙ୍କ ଅଗଷ୍ଟ ମାସ ଦରମାରୁ କାଟି ସରକାରୀ ଟ୍ରେଜେରୀରେ ଜମା କରିବାକୁ ନିର୍ଦ୍ଦେଶ ଦେଇଥିବାର ଜଣାପଡିଛି।ସେହିପରି କାମାକ୍ଷାନଗର ଏନଏସି ତରଫରୁ ଜାଗାମିଶନଦ୍ୱାରା ରେକର୍ଡସ ଅଫ ରାଇଟକୁନେଇ ତଥ୍ୟପ୍ରଦାନ ପାଇଁ ସୂଚନା ମଗାଯାଇଥିବା ବେଳେ ପିଆଇଓ କୌଣସି ତଥ୍ୟ ପ୍ରଦାନ କରିବା ତ ଦୂରର କଥାସୂଚନା ଅଧିକାର କମିଶନରଙ୍କ ଅଦାଲତରେ ହାଜିର ହୋଇନଥିଲେ। ଏହାକୁ ନେଇ କାମାକ୍ଷାନଗରଏନଏସିର ନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ପିଆଇଓ ଏବଂ ତତ୍କାଳୀନ ପିଆଇଓଙ୍କ ଦରମାରୁ ୧୦ ହଜାରଟଙ୍କା ଲେଖାଏଁ ଜରିମାନା ଦେୟ କାଟିସରକାରୀ ଟ୍ରେଜେରୀରେ ଜମାକରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ହରିବୋଲ ହୁଳହୁଳିରେ ପ୍ରକମ୍ପିତ ଦେଓଗାଁ ରଥଖଳା

ଗଁଦିଆ,୩୦।୬(ସମିସ): ପବିତ୍ର ଘୋଷଯାତ୍ରା ଉପଲକ୍ଷେ ଗଁଦିଆ ଅଞ୍ଚଳରେ ଏବେଠାରୁ ଆଧ୍ୟାତ୍ମିକ ଉତ୍ସାହର ମାହୋଲ ଦେଖିବାକୁ ମିଳିଲାଣି। ପରମ୍ପରା ଓ ଧାର୍ମିକ ରୀତିନୀତି ଅନୁଯାୟୀ, ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ତିଥିରେ ଦେଓଗାଁ ସ୍ଥିତ ରଥଖଳାରେ ରଥ ଅଖରେ ଚକଡେରା ନୀତି ଅତି ଭକ୍ତିମୟ ପରିବେଶରେ ସମ୍ପନ୍ନ ହୋଇଯାଇଛି। ପ୍ରାପ୍ତ ସୂଚନା ମୁତାବକ, ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ସମୟରେ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିରରୁ ଘଣ୍ଟ, ଘଣ୍ଟା ଓ କାହାଳି ବାଦ୍ୟର ତାଳେ ତାଳେ ପ୍ରଭୁଙ୍କ ଆଜ୍ଞାମାଳକୁ ଏକ ଶୋଭାଯାତ୍ରାରେ ଦେଓଗାଁ ରଥଖଳାକୁ ଅଣାଯାଇଥିଲା। ରଥ ନିର୍ମାଣ ପାଇଁ ପୂର୍ବରୁ ସଂଗୃହିତ ହୋଇଥିବା ଶକ୍ତ ଧଉରା କାଠରେ ନିର୍ମିତ ଅଖ ଗୁଡ଼ିକୁ ସେଠାରେ ସୁନ୍ଦର ଭାବରେ ସଜ୍ଜିତ



କରି ରଖାଯାଇଥିଲା। ଠିକ୍ ଦିନ ୧୧ଟା ୪୦ ମିନିଟ୍‌ରେ ରଥ ଅଖରେ ପ୍ରଭୁଙ୍କ ଆଜ୍ଞାମାଳ ଲାଗି କରାଯିବା ପରେ ମୁଖ୍ୟ ମହରାଣାଙ୍କ ଉପସ୍ଥିତି ତଥା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚକଡେରା କାର୍ଯ୍ୟ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ପାରମ୍ପରିକ ବିଧି ମୁତାବକ ବଡ଼ରଥର ଦୁଇଟି ଅଖରେ ୪ଟି ଚକ ସଂଯୋଗ କରାଯାଇଥିବା ବେଳେ, ସାନ ରଥର ଗୋଟିଏ ଅଖରେ ଦୁଇଟି ଚକ ଲଗାଯାଇଛି। ଏହି ପବିତ୍ର କାର୍ଯ୍ୟକ୍ରମ ସମ୍ପନ୍ନ ହେବା ପରେ କାରିଗରମାନେ ଅତ୍ୟନ୍ତ ନିଷ୍ଠାର ସହ ଆଗାମୀ ରଥ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି।

## ଅବ୍ୟବସ୍ଥାରେ ଅଁଳାବେରେଣି ସ୍ୱାସ୍ଥ୍ୟକେନ୍ଦ୍ର

ପଣ୍ଡୁଆ, ୩୦।୬ (ସମିସ) : କାମାକ୍ଷାନଗର ଉପଖଣ୍ଡ ଅଁଳାବେରେଣି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅବସ୍ଥା ଜରାଜିର୍ଣ୍ଣ ଅବସ୍ଥା ଶେଷ ସୀମାରେ। ମୁଖ୍ୟ ଫାଟକରୁ ସ୍ଲାବ ଛାଡିବା ହେଉ କିମ୍ବା ଆଉଟଡୋର ପାଖରେ ଛାତରେ ଛେଲା ଛାଡିବା ହେଉ। ଦାନ୍ତ ବିଭାଗ ଫାଟକ ପାଖରୁ ସ୍ଲାବ ଖସିବା ପରେ ରୋଗୀଙ୍କ ମଧ୍ୟରେରେ ଭୟର ବାତାବରଣ ସୃଷ୍ଟି ହୋଇଛି। କେବଳ ରୋଗୀ ନୁହଁନ୍ତି ସମସ୍ତ କର୍ମଚାରୀ ଭୟଙ୍କର ଭୟରେ କାମ କରୁଛନ୍ତି । କେଉଁ ମୁହୂର୍ତ୍ତରେ ସ୍ଲାବ ପଡି ଜୀବନ ଚାଲିଯିବ, ତାହା କହିହେବନାହିଁ। ଏକ ମାସ ହେଲା ରୋଗୀଙ୍କୁ ବେଡସିଟ୍ ଦିଆଯାଉନାହିଁ। ମୁଖ୍ୟ ଫାଟକ ଦୁଇ ପାର୍ଶ୍ୱରେ ବିଦ୍ୟୁତ ଖୁଣ୍ଟ ଥିବାରୁ ଜରୁରିକାଳୀନ ସେବା ବାଧା ହେଉଛି। ଯାହା ମାନବିକ ଅଧିକାର ଖର୍ଣ୍ଣ ହେଉଛି। ସନ୍ଧ୍ୟା ୬ ଘଟିକା ଠାରୁ ସକାଳ ୮ ଘଟିକା ପର୍ଯ୍ୟନ୍ତ ନିରାମୟ କେନ୍ଦ୍ର ବନ୍ଦ ରହୁଛି । ସ୍ୱାସ୍ଥ୍ୟ ବିଭାଗ ଏକ ଦାୟିତ୍ୱ ହୀନତା କଣ ବୋଲି ସାଧାରଣ ଲୋକେ ପ୍ରଶ୍ନ ପଚାରୁଛନ୍ତି। କିନ୍ତୁ କର୍ତ୍ତୃପକ୍ଷଙ୍କ ପାଖରୁ କୌଣସି ସନ୍ତୋଷ ଜନକ ଉତର ମିଳୁ ନାହିଁ । ଜିଲ୍ଲା ଅଧିକାରୀଙ୍କୁ ଯୋଗାଯୋଗ କଲେ ଫୋନ ରିସିଭ କରୁନାହାନ୍ତି। ତେଣୁ ଅନିଶ୍ଚିତତା ଭିତରେ ସ୍ୱାସ୍ଥ୍ୟ ସେବା ଚାଲିଛି।

## ପଲ୍ଲୀଶ୍ରୀ ମେଳା ସମ୍ମୁଖ ରାସ୍ତାରେ ପାଣି

ଢେଙ୍କାନାଳ,୩୦।୬ (ସମିସ) : ମହିଷାପାଟ ଅଞ୍ଚଳର ପଲିଶ୍ରୀ ମେଳା ପଡ଼ିଆ ସମ୍ମୁଖ ରାସ୍ତାରେ ସାମାନ୍ୟ ବର୍ଷା ହେଲେ ପାଣି ଜମିରହି ଯାତାୟାତରେ ଘୋର ବାଧା ସୃଷ୍ଟି ହେଉଛି। ଏଠାରେ ଜଳ ନିଷ୍କାସନର ବ୍ୟବସ୍ଥା ନଥିବା ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣା ବୃଦ୍ଧି ପାଉଛି। ଏହି ରାସ୍ତା ଦେଇ ସହରର ୮ ନମ୍ବର ୱାର୍ଡ ସମେତ ଶଙ୍କରପୁର, ସପ୍ତଶଯ୍ୟା, ଆଠଗଡ଼ ଅଞ୍ଚଳର ଲୋକମାନେ ସହର



ଭିତରକୁ ଯିବା ଆସିବା କରିଥାନ୍ତି। ଦୀର୍ଘ ସମୟ ଧରି ଜଳ ନିଷ୍କାସନ ନହେବାରୁ ଲୋକମାନେ ବିକଳ୍ପ ରାସ୍ତା ଦେଇ ଯାତାୟାତ କରୁଥିବା ଦେଖାଯାଇଛି। ବର୍ଷା ଋତୁ ଆରମ୍ଭରୁ ଏଭଳି ସମସ୍ୟା ରହିଥିବାରୁ ଆଗାମୀ ସମୟରେ ଗୁରୁତର ସମସ୍ୟା ଦେଖା ଦେବାର ଆଶଙ୍କା ରହିଛି । ଏ ଦିଗରେ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସିଦ୍ଧ ବଳରାମ ମନ୍ଦିରରେ ପଟିଦିଅଁଙ୍କ ଦୈନନ୍ଦିନ ପୂଜାନୀତି

ଢେଙ୍କାନାଳ, ୩୦।୬ (ସମିସ) : ସ୍ନାନ ପୂର୍ଣ୍ଣିମା ପରଠାରୁ ମହାପ୍ରଭୁ ଏବେ ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରେ ବିଜେ କରିଛନ୍ତି। ଏହି ସମୟରେ ଢେଙ୍କାନାଳ କୈବଲ୍ୟ ବଜାର ସ୍ଥିତ ପ୍ରସିଦ୍ଧ ସିଦ୍ଧ ବଳରାମଜିଉଙ୍କ ମନ୍ଦିରରେ ଠାକୁରମାନେ ଅଣସରରେ ଥିବା ବେଳେ ଗମ୍ଭୁଜରେ ପଟିଦିଅଁ ପୂଜା ପାଉଛନ୍ତି। ପରମ୍ପରା ଅନୁଯାୟୀ ଆରାଧ୍ୟ ଦେବତା ବଳରାମଙ୍କ ବଦଳରେ 'ବାସୁଦେବ', ମାତା ସୁଭଦ୍ରାଙ୍କ ବଦଳରେ 'ଦେବୀ ଭୁବନେଶ୍ୱରୀ'



ଏବଂ ପ୍ରଭୁ କୃଷ୍ଣଙ୍କ ବଦଳରେ ଶ୍ରୀ ନାରାୟଣଙ୍କୁ ଆରାଧନା କରାଯାଉଛି। ଏବେ ଭକ୍ତମାନେ ମନ୍ଦିରକୁ ଆସି ପଟିଦିଅଁଙ୍କ ଦର୍ଶନ ଲାଭ କରୁଛନ୍ତି। ଅଣସର ସମୟରେ ପଟିଦିଅଁଙ୍କ ପାଇଁ ସ୍ୱତନ୍ତ୍ର ନୀତିକାନ୍ତିର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଦିନ ପ୍ରାତଃରୁ ମଙ୍ଗଳ ଆଳତି କରାଯିବା ସହ ସ୍ନାନ, ତୁଳସୀ ଓ ଫୁଲ ଲାଗି କରାଯାଇ ବଲ୍ଲଭ ଭୋଗ ଅର୍ପଣ କରାଯାଉଛି। ମନ୍ଦିରର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପଟିଦିଅଁ ପୂଜା ନୀତି ଯଥାବିଧି ପାଳନ କରାଯାଉଛି। ପୂଜକ ଶ୍ରୀବତ୍ସ ମିଶ୍ର ଏବଂ ମଳୟ କର ଏହି ସମସ୍ତ ପୂଜାର୍ଚ୍ଚନା କରୁଥିବା ବେଳେ ପାଳିଆ ସେବକ ସମ୍ଭୁନାଥ ମହାପାତ୍ର ଓ ବ୍ରଜମୋହନ ମହାପାତ୍ର ଏବଂ କାହାଳିଆ ଟିକନ ବେହେରା ନୀତିକାନ୍ତିରେ ସହଯୋଗ କରୁଛନ୍ତି।

## ଗଁଦିଆରେ ଡିଗ୍ରୀ ମହାବିଦ୍ୟାଳୟ ନାହିଁ; କୁହୁଳୁଛି ଅସନ୍ତୋଷ

ଗଁଦିଆ, ୩୦।୬ (ସମିସ) : ସ୍ୱାଧୀନତାର ଦୀର୍ଘବର୍ଷ ବିତିଯାଇଥିଲେ ସୁଦ୍ଧା ଗଁଦିଆ ବ୍ଲକ ସଦର ମହକୁମାରେ ଉଚ୍ଚ ଶିକ୍ଷାର ସ୍ୱପ୍ନ ଏବେ ବି ଅଧୁରା ରହିଛି। ସରକାର ବିଭିନ୍ନ ସ୍ଥାନରେ ନୂତନ ଡିଗ୍ରୀ ମହାବିଦ୍ୟାଳୟ ଖୋଲିବା ପାଇଁ ପ୍ରକ୍ରିୟା ଆରମ୍ଭ କରୁଥିବା ବେଳେ ଗଁଦିଆ ଭଳି ଏକ ରାଜନୈତିକ ସଚେତନ ଅଞ୍ଚଳକୁ ଅଣଦେଖା କରାଯିବା ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଏଠାରେ ଏକ ଡିଗ୍ରୀ ମହାବିଦ୍ୟାଳୟ ନହୋଇପାରିବା ଚରମ ଦୁର୍ଭାଗ୍ୟର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଗଁଦିଆ ବ୍ଲକ ସଦର ମହକୁମାରେ ପ୍ରଶାସନିକ ସୁବିଧା ଦୃଷ୍ଟିରୁ ଥାନା, କଚେରୀ, ବ୍ଲକ ଅଫିସଠାରୁ ଆରମ୍ଭ କରି ବିଭିନ୍ନ ବିଭାଗର ମୁଖ୍ୟ କାର୍ଯ୍ୟାଳୟ ରହିଛି। ଛାତ୍ରଛାତ୍ରୀଙ୍କ ଶିକ୍ଷା ପାଇଁ ଏଠାରେ ଏକ ଯୁକ୍ତଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଧ୍ୟ ରହିଛି। ମାତ୍ର, ଯୁକ୍ତଦୁଇ ପାସ୍ ପରେ ଉଚ୍ଚଶିକ୍ଷା ପାଇଁ ସ୍ଥାନୀୟ ଅଞ୍ଚଳରେ କୌଣସି ଡିଗ୍ରୀ କଲେଜ ନଥିବାରୁ ଛାତ୍ରଛାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୂରଦୂରାନ୍ତକୁ ଯାଇ ପାଠ ପଢ଼ିବା ଅନେକ ମେଧାବୀ ଓ ଗରିବ ପିଲାଙ୍କ ପାଇଁ ସମ୍ଭବପର ହେଉନାହିଁ। ଗଁଦିଆର ଏକ ସମୃଦ୍ଧ ରାଜନୈତିକ ଇତିହାସ ରହିଛି। ପୂର୍ବରୁ ଏହା ଏକ ସ୍ୱତନ୍ତ୍ର ବିଧାନସଭା ନିର୍ବାଚନ ମଣ୍ଡଳୀ ଥିଲା। ଏହି ମାଟିରୁ ନନ୍ଦିନୀ ଶତପଥୀ, ଶ୍ରୀବତ୍ସ ନାୟକ, ନବୀନ ନନ୍ଦ, ସରୋଜ ସାମଲ, ସୁଧୀର ସାମଲଙ୍କ ପରି ଟାଣୁଆ ତଥା ପ୍ରଭାବଶାଳୀ ନେତା ନିର୍ବାଚିତ ହୋଇ ବିଧାନସଭାକୁ ଯାଇଛନ୍ତି। ତେବେ ୨୦୦୯ ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣ ପରେ ଗଁଦିଆର ପରିଚୟ ଓ ଗାରିମା କ୍ଷୁଣ୍ଣ ହେବାରେ ଲାଗିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଦୁଃଖର ବିଷୟ, ଏତେ ବଡ଼ ବଡ଼ ନେତା ପ୍ରତିନିଧିତ୍ୱ କରିଥିଲେ ସୁଦ୍ଧା କେହି ବି ଏଠାରେ ଏକ ଡିଗ୍ରୀ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆନ୍ତରିକ ଉଦ୍ୟମ କରିନାହାନ୍ତି। ଏପରିକି ବର୍ତ୍ତମାନର ଶାସକ ଦଳର ବିଧାୟକ ମଧ୍ୟ ଏହି ଦିଗରେ କୌଣସି ଠୋସ୍ ପଦକ୍ଷେପ ନେଉନଥିବା ପରି ମନେ ହେଉଛି। ଏ ସମ୍ପର୍କରେ ଗଁଦିଆ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ହରେକୃଷ୍ଣ ବାରିକ ଗଭୀର କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ, ଗଁଦିଆ ବ୍ଲକରେ ଏକ ଡିଗ୍ରୀ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ସମସ୍ତ ଭିତିଭୂମି ଉପଲବ୍ଧ ରହିଛି। ତଥାପି ପ୍ରଶାସନ ଓ ନେତୃବୃନ୍ଦ ଏଥିପ୍ରତି ଦୃଷ୍ଟି ନଦେବା ସ୍ଥାନୀୟ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିବା ସଦୃଶ। ତୁରନ୍ତ ସରକାର ଏହି ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ଜୋର ଧରିଛି।

## ହିନ୍ଦୀ ଶିକ୍ଷକ ଅଚ୍ୟୁତାନନ୍ଦ ସାହୁଙ୍କୁ ସମ୍ବର୍ଦ୍ଧନା

ଢେଙ୍କାନାଳ,୩୦।୬ (ସମିସ): ସଦର ବ୍ଲକ ଅନ୍ତର୍ଗତ ନଡ଼ିଆଳୀ ବାଣୀ ସରକାରୀ ଉଚ୍ଚ ବିଦ୍ୟାପୀଠରେ ଅବସର କାଳୀନ ସମ୍ବର୍ଦ୍ଧନ ସଭା ଅନୁଷ୍ଠିତ ହୋଇଯାଇଛି। ହିନ୍ଦି ଶିକ୍ଷକ ଅଚ୍ୟୁତାନନ୍ଦ ସାହୁ ୩୬ବର୍ଷ କାଳ ବିଦ୍ୟାଳୟରେ ନିରନ୍ତର ଭାବେ କାର୍ଯ୍ୟ ସଂପାଦନ କରି ଅବସର ନେଇଛନ୍ତି। ୧୯୮୧ ମସିହାରେ ଗ୍ରାମବାସୀଙ୍କ ଦ୍ୱାରା ବିଦ୍ୟାଳୟଟି ଆରମ୍ଭ ହୋଇଥିବା ବେଳେ ବିଦ୍ୟାଳୟରେ ହିନ୍ଦି ଶିକ୍ଷକଙ୍କର ଖୋଜା ପଡିଥିଲା । ୧୯୯୦ରେ ନିଜର ଯୋଗ୍ୟତା ଯୋଗୁଁ ଅଚ୍ୟୁତାନନ୍ଦ ସାହୁ ବିଦ୍ୟାଳୟରେ ହିନ୍ଦି ଶିକ୍ଷକଭାବେ ଶିକ୍ଷାଦାନ ଆରମ୍ଭ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଅଭିଭାବକ ଅଭିଭାବିକା ଏବଂ ଗ୍ରାମବାସୀମାନଙ୍କ ପ୍ରିୟଭାଜନ ହୋଇପାରିଥିଲେ। ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପିତ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ କୈଳାସ ଚନ୍ଦ୍ର ସାହୁ,ମୁଖ୍ୟ ବକ୍ତା ଭାବରେ ବ୍ରଜ କିଶୋର ବେହେରା, ସମ୍ମାନିତ ଅତିଥି ଭାବେ ନଡ଼ିଆଳୀ ଗ୍ରାମ



ସଭାପତି ଭଜମନ ବେହେରା, ପୂର୍ବତନ ଖେଳ ଶିକ୍ଷକ ଅକାରଣ ବେହେରା, ସ୍କୁଲ ପରିଚାଳନ କମିଟିର ସଭାପତି ସୁରେଶ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ସଭା ଗ୍ରାମବାସୀ, ପୁରାତନ ଛାତ୍ରଛାତ୍ରୀ, ବର୍ତ୍ତମାନର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀମାନଙ୍କ ଦ୍ୱାରା ହିନ୍ଦୀ ଶିକ୍ଷକଙ୍କୁ ପସମ୍ବର୍ଦ୍ଧନା ଜଣାଇଥିଲେ।

## ଘରୋଇ କମ୍ପାନୀ ଦ୍ୱାରା ଜବରଦଖଲ; କାର୍ଯ୍ୟାନୁଷ୍ଠାନ ଶୂନ

ହିନ୍ଦୋଳ,୩୦।୬ (ସମିସ)



ଓଡ଼ାପଡ଼ା ବ୍ଲକ୍ ହଳଦିଆବାହାଳ ନିମିଧାସ୍ଥିତ ଏକ ଘରୋଇ କମ୍ପାନୀ ଅନୈତିକ ଭାବରେ ଶ୍ମଶାନ, ପାଣିମହାରା, ସରକାରୀ ରାସ୍ତା, ଗୋଚର ଜମି ଜବରଦଖଲ କରି କମ୍ପାନର ବିଭିନ୍ନ ନିର୍ମାଣ କାର୍ଯ୍ୟ କରୁଥିବା ଗ୍ରାମବାସୀ ଅଭିଯୋଗ କରିବାର ୨ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଜଣାପଡ଼ିଛି। ବାରମ୍ବାର ସ୍ଥାନୀୟ ଅଧିବାସୀଙ୍କ ଦ୍ୱାରା ଅଭିଯୋଗ ହୋଇଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଦେଖିବାକୁ ମିଳୁଛି। ଓଡ଼ାପଡ଼ା ରାଜସ୍ୱ ମୌଜା ହଳଦିଆବାହାଳର, ନୟାଭାଗୀରଥିପୁର ଆରଆଇ ସର୍କଲର ବିଭିନ୍ନ ସ୍ଥାନରେ ଥିବା ଶ୍ମଶାନ ଜାଗା, ସରକାରୀ ରାସ୍ତା, ପାଣିମାହାରା, ଗୋଚର ଜମି ୨୦୦୭ମସିହାରୁ ଜବରଦଖଲ କରିଥିବା ବିଭିନ୍ନ ସମୟରେ ଗ୍ରାମବାସୀ ଓ ଜମିହରା ପ୍ରଜାଙ୍କ ଦ୍ୱାରା ଅଭିଯୋଗ ହୋଇଆସୁଥିଲା। ତେବେ ଗତ ୨୭/୪/୨୦୧୫ରେ ଜିଲ୍ଲାପ୍ରଶାସନ, ଜମିହରା ପ୍ରଜା ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନେଇ ଏକ ତ୍ରିପାକ୍ଷିକ ଆଲୋଚନା କମ୍ପାନୀ ସଭାଗୃହରେ ହୋଇଥିଲେହେଁ ଫଳପ୍ରଦ ହୋଇନଥିଲା। ଗତ ୨୭/୧୦/୧୭ ଢେଙ୍କାନାଳ ଉପଜିଲ୍ଲାପାଳଙ୍କ ପତ୍ରସଂଖ୍ୟା ୭୩୧୬ ଅନୁଯାୟୀ ୩୧/୧୦/୧୭ରେ ଓଡାପଡା ତହସିଲଦାରଙ୍କ ନେତୃତ୍ୱରେ ହୋଇଥିବା ସରଜମିନ ତଦନ୍ତରେ ଜବଦଖଲ ହୋଇଥିବା ଉପଜିଲ୍ଲାପାଳଙ୍କୁ କାର୍ଯ୍ୟାଳୟ ପତ୍ରସଂଖ୍ୟା ୬୯୪୦ରେ ୧୦/୧୧/୨୦୧୭ରେ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ କମ୍ପାନୀର ମେନଗେଟ, ହଷ୍ଟେଲ, ପିଚୁରାସ୍ତା, ସାଇକେଲ ଷ୍ଟାଣ୍ଡ, ୱେଟ ବ୍ରିଜ୍, ପ୍ରଚେରୀ ଇତ୍ୟାଦି ଜୋରଜବରଦସ୍ତ ନିର୍ମାଣ କରିବା ସହ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସେଠାରେ ପୂରାଇ ନ ଦେବାକୁ ଚେତାବନୀ ଦେଇଥିବା ଅଞ୍ଚଳବାସୀ ଲିଖିତ ଅଭିଯୋଗ ୧୯/୩/୨୦୨୫ରେ ଓଡାପଡା ତହସିଲଦାରଙ୍କୁ କରିବା ସହ ଜିଲ୍ଲାପାଳ, ବିଭାଗୀୟ ମନ୍ତ୍ରୀ, ପ୍ରିନସିପାଲ ସଚିବ, ରାଜସ୍ୱ କମିଶନଙ୍କୁ ମଧ୍ୟ ଜଣାଇଛନ୍ତି। ମାତ୍ର ଅଭିଯୋଗର ୬ ମାସ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଜିଲ୍ଲାପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ କ୍ଷତିଗ୍ରସ୍ତ ପ୍ରଜା ଓ ସ୍ଥାନୀୟ ଅଞ୍ଚଳବାସୀ ଉଚ୍ଚନ୍ୟାୟାଳୟ ଓ ନେସନାଲ ଗ୍ରୀନ ଟ୍ରିବ୍ୟୁନାଲ ଏନଜିଟିଙ୍କ ଦ୍ୱାରସ୍ଥ ହେବେ ବୋଲି କହିଥିବା ବେଳେ ରାଜ୍ୟରେ ଆସିଥିବା ନୂଆଁ ସରକାର କେବେ ଅଞ୍ଚଳବାସୀଙ୍କୁ ନ୍ୟାୟ ଦେଉଛନ୍ତି ଦେଖିବାକୁ ବାକି ରହିଲା।

## ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା



ଢେଙ୍କାନାଳ,୩୦।୬ (ସମିସ) : ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଲିଟରେଟ୍ ପିଅନ୍ ବିଦ୍ୟାଧର ରାଉତଙ୍କ ଅବସର ଗ୍ରହଣ ଉପଲକ୍ଷେ କାର୍ଯ୍ୟାଳୟ ପକ୍ଷରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଭିଷେକ ବେହେରା ଶ୍ରୀ ରାଉତଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସହକର୍ମୀମାନେ ମଧ୍ୟ ତାଙ୍କୁ ସ୍ମାରକ ଉପହାର ପ୍ରଦାନ କରିଥିଲେ। ଦୀର୍ଘ କର୍ମଜୀବନରେ ଶ୍ରୀ ରାଉତ ନିଷ୍ଠା, ଆନ୍ତରିକତା ଓ କର୍ତବ୍ୟନିଷ୍ଠାର ସହିତ ଦାୟିତ୍ୱ ପାଳନ କରିବା ସହ ସହଯୋଗୀ ମନୋଭାବ ପାଇଁ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀ ତାଙ୍କ ସୁଖମୟ ଅବସର ଜୀବନ, ସୁସ୍ୱାସ୍ଥ୍ୟ ଓ ଦୀର୍ଘାୟୁ କାମନା କରିଥିଲେ।